DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୨/୨୦୨୪ (୧୬ ପୃଷ୍ଠା) | Bhubaneswar, Tuesday, January 2/2024 | Page 16 | ₹ 7.00
୫୦ଶ ଭାଗ ୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 40 | ମୂଲ୍ୟ ₹୭/-



**ୱାର୍ନରଙ୍କ ଅବସର**
ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି ଅଷ୍ଟ୍ରେଲୀୟ ଓପନର ଡେଭିଡ୍ ୱାର୍ନର।

୧୬

୧୧

**୭୦ କୋଟି ଟଙ୍କାର ବଙ୍ଗଳା କିଣିଲେ ଜନ୍**
ବଲିଉଡ୍‌ର ଆକ୍ସନ ହିରୋ ଜନ୍ ଆବ୍ରାହମ୍ ନିକଟରେ ମୁମ୍ବାଇରେ ଏକ ୭୦ କୋଟି ଟଙ୍କାର ବଙ୍ଗଳା କିଣିଛନ୍ତି।



## ବାରିପଦା ଜେଲ୍‌ରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

ବାରିପଦା,୧।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାର ଭଞ୍ଜପୁରସ୍ଥିତ ମଣ୍ଡଳ କାରାଗାରରେ ଜଣେ ବିଚାରାଧୀନ ବନ୍ଦୀଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଲୋକେ କାରାଗାର ସମ୍ମୁଖରେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ବାରିପଦା ଟାଉନ ଓ ଭଞ୍ଜପୁର ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ରବି ସିଂ(୨୧) ନାମକ ବିଚାରାଧୀନ ବନ୍ଦୀଙ୍କୁ ଜେଲ କର୍ତ୍ତୃପକ୍ଷ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ। ସୋମବାର ମୃତଦେହ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଲୋହିତ ସାଗର ବିପଦ**



**ନୂଆବର୍ଷ ଉତ୍ସାହ:** ନୂଆବର୍ଷର ପ୍ରଥମ ଦିନରେ ବହୁ ସଂଖ୍ୟକ ଲୋକ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଗେଟ୍‌କୁ ବୁଲିବାକୁ ଆସିଛନ୍ତି। (ଫଟୋ: ଚମନ ଗୌତମ)

## ଜାନୁୟାରୀରେ ଶୀତ କମ୍

ଭୁବନେଶ୍ୱର,୧।୧ (ଅସମାପିକା ସାହୁ)

ଜାନୁୟାରୀରେ ଶୀତର ପ୍ରଭାବ କମ୍ ରହିବ। ରାତିର ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବା ସମ୍ଭାବନା ଥିବାରୁ ଥଣ୍ଡା କମ୍ ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ଆସନ୍ତା ୪ ଓ ୫ ତାରିଖରେ କେତେକ ସ୍ଥାନରେ ହାଲୁକା ବର୍ଷା ହୋଇପାରେ ବୋଲି କୁହାଯାଇଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଆଗାମୀ ୨ ଦିନ ରାଜ୍ୟରେ ପାଗ ଶୁଖିଲା ରହିବ। ତେବେ ୪ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପ ବର୍ଷା ହେବ। ସେହିପରି ୫ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ତେବେ ରାଜ୍ୟର ବାକି ଜିଲାରେ ପାଗ ଶୁଖିଲା ରହିବ। ୬ ଓ ୭ ତାରିଖଠାରୁ ସାରା ରାଜ୍ୟରେ ପାଗ ଶୁଖିଲା ରହିବ। ସେପଟେ କୁହୁଡ଼ି ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ☞ପୃଷ୍ଠା-୪

## ଦାମ ରାଉତଙ୍କ ଉପରୁ ବହିଷ୍କାର ଆଦେଶ ହଟାଇଲା ବିଜେଡି

କୁଜଙ୍ଗ,୧।୧ (ମନୋଜ ପ୍ରଧାନ)

ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ଡା. ଦାମୋଦର ରାଉତଙ୍କ ଉପରୁ ବିଜେଡି ସୋମବାର ବହିଷ୍କାର ଆଦେଶ ହଟାଇଛି। ଏନେଇ ଦଳ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଏହାପରେ ଦାମଙ୍କ ପୁଅ ତଥା ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଖୁସିବ୍ୟକ୍ତ କରିଥିବାବେଳେ ନିର୍ବାଚନମଣ୍ଡଳୀର ବିଜେଡି କର୍ମୀଙ୍କ ମଧ୍ୟରେ ନୂଆ ଉନ୍ମାଦନା ସୃଷ୍ଟି ହୋଇଛି। ଏହି ଅବସରରେ ବିଧାୟକ ରାଉତରାୟ କହିଛନ୍ତି, ତାଙ୍କ ବାପାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳକୁ ଫେରାଇ ଆଣିଛନ୍ତି। ସେ ଏବେ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଏହି ଖୁସି ଖବର ତାଙ୍କ ଆରୋଗ୍ୟରେ ସହାୟକ ହେବ। ବାପାଙ୍କ ଉପରୁ ନିଲମ୍ବନ ନିର୍ଦ୍ଦେଶ ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବାକୁ ସେ ପୂର୍ବରୁ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଜଣାଇଥିଲେ। ଅପରପକ୍ଷେ ନୂଆ ବର୍ଷରେ ଦାମଙ୍କ ☞ପୃଷ୍ଠା-୪

# ଆବାସ ହିତାଧିକାରୀଙ୍କୁ ଆଜ୍‌ବେଷ୍ଟସ୍ ଅଡୁଆ

ଭୁବନେଶ୍ୱର,୧।୧ (ସୁନିତ୍ ମିଶ୍ର)

ରାଜ୍ୟର ଲକ୍ଷାଧିକ ଗରିବ ଲୋକ ଏବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ପକ୍କାଘର ଖଣ୍ଡେ ପାଇବାକୁ ଅସମର୍ଥ ହୋଇପଡ଼ିଛନ୍ତି। ରାଜ୍ୟ ସରକାରଙ୍କ ବ୍ଲକ୍‌ସ୍ତରୀୟ ଅଧିକାରୀ କିମ୍ବା ସରପଞ୍ଚ ଚାହିଁଲେ ବି ସେହି ହିତାଧିକାରୀମାନଙ୍କୁ ପକ୍କାଘର ଖଣ୍ଡେ ଯୋଗାଇଦେବାରେ ବିଫଳ ହେଉଛନ୍ତି। ଏହି ଯୋଜନାରେ ପକ୍କାଘର ପାଇବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୬ ମସିହାରେ କରାଯାଇଥିବା ନିୟମାବଳୀର କିଛି ସର୍ତ୍ତ ଏହାର ମୁଖ୍ୟ କାରଣ ହୋଇଛି। ଯେଉଁମାନଙ୍କର ଆଜ୍‌ବେଷ୍ଟସ୍ ଘର ଥିବ ସେମାନେ ଏହି ଯୋଜନାରେ ଘର ପାଇପାରିବେ ନାହିଁ ବୋଲି ନିୟମ ରହିଛି। ତେଣୁ ଯଦି କାହାର ଘର ଭିତରେ କେଉଁଠି ଖଣ୍ଡେ ମଧ୍ୟ ଆଜ୍‌ବେଷ୍ଟସ୍ ପଡିଛି ତେବେ ସେମାନଙ୍କୁ ପକ୍କାଘର ପାଇବା ତାଲିକାରୁ କାଟିଦିଆଯାଉଛି। ସେଥିପାଇଁ ଓଡ଼ିଶାରେ ଏବେ ପ୍ରାୟ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ରହିଯାଇଛନ୍ତି ଯେଉଁମାନଙ୍କ ପାଇଁ ଆଜ୍‌ବେଷ୍ଟସ୍ ଘର ଅଡୁଆ ସାଜିଛି। ଏହା ଏବେ ରାଜ୍ୟ ସରକାରଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି।

ମିଳିଥିବା ତଥ୍ୟ ମୁତାବକ, ୨୦୧୪ରୁ ବର୍ତ୍ତମାନ ସୁଦ୍ଧା ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ), ରାଜ୍ୟ ସରକାରଙ୍କ ନିଜସ୍ୱ ବିଜୁ ପକ୍କାଘର ଯୋଜନା ସମେତ ଆଉ କିଛି ଯୋଜନାରେ ରାଜ୍ୟରେ ମୋଟ ୩୩ ଲକ୍ଷ ପକ୍କାଘର ହିତାଧିକାରୀମାନଙ୍କୁ ମିଳିଥିବା ବେଳେ ତା'ର କାମ ଶେଷ ହୋଇସାରିଛି। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟରେ ୭ ଲକ୍ଷ ପକ୍କାଘର କାମ ଚାଲିଛି। ଏହିପରି ଗତ ୧୦ ବର୍ଷରେ ରାଜ୍ୟରେ ମୋଟ୍ ୪୦ ଲକ୍ଷ ପକ୍କାଘର କାର୍ଯ୍ୟାଦେଶ ଦିଆସରିଛି। ହେଲେ ଏହି ଘର ବଣ୍ଟନ ସମୟରେ ବିଭିନ୍ନ କାରଣ ସକାଶେ ପ୍ରାୟ ୧୫ ଲକ୍ଷରୁ ଅଧିକ ହିତାଧିକାରୀ ସରକାରୀ ଯୋଜନାରେ ଘର ପାଇବାରୁ ବଞ୍ଚିତ ଅଛନ୍ତି, ଯେଉଁମାନେ ନିହାତି ପାଇବା କଥା। ଏକଥା ସରକାରଙ୍କ ଉଚ୍ଚପଦସ୍ଥ ଅଧିକାରୀଙ୍କ ଜ୍ଞାତସାର ଭିତରେ ରହିଛି, ହେଲେ ସେମାନେ ଜାଣି ମଧ୍ୟ କିଛି କରିପାରୁନାହାନ୍ତି। ଜଣେ ଅଧିକାରୀଙ୍କ କହିବା କଥା, କୌଣସି ଲୋକର ଯଦି ସମ୍ପୂର୍ଣ୍ଣ ଚାଳଘର ଅଛି, କେଉଁଠୁ କିଛି ଟଙ୍କା ପାଇକି ଯଦି ନିଜ ପାଇଖାନା କିମ୍ବା ଗୋଟିଏ ରୁମ୍ ଆଜ୍‌ବେଷ୍ଟସ୍ କରିଦେଇଛି ତେବେ କାହାର ଅଭିଯୋଗକ୍ରମେ ହେଉ ବା ଜିଓଟ୍ୟାଗିଂରେ ସେମାନଙ୍କୁ ତାଲିକାରୁ କାଟିଦିଆଯାଉଛି। ତେଣୁ ସରକାରୀ ହିସାବ ଭିତରେ ସେମାନଙ୍କୁ ମଧ୍ୟ ଆଉ ରଖାଯାଉନାହିଁ। ତେଣୁ ସରକାରୀ ହିସାବରେ କେବଳ ଲକ୍ଷେ ୨୫ ହଜାର ହିତାଧିକାରୀ ବର୍ତ୍ତମାନ ଘର ପାଇବା ନେଇ ହିସାବରେ ରଖାଯାଇଛି।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)କୁ ବାଦ୍ ଦେଲେ ରାଜ୍ୟ ସରକାରଙ୍କ ନିଜସ୍ୱ ବିଜୁ ପକ୍କାଘର ଯୋଜନାରେ ମଧ୍ୟ ଏବେ କୌଣସି ହିତାଧିକାରୀଙ୍କୁ ଘର ଦିଆଯାଉନାହିଁ। ଏହି ଯୋଜନାକୁ ଏକ ପ୍ରକାର ବନ୍ଦ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ରାଜ୍ୟର ମୋଟ୍ ୩ ଲକ୍ଷ ହିତାଧିକାରୀଙ୍କୁ ଘର ମିଳିଛି। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କେବଳ ଯେଉଁ ସ୍ଥାନରେ କୌଣସି ଘରୋଇ କମ୍ପାନୀ ପକ୍ଷରୁ କିଛି ପ୍ରକଳ୍ପ ବସିବାର ଅଛି କିମ୍ବା ସରକାରଙ୍କ ନିଜସ୍ୱ କିଛି ପ୍ରକଳ୍ପ କାମ ହେବା ପାଇଁ ଲୋକଙ୍କୁ ସ୍ଥାନାନ୍ତର କରିବାକୁ ପଡୁଛି ସେକ୍ଷେତ୍ରରେ ବିଜୁ ପକ୍କାଘର ଯୋଜନାରେ ପକ୍କାଘର ଖଣ୍ଡେ ଲେଖା ଦିଆଯାଉଛି। ଏହି ଯୋଜନା ଯୋଗୁ ରାଜ୍ୟ ସରକାରଙ୍କୁ ଅଧିକ ଆର୍ଥିକ ବୋଝ ରହିବା କାରଣରୁ ଏହାକୁ ଏକ ପ୍ରକାର ବନ୍ଦ କରିଦିଆଯାଇଛି। ଏହା ବଦଳରେ ରାଜ୍ୟ ସରକାର ଗତବର୍ଷ ମେ ୨୯ ତାରିଖରେ 'ମୋ ଘର ଯୋଜନା' ଆରମ୍ଭ କଲେ। ହେଲେ ଏହି ଯୋଜନା ଏକ ପ୍ରକାର ବିଫଳ ହେଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଏହା ଘୋଷଣା ହେବାର ୭ ମାସ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ରାଜ୍ୟର ☞ପୃଷ୍ଠା-୪

## ଜାପାନରେ ଭୂକମ୍ପ ପରେ ସୁନାମି ସତର୍କତା ଜାରି

ଟୋକିଓ,୧।୧

ଜାପାନରେ ସୋମବାର ୭.୬ ତୀବ୍ରତାର ଭୂକମ୍ପ ପରେ କ୍ରମାଗତ ଭାବେ ଅନେକ କମ୍ପନ ଅନୁଭୂତ ହେବା ପରେ ୫ ମିଟର ଉଚ୍ଚର ସୁନାମି ଆସିବା ନେଇ ସତର୍କ କରାଯାଇଛି। ଉପକୂଳ ଅଞ୍ଚଳର ଲୋକମାନଙ୍କୁ ଉଚ୍ଚ ସ୍ଥାନକୁ ଚାଲିଯିବା ପାଇଁ କୁହାଯାଇଥିବାବେଳେ ସୁନାମି ଭୟ ନ ଯିବା ପର୍ଯ୍ୟନ୍ତ ସେମାନେ ଘରକୁ ନ ଫେରିବା ପାଇଁ ପରାମର୍ଶ ଦିଆଯାଇଛି। ଭୂକମ୍ପ ଯୋଗୁ ଜାପାନ ମୁଖ୍ୟ ଭୂଖଣ୍ଡର ପଶ୍ଚିମ ଉପକୂଳ ହୋନ୍‌ଶୁରେ ନିଆଁ ଲାଗିବା ସହ ବହୁ ବିଲ୍ଡିଂ ଭୁଶୁଡ଼ି ପଡ଼ିଛି। ତେବେ ଭୂକମ୍ପରେ କେତେ ମୃତାହତ ହୋଇଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ସ୍ଥାନୀୟ ସମୟ ଅପରାହ୍ନ ୪ଟା ପରେ ଜାପାନର ଇଶିକାୱା ଓ ନିକଟବର୍ତ୍ତୀ ଅଞ୍ଚଳରେ ୧୨ରୁ ଊର୍ଦ୍ଧ୍ୱ ଭୂକମ୍ପ ହୋଇଥିବା ପାଣିପାଗ ସଂସ୍ଥା କହିଛି। ଭୁଶୁଡ଼ି ପଡ଼ିଥିବା ଘରେ ଲୋକେ ଫସିରହିଥିବା ସରକାରୀ ମୁଖପାତ୍ର ୟୋଶିମାସା ହୟାଶି କହିଛନ୍ତି। ଇଶିକାୱାର ୱାଜିମା ସହରରେ ନିଆଁ ଲାଗିଯାଇଥିବାବେଳେ ୩୦ ହଜାରରୁ ଊର୍ଦ୍ଧ୍ୱ ପରିବାରକୁ ବିଦ୍ୟୁତ ବିଚ୍ଛିନ୍ନ ହୋଇଯାଇଛି। ସୁନାମି ସତର୍କ ସୂଚନା ଜାରି ସହ ହୋନ୍‌ଶୁ ଦ୍ୱୀପର ପଶ୍ଚିମ ଉପକୂଳ ଏବଂ ମୁଖ୍ୟ ଦ୍ୱୀପ ହୋକ୍କାଇଡୋର ଉତ୍ତର ଉପକୂଳର ଲୋକମାନଙ୍କୁ ଉଚ୍ଚ ସ୍ଥାନକୁ ଯିବା ଲାଗି ପରାମର୍ଶ ଦିଆଯାଇଛି। ୫ ମିଟର ଉଚ୍ଚର ସୁନାମୀ ଆସିବ ବୋଲି ପ୍ରଥମେ କୁହାଯାଇଥିବାବେଳେ ପରେ ଏହାକୁ ୩ ମିଟରକୁ କମାଇ ଦିଆଯାଇଛି।

ସୁନାମି ସତର୍କ ସୂଚନା ପରେ ଜାପାନରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଜରୁରୀ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ସେଠାରେ ଥିବା ଭାରତୀୟମାନେ ସହାୟତା ପାଇଁ ଉକ୍ତ କଣ୍ଟ୍ରୋଲ ରୁମ୍ ନମ୍ବରକୁ ଫୋନ୍ କରିପାରିବେ। ଏଥିପାଇଁ ଜରୁରୀ ନମ୍ବର ଏବଂ ଇମେଲ୍ ଆଇଡି ଦିଆଯାଇଛି। ଜାପାନ କର୍ତ୍ତୃପକ୍ଷଙ୍କ ଦୂତାବାସ ନିୟମିତ ଯୋଗାଯୋଗରେ ଥିବାବେଳେ ସ୍ଥାନୀୟ ପ୍ରଶାସନର ପରାମର୍ଶକୁ ଅନୁପାଳନ କରିବା ପାଇଁ ଭାରତୀୟମାନଙ୍କୁ ପରାମର୍ଶ ଦିଆଯାଇଛି।

# 'ପରିବହନ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆଣିବ ମେଟ୍ରୋ ରେଳ'

## ତ୍ରିଶୂଳିଆରେ ମେଟ୍ରୋ ରେଳ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

କଟକ,୧।୧ (କାର୍ତ୍ତିକ ସାହୁ)

ଇଂରାଜୀ ନବବର୍ଷ ଅବସରରେ ସୋମବାର ମେଟ୍ରୋ ରେଳ ପ୍ରକଳ୍ପର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରୁ କଟକର ତ୍ରିଶୂଳିଆ ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ତ୍ରିଶୂଳିଆ ନିକଟ ରତାଗଡ଼ ଲେଙ୍କାସାହିରେ ଅନୁଷ୍ଠିତ ବର୍ଣ୍ଣାଢ଼୍ୟ ସମାରୋହରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ମେଟ୍ରୋରେଳ ପ୍ରକଳ୍ପ ଦ୍ୱାରା ପରିବହନ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆସିବ ବୋଲି କହିଥିଲେ। ପୁରୁଣା ରାଜଧାନୀ କଟକ ସହିତ ନୂଆ ରାଜଧାନୀ ଭୁବନେଶ୍ୱରର ସମ୍ପର୍କ ଆହୁରି ମଜଭୁତ ହେବ। ମୁଁ ପ୍ରତିଜ୍ଞା କରିଥିଲି ଆଜି ତାକୁ ପାଳନ କରୁଛି କହି ଉପସ୍ଥିତ ଦର୍ଶକଙ୍କୁ ଆପଣମାନେ ଖୁସି ତ



- **ପ୍ରଥମ ପର୍ଯ୍ୟାୟରେ ୨୬ କି.ମି. ଲାଇନ ନିର୍ମାଣ**
- **ବିମାନବନ୍ଦରରୁ ତ୍ରିଶୂଳିଆ ମଧ୍ୟରେ ରହିବ ୨୦ ଷ୍ଟେଶନ**
- **ସମ୍ପ୍ରସାରିତ ଯୋଜନାରେ କଟକ, ପୁରୀ, ଖୋର୍ଦ୍ଧାକୁ ଗଡ଼ିବ ମେଟ୍ରୋ**

ବୋଲି ପଚାରିଥିଲେ। ସଭାସ୍ଥଳ ଯାଏ ରୋଡ୍ ଶୋ'ରେ ଆସିବା ସମୟର କଥା ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଲେ ଯେ, ଏଠାକୁ ଆସିବା ବେଳେ ରାସ୍ତାରେ ହଜାର ହଜାର ଲୋକଙ୍କ ଶୁଭେଚ୍ଛା ପାଇଲି। ସେମାନଙ୍କ ଆନନ୍ଦ ମୋତେ ବହୁତ ଖୁସି ଦେଇଛି। ନୂଆବର୍ଷ ଅବସରରେ ଏହି ଖୁସି, ଏହି ଆନନ୍ଦ ସବୁଦିନେ ଜାରି ରହୁ ବୋଲି ମହାପ୍ରଭୁଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥନା କରିଥିଲେ। ରାଜ୍ୟର ବିକାଶର ପର୍ବ ଆପଣମାନଙ୍କ ସହଯୋଗରେ ଆହୁରି ଆଗକୁ ବଢ଼ିବ। ମେଟ୍ରୋରେଳ ପ୍ରକଳ୍ପ ବିଷୟରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ, ଭୁବନେଶ୍ୱର ବିମାନବନ୍ଦରଠାରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ୨୬କି.ମି. ମଧ୍ୟରେ ୨୦ଟି ଷ୍ଟେଶନ ନିର୍ମାଣ ହେବ। ଏଥିରେ ପ୍ରାୟ ୬ହଜାର କୋଟି ଟଙ୍କା ବିନିଯୋଗ ହେବ, ଯାହା ଓଡ଼ିଶା ସରକାର ଏକକ ଭାବେ ବହନ କରିବେ। ରାଜ୍ୟ ସରକାରଙ୍କ ଏହା ହେଉଛି ସର୍ବାଧିକ ଅର୍ଥ ବିନିଯୋଗ ପ୍ରକଳ୍ପ। ଆସନ୍ତା ୪ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ଶେଷ ହେବ। ୫-ଟି ଅଧୀନସ୍ଥ ରୂପାନ୍ତରଣର ଏହା ଏକ ଶିଳ୍ପ। ପରବର୍ତ୍ତୀ ସମୟରେ ମେଟ୍ରୋରେଳ ପ୍ରକଳ୍ପ ଖୋର୍ଦ୍ଧା, ପୁରୀ ଓ କଟକକୁ ସମ୍ପ୍ରସାରିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, କଟକ ମେୟର ସୁବାସ ସିଂହ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମନ୍ତ୍ରୀ ଉଷା ଦେବୀ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ☞ପୃଷ୍ଠା-୪

## ଏକ୍ସପୋସାଟ୍ କକ୍ଷପଥରେ ସ୍ଥାପନ



ଶ୍ରୀହରିକୋଟା,୧।୧ (ପି.ଟି.)

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ସୋମବାର ଏହାର ଏକ୍ସ-ରେ' ପୋଲାରାଇମିଟର ସାଟେଲାଇଟ୍ (ଏକ୍ସପୋସାଟ୍)କୁ ସଫଳତାର ସହ ଉତ୍କ୍ଷେପଣ କରିଛି। ଏହା ବ୍ଲାକ୍ ହୋଲ୍ ଭଳି ମହାକାଶୀୟ ବସ୍ତୁଗୁଡ଼ିକ ସମ୍ପର୍କରେ ଅନେକ ତଥ୍ୟ ପ୍ରଦାନ କରିବ। ଇସ୍ରୋର ନିର୍ଭରଯୋଗ୍ୟ ପୋଲାର ସାଟେଲାଇଟ୍ ଲଞ୍ଚ୍ ଭେହିକିଲ୍ (ପିଏସ୍‌ଏଲ୍‌ଭି) ଏହାର ସି୫୮ ମିଶନରେ ଏକ୍ସପୋସାଟ୍‌କୁ ୬୫୦ କିଲୋମିଟର ଦୂରରେ ଥିବା ପୃଥିବୀର ନିମ୍ନତମ କକ୍ଷପଥରେ ସ୍ଥାପନ କରିଛି। ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରର ପ୍ରଥମ ଲଞ୍ଚ୍ ପ୍ୟାଡ୍‌ରୁ ପୂର୍ବାହ୍ନ ୯ଟା ୧୦ ମିନିଟ୍‌ରେ ଉତ୍କ୍ଷେପଣ କରାଯାଇଥିଲା। ☞ପୃଷ୍ଠା-୪

**ବ୍ଲାକ୍‌ହୋଲ୍ ଉପରେ ଅଧ୍ୟୟନ କରିବ**

**୨୦୨୪ର ବଡ଼ ଅଭ୍ୟାରମ୍ଭ ପାଇଁ ବୈଜ୍ଞାନିକଙ୍କୁ ଧନ୍ୟବାଦ ଜଣାଇଲେ ମୋଦି**

# ତାରିଣୀଙ୍କ ସୁନାବେଶ ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ



ଦର୍ଶନ ପାଇଁ ଧାଡ଼ିରେ ଛିଡ଼ା ହୋଇଥିବା ଶ୍ରଦ୍ଧାଳୁ।

ଘଟଗାଁ,୧।୧
(ରାଜେନ୍ଦ୍ର କୁମାର ପଟ୍ଟନାୟକ)

## ଦିବା ପହଡ଼ ହେଲାନି

କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀ ପୀଠ ସୋମବାର ଇଂରାଜୀ ନବବର୍ଷର ୧ମ ଦିନରେ ଭକ୍ତମୟ ହୋଇଯାଇଥିଲା। ସକାଳ ୫ଟାରୁ ଦର୍ଶନ ଆରମ୍ଭ ହୋଇଥିବା ବେଳେ ଲକ୍ଷାଧିକ ଶ୍ରଦ୍ଧାଳୁ ମା'ଙ୍କ ସୁନାବେଶ ଦର୍ଶନ କରିଥିଲେ। ରାତି ୮ଟା ପର୍ଯ୍ୟନ୍ତ ଦର୍ଶନ ପାଇଁ ଲମ୍ବାଧାଡ଼ି ଲାଗି ରହିଥିଲା। ନବବର୍ଷ ଅବସରରେ ମନ୍ଦିର ପ୍ରଶାସନ ପକ୍ଷରୁ ମା'ଙ୍କର ପ୍ରିୟ ଭୋଗ ନଡ଼ିଆ ଲଡୁ ଭକ୍ତଙ୍କୁ ବଣ୍ଟା ଯାଇଥିଲା।

ସକାଳେ ମା'ଙ୍କ ସୁନାବେଶ ଦର୍ଶନ ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ଭୋର ୩ଟାରୁ ଭକ୍ତମାନେ ଲମ୍ବାଧାଡ଼ିରେ ଛିଡ଼ା ହୋଇଥିଲେ। ଏହାକୁ ନଜରରେ ରଖି ଭୋର ମା'ଙ୍କର ସମସ୍ତ ନୀତିକାନ୍ତି, ମାଜଣା, ମଙ୍ଗଳ ଆଳତି ଶେଷହେବା ପରେ ଦର୍ଶନ ଓ ପୂଜା ପାଇଁ ଭୋର ୫ଟାରେ ମୁଖ୍ୟ ଫାଟକ ଖୋଲାଯାଇଥିଲା। ଭକ୍ତମାନେ ୪ ଗୋଟି ଧାଡ଼ିରେ ଭୋଗଡାଲା ଧରି ବ୍ୟାରିକେଡ୍ ଦେଇ ପ୍ରବେଶ କରିଥିବା ବେଳେ ୨ଟି ସାଧାରଣ ଧାଡ଼ିରେ ସାଧାରଣ ଦର୍ଶନ କରିଥିଲେ। ଦିନ ୧୦ଟା ପରେ ଶ୍ରଦ୍ଧାଳୁଙ୍କର ଏପରି ଭିଡ଼ ହୋଇଥିଲା ଯେ, ମା'ଙ୍କର ଦିନ ୧ଟାରେ ପହଡ଼ ହୋଇ ନ ଥିଲା। ଭୋଗଡାଲା ଧାଡ଼ି ଓ ଦର୍ଶନଧାଡ଼ି ଜାତୀୟ ରାଜପଥ ପର୍ଯ୍ୟନ୍ତ ଲମ୍ବି ଯାଇଥିଲା। ୩୦ରୁ ଊର୍ଦ୍ଧ୍ୱ ସେବାୟତ ପୂଜକ ଉପସ୍ଥିତ ରହି ପୂଜା କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଧାଡ଼ିରେ ଶ୍ରଦ୍ଧାଳୁ ଠିଆହୋଇ ରହିଥିଲେ। ଜଣେ ବଦାନ୍ୟ ବ୍ୟକ୍ତି ଭକ୍ତମାନଙ୍କୁ ଅନ୍ନପ୍ରସାଦ ବିତରଣ କରିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ୩ଟି ବସ ଦ୍ୱାରା ମାଗଣା ସେବା ଯୋଗାଇ ଦିଆଯାଇଥିବା ବେଳେ ଏଥିରେ ଭକ୍ତମାନେ ଯିବା ଆସିବା ସମ୍ଭବ ହୋଇ ନ ଥିବାରୁ ଅସନ୍ତୋଷ ଦେଖାଦେଇଥିଲା।













# ରୌପ୍ୟ ଅଳଙ୍କାରରେ ମା' ସମଲେଶ୍ୱରୀ

ସମ୍ବଲପୁର,୧।୧(ବି.ଶଙ୍କର)

## ନବବର୍ଷରେ ମା'ଙ୍କୁ ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ

ନବବର୍ଷ ସମସ୍ତଙ୍କ ସକାଶେ ମଙ୍ଗଳମୟ ହେଉ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହେଉ। ଏଭଳି କିଛି କାମନା କରି ସୋମବାର ଲକ୍ଷାଧିକ ଭକ୍ତ ରୌପ୍ୟ ଅଳଙ୍କାରରେ ଝଟକୁଥିବା ସମ୍ବଲପୁର ଅଧିଷ୍ଠାତ୍ରୀ ମା' ସମଲେଇଙ୍କୁ ଦର୍ଶନ କରିଛନ୍ତି।

ନିର୍ଘଣ୍ଟ ସମୟାନୁସାରେ ଦେବୀଙ୍କଠାରେ ପ୍ରାତଃ ୫ଟାରେ ମଙ୍ଗଳ ଆଳତି ଓ ନୀତିକାନ୍ତି ହୋଇଥିଲା। ସକାଳ ୬ଟାରେ ଭକ୍ତମାନଙ୍କ ଦର୍ଶନ ସକାଶେ ମୁଖ୍ୟ ଦ୍ୱାର ଖୋଲାଯାଇଥିଲା। ଦିବା ୧୧.୪୫ରୁ ୧୨ଟା୧୫ ପର୍ଯ୍ୟନ୍ତ ଦେବୀଙ୍କଠାରେ ଅନ୍ନ ଭୋଗ ନୀତି ହୋଇଥିଲା। ସନ୍ଧ୍ୟା ୭ଟା ୪୫ରୁ ୮ଟା୩୦ ପର୍ଯ୍ୟନ୍ତ ସନ୍ଧ୍ୟା ଆଳତି, ରାତ୍ର ୯ଟାରୁ ୯ଟା୨୦ ପର୍ଯ୍ୟନ୍ତ ରାତ୍ର ଅନ୍ନ ଭୋଗ, ରାତ୍ର ୧୦ଟାରେ ମା'ଙ୍କ ପହଡ଼ ନୀତି ସହ ଦର୍ଶନ ବନ୍ଦ ହୋଇଥିଲା। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ୭୫ କେଜି ଓଜନରେ ରୌପ୍ୟ ନିର୍ମିତ ପରଭା ଓ ଛତରରେ ଦେବୀଙ୍କୁ ଆଭୂଷଣ କରାଯାଇଥିଲା। ନୂତନ ଅଳଙ୍କାରରେ ସଜ୍ଜିତା ମା' ସତେଯେପରି ଝଟକୁଥିଲେ। ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ସମେତ ଅନ୍ୟ ପୂଜକମାନେ ଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ।

ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ କୁମାର ବାବୁ ସୂଚନା ଦେଇ କହିଛନ୍ତି, ଦେବୀଙ୍କ ନୂତନ ପରଭା ଓ ଛତର ଟ୍ରଷ୍ଟ ବୋର୍ଡ ପ୍ରୟାସରେ ନିର୍ମିତ ହୋଇଛି। ଏଥିସକାଶେ ଭକ୍ତମାନେ ମଧ୍ୟ ସହଯୋଗ କରିଛନ୍ତି।



ରୌପ୍ୟ ଅଳଙ୍କାର ଆଭୂଷଣରେ ମା' ସମଲେଇ।

ନବବର୍ଷରେ ନୂଆ ଆଭୂଷଣରେ ଦେବୀଙ୍କୁ ଦର୍ଶନ କରିବା ଏକ ନିଆରା ଅନୁଭୂତି ଦିଏ। ତେଣୁ ରାଜ୍ୟ ଓ ରାଜ୍ୟ ବାହାରୁ ଭକ୍ତମାନଙ୍କ ସମାଗମ ହୋଇଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଧାଡି ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଏଥିସହ ବିଭିନ୍ନ ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା ହୋଇଥିବା ସେ କହିଥିଲେ। ଭକ୍ତ ସୁମିତ୍ରା ମିତ୍ର କହିଛନ୍ତି, ପ୍ରତିବର୍ଷ ନବବର୍ଷରେ ମା' ସମଲେଇଙ୍କ ଦର୍ଶନ କରିବାକୁ ଆସିଥାଏ। ଚଳିତବର୍ଷ ମଧ୍ୟ ପରିବାର ସହ ବିଶ୍ୱରେ କେମିତି ଶାନ୍ତି ସ୍ଥାପନ ହୋଇପାରିବ ସେ ନେଇ ମା'ଙ୍କଠାରେ ପୂଜାର୍ଚ୍ଚନା କରିଛି।

# ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

## ପ୍ରଶାସନର ଆକଳନକୁ ଟପିଲେ

ପୁରୀ,୧।୧(ଅଜିତ ମହାନ୍ତି)

ନୂତନ ବର୍ଷର ପ୍ରଥମ ଦିନରେ ସୋମବାର ଶ୍ରୀକ୍ଷେତ୍ର ଜନସମୁଦ୍ର ପାଲଟିଛି। ମହାପ୍ରଭୁଙ୍କ ଦର୍ଶନ ସହ ସମୁଦ୍ରସ୍ନାନ ତଥା ବେଳାଭୂମି ବୁଲାବୁଲି କରିବା ପାଇଁ ପୁରୀରେ ରେକର୍ଡସଂଖ୍ୟକ ଅର୍ଥାତ ପ୍ରାୟ ୫ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିବା ଆକଳନ କରାଯାଇଛି। ପ୍ରଶାସନର ନିୟମ ମାନି ଭକ୍ତମାନେ ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ କରି ସ୍ୱତନ୍ତ୍ର ଏସି ଶେଡ୍ ଦେଇ ଶ୍ରୀମନ୍ଦିରକୁ ଯାଇ ଦାରୁଦିଅଁଙ୍କ ଦର୍ଶନ କରିଥିଲେ।

ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ମାର୍କେଟଛକଠାରୁ ବ୍ୟାରିକେଡ୍ ବ୍ୟବସ୍ଥା କରିଥିବାବେଳେ ବଗଲା ଧର୍ମଶାଳା ପର୍ଯ୍ୟନ୍ତ ଭକ୍ତଙ୍କ ଲମ୍ବାଧାଡ଼ି ଦେଖିବାକୁ ମିଳିଥିଲା। ମାର୍କେଟ ଛକଠାରୁ ମରିଚିକୋଟ ଛକ ପର୍ଯ୍ୟନ୍ତ ଭକ୍ତମାନେ ଘଣ୍ଟାଘଣ୍ଟା ଧରି ଲମ୍ବାଧାଡ଼ିରେ ଠିଆ ହୋଇ ଯନ୍ତ୍ରଣା ଅନୁଭବ କରିଥିବାବେଳେ ମରିଚିକୋଟ ଛକଠାରୁ ନିର୍ମିତ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ଶେଡ୍‌ରେ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, କେନ୍ଦ୍ରାଞ୍ଚଳ ଆଇଜି ଆଶିଷ



ନୂଆବର୍ଷ ପ୍ରଥମ ଦିନରେ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼।

- ମହାପ୍ରଭୁଙ୍କ ଦର୍ଶନ ସହ ବେଳାଭୂମି ଭ୍ରମଣ
- ଯନ୍ତ୍ରଣା ଲାଘବ କଲା ସ୍ୱତନ୍ତ୍ର ଏସି ଶେଡ୍

ସିଂ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଏବଂ ପୁରୀ ଏସ୍‌ପି ବିଶାଲ୍ ସିଂ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଜେନା ମହାପ୍ରଭୁଙ୍କୁ ଦର୍ଶନ କରି ଆଶିଷ ନେଇଥିଲେ। ଡିସେମ୍ବର ୩୧ରେ ମହାପ୍ରଭୁଙ୍କ ରାତ୍ର ପହୁଡ଼ ହେବ ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାସ ପୂର୍ବରୁ ସୂଚନା ଦେଇଥିଲେ। ତେବେ ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ନିନ୍ଦା କରାଯିବା ପରେ ପ୍ରଶାସନ ପକ୍ଷରୁ ରାତ୍ରପହୁଡ଼ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ତେଣୁ ୩୧ ତାରିଖ ରାତି ୯ଟା ୩୫ରେ ମହାପ୍ରଭୁଙ୍କ ରାତ୍ରପହୁଡ଼ କରାଯାଇଥିବାବେଳେ ପୁର୍ନବାର ୧୨.୪୨ରେ ସିଂହଦ୍ୱାର ଫିଟି ଦର୍ଶନ ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ରାତିରୁ ଭକ୍ତଙ୍କ ଧାଡ଼ି ଲାଗିଥିଲା। ବର୍ଷ ଆରମ୍ଭରେ ମହାପ୍ରଭୁଙ୍କ ଦର୍ଶନ କରି ବେଶ୍ ଆନନ୍ଦିତ ଥିବା ଏବଂ ଏସିଶେଡ଼ର ଅତ୍ୟାଧୁନିକ ସୁବିଧା ସେମାନଙ୍କ କଷ୍ଟକୁ ଲାଘବ କରିପାରିଛି ବୋଲି ଅନେକ ଭକ୍ତ କହିଛନ୍ତି। ଭକ୍ତଙ୍କ ସୁବିଧା ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯିବା ସହ ଫିଡ୍‌ବ୍ୟାକ ସେଣ୍ଟର କରାଯାଇଥିଲା। ସେଠାରେ ଭକ୍ତମାନେ ସେମାନଙ୍କ ଅନୁଭୂତି କହିଥିଲେ। ଦର୍ଶନ ବ୍ୟବସ୍ଥା ଭଲ ଥିବା ଅନେକ ଭକ୍ତ ମତ ଦେଇଛନ୍ତି। ସେହିପରି ବେଳାଭୂମିରେ ବର୍ଷର ପ୍ରଥମ ସୂର୍ଯ୍ୟୋଦୟ ଦେଖି ପର୍ଯ୍ୟଟକମାନେ ଖୁସି ହୋଇଥିଲେ।

# ଧନୁତୀର ନାକରେ ଗଳି ନାବାଳକ ଗୁରୁତର

## ଦୁଇଘଣ୍ଟା ପରେ ବାହାରିଲା ତୀର

ମାଲକାନଗିରି, ୧।୧
(ଦୁର୍ଯ୍ୟୋଧନ ପାତ୍ର)

ଘରେ ଥିବା ଏକ ଧନୁତୀର ଧରି ଖେଳୁଥିବା ବେଳେ ଅସାବଧାନତାରୁ ଜଣେ ନାବାଳକଙ୍କ ନାକରେ ଗଳି ଯିବାରୁ ସେ ଗୁରୁତର ହୋଇ ପଡିଥିଲେ। ଦୁଇଘଣ୍ଟା ପରିଶ୍ରମ ପରେ ମାଲକାନଗିରି ଜିଲା ହସ୍ପିଟାଲ ସର୍ଜରି ବିଶେଷଜ୍ଞ ସପନ କୁମାର ଧିଣ୍ଡା ଅପରେଶନ କରି ନାକରୁ ତୀର ବାହାର କରିଥିଲେ।

ପ୍ରକାଶ ଯେ, ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଆନ୍ଦାଗୁଡା ଗ୍ରାମର ଜଗନ୍ନାଥ ପୂଜାରୀଙ୍କ ପୁଅ ନନ୍ଦ(୯) ରବିବାର ସନ୍ଧ୍ୟାରେ ଘରେ ଥିବା ଏକ ଧନୁ ତୀର ଆଣି ଦାଣ୍ଡରେ ଖେଳୁଥିଲେ। ସେ



ଧନୁରେ ତୀର ଯୋଖୁଥିବା ବେଳେ ଅସାବଧାନତାରୁ ତାଙ୍କ ନାକ ପୁଡ଼ାରେ ପଶି ଯାଇଥିଲା। ସେ ଚିତ୍କାର କରିବାରୁ ପରିବାର ଲୋକେ ତୀର ବାହାର କରିବାକୁ ବହୁ ଚେଷ୍ଟା କରିଥିଲେ, କିନ୍ତୁ ତାହା ନାକରୁ ବାହାରି ନ ଥିଲା। ପରିବାର ଲୋକେ ନନ୍ଦଙ୍କୁ ଜିଲା ହସ୍ପିଟାଲକୁ ରବିବାର ରାତିରେ ଆଣି ଚିକିତ୍ସା କରିଥିଲେ। ଡାକ୍ତର ଧିଣ୍ଡା ଦୁଇଘଣ୍ଟା ପରିଶ୍ରମ ପରେ ନାକରୁ ତୀରଟିକୁ ବାହାର କରିଥିଲେ। ନାବାଳକ ଜଣକ ବର୍ତ୍ତମାନ ସୁସ୍ଥ ଥିବା ଜଣାପଡିଛି।

# ବିବାହ ଭୋଜି ଖାଇ ମୃତ୍ୟୁ ପରେ ଛନକା

ସୁନ୍ଦରଗଡ଼,୧।୧
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକ ଦେଓଗାଁରେ ବିବାହ ଭୋଜି ଖାଇ ଜଣଙ୍କର ମୃତ୍ୟୁ ଘଟିବା ପରେ ଲୋକଙ୍କ ମଧ୍ୟରେ ଏବେ ଛନକା ପଶିଛି। ଏହି ଘଟଣାରେ ୨୬ରୁ ଊର୍ଦ୍ଧ୍ୱ ଅସୁସ୍ଥ ହୋଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ଗତ ୨୭ରେ ଉକ୍ତ ଗ୍ରାମର ବିନୀତ ତିର୍କୀଙ୍କ ବିବାହ ଉତ୍ସବରେ ଭୋଜି ଖାଇ ଜଣଙ୍କ ପରେ ଜଣେ ଅସୁସ୍ଥ ହୋଇପଡ଼ିଥିଲେ। ଅସୁସ୍ଥଙ୍କ ସଂଖ୍ୟା ୩୦ରେ ପହଞ୍ଚିବା ପରେ ଗତ ୨୯ରେ ଦୀପକ ମିଞ୍ଜଙ୍କ ମୃତ୍ୟୁ ଘଟିଥିଲା। ଚିକିତ୍ସିତ ହେଉଥିବା ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଠିକ୍ ଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଧରଣୀ ରଞ୍ଜନ ଶତପଥୀ ସୂଚନା ଦେବାସହ ଭୟଭୀତ ନ ହେବାକୁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ ପ୍ରକାଶ କରିଛନ୍ତି। ଏହି ଭୋଜିରେ ରାଉରକେଲାର କିଛି ଲୋକ ସାମିଲ ହୋଇଥିବାରୁ ହଇଜା ସଂକ୍ରମଣ ହୋଇଥିବା ନେଇ ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି।












# ଅବ୍ୟବସ୍ଥାରୁ ବାହାର ବେପାରୀ ଭରସାରେ ଚାଷୀ

ଭୁବନେଶ୍ୱର,୧।୧(ଅନିଲ ଦାସ)

ଖରା ବର୍ଷା ଖାଇ ମୁଣ୍ଡ ଝାଳ ତୁଣ୍ଡରେ ମାରି କ୍ଷେତ୍ରରେ ଧାନ ଫଳାଉଛି ଚାଷୀ। ଧାନ ଗଣ୍ଡାକ ଠିକ୍ ଦାମ୍‌ରେ ବିକିଲେ ବର୍ଷ ସାରା ପରିବାର ଖର୍ଚ୍ଚ ମେଣ୍ଟିବ। ହେଲେ ଚାଷୀର ସେହି ଆଶା ସରକାରୀ ବ୍ୟବସ୍ଥାର ଅବ୍ୟବସ୍ଥାରେ ଘାଣ୍ଟି ହେଉଛି। ସରକାରୀ ମଣ୍ଡିକୁ ଧାନ ନ ନେଇ ଚାଷୀ ବାହାର ରାଜ୍ୟର ବ୍ୟବସାୟୀ କିମ୍ବା ସ୍ଥାନୀୟ ମିଲରଙ୍କୁ ବିକିବାକୁ ବାଧ୍ୟ ହେଉଛନ୍ତି। ରାଜ୍ୟର ବିଭିନ୍ନ ଜିଲାରୁ ଏଭଳି ଚିତ୍ର ସାମ୍ନାକୁ ଆସୁଛି।

ପ୍ୟାକ୍ସ, ଲାମ୍ପ୍ସ, ପାଣି ପଞ୍ଚାୟତ, ମହିଳା ଏସ୍‌ଏଚ୍‌ଜି ଆଦି ସଂସ୍ଥା ଜରିଆରେ ଚାଷୀଙ୍କଠାରୁ ଯୋଗାଣ ବିଭାଗ ଧାନ କିଣିବାକୁ ବ୍ୟବସ୍ଥା ହୋଇଛି। ରାଜ୍ୟ ସରକାର ୨୦୨୩-୨୪ ଖରିଫ ଋତୁରେ ୭୯ ଲକ୍ଷ ମେଟ୍ରିକ ଟନ୍ ଧାନ କିଣିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଜଣେ ଚାଷୀ ଏକର ପିଛା ଜଳସେଚିତ ଅଞ୍ଚଳ ପାଇଁ ୧୯ କୁଇଣ୍ଟାଲ ଓ ଅଣ ଜଳସେଚିତ ଅଞ୍ଚଳରେ ଏକର ପିଛା ୧୩ କୁଇଣ୍ଟାଲ ଧାନ ବିକ୍ରି କରିପାରିବେ। ଧାନ କିଣା କୁଇଣ୍ଟାଲ ପିଛା ସର୍ବନିମ୍ନ ମୂଲ୍ୟ (ଏମ୍‌ଏସ୍‌ପି) ୨୧୮୩ ଟଙ୍କା ଧାର୍ଯ୍ୟ କରାଯାଇଛି। ଚାଷୀମାନେ ଟୋକନ ପାଇବା ପରେ ଧାନ ବିକ୍ରି କରିବେ। ଅନ୍‌ଲାଇନ ଜରିଆରେ ଚାଷୀଙ୍କ ଆକାଉଣ୍ଟକୁ ୪୮ ଘଣ୍ଟା ମଧ୍ୟରେ ପ୍ରାପ୍ୟ ପହଞ୍ଚିବ। ଯୋଗାଣ ବିଭାଗ ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ ୨୩ଟି ଜିଲାରେ ଧାନ ମଣ୍ଡି ଖୋଲା ହୋଇଛି। ଅଧିକାଂଶ ଜିଲାରେ ବିକ୍ରି ଆରମ୍ଭ ହୋଇନାହିଁ। ଉପକୂଳ ଓଡ଼ିଶାର ୭ଟି ଜିଲାରେ ଏ ପର୍ଯ୍ୟନ୍ତ ମଣ୍ଡି ଖୋଲି ନାହିଁ। ଅନ୍ୟପକ୍ଷରେ ମଣ୍ଡି, ମିଲର ଏବଂ ଧାନ ସଂଗ୍ରହକାରୀ ସଂସ୍ଥା ଚାଷୀକୁ କଲବଲ କରିବାକୁ ପଛାଉ ନାହାନ୍ତି। କଷ୍ଟ ଅର୍ଜିତ ଧାନରୁ ମନଇଚ୍ଛା କାଟି ନେଉଥିବାରୁ ଚାଷୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଉଛି। ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି। ସରକାରୀ ବ୍ୟବସ୍ଥାରେ ଘାଣ୍ଟି ଚକଟି ହେବା ଅପେକ୍ଷା ବାହାର ରାଜ୍ୟ ଚାଷୀ କିମ୍ବା ବେପାରୀକୁ କମ୍ ମୂଲ୍ୟରେ ଧାନ ବିକିବାକୁ ଚାଷୀ ଅଧିକ ପସନ୍ଦ କରୁଛନ୍ତି। ବାହାର ବେପାରୀ କିମ୍ବା ମିଲର ଚାଷୀଙ୍କଠାରୁ ସିଧାସଳଖ ଧାନ ଉଠାଉଥିବା ବେଳେ ସରକାରୀ ବ୍ୟବସ୍ଥାରେ ଚାଷୀଙ୍କୁ ମଣ୍ଡି କିମ୍ବା ଧାନ ମିଲ୍‌କୁ ନେବାକୁ ପଡୁଛି। ଗସ୍ତ ଖର୍ଚ୍ଚ ଅଧିକ ହେବା ସହିତ ଧାନ କଟନୀ ଛଟନୀ ଚାଷୀଙ୍କ ମନୋବଳକୁ ଭାଙ୍ଗି ଦେଉଛି। କେବଳ ସେତିକି ନୁହେଁ, ଚାଷୀ ଧାନ ଭର୍ତ୍ତି ଅଖାକୁ ମଧ୍ୟ ଫେରି ପାଉ ନାହାନ୍ତି କିମ୍ବା ଏ ବାବଦ ଅର୍ଥ ମଧ୍ୟ ମିଳୁ ନାହିଁ।

କେନ୍ଦ୍ରାପଡ଼ା ଜିଲା ରାଜନଗର ଚାଷୀ ଧୀରେନ ସ୍ୱାଇଁ କହିଛନ୍ତି ଯେ, ଜିଲାରେ ଏ ପର୍ଯ୍ୟନ୍ତ ଧାନ ମଣ୍ଡି ଖୋଲିନାହିଁ କିମ୍ବା ଟୋକନ ମିଳିନାହିଁ। ଗତ ବର୍ଷ ଟୋକନ ପାଇ ମଧ୍ୟ ମିଲ୍ ଓ ପ୍ୟାକ୍ସରେ କୁଇଣ୍ଟାଲ ପିଛା ୫% ଧାନ ମନଇଚ୍ଛା କାଟି ଦିଆଯାଉଛି। ପ୍ୟାକ୍ସ ଯେଉଁ ମିଲର କିମ୍ବା ଧାନ ମଣ୍ଡିକୁ ନେବାକୁ କହିବେ ଚାଷୀ ସେଠାକୁ ଖର୍ଚ୍ଚାନ୍ତ ହୋଇ ନେବାକୁ ପଡୁଛି। ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଅନ୍ୟ କୌଣସି ଉପାୟ ନ ଥିବାରୁ ବାଧ୍ୟ ହୋଇ ଧାନ ବିକିଥିଲୁ। ସରକାର ଠିକ୍ ସମୟରେ ଧାନ କିଣୁ ନ ଥିବାରୁ କମ୍ ଦର ହେଉ ପଛକେ ବାହାର ବେପାରୀଙ୍କୁ ଦେଇ ସାଙ୍ଗେ ସାଙ୍ଗେ ପଇସା ପାଉଛୁ। ପ୍ୟାକ୍ସ ଓ ମିଲ ମାଲିକ ମଧ୍ୟରେ ଦଲାଲ ରହି ଚାଷୀଙ୍କୁ ହଇରାଣ କରୁଛନ୍ତି। ଧାନ ବିକିବା ପରେ ମଧ୍ୟ ପଇସା ପାଇବାକୁ ଅନେକ ଦିନ ଅପେକ୍ଷା କରିବାକୁ ପଡୁଛି।

ରାଜ୍ୟ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ କହିଛନ୍ତି ଯେ, ରାଜ୍ୟରେ ଚାଷୀ ଧାନର ଅଭାବୀ ବିକ୍ରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାର ବିଳମ୍ବରେ ମଣ୍ଡି ଖୋଲିବା, ପ୍ରଶାସନ ଓ ମିଲର ମଧ୍ୟରେ ଥିବା ମଧୁ ଚନ୍ଦ୍ରିକା ଯୋଗୁ ଚାଷୀ ବାଧ୍ୟ ହୋଇ ବାହାର ବେପାରୀଙ୍କୁ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଅଖା ଓ ପରିବହନ ଖର୍ଚ୍ଚରେ ମହା ଦୁର୍ନୀତି ହେଉଛି। ଚାଷୀଙ୍କଠାରୁ ୫ରୁ ୧୦ କିଲୋ ଯାଏ ଧାନ କାଟି ଦିଆଯାଉଛି। ଧାନ ବିକିବା ନେଇ ସୀମା ଧାର୍ଯ୍ୟ କରାଯାଇଥିବାରୁ ବଳକା ଧାନ ଚାଷୀ କମ୍ ମୂଲ୍ୟରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପକ୍ଷରେ ଧାନ କୁଇଣ୍ଟାଲ ଉତ୍ପାଦନ କରିବାକୁ ଚାଷୀ ୨୭୦୦ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସରକାର ୨୧୮୩ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟରେ କିଣୁଛନ୍ତି। ଚାଷୀଙ୍କର ୫ ରୁ ୬ ଶହ ଟଙ୍କା କ୍ଷତି ହେଉଛି। ଚାଷୀଙ୍କର ଆୟ କେମିତି ବଢ଼ିବ ବୋଲି ସେ କହିଛନ୍ତି।

ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ରାଜ୍ୟର ୨୩ଟି ଜିଲାରେ ଧାନ ମଣ୍ଡି ଖୋଲାଯାଇଛି। ଆସନ୍ତା ୬ ତାରିଖରେ ଆଉ ୪ଟି ଜିଲାରେ ଧାନ ମଣ୍ଡି ଖୋଲିବ। ଅଭାବୀ ବିକ୍ରି ରୋକିବାକୁ ସୀମାନ୍ତରେ ଚେକିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଦଲାଲି ରୋକିବାକୁ ଯୋଗାଣ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇଛି।

# ସ୍ୱାମୀଙ୍କୁ ଝୁରି ଜୀବନ ହାରିଲେ ସ୍ତ୍ରୀ

## ହାଇଟେକ୍ ହସ୍ପିଟାଲ ବିସ୍ଫୋରଣରେ ଏସି ଟେକ୍ନିସିଆନଙ୍କ ମୃତ୍ୟୁ ଘଟଣା



ମୃତ ସୌମ୍ୟାଶ୍ରୀ ଓ ସ୍ୱାମୀ ଦିଲୀପ।

ଭୁବନେଶ୍ୱର, (ସତ୍ୟଜିତ୍ ରାଉତ)/ଜଟଣୀ, ୧।୧(ରବୀନ୍ଦ୍ରନାଥ ମହାକୁଡ଼)

ଦୁଇ ବର୍ଷ ତଳେ ବିବାହ ହୋଇଥିଲା। ହସଖୁସିରେ ଚାଲିଥିଲା ଛୋଟିଆ ସଂସାର। ହେଲେ ଏହି ସଂସାର ଅଧାବାଟରେ ରହିଯାଇଛି। ନୂଆବର୍ଷ ପାଇଁ ଚାରିଆଡେ ଉତ୍ସାହ ଲାଗି ରହିଥିବାବେଳେ ଆଗପଛ ହୋଇ ଚାଲିଯାଇଛି ଦୁଇଟି ଜୀବନ। ଭୁବନେଶ୍ୱର ହାଇଟେକ୍ ହସ୍ପିଟାଲରେ ଘଟିଥିବା ବିସ୍ଫୋରଣରେ ଆହତ ଏସି ଟେକ୍ନିସିଆନ ଦିଲୀପ ସାମନ୍ତରାୟ (୩୪)ଙ୍କର ରବିବାର ମୃତ୍ୟୁ ଘଟିଥିବାବେଳେ ସ୍ୱାମୀଙ୍କୁ ଝୁରି ଝୁରି ସୋମବାର ସକାଳେ ସ୍ତ୍ରୀ ମଧ୍ୟ ଜୀବନ ହାରିଛନ୍ତି। ସେ ହେଲେ ସୌମ୍ୟାଶ୍ରୀ ଜେନା (୨୪)। ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅନ୍ତର୍ଗତ ନୂଆଗାଁସ୍ଥିତ ବାପ ଘରେ ସୌମ୍ୟାଶ୍ରୀ ଫ୍ୟାନ୍‌ରେ ଦଉଡ଼ି ଦ୍ୱାରା ଝୁଲି ଆତ୍ମହତ୍ୟା କରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏପଟେ ମୃତ ଦିଲୀପଙ୍କ ମା' ଘରେ ଏକା ହୋଇଯାଇଛନ୍ତି। ଦିଲୀପ ଓ ସୌମ୍ୟାଶ୍ରୀଙ୍କର କୌଣସି ସନ୍ତାନ ନ ଥିବାରୁ ଏବେ ତାଙ୍କ ପରିବାର ଉଚ୍ଛନ୍ନ ହୋଇଯାଇଛି। ଏକମାତ୍ର ପୁଅ ଦିଲୀପଙ୍କ ଅକାଳ ବିୟୋଗରେ ମା' ଦୁଃଖରେ ଭାଙ୍ଗି ପଡ଼ିଥିଲେ। ଦିନକ ପରେ ବୋହୂଙ୍କ ମୃତ୍ୟୁ କଥା ଶୁଣି ସେ ପୂରା ହତବାକ୍ ହୋଇଯାଇଛନ୍ତି। ଏହି ଘଟଣାରେ ସୌମ୍ୟାଶ୍ରୀଙ୍କ ବାପା ସ୍ୱରାଜ କେଶରୀ ଜେନାଙ୍କ ରିପୋର୍ଟ ଆଧାରରେ ଜଟଣୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୦୨୪) ରୁଜୁ କରାଯାଇ ତଦନ୍ତ କରାଯାଉଛି।

ସୂଚନା ଅନୁଯାୟୀ, ହାଇଟେକ୍ ହସ୍ପିଟାଲ ଛାତ ଉପରେ ଏଜେନ୍ସି ଦ୍ୱାରା ଏସି ମେଣ୍ଟେନାନ୍ସ କାମ ଚାଲିଥିବାବେଳେ ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟାରେ ଏହି ଅଘଟଣ ଘଟିଥିଲା। କମ୍ପ୍ରେସର୍‌ରେ ସମସ୍ୟା ଯୋଗୁ ତାହା ଫାଟିଯାଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ସେଠାରେ କାର୍ଯ୍ୟରତ ଏସି ଟେକ୍ନିସିଆନ ତଥା ଖୋର୍ଦ୍ଧା ଜିଲା ଜଟଣୀ ହରିରାଜପୁର ବଅଙ୍ଗ ଗ୍ରାମର ଦିଲୀପଙ୍କ ସମେତ ୪ ଜଣ ଏଜେନ୍ସି କର୍ମଚାରୀ ଆହତ ହୋଇଥିଲେ। ଦିଲୀପ ଅଧିକ ଗୁରୁତର ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରବିବାର ଦିଲୀପଙ୍କର ମୃତ୍ୟୁ ହୋଇଥିଲା।

# ପଦ୍ମପୁର ଜିଲା ଗଠନ ଦାବିରେ ଅଭିନବ ପ୍ରତିବାଦ

## ଉପଜିଲାପାଳ ଶବ୍ଦକୁ ଜିଲାପାଳ ଲେଖିଲେ

ପଦ୍ମପୁର,୧।୧(ପ୍ରଦୀପ୍ତ ଦାଶ)




ଉପଜିଲାପାଳଙ୍କ ଅଫିସ ସମ୍ମୁଖ ଫଳକରୁ 'ଉପ' ଶବ୍ଦକୁ ଲିଭାଯାଉଛି।

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ସମୟରେ ପ୍ରଚାର ପାଇଁ ଆସିଥିବାବେଳେ ୨୦୨୩ ଡିସେମ୍ବର ଶେଷସୁଦ୍ଧା ପଦ୍ମପୁରକୁ ନୂତନ ଜିଲା ମାନ୍ୟତା ପ୍ରଦାନ ନେଇ ମୁଖ୍ୟମନ୍ତ୍ରୀ ସବୁଜ ସଙ୍କେତ ଦେଇଥିଲେ। ଫଳରେ ଗତବର୍ଷ ଶେଷସୁଦ୍ଧା ପଦ୍ମପୁର ଜିଲା ମାନ୍ୟତା ପାଇବ ବୋଲି ଅଞ୍ଚଳବାସୀ ଆଶା କରିଥିଲେ। ସେହିପରି ଜିଲାପାଳଙ୍କ ଅଫିସ ନିର୍ମାଣ ନେଇ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି)ଙ୍କ ଦ୍ୱାରା ଜାଗା ଚିହ୍ନଟ, ପଦ୍ମପୁରରେ ପ୍ରଥମଥର ପାଇଁ ଅତିରିକ୍ତ ଜିଲାପାଳ ନିଯୁକ୍ତି ପରେ ପଦ୍ମପୁରବାସୀଙ୍କ ଆଶା ଦୃଢ଼ୀଭୂତ ହୋଇଥିଲା। କିନ୍ତୁ ରବିବାର ୨୦୨୩ ବିଦାୟ ନେଇଗଲା ପଛେ ପଦ୍ମପୁରକୁ ନୂତନ ଜିଲା ମାନ୍ୟତା ମିଳିଲାନି। ଫଳରେ ପଦ୍ମପୁର ଅଞ୍ଚଳବାସୀଙ୍କୁ ନିରାଶ ହେବାକୁ ପଡ଼ିଛି ଏବଂ ଏହାକୁ ନେଇ ପୁଣି ଅସନ୍ତୋଷ କୁହୁଳିଛି।

ଏହି କ୍ରମରେ ସୋମବାର ପଦ୍ମପୁର ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ନୂତନ ଜିଲା ମାନ୍ୟତା ନେଇ ରାଜ୍ୟ ସରକାରଙ୍କ ସେଭଳି ଆଭିମୁଖ୍ୟର ଅଭିନବ ପ୍ରତିବାଦ କରିଛି। ସ୍ଥାନୀୟ କଚେରି ପରିସରରେ ଅନୁଷ୍ଠିତ ସଭାରେ କୃଷକ ସଙ୍ଗଠନର ଶତାଧିକ ସଦସ୍ୟ ଯୋଗଦେଇ ଜିଲା ମାନ୍ୟତା ମିଳି ନ ଥିବାରୁ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏହାପରେ ଏକ ଶୋଭାଯାତ୍ରାରେ ସେମାନେ ସ୍ଥାନୀୟ ଉପଜିଲାପାଳଙ୍କ ଅଫିସକୁ ଯାଇଥିଲେ। ସେଠାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଫଳକରୁ 'ଉପ' ଶବ୍ଦକୁ ଲିଭାଇ ଦେଇଥିଲେ। ଫଳରେ ସେହି ଫଳକରେ ଜିଲାପାଳଙ୍କ କାର୍ଯ୍ୟାଳୟ, ପଦ୍ମପୁର ରହିଥିବା ଦେଖିବାକୁ ମିଳିଛି। ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର ଆବାହକ ଅଶୋକ ସାହୁ, ଆଇନ ପରାମର୍ଶଦାତା ଅଜିତ ଶତପଥୀ, ଚାଷୀନେତା ରମେଶ ମହାପାତ୍ର ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

# କାରଣ ଖୋଜିବାକୁ ଆସିଲେ କେନ୍ଦ୍ରୀୟ ଟିମ୍

## ରାଉରକେଲାରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା

ରାଉରକେଲା,୧।୧(ସଙ୍ଗୀତା ଜେନା)

ରାଉରକେଲା ଓ ଆଖପାଖ ଅଞ୍ଚଳରେ ଝାଡ଼ାବାନ୍ତି ଯୋଗୁ ୧୫ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ହାନି ହୋଇଛି। ତେବେ ଏହି ଘଟଣାର ପ୍ରକୃତ କାରଣ ଖୋଜିବା ପାଇଁ ସୋମବାର ଏକ କେନ୍ଦ୍ରୀୟ ଅନୁଧ୍ୟାନକାରୀ ଟିମ୍ ଆସି ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ପହଞ୍ଚିଛି। କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗଠିତ ଏହି ଟିମ୍‌ରେ ୫ଜଣ ସଦସ୍ୟ ରହିଛନ୍ତି। ସେମାନେ ହେଲେ କଲିକତାସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଲେରା ଆଣ୍ଡ ଏଣ୍ଟେରିକ୍ ଡିଜିଜ୍‌ର ବୈଜ୍ଞାନିକ ଡା. ଆଲୋକ ଚକ୍ରବର୍ତ୍ତୀ, ଭୁବନେଶ୍ୱର ଏମ୍ସର ଇଣ୍ଟରନାଲ ମେଡ଼ିସିନ୍ ପ୍ରଫେସର ଡା. ରଶ୍ମିରଞ୍ଜନ ମହାନ୍ତି, ରାଜ୍ୟ ଆଞ୍ଚଳିକ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣର ନିର୍ଦ୍ଦେଶକ ଡା. ଏନ୍. ଏମ୍. ସୋମଲକର, ସର୍ବଭାରତୀୟ ସ୍ୱଚ୍ଛତା ଓ ଜନସ୍ୱାସ୍ଥ୍ୟର ବିଶେଷଜ୍ଞ ଡା. ସୁମନ୍ତୋ ପାଲ, ଜାତୀୟ ରୋଗ ନିରାକରଣ ଓ ନିୟନ୍ତ୍ରଣ ମାଇକ୍ରୋବାୟୋଲୋଜିଷ୍ଟ ଡା. ଇରନମ୍ ତବସୁମ୍। ତେବେ ସକାଳେ ଏହି ଟିମ୍‌ର ୩ଜଣ ସଦସ୍ୟ ରାଉରକେଲାରେ ପହଞ୍ଚି ପ୍ରାଥମିକ ଅନୁସନ୍ଧାନ କରିଥିଲେ। ପରେ ସେମାନେ ଆର୍‌ଜିଏଚ୍ କର୍ତ୍ତୃପକ୍ଷଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଥିଲେ। ରୋଗୀମାନଙ୍କ ଭର୍ତ୍ତି ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ସମସ୍ତ ବିବରଣୀ ସେମାନେ ସଂଗ୍ରହ କରିଥିଲେ। ଏଥିରେ ନିୟୋଜିତ ଡାକ୍ତର ଓ କାରଣ ଅନ୍ୱେଷଣକାରୀଙ୍କ ତଥ୍ୟ ସଂଗ୍ରହ କରାଯାଇଥିଲା। ତେବେ ଆଉ ୨ଜଣ ସଦସ୍ୟ ଆସି ପହଞ୍ଚିବା ପରେ ମଙ୍ଗଳବାରଠାରୁ ସମ୍ପୂର୍ଣ୍ଣ ଟିମ୍ ଅନୁଧ୍ୟାନ କାର୍ଯ୍ୟରେ ନିୟୋଜିତ ହେବେ ବୋଲି ଆର୍‌ଜିଏଚ୍ ମ୍ୟାନେଜର ମୋହିତ ଶ୍ରୀବାସ୍ତବ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରାଉରକେଲା, ରାଜଗାଙ୍ଗପୁର, ବଣେଇ, ରାଏବୋଗା ଆଦି ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବା ପରେ ଗତ ଡିସେମ୍ବର ୮ତାରିଖରୁ ବହୁ ସଂକ୍ରମିତ ଚିକିତ୍ସା ପାଇଁ ଆର୍‌ଜିଏଚ୍‌ରେ ଭର୍ତ୍ତି ହୋଇଥିଲେ। ୧୫ ଶହରୁ ଊର୍ଦ୍ଧ୍ୱ ସଂକ୍ରମିତ ସରକାରୀ ଡାକ୍ତରଖାନା ସମେତ ବିଭିନ୍ନ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ତେବେ ସରକାରୀ ସ୍ତରରେ ମୃତ୍ୟୁସଂଖ୍ୟା ୯ ଦର୍ଶାଯାଇଥିବା ବେଳେ ବେସରକାରୀ ଭାବେ ଏଡି ସଂଖ୍ୟା ୧୫ରୁ ଊର୍ଦ୍ଧ୍ୱ ବୋଲି କୁହାଯାଇଛି। ତେବେ ଝାଡ଼ାବାନ୍ତିର କାରଣ କଲେରା ବ୍ୟାକ୍ଟେରିଆ ବୋଲି ରିପୋର୍ଟ ଆସିବା ପରେ ଉଭୟ କଂଗ୍ରେସ ଓ ଭାଜପା ଏହାକୁ ନେଇ ପ୍ରତିବାଦ କରିଥିଲେ। ଅନ୍ୟପକ୍ଷେ ହଇଜା ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାର ଅନୁଧ୍ୟାନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ।












## ଜଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଜଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ତରକି ଥିବୁ ତେରକୁ
ଚଉଦ ପନ୍ଦର ଅଳିଆ ମେଣ୍ଟିବ
ସତ ଉପୁଜିବ ସତରକୁ ।

ଭବିଷ୍ୟତ ଘଟଣା ଉପରେ ଅଚ୍ୟୁତାନନ୍ଦଙ୍କ ମାଳିକାର ଏକ ଅଂଶ, ଯାହାକି ସତ୍ୟଯୁଗର ଆଗମନ ଏବଂ କଳିଯୁଗର ଅବସାନ ଘଟିବା ଉପରେ ଏକ ସମ୍ୟକ ସୂଚନା ପ୍ରଦାନ କରାଯାଇଛି ।

ତେରା ମେରା ରାଜି
କ୍ୟା କରେଗା ପାଜି

ଉଭୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଥିଲେ ବାହାର ଲୋକ କୌଣସି କ୍ଷତି ଘଟାଇପାରି ନ ଥାନ୍ତି । ଉଭୟେ ପରସ୍ପର ପ୍ରତି ସମର୍ଥନ ତଥା ସମ୍ମତି ଜ୍ଞାପନ କରୁଥିବାବେଳେ ସେଠାରେ ଅନ୍ୟର ସମର୍ଥନ ପାଇଁ କୌଣସି ଅପେକ୍ଷା କରିବାର ପ୍ରୟୋଜନ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଜଗଡମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ପାଣିରେ ଭାଙ୍ଗିଗଲା ମାଟିହାଣ୍ଡି ଭେଳା

**କୁମ୍ଭକ୍ଷେତ୍ରରେ ଅଘଟଣ**

**ଫସି ରହିଲେ ୧୫ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ**

ନୀଳଗିରି, ୧।୧ (ପ୍ରଶାନ୍ତ ବିଶ୍ୱାଳ)



ନୂଆବର୍ଷରେ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସିଆଡ଼ିମାଳ ପଞ୍ଚାୟତ ବାବନ୍ଧ ଗ୍ରାମରେ ଥିବା ବୁଗାଳିବନ୍ଧ ଜଳାଶୟ ମଧ୍ୟରେ ପୁଣି ଅଘଟଣ ଘଟିଛି । ଜଳାଶୟ ମଧ୍ୟରେ ଥିବା ଟାପୁ 'କୁମ୍ଭକ୍ଷେତ୍ର'କୁ ସୋମବାର ୧୫ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ମାଟିହାଣ୍ଡି ଭେଳାରେ ଯାଉଥିବା ବେଳେ ହଠାତ୍ ତାହା ଭାଙ୍ଗିଯାଇଥିଲା । ଫଳରେ ପର୍ଯ୍ୟଟକମାନେ ଜଳାଶୟ ମଧ୍ୟରେ ଫସି ରହିଥିଲେ । ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ । ଏହି ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଥିବା ବେଳେ ନୀଳଗିରି ପୋଲିସ, ଜିଲା ଅଗ୍ନିଶମ ବାହିନୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମାରାଣ୍ଡି ଏବଂ ନୀଳଗିରି ତହସିଲଦାର ଦୀପ୍ତିମୟୀ ବେହେରା ଘଟଣାସ୍ଥଳରେ ପହଞ୍ଚି ପର୍ଯ୍ୟଟକମାନଙ୍କୁ ଆଶ୍ୱାସନା ଦେବା ସହ ପରିସ୍ଥିତି ଅନୁଧ୍ୟାନ କରିଥିଲେ ।

ସୂଚନା ଅନୁଯାୟୀ, କୁଲଡ଼ିହା ଅଭୟାରଣ୍ୟ ପାଦଦେଶରେ ବୁଗାଳିବନ୍ଧ କ୍ଷୁଦ୍ର ଜଳାଶୟ ମଧ୍ୟରେ ଥିବା ଟାପୁରେ ବାଲେଶ୍ୱରର ଚିତ୍ରଶିଳ୍ପୀ କେଶୁ ଦାଶ କୁମ୍ଭକ୍ଷେତ୍ର ନାମରେ ଏକ ସଂସ୍ଥା ପ୍ରସ୍ତୁତ କରିଛନ୍ତି । ଉକ୍ତ ଅଞ୍ଚଳରେ ଏକ ପର୍ଯ୍ୟଟନକ୍ଷେତ୍ର ସୃଷ୍ଟି କରି ପାରମ୍ପରିକ କଳା, ସଂସ୍କୃତି, ଚାଲିଚଳଣିକୁ ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ଶିଳ୍ପୀ କେଶୁ ଦାସ କୁଲଡିହା ଅଭୟାରଣ୍ୟ, ସଂରକ୍ଷିତ ଜଙ୍ଗଲ ଓ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା କିଛି ଜାଗାକୁ ଲିଜ୍ ସୂତ୍ରରେ ନେଇ ଏକ ଇକୋ ଟୁରିଜିମ୍ ନିର୍ମାଣ କରିଛନ୍ତି । ଯେଉଁଥିରେ ଜଉକଣ୍ଢେଇଙ୍କ କଳାକୃତି ଦେଖିବା ସହିତ ବିଭିନ୍ନ ଆଦିବାସୀ କଳାକୃତି, ରାତ୍ରିରହଣି ପାଇଁ ଟେଣ୍ଟ ଓ ଏକ ହୋଟେଲ ଖୋଲାଯାଇଛି । ପର୍ଯ୍ୟଟକମାନଙ୍କୁ ମାଟି ହାଣ୍ଡି ଓ ବାଉଁଶରେ ନିର୍ମିତ ଭେଳାରେ ଉକ୍ତ ସ୍ଥାନକୁ ଯିବା ପାଇଁ ପଡ଼ିଥାଏ । ତେବେ ପ୍ରଶାସନଠାରୁ ଅନୁମତି ନ ନେଇ ଗଭୀର ଜଳାଶୟରେ ମାଟିହାଣ୍ଡି ଭଳି ଭେଳାରେ ପର୍ଯ୍ୟଟକଙ୍କୁ କିଭଳି ବିନା କୌଣସି ଲାଇଫ୍ ଜ୍ୟାକେଟରେ ବୁଲିବା ପାଇଁ ଅନୁମତି ଦିଆଯାଉଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେତେକ ପ୍ରକୃତିପ୍ରେମୀ ଏହାକୁ ନିନ୍ଦା କରିବା ସହିତ ଇକୋସେନସିଟିଭ ଜୋନରେ କିପରି ହୋଟେଲ ଓ ରାତ୍ରିରହଣି ଟେଣ୍ଟ ଖୋଲାଯାଉଛି ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଅକାତ କାତ ପାଣିରେ ମାଟିହାଣ୍ଡିରେ ଭେଳା ନିର୍ମାଣ କରି ନୌବିହାର କରାଯାଉଥିଲା । ସେହିପରି ପୂର୍ବରୁ ଥରେ ଉକ୍ତ ଭେଳା ବୁଡ଼ିଥିବା ବେଳେ ପର୍ଯ୍ୟଟକେ ଅଳ୍ପକେ ରକ୍ଷା ପାଇଯାଇଥିଲେ । ଲୋକଙ୍କ ମଧ୍ୟରେ ସାହସ ଯୋଗାଇବା ପାଇଁ ଏହି ହାଣ୍ଡି ଭେଳାରେ ନୀଳଗିରି ବ୍ଲକ ଓ ଜିଲା ପ୍ରଶାସନର ୨ ଅଧିକାରୀ ବିନା ସେଫ୍ଟି ଜ୍ୟାକେଟରେ ନୌବିହାର କରି ଏହାକୁ ପ୍ରଶ୍ରୟ ଦେଇଥିଲେ । ଜିଲାପାଳ ଉକ୍ତ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

**ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ**

# ଉଦ୍‌ଘାଟନ ପୂର୍ବରୁ ସମାଲୋଚନା

- **ନିର୍ବାଚନ ପରାଜୟ ଆଶଙ୍କା ଘାରୁନି ତ: ନରସିଂହ**
- **ଏହା ଏକ ନିର୍ବାଚନୀ ପ୍ରଚାର ମାତ୍ର: ମୁକେଶ**

ବଲାଙ୍ଗୀର, ୧।୧ (ବୀରେନ୍ଦ୍ର କୁମାର ଝାଙ୍କର)

ଜାନୁୟାରୀ ୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀର ଜିଲା ଗସ୍ତରେ ଆସି ବହୁ ପ୍ରତୀକ୍ଷିତ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଉଦ୍‌ଘାଟନ କରିବେ । ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ତେବେ ଏହି ଚର୍ଚ୍ଚିତ ଜଳସେଚନ ପ୍ରକଳ୍ପର ଉଦ୍‌ଘାଟନକୁ ନେଇ ଜିଲାର ୨ ବିଧାୟକ କେତୋଟି ପ୍ରଶ୍ନ ପଚାରିବା ପରେ ସମଗ୍ର ଘଟଣାକ୍ରମ ପୁଣି ଥରେ ଚର୍ଚ୍ଚାକୁ ଆସିଛି ।

ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ସୋମବାର ଗଣମାଧ୍ୟମରେ ପ୍ରଶ୍ନ କରିଛନ୍ତି ଯେ, ସୁକ୍‌ତେଲ ଡ୍ୟାମ୍‌ରେ ଏବେ ପାଣି ନାହିଁ । ଚାଷୀଙ୍କ ଜମିକୁ ଦେବାକୁ ପ୍ରକଳ୍ପରେ ପାଣି ନାହିଁ । କିନ୍ତୁ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପର ଉଦ୍‌ଘାଟନ କରିବାକୁ ଯାଉଛନ୍ତି । ଏଥିରୁ ଜଣାପଡୁଛି ଯେ, ମୁଖ୍ୟମନ୍ତ୍ରୀ ବୋଧେ ବିଚଳିତ । ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଏହାକୁ ଉଦ୍‌ଘାଟନ କରିବାକୁ କେହି ମନା କରୁନାହିଁ । ନିର୍ବାଚନ ପାଖେଇ ଆସିବା ବେଳକୁ ଯେଉଁ ପ୍ରକଳ୍ପ ପୂର୍ବରୁ ଉଦ୍‌ଘାଟନ ସରିଛି ତାକୁ ମଧ୍ୟ ପୁଣି ଥରେ ଉଦ୍‌ଘାଟନ କରୁଛନ୍ତି । ଏଥିରୁ କ'ଣ ଜଣାପଡୁଛି । ପ୍ରକଳ୍ପ ସମ୍ପୂର୍ଣ୍ଣ ନ ହୋଇ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ ଅର୍ଥ ସେ ଛାନିଆ ହେଉନାହାନ୍ତି ତ, ତାଙ୍କୁ ନିର୍ବାଚନ ପରାଜୟ ଆଶଙ୍କା ଘାରୁନି ତ ବୋଲି ସେ ପ୍ରଶ୍ନ କରିଛନ୍ତି ।

ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମଧ୍ୟ ଗଣମାଧ୍ୟମରେ ନିଜ ପ୍ରତିକ୍ରିୟା ରଖି ପ୍ରକଳ୍ପ ସମ୍ପୂର୍ଣ୍ଣ ନହୋଇ ଏହାର ଉଦ୍‌ଘାଟନକୁ ନେଇ ମୁଖ୍ୟମନ୍ତ୍ରୀ ତରତର ହେବାକୁ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି ଯେ, ଲୋୟର ସୁକ୍‌ତେଲ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇନାହିଁ । ଏବେ ଡ୍ୟାମ୍‌ରେ ପାଣି ନାହିଁ । ଏଠାରେ କେନାଲ କାମ କେବେ ସରିବ ତାର ଡିପିଆର୍ ମଧ୍ୟ ପ୍ରସ୍ତୁତ ହୋଇନାହିଁ । କେବଳ ନିର୍ବାଚନୀ ପ୍ରଚାର ପାଇଁ ଏହାର ଲୋକାର୍ପଣ କରିବେ ବୋଲି ସେ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଯେଉଁ ଅଞ୍ଚଳର ଲୋକମାନେ ସେମାନଙ୍କ ଭିଟାମାଟି ଛାଡିଲେ ସେଇ ଅଞ୍ଚଳର ଅନେକ ଗାଁକୁ ପାଣି ମାଡୁନାହିଁ । ଏଣୁ ସେଠାକୁ କିଭଳି ପାଣି ମାଡିବ ତା'ର ବ୍ୟବସ୍ଥା କରିବାକୁ ସେ କହିଛନ୍ତି । ସୁକ୍‌ତେଲ ପ୍ରକଳ୍ପ ଉଦ୍‌ଘାଟନ ପୂର୍ବରୁ ବଲାଙ୍ଗୀର ବିଧାୟକ ମିଶ୍ର ଓ ଲୋଇସିଂହା ବିଧାୟକ ଡ ମହାଲିଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଓ ଉଦ୍‌ଘାଟନକୁ ନେଇ ସିଧା ପ୍ରଶ୍ନ କରିବା ନୂଆ ବିତର୍କ ସୃଷ୍ଟି କରିଛି । ଆସନ୍ତା ୩ ତାରିଖରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଆସି ଜିଲାବାସୀଙ୍କୁ ଲୋୟର ସୁକ୍‌ତେଲ ପ୍ରକଳ୍ପ ଉଦ୍‌ଘାଟନ କରି ଯେଉଁ ନୂଆବର୍ଷ ଭେଟି ଦେବା କାର୍ଯ୍ୟକ୍ରମ ରହିଛି ତାକୁ ନେଇ ସିଧା ପ୍ରଶ୍ନ ଉଠାଇଛନ୍ତି ।

୨୦୦୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋୟର ସୁକ୍‌ତେଲ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାକୁ ପ୍ରାୟ ୨୩ବର୍ଷ ସମୟ ଲାଗିଯାଇଛି । ଯେଉଁ ସ୍ଥାନରେ ମୁଖ୍ୟମନ୍ତ୍ରୀ ଲୋୟର ସୁକ୍‌ତେଲ ପ୍ରକଳ୍ପ ଉଦ୍‌ଘାଟନ କରିବାକୁ ଆସନ୍ତା ୩ ତାରିଖ ଆସିବେ ଆଜକୁ ୨୩ବର୍ଷ ତଳେ ଲୋକଙ୍କ ପ୍ରବଳ ବିରୋଧ ଯୋଗୁ ସେହି ସ୍ଥାନରେ ଶିଳାନ୍ୟାସ କରି ନ ପାରି ସେଠାରୁ ପ୍ରାୟ ୫ କିଲୋମିଟର ଦୂର ବାନ୍ଧନଘୋର ପଡିଆରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ହେଲେ କାମ ଆରମ୍ଭ ହୋଇ ନ ଥିଲା । ୨୦୦୫ ମସିହାରେ ତତ୍କାଳୀନ ଲୋଇସିଂହ ବିଧାୟକ ତଥା ଏବର ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ସ୍ଲିପ୍‌ୱେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହାପରେ ମଧ୍ୟ ଡ୍ୟାମ୍ ବିରୋଧୀଙ୍କ ପ୍ରତିରୋଧ ଯୋଗୁ ଏହି ପ୍ରକଳ୍ପ ଦୀର୍ଘ ୨୩ ବର୍ଷ ଧରି ଅତି ମନ୍ଥର ଗତିରେ ଚାଲିଥିଲା । ତେବେ ଶେଷ ଦୁଇବର୍ଷରେ ଏହି ପ୍ରକଳ୍ପ କାମ କ୍ଷୀପ୍ରତର ହୋଇଥିଲା । ଏହି ପ୍ରକଳ୍ପରେ ୨୯ଟି ଗାଁ ପ୍ରଭାବିତ ହୋଇଛି । ଏହି ୨୯ଟି ଗାଁର ପ୍ରାୟ ୭ ହଜାର ପରିବାର ଜୀବନ ଜୀବିକା, ଭିଟାମାଟି ହରାଇଛନ୍ତି ଏବଂ ଅନ୍ୟ ୫ ହଜାର ପରିବାରଙ୍କ କେବଳ ଭିଟାମାଟି ପ୍ରଭାବିତ ହୋଇଛି ।

# ରାଜଧାନୀବାସୀଙ୍କୁ ରାତିଅଧିଆ ସ୍ୱପ୍ନ ଦେଖାଉଛନ୍ତି ସରକାର: ଭାଜପା

ଭୁବନେଶ୍ୱର, ୧।୧ (ସୁନିତ୍ ମିଶ୍ର)

ରାଜ୍ୟ ସରକାର ଓ ଶାସକ ଦଳ ନେତାମାନେ ରାତିଅଧିଆ ଅବାସ୍ତବ ସ୍ୱପ୍ନ ଦେଖି ଦେଇ ଭୁବନେଶ୍ୱର ତଥା ରାଜ୍ୟବାସୀଙ୍କୁ ବୁଝାଇବା ପାଇଁ ଚେଷ୍ଟା କରୁଛନ୍ତି । ବିକାଶ ନୁହେଁ, ରାଜଧାନୀବାସୀଙ୍କୁ ରାଜ୍ୟ ସରକାର ଗୋଲାପୀ ଚିତ୍ର ଓ ନିର୍ବାଚନ ଭେଳିକି ଦେଖାଉଛନ୍ତି । ମେଟ୍ରୋ ଟ୍ରେନ ପାଇଁ ବଜେଟ୍‌ରେ ରାଜ୍ୟ ସରକାର କୌଣସି ଆର୍ଥିକ ବ୍ୟବସ୍ଥା କରିନାହାନ୍ତି । ଶାସକ ଦଳର ନୂଆ ନେତା 'ଖୁଣ୍ଟ' ଓ 'ଷ୍ଟେଶନ' ଗଣିଦେଲେ ମେଟ୍ରୋ ହୁଏ ନାହିଁ । ତାହା ପାଇଁ ଠିକ ଯୋଜନା ଏବଂ ଆବଶ୍ୟକୀୟ ଟଙ୍କା ଜରୁରୀ । ମେଟ୍ରୋ ପାଇଁ ପ୍ରଥମେ ଯୋଜନା କରି ବ୍ୟୟବରାଦ କରନ୍ତୁ । ନିର୍ବାଚନ ପରିପ୍ରେକ୍ଷୀରେ ଅତୀତରେ ଅନେକ ଯୋଜନାର ଶୁଭାରମ୍ଭ ଏ ସରକାର କରିଥିଲେ, ଯାହା ପରବର୍ତ୍ତୀ ସମୟରେ 'ମହାଆଡ଼ମ୍ବରରେ ଲଘୁ କ୍ରିୟା' ସଦୃଶ ହୋଇ ରହିଗଲା । ପ୍ରଚାରସର୍ବସ୍ୱ ସରକାର ନିର୍ବାଚନ ଭେଳିକି ଭୁବନେଶ୍ୱର ତଥା ରାଜ୍ୟବାସୀଙ୍କୁ ଦେଖାଇବାରୁ କ୍ଷାନ୍ତ ରୁହନ୍ତୁ ବୋଲି ଭାଜପା ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ କହିଛନ୍ତି ।

**ପ୍ରଥମ ପୃଷ୍ଠାରୁ...**

## ଆବାସ ହିତାଧିକାରୀଙ୍କୁ...

ମାତ୍ର ୫୭୩ ଜଣ ହିତାଧିକାରୀ ଏହି ଯୋଜନାରେ ବ୍ୟାଙ୍କରୁ ଟଙ୍କା ପାଇଛନ୍ତି । ରାଜ୍ୟର ସର୍ବମୋଟ୍ ୨୫୯୯ ଜଣ ହିତାଧିକାରୀଙ୍କ ନାମ ମଞ୍ଜୁରୀ ତାଲିକାରେ ରହିଛି । ଏଥିରୁ ଏହି ଯୋଜନାର ସଫଳତା କଥା ଜଣାପଡୁଛି । ସେହିପରି କେନ୍ଦ୍ରର ଆବାସ ଯୋଜନାକୁ ରାଜ୍ୟ ସରକାର ନିଜ ଲୋଗୋ ଜରିଆରେ ପ୍ରଚାର କରୁଥିବା ଅଭିଯୋଗରେ କେନ୍ଦ୍ର ସରକାର ଏହି ଯୋଜନାକୁ ପ୍ରାୟ ୨ ବର୍ଷ ୨୦୨୦-୨୧ ଏବଂ ୨୦୨୨-୨୩ରେ ବନ୍ଦ ରଖିଲେ । ପ୍ରଥମେ କେନ୍ଦ୍ର ସରକାର ୨୦୨୧ ମସିହାରେ ରାଜ୍ୟକୁ ୮ ଲକ୍ଷ ୧୭ ହଜାର ପକ୍କାଘର ଲାଗି ମଞ୍ଜୁରୀ ଦେଲେ । ଏହାପରେ ସେଥିରୁ ୩୦ ହଜାର ହିତାଧିକାରୀଙ୍କୁ ପୁଣି ବାଦ୍ ଦେଲେ । ଏହାପରେ ୨୦୨୨ ମସିହାରେ ଫନୀ କ୍ଷତିଗ୍ରସ୍ତଙ୍କ ଲାଗି ଲକ୍ଷେ ୪୨ ହଜାର ଘର ଦେବାକୁ ମଞ୍ଜୁରୀ ଦେଲେ । ହେଲେ ସେଥିରୁ ୪୦ ହଜାର ହିତାଧିକାରୀ ଘର ପାଇପାରିଲେ ନାହିଁ, ସେହି ଟଙ୍କା ଫେରିଗଲା । ଏହିପରି ବର୍ତ୍ତମାନ ସୁଦ୍ଧା ୮ ଲକ୍ଷ ୮୮ ହଜାର ୭୭୮ଟି ଘର ରାଜ୍ୟ ସରକାରଙ୍କୁ ଦେବାକୁ ମଞ୍ଜୁରୀ ମିଳିଛି । ହେଲେ ସମୟ ଭିତରେ ଯଦି ହିତାଧିକାରୀମାନେ ଘର ନିର୍ମାଣ ନ ସାରନ୍ତି ତେବେ ମଧ୍ୟ ସେମାନଙ୍କ ଟଙ୍କା ଫେରିଯିବା ଭୟ ରହିଛି । ଅନ୍ୟପଟେ ରାଜ୍ୟରେ ଯେତିକି ଶ୍ରମିକ ଅଛନ୍ତି, ଏକକାଳୀନ ବର୍ଷକୁ ୫ ଲକ୍ଷ ଆବାସ ଘର ହୋଇପାରିବ ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି । ହେଲେ ଏସବୁ ଭିତରେ ୨୦୨୪ ସାଧାରଣ ନିର୍ବାଚନକୁ ଆଉ ସମୟ ବେଶି ନ ଥିବାରୁ ଆବାସ ତାଲିକାରୁ ବାଦ୍ ପଡ଼ିଥିବା ବା ପକ୍କାଘର ପାଇବାରୁ ବଞ୍ଚିତ ଥିବା ୧୫ ଲକ୍ଷ ଘର କିପରି ରାଜ୍ୟ ସରାକର ଦେବେ ତାହା ଏକ ବଡ଼ ସମସ୍ୟା ପାଲଟିଛି । ମୋ ଘର ଯୋଜନା କାମ ଦେଉ ନ ଥିବାବେଳେ ଏପଟେ ଯଦି ସରକାର ନିଜସ୍ୱ ବିଜୁ ପକ୍କାଘର ଯୋଜନାରେ ଘର ଦେବାକୁ ଚେଷ୍ଟା କରନ୍ତି ତେବେ ସମସ୍ୟା ଆହୁରି ଜଟିଳ ହୋଇଯିବା ସମ୍ଭାବନା ଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି ।

ପଞ୍ଚାୟତିରାଜ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ କହିଛନ୍ତି, ଏସ୍‌ଇସିସି ସର୍ଭେ ଅନୁଯାୟୀ ପ୍ରାୟ ଲକ୍ଷେ ଲୋକ ଘର ପାଇନାହାନ୍ତି । ତା'ଠାରୁ ମଧ୍ୟ ଅଧିକ ଲୋକ ଅଛନ୍ତି, ଯେଉଁମାନେ ଘର ପାଇବାରୁ ବଞ୍ଚିତ ଅଛନ୍ତି । ସେମାନଙ୍କ କ୍ଷେତ୍ରରେ ଆଉ ଥରେ ସର୍ଭେ କରାଯିବ । କେନ୍ଦ୍ର ସରକାର ତାଙ୍କ ସର୍ତ୍ତାବଳୀ ବଦଳାଇବେ କି କ'ଣ କରିବେ ସେମାନେ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି ।

## ବାରିପଦା ଜେଲ୍‌ରେ...

ବ୍ୟବଚ୍ଛେଦ ପୂର୍ବରୁ ପରିବାର ଲୋକେ ପହଞ୍ଚି ରବିଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରି ନ ଥିଲେ । ମୃତଦେହ ବ୍ୟବଚ୍ଛେଦ କରିବାକୁ ନ ଦେଇ ଉତ୍ତ୍ୟକ୍ତ ଲୋକେ ଜେଲ ସମ୍ମୁଖ ରାସ୍ତାକୁ ଅବରୋଧ କରିଥିଲେ । ରେଡକ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାର ବର୍ଗଙ୍କୁ ୧୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ ସହିତ ଶବ ସତ୍କାର ନିମନ୍ତେ ଜେଲ କର୍ତ୍ତୃପକ୍ଷ ସହାୟତା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ଉଲ୍ଲେଖଯୋଗ୍ୟ,ଗତ ୨୦ ତାରିଖରେ ମଦ କାରବାର ଅଭିଯୋଗରେ ବାରିପଦା ସଦର ମହୁଲିଆ ଅଞ୍ଚଳର ରବିଙ୍କୁ ଅବକାରୀ ବିଭାଗ ଗିରଫ ପରେ କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା । ତେବେ ବାରିପଦା ମଣ୍ଡଳ କାରାଗାରରେ ୧୦ଦିନ ରହିବା ପରେ ତାଙ୍କର ହଠାତ ମୃତ୍ୟୁ ହେବା ନେଇ ସନ୍ଦେହ ପ୍ରକାଶ ପାଇଛି । ମୃତ୍ୟୁର କାରଣ ଜଣାପଡ଼ି ନ ଥିବାରୁ ପରିବାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ରିପୋର୍ଟ ଲେଖା ହେବା ସୁଦ୍ଧା ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ ।

## ଜାନୁୟାରୀରେ ଶୀତ...

ସୂଚନା ଜାରି କରିଛି । ୨ ତାରିଖରେ କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ସୋନପୁର, କୋରାପୁଟ, ବଲାଙ୍ଗିର, ବୌଦ୍ଧ, ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼, କଟକ ଓ ଜଗତ୍‌ସିଂହପୁର ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡି ହେବାର ସମ୍ଭାବନା ରହିଛି । ସେହିଭଳି ୩ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳରେ ଘନକୁହୁଡ଼ି ଅନୁଭୂତ ହେବ । ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି । ସେପଟେ ସୋମବାର କୋରାପୁଟରେ ସର୍ବନିମ୍ନ ୭.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

## ଏକ୍ସପୋସାଟ୍ କକ୍ଷପଥରେ...

୨୫ ଘଣ୍ଟାର ଅବଗଣନା ପରେ ୪୪.୪ ମିଟର ଲମ୍ବ ରକେଟ ଏକ୍ସପୋସାଟ୍‌କୁ ନେଇ ମହାକାଶକୁ ଯାଇଥିଲା । ମହାକାଶର ଅତ୍ୟଧିକ ଏକ୍ସ-ରେ' ଉତ୍ସର ଧ୍ରୁବୀକରଣ ଉପରେ ଅନୁଧ୍ୟାନ କରିବା ଏହି ସାଟେଲାଇଟ୍‌ର ଲକ୍ଷ୍ୟ । ମହାକାଶୀୟ ଉତ୍ସଗୁଡ଼ିକର ବିକିରଣ ବ୍ୟବସ୍ଥା ଏବଂ ଜ୍ୟାମିତିକୁ ଅଧ୍ୟୟନ କରିବାରେ ଏକ୍ସ-ରେ' ପୋଲାରାଇଜେଶନ ଗୁରୁତ୍ୱପୂର୍ଣ୍ଣ ଉପକରଣ ଭାବେ କାର୍ଯ୍ୟ କରିବ । ଏକ୍ସପୋସାଟ୍ କକ୍ଷପଥରେ ଅବସ୍ଥାପିତ ହେବା ପରେ ବୈଜ୍ଞାନିକମାନେ ପିଓଇଏମ୍ ଅଭିଜ୍ଞତା ପାଇଁ କକ୍ଷ ଅବନତି ମ୍ୟାନେଭର କରାଇ ଏହାର କକ୍ଷକୁ ୩୫୦ କିଲୋମିଟର ଉଚ୍ଚତାକୁ ହ୍ରାସ କରିଥିଲେ । ଏହି ଅବସରରେ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ ସମସ୍ତଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି । ପୂର୍ବରୁ ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା୨୦୨୧ ଡିସେମ୍ବରରେ ଅନୁରୂପ ଭାବେ ଇମେଜିଂ ଏକ୍ସ-ରେ' ପୋଲାରାଇମେଟ୍ରି ଏକ୍ସପ୍ଲୋରର ମିଶନ କରିଥିଲା । ୨୦୨୪ ଆରମ୍ଭରେ ଇସ୍ରୋର ଏହି ସଫଳ ଉତ୍କ୍ଷେପଣକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୈଜ୍ଞାନିକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେମାନେ ୨୦୨୪ର ବଡ଼ ଅୟମାରମ୍ଭ କରିଥିବା ମୋଦି କହିଛନ୍ତି । ମହାକାଶ କ୍ଷେତ୍ରରେ ଏହା ଭାରତର କ୍ଷମତା ବଢ଼ାଇବ ବୋଲି ସେ ମତ ଦେଇଛନ୍ତି । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ଇସ୍ରୋର ସଫଳ ଏକ୍ସପୋସାଟ୍ ଉତ୍କ୍ଷେପଣକୁ ପ୍ରଶଂସା କରିଛନ୍ତି । ଏଭଳି ସଫଳ ମିଶନ ଜନସାଧାରଣଙ୍କ ମଧ୍ୟରେ ବୈଜ୍ଞାନିକ ସ୍ୱଭାବକୁ ଅନ୍ତର୍ନିବେଶ କରାଇବ ବୋଲି ଖାର୍ଗେ କହିଛନ୍ତି ।

## ଦାମ ରାଉତଙ୍କ ଉପରୁ...

ଉପରୁ ନିଲମ୍ବନ ପ୍ରତ୍ୟାହାର କରାଯିବାପରେ ପାରାଦୀପ, ଏରସମା ଓ ତିର୍ତ୍ତୋଲର ବିଜେଡି କର୍ମୀମାନେ ବାଣ ଫୁଟାଇବା ସହ ମିଠା ବାଣ୍ଟି, ଶୋଭାଯାତ୍ରା କରିଛନ୍ତି । ସୂଚନାଯୋଗ୍ୟ, ଦଳ ବିରୋଧୀ କାର୍ଯ୍ୟ ଦର୍ଶାଇ ୨୦୧୮ ସେପ୍ଟେମ୍ବର ୧୨ରେ ଡାକ୍ତର ରାଉତଙ୍କୁ ବିଜୁ ଜନତା ଦଳରୁ ବହିଷ୍କାର କରାଯାଇଥିଲା । ପରେ ଦାମ ଭାଜପାରେ ଯୋଗଦେଇ ୨୦୧୯ରେ ଏରସମା-ବାଲିକୁଦା ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ । ଏହାର କିଛି ମାସ ପରେ ସେ ଭାଜପାରୁ ଇସ୍ତଫା ଦେଇ ବିଜେଡିକୁ ଫେରିବାର ବାଟ ଚାହିଁ ବସିଥିଲେ ।

ଏହି ଅବସରରେ କୁଜଙ୍ଗ ପଞ୍ଚାୟତ ସଭାଗୃହରେ ବ୍ଲକ ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏଥିରେ ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡ଼ା ଅଧ୍ୟକ୍ଷତା କରିଥିଲେ । ଏମ୍‌ପି ରାଜଶ୍ରୀ ମଲ୍ଲିକଙ୍କ ପ୍ରତିନିଧି ସୁଡଳ ସ୍ୱାଇଁ ଏଥିରେ ଯୋଗଦେଇ କହିଥିଲେ, ଦାମବାବୁ ସର୍ବଦା ପାରାଦୀପ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପାଇଁ ଶକ୍ତିର ଉତ୍ସ ଥିଲେ ଓ ରହିଥିବେ । ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ କହିଥିଲେ, ଦାମବାବୁଙ୍କୁ ଦଳକୁ ଫେରାଇଆଣିବା ଆଗାମୀ ନିର୍ବାଚନରେ ଦଳ ପାଇଁ ସହାୟକ ହେବ । ଏନେଇ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ କୃତଜ୍ଞତା ଜଣାଯାଇଥିଲା । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଯୁବନେତା ଶୁଭ୍ରକାନ୍ତ ସାମନ୍ତରାୟ, ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ମାନଭଞ୍ଜନ ମଲ୍ଲ, ସରପଞ୍ଚ ଧ୍ରୁବ ଚରଣ ନାୟକ, ସଂଗ୍ରାମ ରାଉତରାୟ, ବ୍ଲକ ଯୁବ ବିଜେଡି ସଭାପତି ଅରୁ ପ୍ରସାଦ ମହାନ୍ତି, ପ୍ରଭାସ ଗୋଚ୍ଛାୟତ, ପୂର୍ବତନ ସମିତି ସଭ୍ୟ କବିରଞ୍ଜନ ବେହେରା, ପ୍ରହ୍ଲାଦ ସ୍ୱାଇଁଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

## ପରିବହନ କ୍ଷେତ୍ରରେ...

ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ନିରାମୟ ଉପଦେଷ୍ଟା ରଞ୍ଜନ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ମେଟ୍ରୋରେଳ ପ୍ରକଳ୍ପର ଶିଳାନ୍ୟାସ ନିମନ୍ତେ ମୁଖ୍ୟମନ୍ତ୍ରୀ ରୋଡ୍ ଶୋ'ରେ ନବୀନ ନିବାସରୁ ବାହାରି ବିମାନବନ୍ଦର ଛକରୁ ସଚିବାଳୟ ମାର୍ଗ, କ୍ୟାପିଟାଲ ହସ୍‌ପିଟାଲ୍ ଛକ, ଜୟଦେବ ବିହାର ଛକ, ରେଳ ସଦନ, ପଟିଆ, କିଟ୍ ଛକ, ନନ୍ଦନକାନନ ରାସ୍ତା ଦେଇ ତ୍ରିଶୂଳିଆ ଯିବା ବେଳେ ଲୋକଙ୍କୁ ଭେଟି ଶୁଭେଚ୍ଛା ଗ୍ରହଣ କରିଥିଲେ ।

### ମେଟ୍ରୋରେଳ ପ୍ରକଳ୍ପ ସୂଚନା

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୩ଏପ୍ରିଲ ୧ରେ ରାଜ୍ୟର ପ୍ରଥମ ମେଟ୍ରୋ ରେଳ ପ୍ରକଳ୍ପ ନେଇ ଘୋଷଣା କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିମାନବନ୍ଦରରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ୨୬ କିଲୋମିଟର ମେଟ୍ରୋ ରେଳ ଲାଇନ ନିର୍ମାଣ ହେବ । ଏଥିରେ ବିମାନବନ୍ଦର, କ୍ୟାପିଟାଲ ହସ୍‌ପିଟାଲ, ରାଜମହଲ୍, ବାଣୀବିହାର, ଆଚାର୍ଯ୍ୟ ବିହାର, ଜୟଦେବ ବିହାର, ପଟିଆ ସମେତ ୨୦ଟି ଷ୍ଟେଶନ ରହିବ । ଏହି ପ୍ରକଳ୍ପ ଆଗାମୀ ୪ବର୍ଷ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏଥିପାଇଁ ୬,୨୫୫ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେଶନ ମେଟ୍ରୋରେଳ ପ୍ରକଳ୍ପର ଡିପିଆର ପ୍ରସ୍ତୁତ କରିଛି । ଏଥିପାଇଁ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେଶନ ଓ ଦିଲ୍ଲୀ ମେଟ୍ରୋରେଳ କର୍ପୋରେଶନ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିବେ । ବୁଧ ସହ ଶୁକ୍ର ସଂଯୋଗରୁ ସନ୍ତାନ ସନ୍ତତିଙ୍କ ଯୋଗୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ । ବ୍ୟୟ ବୃଦ୍ଧିଜନିତ ଅର୍ଥସଙ୍କଟରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଆନୁଷ୍ଠାନିକ କାମରେ ମୁଖ୍ୟ ଭୂମିକା ନିର୍ବାହକରି ସମ୍ମାନ ଲାଭ ସହ ପ୍ରଶଂସିତ ହୋଇପାରନ୍ତି ।

**ବୃଷ** – ଶୁକ୍ରଙ୍କ ପ୍ରଭାବରୁ ବିଳାସପ୍ରିୟ ହେବେ ଓ ବୈଷୟିକ ସୁଖ, ସମୃଦ୍ଧି ଦିଗରେ ମନ ବଳାଇପାରନ୍ତି । କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ । ପରିଜନଙ୍କ ସହ ଭ୍ରମଣ ଯୋଗୁ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ । ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତ ବୋଧ କରିପାରନ୍ତି ।

**ମିଥୁନ** – ଷଷ୍ଠାଧିପତିଙ୍କ କ୍ଷେତ୍ରରେ ରାଶ୍ୟାଧିପ ବୁଧଙ୍କ ସ୍ଥିତି ରୋଗ, ଋଣ ଓ ଶତ୍ରୁତା ବୃଦ୍ଧି କରିବ । ଶାରୀରିକ କ୍ଲେଶ ଓ ତର୍କବିତର୍କରୁ ମନାନ୍ତର ଆଶଙ୍କା ସୃଷ୍ଟି ହେବ । ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ ଏବଂ ଅଟକି ରହିଯାଇଥିବା କାର୍ଯ୍ୟ ତ୍ୱରାନ୍ୱିତ ହେବ । ବ୍ୟବସାୟ, ପରିବହନରେ ରହିଥିବା ସମସ୍ୟା ସହଜରେ ସମାଧାନ ହୋଇଯିବ ।

**କର୍କଟ** – ଧନ ସ୍ଥାନସ୍ଥ ଚନ୍ଦ୍ରଙ୍କ ପ୍ରତି ଦୁଃସ୍ଥାନସ୍ଥ ଶନିଙ୍କ ଦୃଷ୍ଟି ହେତୁ ଅର୍ଥାଭାବ କିମ୍ବା ତଜ୍ଜନିତ ସମସ୍ୟା ଦେଖାଦେଇପାରେ । ମାନସିକ ଅସ୍ଥିରତା ମଧ୍ୟରେ କାମ କରିବାକୁ ବାଧ୍ୟହେବେ । ସ୍ତ୍ରୀଙ୍କ ପରାମର୍ଶ ଅନୁସାରେ କାମ କଲେ ସମସ୍ୟା ସମାଧାନ ହୋଇପାରିବ । ସଭାସମିତି, ସଙ୍ଗଠନ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିପାରେ ।

**ସିଂହ** – ଚନ୍ଦ୍ରଙ୍କ ପ୍ରତି ଶୁଭଗ୍ରହ ଦୃଷ୍ଟିରୁ ଉନ୍ନତ ଚିନ୍ତା ଓ ସୁପରିକଳ୍ପିତ ଯୋଜନାକୁ ବାସ୍ତବମୁଖୀ କରାଇବାରେ ସମର୍ଥ ହେବେ । ଫାଇଲ୍ କାମ ବୃଦ୍ଧି ଯୋଗୁ ଘରକଥା ବୁଝିବାକୁ ସମୟ ପାଇବେ ନାହିଁ । ଆବଶ୍ୟକତା ପୂରଣ ଲାଗି ଧାର ଉଧାର କରିବାକୁ ପଡ଼ିପାରେ । ସାହିତ୍ୟ ଚର୍ଚ୍ଚା, ଗବେଷଣା, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ ।

**କନ୍ୟା** – ପାପଗ୍ରହଙ୍କ କୁପ୍ରଭାବରୁ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡ଼ିବେ ଏବଂ ବୁଧ ପ୍ରଭାବରୁ ବିବାଦୀୟ ହୋଇପାରନ୍ତି । ବ୍ୟବସାୟ ବାଣିଜ୍ୟ ଏବଂ ବୃତ୍ତିଗତ ଧନ୍ଦାରେ କେତେକ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ । ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ । ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି ।

**ତୁଳା** – ଅନୁକୂଳ ଗ୍ରହ ପ୍ରଭାବରୁ ସମସ୍ୟା ସମାଧାନ ହେବା ସାଙ୍ଗକୁ ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହେବ । ଅଯଥା କାମରେ ମୁଣ୍ଡ ପୂରାନ୍ତୁ ନାହିଁ । ପରିବାରରେ ଜମିଜମା କିମ୍ବା ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ । ବ୍ୟବସାୟିକ ସ୍ଥିତି ବହୁତ ଭଲ ରହିବ ଏବଂ ଆନୁଷ୍ଠାନିକ କାମରେ ମଧ୍ୟ ପ୍ରଶଂସା ମିଳିବ ।

**ବିଛା** – ଶାରୀରିକ ଏବଂ ମାନସିକ ସ୍ଥିତି ଭଲ ରହିବା ସହ କୌଣସି କର୍ମାରମ୍ଭ କରିପାରନ୍ତି । ଯାତ୍ରା, ବାଣିଜ୍ୟ, ରଚନାତ୍ମକ କାର୍ଯ୍ୟ ଓ ଜମିଜମା କାରବାର ପାଇଁ ଦିନଟି ଭଲ । ସମ୍ପର୍କର ଦୂରତ୍ୱ ବଢ଼ିଯାଇଥିବାରୁ ଭଲ କଥା କହିଲେ ମଧ୍ୟ ବନ୍ଧୁ ଭୁଲ୍ ଦୃଷ୍ଟିକୋଣରୁ ବିଚାରକରିବେ । ଅଭାବ ଅସୁବିଧା ରହିବ ନାହିଁ ଏବଂ ଭ୍ରମଣ ଓ ବନ୍ଧୁମିଳନରୁ ଖୁସି ରହିବେ ।

**ଧନୁ** – ରାଶିରେ ମଙ୍ଗଳଜନିତ ଆପଣ ଧୈର୍ଯ୍ୟଶୀଳ ହେବେ କିନ୍ତୁ ବିଶେଷ ଭ୍ରମଣ ଓ ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ । ବନ୍ଧୁଙ୍କ ସହାୟତାରେ ବକେୟା ଆଦାୟରେ ସକ୍ଷମ ହେବେ । ପରିବାରରେ ସୁଖଶାନ୍ତି ରାଜୁତିକରିବ । କାର୍ଯ୍ୟଦକ୍ଷତାକୁ ନେଇ ପଡ଼ୋଶୀ ଭୂରି ଭୂରି ପ୍ରଶଂସା କରିପାରନ୍ତି ।

**ମକର** – ବିଶେଷ କିଛି ଅସୁବିଧା ନ ଥିଲେ ମଧ୍ୟ କୌଣସି ପୁରୁଣା କଥା, ସମସ୍ୟା ଓ ବିବାଦୀୟ କଥା ଚିନ୍ତାକରିବେ । ଆର୍ଥିକ ଉନ୍ନତି ସାଙ୍ଗକୁ ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ସଫଳ ହେବେ । ବାକ୍ ଅସଂଯମ ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ । ଶାରୀରିକ ସୁସ୍ଥତା ଫେରି ଆସିବାରୁ ଆଶ୍ୱସ୍ତି ଲାଭ କରିବେ ।

**କୁମ୍ଭ** – ସ୍ୱଭାବସ୍ଥ ଶନିଶ୍ଚର ହେତୁ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ । ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁଦାୟିତ୍ୱ ବହନକରି ବ୍ୟସ୍ତ ହୋଇପାରନ୍ତି । ଆଦୌ ଭଲ ସମ୍ପର୍କ ନ ଥିବା ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ । ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି ।

**ମୀନ** – ସପ୍ତମସ୍ଥ କେତୁ ପ୍ରଭାବରେ ଯାତ୍ରା, ବାଣିଜ୍ୟ କିମ୍ବା ଅର୍ଥ ସମ୍ପର୍କକୁ ନେଇ ପାରିବାରିକ କ୍ଷେତ୍ରକୁ ଅଶାନ୍ତ କରିପାରେ । ବିଶିଷ୍ଟ ବ୍ୟକ୍ତିଙ୍କ ସମର୍ଥନରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ । ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି । ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି ।

ଆଜି ଜାନୁୟାରୀ ୨ ତାରିଖ, ପୌଷ କୃଷ୍ଣ ଷଷ୍ଠୀ ମଙ୍ଗଳବାର । ରାଶି ନକ୍ଷତ୍ର-ଦିବା ଘ.୧୧।୪୧ ମି. ଗତେ ଉତ୍ତରାଫାଲ୍‌ଗୁନୀ/ସିଂହ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ସକାଳ ଘ.୦୬।୨୫ ଗତେ, ଘ.୦୭।୦୮ ମଧ୍ୟେ, ଘ.୦୯।୦୭ ଗତେ, ଘ.୧୧।୨୮ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ଣ ଘ.୦୨।୩୨ ମି. ଗତେ, ଘ.୦୩।୫୪ ମଧ୍ୟେ ରାହୁକାଳ ।



ଅଲ୍ ନ୍ୟୁଜ୍ ପେପର ସପ୍ଲାୟର୍ସ ସୋସିଆଲ ଆଣ୍ଡ ୱେଲ୍‌ଫେୟାର ଆସୋସିଏଶନର କର୍ମକର୍ତ୍ତାମାନେ ସୋମବାର ଭୁବନେଶ୍ୱର ରସୁଲଗଡ଼ ଶିଳ୍ପାଞ୍ଚଳସ୍ଥିତ ଧରିତ୍ରୀର ମୁଖ୍ୟ କାର୍ଯ୍ୟାଳୟଠାରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀଙ୍କୁ ଭେଟି ନୂଆବର୍ଷ ଶୁଭେଚ୍ଛା ଜଣାଉଛନ୍ତି। ଏହି ଅବସରରେ ଆସୋସିଏଶନ୍‌ର ସରୋଜ କୁମାର ସାହୁ, ପ୍ରହଲ୍ଲାଦ ଜେନା, ଗୋବର୍ଦ୍ଧନ ପାଲ, ରବି ଜେନା, ପ୍ରସନ୍ନ ସାହୁ, ସୁଶାନ୍ତ ନାୟକ, ପି. ସତ୍ୟନାରାୟଣ, କୃଷ୍ଣ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। (ଫଟୋ: ମନୋରଞ୍ଜନ ମିଶ୍ର)

# ଭିମ୍‌ସାରରେ ବିଜୟିନୀଙ୍କ ଏକୋଇଶିଆ ପାଳନ

ସମ୍ବଲପୁର,୧।୧
(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲାରିପାଲି ଜଙ୍ଗଲ ମଧ୍ୟରେ ଥିବା ଏକ ପରିତ୍ୟକ୍ତ ବୋର୍‌ୱେଲରୁ ଗତ ଡିସେମ୍ବର ୧୨ରେ ସୁରକ୍ଷିତ ଉଦ୍ଧାର ହୋଇଥିବା ଶିଶୁକନ୍ୟାର ନୂଆବର୍ଷରେ ନାମକରଣ କରାଯାଇଛି। ଚିକିତ୍ସାଧୀନ ଶିଶୁକନ୍ୟା ସୁସ୍ଥ ହେବା ପରେ ସୋମବାର ଭିମ୍‌ସାର ଏସ୍‌ଏନ୍‌ସିୟୁରେ ଏକୋଇଶିଆ ପାଳନ କରାଯାଇଛି। ଏହି ଅବସରରେ ଶିଶୁକନ୍ୟାକୁ ବିଜୟିନୀ ନାମରେ ନାମକରଣ କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଶିଶୁକନ୍ୟାର ମାତାପିତାଙ୍କ ସମ୍ପର୍କରେ ଜଣାପଡ଼ି ନ ଥିବା ବେଳେ ପୋଲିସ ପକ୍ଷରୁ ଏହାର ତଦନ୍ତ ଜାରି ରହିଛି। ଶିଶୁଟି ସୁସ୍ଥ ହୋଇ ସମ୍ପୂର୍ଣ୍ଣ ବିପଦମୁକ୍ତ ଥିବାବେଳେ ଓଜନ କମ୍ ରହିଛି। ଅନ୍ତତଃ ୨ କେଜି ଓଜନର ହେଲା ପରେ ତାକୁ ଡାକ୍ତରଖାନାରୁ ଛୁଟି ମିଳିବ ବୋଲି ଭିମ୍‌ସାର କର୍ତ୍ତୃପକ୍ଷ କହିଛନ୍ତି। ଶିଶୁକନ୍ୟାର ନାମକରଣ ଉତ୍ସବ ପାଇଁ ଭିମ୍‌ସାର ଏସ୍‌ଏନ୍‌ସିୟୁକୁ ଫୁଲ, ବେଲୁନ ଆଦିରେ ସଜ୍ଜିତ କରାଯାଇଥିଲା। ହୋମ ଓ ପୂଜାର୍ଚ୍ଚନା ସହିତ ବିଧିପୂର୍ବକ ଶିଶୁକନ୍ୟାର ନାମକରଣ କରାଯାଇଛି। ଭିମ୍‌ସାର କର୍ତ୍ତୃପକ୍ଷଙ୍କ ସହିତ ଏସ୍‌ଏନ୍‌ସିୟୁ ବିଭାଗର ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ନର୍ସ ଓ କର୍ମଚାରୀଙ୍କ ଗହଣରେ କେକ୍ କଟାଯାଇ ଉତ୍ସବ ପାଳନ କରାଯାଇଥିଲା। ନିଶ୍ଚିତ ମୃତ୍ୟୁକୁ ପରାସ୍ତ କରିଥିବାରୁ ଶିଶୁକନ୍ୟାର ନାମ ବିଜୟିନୀ ରଖାଯାଇଥିବା ଭିମ୍‌ସାର କର୍ତ୍ତୃପକ୍ଷ କହିଛନ୍ତି।

ଏ ସମ୍ପର୍କରେ ଭିମ୍‌ସାର ଭେଷଜ ବିଶେଷଜ୍ଞ ଡା. ଶଙ୍କର ରାମଚନ୍ଦାନୀ କହିଛନ୍ତି, କନ୍ୟାସନ୍ତାନ ହେଉଛନ୍ତି ସମାଜ ପାଇଁ ଅମୂଲ୍ୟ ରତ୍ନ। ସେମାନଙ୍କୁ ଅଲୋଡ଼ା ଭାବୁଥିବା ଲୋକେ ସମାଜ ପାଇଁ ପ୍ରକୃତରେ ଅଲୋଡ଼ା। ଉଦ୍ଧାର ହୋଇଥିବା ଶିଶୁକନ୍ୟାର କେହି ମାତାପିତା ନ ଥିବାରୁ ସେ ହେଉଛି ଭିମ୍‌ସାରର କନ୍ୟା। ତା'ର ଚିକିତ୍ସାଠାରୁ ଆରମ୍ଭ କରି ସମସ୍ତ ଦାୟିତ୍ୱ ଭିମ୍‌ସାର ନିର୍ବାହ କରୁଥିବା ବେଳେ ସୋମବାର କନ୍ୟାଟି ୨୧ଦିନ ପୂରଣ କରିଛି। ତେଣୁ ଶିଶୁକନ୍ୟାର ଏକୋଇଶିଆ ପାଳନ ସହ ମୃତ୍ୟୁକୁ ଜୟ କରିଥିବାରୁ ତା'ର ନାମ ବିଜୟିନୀ ରଖାଯାଇଛି ବୋଲି ସେ କହିଛନ୍ତି। ଶିଶୁକନ୍ୟାକୁ ଚିକିତ୍ସା କରୁଥିବା ଶିଶୁରୋଗ ବିଶେଷଜ୍ଞ ତଥା ଏସ୍‌ଏନ୍‌ସିୟୁ ଇନ୍‌ଚାର୍ଜ ଡା. ସଂଯୁକ୍ତା ପଣ୍ଡା କହିଛନ୍ତି, ଶିଶୁକନ୍ୟା ମୁମୂର୍ଷୁ ଅବସ୍ଥାରେ ଏସ୍‌ଏନ୍‌ସିୟୁରେ ଭର୍ତ୍ତି ହୋଇଥିଲା। ତେବେ ସେ ଏବେ ସୁସ୍ଥ ହୋଇ ସମ୍ପୂର୍ଣ୍ଣ ବିପଦମୁକ୍ତ ହୋଇପାରିଛି। ମୁଖ୍ୟ ଚିକିତ୍ସକ ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଡା. ସୁବାସ ଚନ୍ଦ୍ର ମାଝି କହିଛନ୍ତି, ଶିଶୁକନ୍ୟାକୁ ସୁରକ୍ଷିତ ଉଦ୍ଧାରଠାରୁ ଆରମ୍ଭ କରି ଭିମ୍‌ସାରରେ ଚିକିତ୍ସା ପର୍ଯ୍ୟନ୍ତ ସହଯୋଗ କରିଥିବା ଜିଲା ପ୍ରଶାସନ, ପୋଲିସ, ଦମକଳ ବାହିନୀ, ଚିକିତ୍ସକ ଦଳ, ସମସ୍ତ ନର୍ସ, ସ୍ୱାସ୍ଥ୍ୟକର୍ମୀ, ଆଟେଣ୍ଡାଣ୍ଟ, କର୍ମଚାରୀ ପର୍ଯ୍ୟନ୍ତ ସମସ୍ତେ ଧନ୍ୟବାଦର ପାତ୍ର। ଆଜି ସେ ସୁସ୍ଥ ହେବା ଦଳଗତ ପ୍ରୟାସର ଫଳ ବୋଲି ସେ କହିଛନ୍ତି।



ଶିଶୁକନ୍ୟାର ଏକୋଇଶିଆ ଓ ନାମକରଣ ଉତ୍ସବ।

# ୬ରୁ 'ବିଏସ୍‌କେୱାଇ ନବୀନ କାର୍ଡ' ଆବେଦନ

ଭୁବନେଶ୍ୱର, ୧।୧
(ଅସମାପିକା ସାହୁ)

- ୧୬ଯାଏ ସଚେତନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ବିଏସ୍‌କେୱାଇରୁ ବଞ୍ଚିତ ଲୋକେ ଆବେଦନ କରିପାରିବେ

'ବିଏସ୍‌କେୱାଇ ନବୀନ କାର୍ଡ' ଲାଗି ଆସନ୍ତା ୬ ତାରିଖରୁ ଅନ୍‌ଲାଇନ ପଞ୍ଜୀକରଣ ଆରମ୍ଭ ହେବ। ୧୬ ତାରିଖ ଯାଏ ଆବେଦନ କରିହେବ। ଅନ୍‌ଲାଇନ୍ ପଞ୍ଜୀକରଣ ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ସୋମବାର ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି।

ଚିଠିରେ ଲେଖାଯାଇଛି, ମୁଖ୍ୟମନ୍ତ୍ରୀ ବିଏସ୍‌କେୱାଇ ନବୀନ କାର୍ଡ ମାଧ୍ୟମରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)କୁ ବ୍ୟାପକ କରିବା ପାଇଁ ଘୋଷଣା କରିଛନ୍ତି। ଯେଉଁମାନେ ବିଏସ୍‌କେୱାଇରେ ଅନ୍ତର୍ଭୁକ୍ତ ହୋଇନାହାନ୍ତି ବା ବିଏସ୍‌କେୱାଇ କାର୍ଡ ପାଇନାହାନ୍ତି ସେମାନେ ନାମ ପଞ୍ଜୀକରଣ କରିପାରିବେ। ସରକାରୀ କର୍ମଚାରୀ, ସରକାରୀ ପେନ୍‌ସନ ଉପଭୋକ୍ତା ଓ କରଦାତାମାନେ ଏଥିଲାଗି ଯୋଗ୍ୟ ବିବେଚିତ ହେବେ ନାହିଁ। ଯୋଗ୍ୟ ବ୍ୟକ୍ତିମାନେ www.bskynabin.odisha.gov.in ପୋର୍ଟାଲରେ ଆବେଦନ କରିପାରିବେ। ଅନ୍‌ଲାଇନ୍‌ରେ କିପରି ଆବେଦନ କରିବେ ସେନେଇ ଲୋକଙ୍କ ମଧ୍ୟରେ ସଚେତନତା କରିବାକୁ କୁହାଯାଇଛି। ଆବେଦନ ପାଇଁ ଉଭୟ ଇଂଲିଶ ଏବଂ ଓଡ଼ିଆ ଫର୍ମ ରହିଛି। ଏଗୁଡ଼ିକ ନିଜ ଜିଲାର ସୋସିଆଲ ମିଡିଆ ହ୍ୟାଣ୍ଡେଲ ଏବଂ ୱେବ୍‌ସାଇଟ୍‌ରେ ଶେୟାର କରିବା ପାଇଁ କୁହାଯାଇଛି। ସେହିଭଳି ଜିଲାସ୍ତରରେ ଏବଂ ଉପଖଣ୍ଡ ସ୍ତରରେ ମିଶନ ଶକ୍ତି, ପଞ୍ଚାୟତିରାଜ ବିଭାଗ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ଗଣଶିକ୍ଷା ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ କରାଯିବ। ଏଥିସହିତ ଗ୍ରାମପଞ୍ଚାୟତ ସ୍ତରରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନତା କରାଯିବ। ଏସବୁ କାର୍ଯ୍ୟକ୍ରମ ପାଇଁ ପ୍ରତ୍ୟେକ ଜିଲା ନିମନ୍ତେ ୧ଲକ୍ଷ ଟଙ୍କା ଦିଆଯିବ। ଯଦି ଅଧିକ ଆବଶ୍ୟକ ପଡ଼େ , ତେବେ ରାଜ୍ୟ ସ୍ୱାସ୍ଥ୍ୟ ଆସ୍ୟୁରାନ୍ସ ସୋସାଇଟିରୁ ଟଙ୍କା ଦିଆଯିବ। ଏହି ସଚେତନତା ଅଭିଯାନ ୧୬ତାରିଖ ପର୍ଯ୍ୟନ୍ତ ଜାରି ରଖିବାକୁ ଚିଠିରେ ଉଲ୍ଲେଖ ରହିଛି।

ବିଏସ୍‌କେୱାଇ ନବୀନ କାର୍ଡରେ ଅନ୍ତର୍ଭୁକ୍ତ ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳା ସଦସ୍ୟଙ୍କ ଲାଗି ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ବ୍ୟବସ୍ଥା ରହିଛି। ହିତାଧିକାରୀମାନେ ତାଲିକାଭୁକ୍ତ ଘରୋଇ ହସ୍ପିଟାଲରେ ନିର୍ଦ୍ଧାରିତ ଗୁରୁତର ବା କ୍ରିଟିକାଲ ରୋଗଗୁଡ଼ିକ ଲାଗି ଦେୟମୁକ୍ତ ଚିକିତ୍ସା ପାଇପାରିବେ। ଆସନ୍ତା ମେ ୧ରୁ ଏହି ସୁବିଧା ମିଳିବ।

# ଅଚ୍ୟୁତ ସାମନ୍ତଙ୍କୁ ପ୍ରଥମ 'ଓଡ଼ିଆ ଅସ୍ମିତା ସମ୍ମାନ'

ଭୁବନେଶ୍ୱର,୧।୧
(ଅନୁରାଧା ମହାରଣା)

ଉତ୍କଳ ସମ୍ମିଳନୀର ୧୨୦ବର୍ଷ ପୂର୍ତ୍ତି ଅବସରରେ କଟକରେ ଓଡ଼ିଆ ଅସ୍ମିତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କିଟ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ପ୍ରଥମ 'ଓଡ଼ିଆ ଅସ୍ମିତା ସମ୍ମାନ-୨୦୨୩' ପ୍ରଦାନ କରାଯାଇଛି। ଡ. ସାମନ୍ତ ଶିକ୍ଷା ଓ ସମାଜସେବା ଜରିଆରେ ଶିକ୍ଷା, ଶିଳ୍ପ, ସମାଜ ସଂସ୍କାର, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରର ବିକାଶ ପାଇଁ ଉଦ୍ୟମ କରିପାରିଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସମ୍ମାନ ଗ୍ରହଣ କରି ଡ. ସାମନ୍ତ କହିଲେ, ମୁଁ ଅନେକ ପୁରସ୍କାର ପାଇଛି, ମାତ୍ର ପ୍ରଥମ ଓଡ଼ିଆ ଅସ୍ମିତା ସମ୍ମାନ ୨୦୨୩ ପାଇଁ ନିଜକୁ ଗୌରବାନ୍ୱିତ ମନେକରୁଛି। କାର୍ଯ୍ୟକ୍ରମରେ ଓଡ଼ିଆ ଅସ୍ମିତା ସମ୍ମିଳନୀର ଆବାହକ ଦେବେନ୍ଦ୍ର ନାଥ ରାଉତ, କଟକ ମହାନଗର ନିଗମ ମେୟର ସୁବାସ ସିଂହ, ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମଙ୍କ ସମେତ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ କାର୍ଯ୍ୟରତ ବିଶିଷ୍ଟ ଓଡ଼ିଆ ବ୍ୟକ୍ତିତ୍ୱ, ରାଜନେତା, ଲେଖକ, ବୁଦ୍ଧିଜୀବୀ ଓ ସଫଳ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ।

# ୨ ପୋଲିସ କର୍ମଚାରୀ ନିଲମ୍ବିତ

## ପୋଲିସ ମାଡ଼ରେ କଳାକାର ଆହତ ଘଟଣା

## ମାନବାଧିକାର କମିଶନରେ ମାମଲା

ଭଦ୍ରକ,୧।୧(ସନାତନ ରାଉତ)

ଗାଡ଼ି କାଗଜପତ୍ର ଯାଞ୍ଚ ବେଳେ ଆଗରପଡ଼ା ଥାନା ପୋଲିସ ମାଡ଼ରେ ଜଣେ ଯୁବ କଳାକାର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଭଦ୍ରକ ଏସ୍‌ପି ବରୁଣ ଗୁଣ୍ଟୁପାଲି ଜଣେ ଏଏସ୍‌ଆଇଙ୍କ ସମେତ ୨ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରିଛନ୍ତି। ଅନ୍ୟ ୨ଜଣଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରାଯାଇଛି। ନିଲମ୍ବିତ ପୋଲିସ କର୍ମଚାରୀ ହେଲେ ଏଏସ୍‌ଆଇ ମହେନ୍ଦ୍ର ଗିରି ଓ କନଷ୍ଟେବଲ ଚିନ୍ମୟ ଦେହୁରୀ। ଅନ୍ୟପକ୍ଷରେ ବଡବର୍ଷିକୟାଁ ଗ୍ରାମର ମାନବାଧିକାର କର୍ମୀ ରମେଶ ମଲ୍ଲିକ ଏନେଇ ମାନବାଧିକାର କମିଶନରେ ଅଭିଯୋଗ କରିଛନ୍ତି। କମିଶନଙ୍କ ପକ୍ଷରୁ ମାମଲା (ନଂ.୫୪୬/୨୩) ରୁଜୁ ହୋଇଛି।

ପ୍ରକାଶଥାଉକି, ଆଗରପଡ଼ା ଥାନା ତେଲନଟି ଗ୍ରାମର ଯୁବ କଳାକାର ଗୋପୀନାଥ ନାୟକ ଶନିବାର ରାତି ୧୧ଟା ସମୟରେ ନିଜ ଘରକୁ କାର୍ ଯୋଗେ ଫେରୁଥିଲେ। କାଣ୍ଡବା-ରାମପୁର ରାସ୍ତାରେ ପାଟ୍ରୋଲିଂ କରୁଥିବା ଆଗରପଡ଼ା ପୋଲିସ ତାଙ୍କୁ ଅଟକାଇଥିଲା। ଗାଡ଼ିର କାଗଜପତ୍ର ଯାଞ୍ଚ ସମୟରେ ବଚସା ହେବାରୁ ପାଟ୍ରୋଲିଂରେ ଥିବା ଏଏସ୍‌ଆଇ ଗିରି, କନଷ୍ଟେବଲ ଦେହୁରୀ ଓ ୨ ଡ୍ରାଇଭର ତାଙ୍କୁ ନିସ୍ତୁକ ମାଡ଼ ମାରିବା ସହ ତାଙ୍କ ମୋବାଇଲ ଓ ପିନ୍ଧିଥିବା ସୁନାଚେନ ଛଡ଼ାଇ ନେଇଥିବା ଗୋପୀନାଥଙ୍କ ସ୍ତ୍ରୀ ମଧୁସ୍ମିତା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଏକ ମାମଲା (ନଂ.୨୪୫/୨୩) ରୁଜୁ ହୋଇଛି। ସେହିପରି ଗୋପୀନାଥ କାଗଜପତ୍ର ଯାଞ୍ଚ ବେଳେ ପୋଲିସକୁ ଦୁର୍ବ୍ୟବହାର କରିଥିବା ନେଇ ଏଏସ୍‌ଆଇ ଗିରିଙ୍କ ଅଭିଯୋଗ କ୍ରମେ ଆଉ ଏକ ମାମଲା ରୁଜୁ ହୋଇଛି।

ଧରିତ୍ରୀ DHARITRI Oriya daily
ଆବଶ୍ୟକ କରୁଛି
ପ୍ଲମ୍ବର
ପ୍ରାର୍ଥୀ ପ୍ଲମ୍ବିଂରେ ଆଇ.ଟି.ଆଇ. କିମ୍ବା ଡିପ୍ଲୋମା ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତି କମ୍‌ରେ ୨ ବର୍ଷରୁ ଅଧିକ ଅଭିଜ୍ଞତା ଥିବ ଓ ତାଙ୍କ ବୟସ ୪୦ ବର୍ଷରୁ କମ୍ ହୋଇଥିବା ବାଞ୍ଛନୀୟ । ସେ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଫିଟ୍ ଥିବା ଆବଶ୍ୟକ ।
ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ ।




# ପିକ୍‌ନିକ୍ ପାଇଁ ଏସ୍‌ଓପି

## ଆର୍‌ଟିଓରୁ ଗାଡ଼ି ମାଲିକ ନେବେ ଅନୁମତି

ଭୁବନେଶ୍ୱର,୧।୧(ଅନିଲଦାସ)

ରାଜ୍ୟରେ ଏବେ ପିକ୍‌ନିକ୍ ଋତୁ ଚାଲିଛି। ପର୍ଯ୍ୟଟନ ସ୍ଥଳଗୁଡ଼ିକରେ ଭିଡ଼ ଜମୁଛି। ଜାନୁୟାରୀ ମାସ ସାରା ବିଭିନ୍ନ ସ୍ଥାନକୁ ଲୋକମାନେ ବଣଭୋଜି କରିବାକୁ ଯିବେ। ପିକ୍‌ନିକ୍ ଯାଉଥିବା ଯାନବାହନଗୁଡ଼ିକ ଅନେକ ସମୟରେ ଦୁର୍ଘଟଣା ଗ୍ରସ୍ତ ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସଡ଼କ ଓ ପରିବହନ ବିଭାଗ ପକ୍ଷରୁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜୁଅର (ଏସଓପି) ଜାରି କରାଯାଇଛି।

ଏସଓପି ଅନୁସାରେ ମଦ୍ୟପାନ କରି ଗାଡ଼ି ଚଳାଇଲେ ଡ୍ରାଇଭରଙ୍କୁ ତୁରନ୍ତ ଗିରଫ କରାଯାଇ ଲାଇସେନ୍ସ ବାତିଲ କରାଯିବ। ଦୂର ସ୍ଥାନକୁ ପିକ୍‌ନିକ୍ ପାଇଁ ଯାଉଥିଲେ ଡ୍ରାଇଭର ସମେତ ଆଉ ଜଣେ ଆସିଷ୍ଟାଣ୍ଟ ରଖିବାକୁ ପରାମର୍ଶ ଦିଆଯାଇଛି। ଯାନବାହନ ମାଲିକମାନଙ୍କୁ ସମ୍ପୃକ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ)ରୁ ସ୍ୱତନ୍ତ୍ର ଅନୁମତି ନେବାକୁ ପଡ଼ିବ। ପ୍ରତ୍ୟେକ ପିକ୍‌ନିକ୍ ସ୍ପଟ୍ ନିକଟରେ ପରିବହନ ବିଭାଗ କର୍ମଚାରୀ ନିୟୋଜିତ ରହିବେ। ଯେଉଁ ଯାନଗୁଡ଼ିକର ଫିଟ୍‌ନେସ୍ ସାର୍ଟିଫିକେଟ୍ ବଳବତ୍ତର ଅଛି, କେବଳ ସେହି ଗାଡ଼ିଗୁଡ଼ିକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପିକ୍‌ନିକ୍ ପାଇଁ ଅନୁମତି ମିଳିବ। ପ୍ରମୁଖ ପିକ୍‌ନିକ୍ ସ୍ପଟ୍ ଗୁଡ଼ିକରେ ଦୁର୍ଘଟଣାଜନିତ ସଚେତନତା କରାଯିବ। ବିପଜ୍ଜନକ କିମ୍ବା ଆପତ୍ତିଜନକ ସାମଗ୍ରୀ ପରିବହନ ରୋକିବା ପାଇଁ ପିକ୍‌ନିକ୍ ସ୍ପଟ୍, ତୀର୍ଥ ସ୍ଥାନଗୁଡ଼ିକ ନିକଟରେ ଯାନବାହନଗୁଡ଼ିକର କଡ଼ାକଡ଼ି ଯାଞ୍ଚ କରାଯିବ। ଓଭରଲୋଡିଂ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପରିବହନ ବିଭାଗ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହିତ ନିୟମିତ ଯୋଗାଯୋଗ କରିବ। ପିକ୍‌ନିକ୍ ସ୍ପଟ୍‌ଗୁଡ଼ିକରେ ସଡ଼କ ସୁରକ୍ଷା ବାର୍ତ୍ତା ଏବଂ ପ୍ରଶଂସାପତ୍ର, ପାମ୍ପଲେଟ୍ ଆକାରରେ ବଣ୍ଟନ କରାଯିବ।









# ଲୋହିତ ସାଗର ବିପଦ

କୋଭିଡ୍-୧୯ ମହାମାରୀ ପରେ ବିଶ୍ୱର କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥା ପୂର୍ବାବସ୍ଥାକୁ ଫେରୁଥିବାବେଳେ ବିଭିନ୍ନ ସ୍ଥାନରେ ଯୁଦ୍ଧ ଆରମ୍ଭ ହେବା ଏବଂ ଚରମ ପାଣିପାଗ ସ୍ଥିତି ଏଥିରେ ବାଧା ସୃଷ୍ଟିକରି ଆସୁଛି। ୨୪ ଫେବୃୟାରୀ ୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରେ ୭ ଅକ୍ଟୋବର ୨୦୨୩ରୁ ଗାଜାରେ ଇସ୍ରାଏଲ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ମୁଖ୍ୟତଃ ହମାସ୍ ଉଗ୍ରବାଦୀଙ୍କୁ ମୂଳପୋଛ କରିବା ଲାଗି ଇସ୍ରାଏଲ ଆକ୍ରମଣ ତୀବ୍ର କରିଛି। ଇସ୍ରାଏଲକୁ ପାଶ୍ଚାତ୍ୟ ସମର୍ଥନ କରିବା ସହ ଅସ୍ତ୍ରଶସ୍ତ୍ର ଯୋଗାଇଦେଉଛି। ଏଭଳି ସ୍ଥିତିକୁ ଲକ୍ଷ୍ୟକରି ଇରାନ ସମର୍ଥିତ ୟେମେନ୍‌ର ହୁଟି ଉଗ୍ରବାଦୀମାନେ ଇସ୍ରାଏଲ ବିରୋଧରେ ଯୁଦ୍ଧ ଆରମ୍ଭ କରିଦେଇଛନ୍ତି। ଚିନ୍ତାର ବିଷୟ ହେଉଛି, ହୁଟି ଉଗ୍ରବାଦୀମାନେ ଲୋହିତ ସାଗରରେ ପଣ୍ୟବାହୀ ଜାହାଜଗୁଡ଼ିକ ଉପରେ ଆକ୍ରମଣ କରିଦେଇଛନ୍ତି। ନଭେମ୍ବର ୧୯ରୁ ଏଯାବତ୍ ଉଗ୍ରବାଦୀମାନେ ଲୋହିତ ସାଗରରେ ଛୋଟ ବଡ଼ ନେଇ ୨୩ଟି ଆକ୍ରମଣ କରିସାରିଲେଣି। ଡିସେମ୍ବର ଶେଷଭାଗରେ ଭାରତର ୨ଟି ଓ ଡେନ୍‌ମାର୍କର ମାଏର୍ସ୍କ ହାଙ୍ଗ୍‌ଝୋଉ ଜାହାଜ ଉପରେ ଲଗାତର ଆକ୍ରମଣ କରିଛି। ଉଲ୍ଲେଖନୀୟ ଯେ,ବିଶ୍ୱ ବାଣିଜ୍ୟର ପାଖାପାଖି ୧୨% ଏବଂ ବିଶ୍ୱରେ ମୋଟ ପାଣିଜାହାଜ ପରିବହନର ୩୦% ଏହି ସାଗରରେ ହୋଇଥାଏ। ଏହି ବାଟ ଦେଇ ଅଶୋଧିତ ତୈଳ, ପାମ୍ ଅଏଲ ଭଳି ବିଭିନ୍ନ ଖାଇବାତେଲ, ଖାଦ୍ୟଶସ୍ୟ, ମେଶିନ ଓ ବୈଦ୍ୟୁତିକ ସରଞ୍ଜାମ, ଗାଡ଼ି, ହସ୍ତକଳା ସାମଗ୍ରୀ, ପୋଷାକ ଏବଂ ଚମଡ଼ା ଇତ୍ୟାଦି କାରବାର ହୋଇଥାଏ। ଏହାର ବାର୍ଷିକ ମୂଲ୍ୟ ଅନେକ ଶହ ବିଲିୟନ ଡଲାର। ଏଣୁ ଲୋହିତ ସାଗରରେ କୌଣସି ପ୍ରକାର ବାଣିଜ୍ୟିକ ବାଧା ଯୋଗୁ ଖାଦ୍ୟଶସ୍ୟ ଓ ତୈଳ ଦର ବୃଦ୍ଧିର ଆଶଙ୍କା ରହିଛି। କ୍ଷୁଧା ସଙ୍କଟ ମଧ୍ୟ ଦେଖାଦେବା ସମ୍ଭାବନା ଅଛି। ସ୍ମରଣଯୋଗ୍ୟ, ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଆରମ୍ଭରୁ କୃଷ୍ଣ ସାଗରରେ ବାଣିଜ୍ୟିକ କଟକଣା ବିଶ୍ୱରେ ଖାଦ୍ୟଶସ୍ୟ ଅଭାବ ଓ ମୂଲ୍ୟ ବୃଦ୍ଧି ଭଳି ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିଲା। ମୁଖ୍ୟତଃ ଦକ୍ଷିଣ ଆଫ୍ରିକୀୟ ଓ ନିମ୍ନ ଆୟବର୍ଗର ଅନେକ ଦେଶ ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଥିଲେ, ଯାହା ଏଯାବତ ସମ୍ପୂର୍ଣ୍ଣ ଭରଣା ହୋଇପାରିନାହିଁ। ତେବେ ୨୦୨୩ର ଦ୍ୱିତୀୟାର୍ଦ୍ଧରେ ରୁଷିଆ କଟକଣା କୋହଳର କରି ଯାଞ୍ଚ ବ୍ୟବସ୍ଥା ସର୍ତ୍ତରେ ବାଣିଜ୍ୟକୁ ଅନୁମତି ଦେବା ଯୋଗୁ ସ୍ଥିତିରେ ସୁଧାର ଆସିବାରେ ଲାଗିଛି। ହେଲେ ବର୍ତ୍ତମାନ ଲୋହିତ ସାଗରରେ ହେଉଥିବା ଆକ୍ରମଣକୁ ରୋକା ନ ଗଲେ ବିଶ୍ୱ ବାଣିଜ୍ୟ ପୁନଃ ପ୍ରଭାବିତ ହେବା ସହ ଅର୍ଥ ବ୍ୟବସ୍ଥା ନକାରାତ୍ମକ ପରିଣାମ ସ୍ୱାମ୍ନା କରିବ ବୋଲି ଅର୍ଥନୀତିଜ୍ଞମାନେ ସତର୍କ କରିଦେଇଛନ୍ତି। କେବଳ ହୁଟି ନୁହେଁ, ଲେବାନନ୍‌ର ହିଜ୍‌ବୁଲା ଓ ଇରାକରେ ଇରାନ ପ୍ରୋତ୍ସାହିତ ଉଗ୍ରବାଦୀମାନେ ମଧ୍ୟ ସକ୍ରିୟ ହୋଇଯାଇଛନ୍ତି। ବିଶ୍ୱରେ ବୃହତ୍ ଶକ୍ତିଗୁଡ଼ିକ ଦ୍ୱାରା ସୃଷ୍ଟି କରାଯାଉଥିବା ଯୁଦ୍ଧ ସ୍ଥିତିରୁ ସେମାନେ ଫାଇଦା ଉଠାଇବାକୁ ଚାହୁଁଛନ୍ତି। କାରଣ ଏସବୁ ଉଗ୍ରବାଦୀଙ୍କ ନିକଟରେ ବାଲିଷ୍ଟିକ୍ ମିଶାଇଲ ଓ ଅତ୍ୟାଧୁନିକ ଡ୍ରୋନ୍ ରହିଛି। ମାନବତା ପ୍ରତି ବିପଦ ସୃଷ୍ଟି କରୁଥିବା ଏଭଳି ଉଗ୍ରବାଦୀଙ୍କ କବଳରୁ ବାଣିଜ୍ୟ ପଥକୁ ମୁକ୍ତକରିବା ଜରୁରୀ ହୋଇପଡ଼ିଛି। ଏହାକୁ ଲକ୍ଷ୍ୟ କରି ଲୋହିତ ସାଗରରେ ଆମେରିକା ହୁଟି ଉଗ୍ରବାଦୀଙ୍କ ଉପରେ କରିଥିବା ଆକ୍ରମଣରେ ୧୦ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତେବେ ଆମେରିକା ନେତୃତ୍ୱରେ ପ୍ରସ୍ତାବିତ ବହୁଦେଶୀୟ ନୌସେନା ଦ୍ୱାରା ଗଠିତ ଅପରେଶନ ପ୍ରସ୍‌ପରିଟି ଗାର୍ଡିଅନ(ଓପିଜି) ହୁଏତ କିଛି ସମାଧାନର ବାଟ ବାହାର କରିପାରେ ବୋଲି ପ୍ରତିରକ୍ଷା ବିଶେଷଜ୍ଞ କହିଛନ୍ତି।

ଭାରତର ସମୁଦ୍ର ପଥରେ ବାଣିଜ୍ୟିକ କାରବାରକୁ ଦେଖିଲେ ଭାରତ ମହାସାଗର ଓ ଲୋହିତ ସାଗରର ଭୂମିକା ଅଧିକ। ଏକ ଆକଳନରୁ ଜଣାପଡ଼ିଛି ଯେ ୟୁରୋପ, ଆଫ୍ରିକୀୟ ଓ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକୁ ଭାରତ ପ୍ରାୟ ୨୨୫-୨୩୦ ବିଲିୟନ ଡଲାର ମୂଲ୍ୟର ଜିନିଷ ରପ୍ତାନି କରେ। କିନ୍ତୁ ଦକ୍ଷିଣ ଲୋହିତ ସାଗରରେ ଭାରତୀୟ ପଣ୍ୟବାହୀ ଜାହାଜ ଉପରେ ଆକ୍ରମଣ ଏବେ ଭାରତ ମହାସାଗର ଓ ଲୋହିତ ସାଗରରେ ବାଣିଜ୍ୟ ପ୍ରତି ଗମ୍ଭୀର ବିପଦ ସୃଷ୍ଟି କରିଛି। ଚାଇନାର ବାଣିଜ୍ୟିକ କାରବାର ମଧ୍ୟ ଲୋହିତ ସାଗର ଉପରେ ଅଧିକ ନିର୍ଭରଶୀଳ। କିନ୍ତୁ ଆମେରିକାର ପ୍ରସ୍ତାବିତ ଓପିଜିରେ ତାହା ସାମିଲ ହୋଇନାହିଁ। ଇରାନ ବି ଦୂରେଇ ରହିଛି। ତେବେ ଭାରତର ବାଣିଜ୍ୟ ସ୍ୱାର୍ଥକୁ ବିଚାରକୁ ନେଲେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରୁ ଚାଇନାର ପ୍ରଭାବ ହ୍ରାସ କରିବା ଲାଗି ଆମେରିକା ନେତୃତ୍ୱରେ ଯେଭଳି ଚତୁଃରାଷ୍ଟ୍ରୀୟ ସାମରିକ ମେଣ୍ଟ କ୍ୱାଡ୍ ଗଠନ କରାଯାଇଛି ସେହିଭଳି ଲୋହିତ ସାଗରରେ ଉଗ୍ରବାଦୀଙ୍କ ଦାଦାଗିରିକୁ ଓପିଜି ମାଧ୍ୟମରେ ପ୍ରତିହତ କରାଯିବା ଜରୁରୀ। ଭାରତ ବୁଝିବିଚାରି ଏଥିରେ ଯୋଗଦେବାର ଆବଶ୍ୟକତା ଥିବା ମନେହୁଏ।

ଭାରତର ବାଣିଜ୍ୟ ସ୍ୱାର୍ଥକୁ ବିଚାରକୁ ନେଲେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରୁ ଚାଇନାର ପ୍ରଭାବ ହ୍ରାସ କରିବା ଲାଗି ଆମେରିକା ନେତୃତ୍ୱରେ ଯେଭଳି ଚତୁଃରାଷ୍ଟ୍ରୀୟ ସାମରିକ ମେଣ୍ଟ କ୍ୱାଡ୍ ଗଠନ କରାଯାଇଛି ସେହିଭଳି ଲୋହିତ ସାଗରରେ ଉଗ୍ରବାଦୀଙ୍କ ଦାଦାଗିରିକୁ ଓପିଜି ମାଧ୍ୟମରେ ପ୍ରତିହତ କରାଯିବା ଜରୁରୀ। ଭାରତ ବୁଝିବିଚାରି ଏଥିରେ ଯୋଗଦେବାର ଆବଶ୍ୟକତା ଥିବା ମନେହୁଏ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | 2 |
| | 2 | 4 | | 6 | 8 | 9 | | 1 |
| | | | | 1 | | | | 5 |
| | | 9 | | 7 | | | | |
| | 8 | | 5 | | 6 | 7 | | |
| 4 | 7 | | | | | 1 | 3 | |
| | 9 | | | | 7 | | | |
| | 4 | | | | 9 | | 2 | |
| | | | 6 | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 3 | 5 | 8 | 6 | 9 | 7 | 1 |
| 7 | 6 | 8 | 2 | 1 | 9 | 3 | 4 | 5 |
| 5 | 1 | 9 | 3 | 7 | 4 | 2 | 6 | 8 |
| 9 | 7 | 2 | 6 | 5 | 1 | 4 | 8 | 3 |
| 8 | 5 | 1 | 4 | 3 | 2 | 6 | 9 | 7 |
| 3 | 4 | 6 | 7 | 9 | 8 | 5 | 1 | 2 |
| 2 | 8 | 7 | 9 | 4 | 5 | 1 | 3 | 6 |
| 1 | 9 | 5 | 8 | 6 | 3 | 7 | 2 | 4 |
| 6 | 3 | 4 | 1 | 2 | 7 | 8 | 5 | 9 |

ଗତକାଲିର ଉତ୍ତର

# ରଣଯନ୍ତାରୁ ମୁକ୍ତିର ଉପାୟ



ଅନନ୍ତ ଚରଣ ସ୍ୱାଇଁ

ଋଣ ଯନ୍ତା ଏକ ପ୍ରକାର ଆର୍ଥିକ ସ୍ଥିତିକୁ ଇଙ୍ଗିତ କରିଥାଏ। ଏହା ହେଉଛି ଏକ ପରିସ୍ଥିତି, ଯେଉଁଠାରେ ଜଣେ ବ୍ୟକ୍ତି କିମ୍ବା କମ୍ପାନୀ ନିଜର ରଣ ପରିଶୋଧ କରିବାକୁ ଅସମର୍ଥ ହୋଇଥାଆନ୍ତି। ଫଳରେ ପୁରୁଣା ରଣ ପରିଶୋଧ କରିବା ପାଇଁ ବାଧ୍ୟ ହୋଇ ଅଧିକ ସୁଧରେ ଆଉ ଏକ ରଣ କରିଥାଆନ୍ତି। ଏହି ପ୍ରକ୍ରିୟା କ୍ରମାଗତ ଲାଗିରହେ। ରଣ ପରିଚାଳନା ନିଜ ନିୟନ୍ତ୍ରଣରୁ ବାହାରକୁ ଚାଲିଯାଏ। ରଣ ଭାରରୁ ମୁକ୍ତି ମିଳେ ନାହିଁ। ସାରା ଜୀବନ ରଣର ଚକ୍ରବ୍ୟୂହ ଭିତରେ ରହି ହନ୍ତସନ୍ତ ହେବାକୁ ପଡେ। ସୁବିଧାରେ ମିଳୁଥିବା ରଣ, ଏହାର ଦୁରୁପଯୋଗ, ଖର୍ଚ୍ଚ ନିୟନ୍ତ୍ରଣରେ ବିଫଳତା, କ୍ରେଡିଟ କାର୍ଡର ମନମୁଖି ବ୍ୟବହାର ରଣ ଯନ୍ତାରେ ପଡ଼ିବାର ପଥ ପରିଷ୍କାର କରିଥାଏ।

ମୂଷାମାନଙ୍କ ଉପଦ୍ରବରୁ ରକ୍ଷା ପାଇବା ପାଇଁ ଯନ୍ତାର ବ୍ୟବହାର ବିଷୟରେ ସମସ୍ତେ ଅଳ୍ପବହୁତେ ଅବଗତ। ମୂଷା ଆପେ ଆପେ ଯନ୍ତା ଭିତରେ ପଡ଼ି ନ ଥାଏ। ମୂଷାଙ୍କୁ ଆକୃଷ୍ଟ କରିବା ପାଇଁ ଯନ୍ତା ଭିତରେ ସାଦିଷ୍ଟ ଖାଦ୍ୟଦ୍ରବ୍ୟ ରଖାଯାଏ। ଏହି ଖାଦ୍ୟ ଖାଇବା ପାଇଁ ମୂଷା ଯନ୍ତା ଭିତରକୁ ଯାଇ ଆଉ ବାହାରକୁ ବାହାରିପାରେ ନାହିଁ। ଶେଷରେ ମୃତ୍ୟୁମୁଖରେ ପଡ଼ିଥାଏ। ଠିକ୍ ସେହିପରି ରଣ ଯନ୍ତାରେ କେହି ଆପେ ଆପେ ପଡ଼ି ନ ଥାଏ। ବିଭିନ୍ନ ପ୍ରକାର ସୁବିଧା ସୁଯୋଗର ଦୃଷ୍ଟାନ୍ତ ଦେଇ ଗ୍ରାହକଙ୍କୁ ଆକୃଷ୍ଟ କରି ରଣ ଦିଆଯାଏ। ରଣଟି ମୁଖ୍ୟତଃ ପୁରୁଣା ରଣର ପରିଶୋଧ କିମ୍ବା ଅନ୍ୟ ଦରକାରୀ ବା ଅଦରକାରୀ ଖର୍ଚ୍ଚରେ ଲାଗିଥାଏ। ସହଜରେ ମିଳୁଥିବା ଏହି ରଣର ପରିଶୋଧ ପାଇଁ ମାସିକ କିସ୍ତି ପ୍ରଥମେ ଗ୍ରାହକୁ ବୋଝ ପରି ଲାଗେ ନାହିଁ। ପରେ ଏପରି ଏକ ସମୟ ଆସେ ଉଭୟ ରଣ ରାଶି ଓ ରଣ ପରିଶୋଧ ପାଇଁ ମାସିକ କିସ୍ତି କ୍ରମେ ବଢ଼ି ଚାଲେ। ଗୋଟିଏ ରଣ ପରିଶୋଧ ପାଇଁ ଅନ୍ୟ ଏକ ରଣ କରିବାକୁ ପଡ଼େ। ଯେତେ ଶୁଝିଲେବି ରଣ ସରେ ନାହିଁ। ଏପରି ସ୍ଥିତିକୁ ରଣ ଯନ୍ତା କୁହାଯାଏ। ଥରେ ରଣ ଯନ୍ତାରେ ପଡ଼ିଗଲେ, ସେଠାରୁ ବାହାରିବା କଷ୍ଟକର।

ଏବେ ରଣଟିଏ ସହଜରେ ମିଳିପାରୁଛି। ଫଳରେ ଏହାର ବ୍ୟବହାର ଓ ଅପବ୍ୟବହାର ଅନେକ ଗୁଣ ବଢ଼ିଯାଇଛି। କ୍ରେଡିଟ କାର୍ଡର ବହୁଳ ବ୍ୟବହାର ଏବଂ ଏହାର ଜଟିଳ ସର୍ତ୍ତାବଳୀକୁ ଠିକ୍ କରି ନ ବୁଝିବା ହେତୁ ଅନେକ ବ୍ୟକ୍ତି ରଣ ଯନ୍ତାରେ ପଡ଼ିଯାଆନ୍ତି। କ୍ରେଡିଟ କାର୍ଡ ହେଉଛି ରଣ



ନେବାର ଏକ ମାଧ୍ୟମ। କାର୍ଡଧାରୀମାନେ ପୂର୍ବ ନିର୍ଦ୍ଧାରିତ ସୀମା ରାଶି ମଧ୍ୟରେ ଏହା ବ୍ୟବହାର କରିପାରିବେ। ଯେତେବେଳେ ପାଖରେ ଟଙ୍କା ନଥାଏ ବା ଟଙ୍କାର ଅଭାବ ଥାଏ ସେତେବେଳେ ଜରୁରୀ ଖର୍ଚ୍ଚ ଭରଣା ପାଇଁ କ୍ରେଡିଟ କାର୍ଡ କାମରେ ଆସେ। କ୍ରେଡିଟ କାର୍ଡରେ ବ୍ୟବହୃତ କ୍ରୟ ରାଶି ଆମ ନିଜର ନୁହେଁ। ଏହା ଏକ ବନ୍ଧକ ବିହୀନ ରଣ। ଏହାକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପରିଶୋଧ ନ କଲେ କାର୍ଡ ପ୍ରଦାନକାରୀ ସଂସ୍ଥା ବିଳମ୍ବ ଶୁଳ୍କ ଓ ଅଧିକ ଉଚ୍ଚ ହାରରେ (୨୪% ରୁ ୫୪%)ସୁଧ ନେଇଥାଆନ୍ତି। ଫଳରେ ଉପଭୋକ୍ତା ସୁଧ ଦେଇ ଦେଇ ନୟାନ୍ତ ହୋଇଯାଏ ଏବଂ ରଣ ଚକ୍ରବ୍ୟୂହ ଭିତରେ ଫସିଯାଏ। ଏପରି ରଣ ଯନ୍ତାରୁ ମୁକ୍ତି ପାଇବା ଅନେକ କଷ୍ଟସାଧ୍ୟ।

ସମାଜରେ ଅନେକ ବ୍ୟକ୍ତି ରଣ ଯନ୍ତାରେ ଘାଣ୍ଟି ହେବାର ଦୃଷ୍ଟାନ୍ତ ରହିଛି। ଆର୍ଥିକ କାରବାର ଲକ୍ଷଣରୁ ହିଁ ରଣ ଯନ୍ତାରେ ପଡ଼ିବାର ସୂଚନା ମିଳିଥାଏ। ଏସବୁ ଲକ୍ଷଣ ଦେଖାଦେବା ମାତ୍ରକେ ସେଥିପ୍ରତି ସତର୍କ ଓ ସାବଧାନ ରହିବା ବୁଦ୍ଧିମତ୍ତାର ପରିଚୟ।।

(୧) ରଣ ପରିଶୋଧର ମାସିକ କିସ୍ତି ନିଜ ମାସିକ ଆୟର ୫୦ ପ୍ରତିଶତରୁ ଅଧିକ ହେବା ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା। ଏପରି ସ୍ଥିତି ଲାଗିରହିଲେ ଖୁବ୍ ଶୀଘ୍ର ରଣ ଜାଲରେ ଛନ୍ଦି ହେବାର ସମ୍ଭାବନା ଅଧିକ।

(୨) ମାସିକ ସ୍ଥିର ଖର୍ଚ୍ଚ ବା ବାଧ୍ୟତାମୂଳକ ଖର୍ଚ୍ଚ ( ଘରଭଡ଼ା, ବିଦ୍ୟାଳୟ ଶୁଳ୍କ, ବିଦ୍ୟୁତ ଓ ପାଣି ବିଲ୍, ଖାଦ୍ୟ ଇତ୍ୟାଦି), ଯେଉଁ ଖର୍ଚ୍ଚକୁ କମାଇ ହେବ ନାହିଁ, ତାହା ନିଜ ଆୟର ୫୦% ଭିତରେ ସୀମିତ ରହିବା ଆବଶ୍ୟକ। ଏହି ଖର୍ଚ୍ଚ ଆୟର ୭୦% ଅତିକ୍ରମ କଲେ ରଣ ଜାଲରେ ପଡ଼ିଯିବାର ଏହା ଚେତାବନୀ।

(୩) କ୍ରେଡିଟ କାର୍ଡର ସୀମା ବାରମ୍ବାର ଶେଷ ହେବା, କ୍ରେଡିଟ କାର୍ଡର ସମ୍ପୂର୍ଣ୍ଣ ଦେୟ ନ ଦେଇ ପାରିବା; ଅନେକ ରଣ କରିବା ହେଉଛି ରଣ ଜାଲରେ ପଡ଼ିବାର ଲକ୍ଷଣ।

(୪) କ୍ରମାଗତ ସଞ୍ଚୟ ପାଇଁ ଟଙ୍କାର ଅଭାବ ରଣ ଯନ୍ତାରେ ପଡ଼ିବାର ସମ୍ଭାବନା ସୃଷ୍ଟି କରେ।

(୫) ପ୍ରେରଣା କ୍ରୟର ମାନସିକତା ଦ୍ୱାରା ଅନାବଶ୍ୟକ ବସ୍ତୁ କିଣିବାରେ ଅନେକ ଅର୍ଥ ଲାଗିଥାଏ। ପୂର୍ବପ୍ରସ୍ତୁତି ନ ଥାଇ ହଠାତ କୌଣସି ଜିନିଷ ପ୍ରତି ଆକର୍ଷିତ ହେବା ଓ ଏହାର ବ୍ୟବହାରିକ ଦିଗକୁ ଦୃଷ୍ଟି ନ ଦେଇ ଏହାକୁ କିଣିବା ହେଉଛି ପ୍ରେରଣା କ୍ରୟ। ଏପରି ଖର୍ଚ୍ଚର ଭରଣା ପାଇଁ ଅଧିକରୁ ଅଧିକ ରଣ କରିବାକୁ ପଡ଼େ। ଶେଷରେ ଏପରି ପରିସ୍ଥିତି ଆସେ ଯେ, ରଣ ପରିଶୋଧ କରିବା ସମ୍ଭବ ହୋଇ ନ ଥାଏ ଏବଂ ରଣ ଜାଲରେ ବ୍ୟକ୍ତି ଛନ୍ଦି ହୋଇଯାଏ।

(୬) ରଣ ଓ ସମ୍ପତ୍ତିର ଅନୁପାତ । ରଣ ଓ ସମ୍ପତ୍ତିର ଅନୁପାତରୁ ବ୍ୟକ୍ତିର ଆର୍ଥିକ ସ୍ଥିତି ବିଷୟରେ ଜଣାପଡ଼ିଥାଏ। ମନେକର ଜଣଙ୍କର ମୋଟ ରଣ ୩୦ ଲକ୍ଷ ଟଙ୍କା ଏବଂ ତାଙ୍କର ଟ୧୫ ଲକ୍ଷର ସମ୍ପତ୍ତି ଅଛି। ତେବେ ରଣ ଓ ସମ୍ପତ୍ତିର ଅନୁପାତ ହେଉଛି : ୩୦/୧୫= ୨ /୦। ବିଶେଷଜ୍ଞମାନଙ୍କ ମତରେ ଏହି ଅନୁପାତ ୦/୫ ରୁ କମ୍ ହେବା ଦରକାର। ଅର୍ଥାତ ସମ୍ପତ୍ତିର ମୁଖ୍ୟ ରଣର ଦୁଇଗୁଣରୁ ଅଧିକ ହେବା ଦରକାର , ନ ହେଲେ ବ୍ୟକ୍ତି ରଣ ଯନ୍ତାରେ ପଡ଼ିବାର ସମ୍ଭାବନା ଅଧିକ।

ରଣ ଯନ୍ତାରେ ପଡ଼ିଥିଲେ କିମ୍ବା ପଡ଼ିବାକୁ ଯାଉଥିଲେ ସେଥିରୁ ରକ୍ଷା ପାଇବାର ଉପାୟ ବାହାର କରିବା ବୁଦ୍ଧିମତ୍ତାର ପରିଚୟ। ଆୟଠାରୁ ବ୍ୟୟ ଅଧିକ ହେଲେ ଚଳିବା ପାଇଁ ରଣ କରିବାକୁ ପଡ଼େ। ଯେହେତୁ ରଣ ପରିଶୋଧ କରିବା ପାଇଁ ଆବଶ୍ୟକ ସମ୍ବଳ ପାଖରେ ନ ଥାଏ, ଦିନକୁ ଦିନ ଏହି ରଣ ବଢ଼ି ଚାଲେ ଓ ବ୍ୟକ୍ତି ରଣ ଯନ୍ତାରେ ଆବଦ୍ଧ ହୋଇଯାଏ। ଏଣୁ ଖର୍ଚ୍ଚକୁ ନିଜ ଆୟ ମଧ୍ୟରେ ସୀମିତ ରଖିପାରିଲେ ରଣ ଜାଲରେ ପଡ଼ିବାର ସମ୍ଭାବନା ନ ଥାଏ।

ଅଧିକା ରଣ ନେବା ବନ୍ଦ କରିବା ସହ ଅନେକ ରଣ ଥିଲେ, ପ୍ରଥମେ ଅଧିକ ସୁଧ ଲାଗୁଥିବା ରଣ (କ୍ରେଡିଟ କାର୍ଡ ଦେୟ)ଗୁଡ଼ିକ ପରିଶୋଧ କରିଦେଲେ, ରଣ ବୋଝ କିଛି ମାତ୍ରାରେ ଊଣା ହେବ ଏବଂ ଧୀରେ ଧୀରେ ଆର୍ଥିକ ସୁଧାର ଆସିବ।

ଜୀବନଶୈଳୀରେ ପରିବର୍ତ୍ତନ, ଅନାବଶ୍ୟକ ଦ୍ରବ୍ୟ ପ୍ରତି ଅନାସକ୍ତ, କ୍ରେଡିଟ କାର୍ଡ ଖର୍ଚ୍ଚ ଉପରେ ନିୟନ୍ତ୍ରଣ, ଖର୍ଚ୍ଚର ପ୍ରାଥମିକତା ଓ ବିଶ୍ଳେଷଣ,ରଣ ଉପରେ କମ୍ ନିର୍ଭରଶୀଳ ଓ ଅଯଥା ଖର୍ଚ୍ଚରେ ମନ ନ ଦେଲେ ରଣ ଯନ୍ତାରୁ ନିଜକୁ ଦୂରେଇ ରଖିହେବ।

ମୋ:୭୩୮ ୧୩୬୬୭୭୭

# ବିଷକୁମ୍ଭମ୍ ପୟୋମୁଖମ୍



ହରିଶଙ୍କର ମିଶ୍ର

ଆମ ଓଡ଼ିଆରେ ଗୋଟିଏ କଥା ଅଛି 'ମଧୁର ବିନୟ ବଚନ। କହି ତୋଷିବ ଜନମନ'। ବିଜ୍ଞ ଜନମାନେ କୁହନ୍ତି, ଆମ ଜିହ୍ୱାରେ ଅମୃତ ଓ ବିଷ ଉଭୟ ରହିଥାଏ। କଥାକୁ ଠିକ୍ ଢଙ୍ଗରେ ପ୍ରୟୋଗକଲେ ଶତ୍ରୁ ନିଜର ହୋଇପାରେ। ସେଥିରୁ ବିଚ୍ୟୁତ ହେଲେ ମିତ୍ର ଶତ୍ରୁ ହୋଇଥାଏ। ମଧୁର ବଚନ କହିବାରେ କେହି କୃପଣ ଭାବ ନ ଦେଖାଇବା ପାଇଁ ମଧ ସେମାନେ ପରାମର୍ଶ ଦେଇଛନ୍ତି। ଏହି ମଧୁର ବଚନ କେବଳ ସାମାଜିକ ସଂହତି ପାଇଁ ଉପଯୋଗୀ ଥିବାବେଳେ ଏବେ ଏହା ଅନେକଙ୍କ ପାଇଁ ଏଭଳି ଅନୁସରଣୀୟ ହୋଇଯାଇଛି ଯେ ସେମାନେ କେଉଁ କଥାଶୈଳୀ ମାଧ୍ୟମରେ କାହାକୁ ପ୍ରଭାବିତ କରିପାରିବେ ସେଥିପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସ୍ପଷ୍ଟ ହେଉଛି। ଆମ ଦେଶର ବିଚିତ୍ର ଗଣତନ୍ତ୍ର ବ୍ୟବସ୍ଥାରେ ଜନସଂଖ୍ୟାର ୩୦ ଶତାଂଶ ଭୋଟରଙ୍କ ସମର୍ଥନ ପାଇଥିବା ବ୍ୟକ୍ତି ମଧ ପଞ୍ଚାୟତରୁ ପାର୍ଲାମେଣ୍ଟର ସଭ୍ୟ ହେବାକୁ ଯୋଗ୍ୟ ହୋଇଥାଆନ୍ତି। ନିର୍ବାଚନ ପରେ କ୍ଷମତା ପାଉଥିବା ବ୍ୟକ୍ତିଙ୍କ ସହ ତାଙ୍କର ରାଜନୈତିକ ଦଳର ତଳୁ ଉପର ସ୍ତର ଯାଏ ଥିବା ବ୍ୟକ୍ତିମାନେ କ୍ଷମତାର ଯଥେଷ୍ଟ ଉପଯୋଗ ଓ ଉପଭୋଗ କରୁଥିବା ସମସ୍ତେ ଜାଣନ୍ତି। କିନ୍ତୁ ସେଇ ନିର୍ବାଚିତ ପ୍ରତିନିଧିମାନେ ନିଜକୁ ସମ୍ପୂର୍ଣ୍ଣ ଦେଶ , ରାଜ୍ୟ ବା ନିର୍ବାଚିତ କରିଥିବା ସମଗ୍ର ଅଞ୍ଚଳବାସୀଙ୍କ ପାଇଁ ନିଜକୁ ସମର୍ପଣ କରୁଥିବା କହିବାରେ ସାମାନ୍ୟ ଦ୍ୱିଧା ପ୍ରକାଶ କରନ୍ତି ନାହିଁ। ଆମ ରାଜ୍ୟର ଲୋକସଂଖ୍ୟା ୨୦୧୧ ଜନ ଗଣନାରେ ୪ କୋଟି ୨୦ଲକ୍ଷ ଥିଲା। ୨୦୨୧ରେ କରୋନା ସଂକ୍ରମଣ ଯୋଗୁ ଜନଗଣନା ହୋଇ ନ ଥିଲେ ବି ଗାଣିତିକ ବୃଦ୍ଧି ଆଧାରରେ ଏହି ବର୍ଷରେ ୪କୋଟି ୭୦ଲକ୍ଷ, ୨୦୨୨ରେ ୪କୋଟି ୭୫ ଲକ୍ଷ ଏବଂ ତାହା ୨୦୨୩ ରେ ୪କୋଟି ୭୯ ଲକ୍ଷ ଆକଳନ କରାଯାଇଛି। କିନ୍ତୁ ଆମ ରାଜ୍ୟର ପ୍ରତ୍ୟେକ ରାଜନୈତିକ ଦଳୀୟ ନେତା ୨୦୧୯ର ଜନସଂଖ୍ୟା ଆଧାରରେ ରାଜନୈତିକ ଭାଷଣ ମାଧ୍ୟମରେ ସାଢ଼େ ୪କୋଟି ଓଡ଼ିଆଙ୍କୁ ସେମାନଙ୍କର ସମ୍ପତ୍ତି ଏବଂ ସେମାନଙ୍କ ସ୍ୱାର୍ଥ ସୁରକ୍ଷାକୁ ପ୍ରାଥମିକତା ଦେଉଥିବା ଘୋଷଣା କରିଥାନ୍ତି।

ରାଜ୍ୟର ସୀମାନ୍ତ ଅଞ୍ଚଳ ପଡ଼ୋଶୀ ରାଜ୍ୟ କବଳିତ ହେଉଥିବା ବେଳେ ରାଜ୍ୟର ପ୍ରତ୍ୟେକ ଇଞ୍ଚ ଜାଗା ସୁରକ୍ଷିତ ରହିଛି ଏବଂ ପଡ଼ୋଶୀ ରାଜ୍ୟ ବିଦ୍ୟାଳୟରେ ଓଡ଼ିଆ ଭାଷା ଉଚ୍ଛେଦ ସତ୍ତ୍ୱେ ପ୍ରତ୍ୟେକ ଓଡ଼ିଆ ଭାଷାଭାଷୀଙ୍କ ଭାଷା ସୁରକ୍ଷା ପାଇଁ ସମ୍ପୂର୍ଣ୍ଣ ସଚେତନ ବୋଲି କହିବା କେବଳ ସତ୍ୟର ଅପଲାପ- ଏହା କହି ଲୋକଙ୍କୁ ପ୍ରଭାବିତ କରାଯିବା ସେଇ ମଧୁର ବଚନର ନମୁନା। ଆମ ରାଜ୍ୟର ଖଣିଜ ସମ୍ପଦକୁ ଈଶ୍ୱରଙ୍କ ବରଦାନ ଏବଂ ଏହାର ଠିକ୍ ଉପଯୋଗ କରାଯାଇପାରିଲେ ଆମେ ଏକ ବିକଶିତ ଓ ଦେଶରେ



ଶ୍ରେଷ୍ଠ ରାଜ୍ୟ ଗଠନ କରିପାରିବା ବୋଲି ଯେଉଁମାନେ ମଧୁରବାଣୀରେ ଆମକୁ ସ୍ୱପ୍ନ ଦେଖାନ୍ତି ସେଇମାନେ ରାଜ୍ୟର ଖଣି-ପାଣି-ଜଙ୍ଗଲ ଲୁଟିରେ ମହାନାୟକ ହୁଅନ୍ତି। ଦାଦନ ଓ ଦୁର୍ନୀତିରେ ପ୍ରତିଷ୍ଠିତ ମାନ୍ୟତା ପାଇଥିବା ରାଜ୍ୟରେ ଦୁର୍ନୀତିର ଶୂନ୍ୟ ସହନଶୀଳତା ଓ ଜଣେ କେହି ଦାଦନ ଶ୍ରମିକ ରହିବେ ନାହିଁ ବା କାହାରିକୁ ଖାଦ୍ୟ ଓ ଚିକିତ୍ସା ବିନା ମରିବାକୁ ଦିଆଯିବ ନାହିଁ ପରି ବଚନ ନିଶ୍ଚିତ ଶ୍ରୁତିମଧୁର। ୨୦୨୨ ପରେ ରାଜ୍ୟରେ ଗୋଟିଏ ଚାଳଘର ରହିବ ନାହିଁ ବୋଲି ହୋଇଥିବା ଘୋଷଣା କେତେଜଣ ବ୍ୟକ୍ତିଙ୍କୁ ଆମୋଦିତ ସହ ସେମାନଙ୍କ ମନରେ ନୂତନ ଘର ପ୍ରାପ୍ତି ଆଶା ସଞ୍ଚାର କରିଥିଲା। କିନ୍ତୁ ଆଜି ରାଜ୍ୟର ଅଧିକାଂଶ ଅଞ୍ଚଳରେ ଥିବା ଚାଳଘର ବୋଧହୁଏ ଦୃଷ୍ଟିଗୋଚର ହେଉନାହିଁ।

ପୁରୀରେ ଐତିହ୍ୟ କରିଡର ନାମରେ ବହୁ ଶତାଧିକ ବର୍ଷର ଐତିହ୍ୟ ଧ୍ୱଂସ ପାଇଁ ନୀଳନକ୍ସା ତିଆରି, ସେଥିପାଇଁ ଆବଶ୍ୟକ ଜାଗା ପାଇଁ ସ୍ଥିତିବାନ୍ ସ୍ୱତ୍ୱକୁ ଏଡ଼ାଇ ଦଖଲରେ ଥିବା ବ୍ୟକ୍ତିମାନଙ୍କୁ ଜମି ଓ ଘର ମୂଲ୍ୟର ବହୁଗୁଣ ଅର୍ଥ କୋଟି କୋଟି ଟଙ୍କାରେ ଏବଂ ବିକଳ୍ପ ଜାଗା ପ୍ରଦାନ କରାଗଲା। ଏହା ସତ୍ତ୍ୱେ ପୁରୀର ବିକାଶ ଅତୁଳନୀୟ ଓ ଐତିହାସିକ ବୋଲି ପ୍ରଶଂସା ସାଉଁଟିବାର ପ୍ରଚେଷ୍ଟା ମୂଳରେ କଥାର ମାଧୁର୍ଯ୍ୟ ହିଁ ମୁଖ୍ୟ ମାଧ୍ୟମ। ସ୍କୁଲରୁ ଅଧାରେ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ଓଡ଼ିଶାରେ ୧ ନମ୍ବର ବୋଲି ତଥ୍ୟଭିତ୍ତିକ ପ୍ରମାଣ ପ୍ରକାଶ ସତ୍ତ୍ୱେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଓ ଶୈକ୍ଷିକ ଦକ୍ଷତା ବୃଦ୍ଧି ପରିବର୍ତ୍ତେ ସ୍କୁଲ ରୂପାନ୍ତରଣର ଅଭିନବ ପ୍ରକ୍ରିୟା ସଭିଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଶିକ୍ଷକ ଏଂ ଅଧାପକ ଅଭାବରୁ ପରୀକ୍ଷା ପୂର୍ବରୁ ପାଠ୍ୟକ୍ରମ ସରି ନ ଥିବାରୁ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନେ ଚିନ୍ତିତ ଅଛନ୍ତି। କିନ୍ତୁ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ପାଇଁ ବ୍ୟବସ୍ଥା ମଧ ଅଭିନବ ମଧୁର ବାର୍ତ୍ତା। ଆଗାମୀ ଫେବୃୟାରୀରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନର ନୂତନ ପ୍ରୟାସ ଶ୍ରୁତିମଧୁର ହୋଇପାରେ। ରାଜ୍ୟରେ ନାରୀ ନିର୍ଯାତନା ଏବଂ ଅନେକ ରହସ୍ୟମୟ ହତ୍ୟାର ନଥି ଭିନ୍ନ ଦିଗକୁ ନେବାରେ ଦକ୍ଷତା ଯୋଗୁ ତୁଳନାତ୍ମକ ପରିସଂଖ୍ୟାନ ମାଧ୍ୟମରେ କମ୍ ଆପରାଧିକ ରାଜ୍ୟ ଭାବେ ଉପସ୍ଥାପନା ମଧୁର ବଚନ ହୋଇଛି। ଏଠାରେ କିନ୍ତୁ ଅମୃତ ବା ମଧୁର ବଚନ ଯେଉଁ ଉଦ୍ଦେଶ୍ୟରେ କୁହାଯାଏ ତା'ର ଘୋର ଉଲ୍ଲଂଘନ ଏବଂ ସ୍ୱାର୍ଥ ସାଧନ ପାଇଁ ପ୍ରୟୋଗ ହେଉଥିବା ନିଶ୍ଚିତ ହେଉଛି। ବିଜ୍ଞଜନମାନେ ମଧ ଏହି ଚେତାବନୀ ଦେଇଛନ୍ତି ଯେ ସବୁଦିନ ପାଇଁ ସୁଲୋକଙ୍କୁ ପ୍ରଭାବିତ କରାଯାଇ ନ ପାରେ। ଯେଉଁଦିନ ମଧୁର ବଚନ ମାୟାରୁ ମୁକ୍ତହୋଇ ଜନତା ଜନାର୍ଦ୍ଦନ ବାସ୍ତବତାକୁ ଅନୁଭବ କରିବେ ସେଦିନ ମଧୁର ବଚନ ନିଶ୍ଚିତ 'ବିଷକୁମ୍ଭମ୍ ପୟୋମୁଖମ୍' ବା ପାଟିରେ ମଧୁର ଅନ୍ତରେ ଜହରର ପର୍ଦ୍ଦାଫାଶ ହୋଇଯିବ, ଏଥିରେ ସନ୍ଦେହ ନାହିଁ।

ଗୁଣ୍ଡିଚା ବିହାର, ପୁରୀ
ମୋ:୭୯୭୮୭୮୫୪୭୮

## ଏଇ ଭାରତରେ

ଆଉ ଦିନ କେଇଟା ପରେ ଆମ୍ବ ବଉଳର ବାସ୍ନାରେ ସବୁଆଡ଼ ମହକିବ। ତେବେ ଆମ ଚାରିପାଖରେ ଅତି ବେଶିରେ ଆମେ ୧୦ଟି କିମ୍ବା ୨୦ଟି କିସମର ଆମ୍ବ ଦେଖିବାକୁ ପାଉ। କିନ୍ତୁ ଗୁଜରାଟ ଜୁନାଗଡ଼ସ୍ଥିତ ଭାଲ୍‌ଚାଲେ ଗାଁର ଏକ ଆମ୍ବ ଫାର୍ମରେ ୨୦୦ରୁ ଅଧିକ କିସମର ଆମ୍ବ ଫଳୁଛି। ଏହି ଫାର୍ମ ୧୨.୫ ଏକର ଜମିରେ କରାଯାଇଛି। ନୁର୍ ଅଲି ଭିରା ଝରିଆ ଏହି ଫାର୍ମ କରିଛନ୍ତି ଓ ଏହାର ନାମ ହେଉଛି ଅନିଲ୍ ମ୍ୟାଙ୍ଗୋ ଫାର୍ମ ଆଣ୍ଡ୍ ନର୍ସରି। ସେ ୧୯୮୫ରେ ୧୦ ଏକର ଜମି କିଣି ଫାର୍ମ ଆରମ୍ଭ କରିଥିଲେ ଓ ପରେ ଅବଶିଷ୍ଟ ଜମି ଏଥିରେ ଯୋଡ଼ିଛନ୍ତି। ସେ ସମୟରେ ନୁର ପ୍ରଥମେ ଅନେକ କିସମର ପ୍ରାୟ ୧୦,୦୦୦ ଚାରା ବିକ୍ରି କରିଥିଲେ। ପରେ ୧୯୯୬ରେ ଆଉ ୧୪ଟି କିସମ ଆମ୍ବ ଗଛ ଲଗାଇଥିଲେ। ତାଙ୍କ ପୁଅ ଶାମସୁଦ୍ଦିନ ଦେଶରେ ବିଭିନ୍ନ କୃଷି ବିଶ୍ୱବିଦ୍ୟାଳୟ ଯାଇ ବହୁ କିସମର ଚାରା ସଂଗ୍ରହ କରିଥିଲେ। ଏବେ ୨୩୦ କିସମ ଆମ୍ବ ଗଛ ସେ ସଂଗ୍ରହ କରି ତାଙ୍କ ବଗିଚାରେ ଲଗାଇଛନ୍ତି। ଅଧିକାଂଶ କିସମର ଆମ୍ବ ଆମେରିକା, ଅଷ୍ଟ୍ରେଲିଆ, ଥାଇଲାଣ୍ଡ, ୟୁରୋପ ଓ ଇସ୍ରାଏଲରୁ ସଂଗ୍ରହ କରିଛନ୍ତି। ଟାକୁଆ ବିହୀନ ଆମ୍ବ ସିନ୍ଧୁ ୧୧୭ ଏବେ ଫାର୍ମର ମୁଖ୍ୟ ଆକର୍ଷଣ। ପୂରା ଫାର୍ମରେ ସିଞ୍ଚନ ଜଳସେଚନ କରାଯାଇଛି। ବର୍ଷକୁ ସେ ୨ ଲକ୍ଷ ଚାରା ବିକ୍ରି କରିଛନ୍ତି।

## ଚିରନ୍ତନୀ

ଦୁନିଆ ଭିତରେ ତୁମେଟି ଚାଲିବା ଜାଣ
ସେ ଯେଉଁ ଆଘାତେ ଥରି ଉଠେ ତବ ପ୍ରାଣ,
ବାଜେ ନାହିଁ ସେ ତ ପଶୁପକ୍ଷୀ ତରୁପରେ
ବାଜି ଉଠେ ଯାହା ମଣିଷ କୁଡ଼ିଆ ଘରେ।
-(ତୁମେଟି ଚାଲିବା ଜାଣ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଟର୍ମିନାଲ ଇଲ୍‌ନେସ୍‌ର ମିଥ୍ୟା ଡାକ୍ତରୀ ପ୍ରମାଣପତ୍ର

ମହାଶୟ,

ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱରଙ୍କ ପତ୍ର ନଂ-୨୮୬୧୨, ତା.୨୭.୧୦.୨୦୨୩ ଅନୁଯାୟୀ ଚଳିତବର୍ଷର ନିୟମିତ ପ୍ରଧାନଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକମାନଙ୍କର ବଦଳି ପ୍ରକ୍ରିୟା ନିମନ୍ତେ ଅନ୍‌ଲାଇନ ମାଧ୍ୟମରେ ତା.୧୫.୧୨.୨୦୨୩ ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣ କରାଯାଇଥିଲା। ମାତ୍ର କେତେକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅନ୍ୟ ଜିଲାକୁ ତଥା ନିଜ ଜିଲା ମାଧ୍ୟମରେ ସୁବିଧାରେ ଓ ସହଜରେ ବଦଳି ହେବା ନିମନ୍ତେ ଚଞ୍ଚକତା ପୂର୍ବକ ଡାକ୍ତରଙ୍କ ଲେଖାଥିବା ଟର୍ମିନାଲ ଇଲ୍‌ନେସ୍‌ର ନକଲି ତଥା ମିଥ୍ୟା ଚିକିତ୍ସା ପ୍ରମାଣପତ୍ର ଆଣି ଆବେଦନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ବେଆଇନ । ଏଣୁ ଏହି କ୍ଷେତ୍ରରେ ଆବେଦନ କରିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଡାକ୍ତରୀ ପ୍ରମାଣପତ୍ରକୁ ଠିକ୍ ଭାବେ ତର୍ଜମା କରି ଆବେଦନକୁ ଗ୍ରହଣ କରାଯାଉ। କିନ୍ତୁ ଅସାଧୁ ଉପାୟକୁ ଅବଲମ୍ବନ କରୁଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ ଉପଯୁକ୍ତ ଶାସ୍ତିବିଧାନ କରାଯାଉ। ସେହି ଅସାଧୁ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କର ଏକ ନାମ ତାଲିକା ପ୍ରସ୍ତୁତ କରି ପରବର୍ତ୍ତୀ ସମୟରେ ସମ୍ପୂର୍ଣ୍ଣ ରୂପେ ବଦଳି ପ୍ରକ୍ରିୟାରୁ (ଉଭୟ ଆନ୍ତଃ ଜିଲା ଓ ଜିଲା ଭିତରେ) ନିବୃତ୍ତ ରଖାଯାଉ।

-ସୁବ୍ରତ କୁମାର ପ୍ରଧାନ, ଧାମରା, ଭଦ୍ରକ

## 'ମୋ ବସ' ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

ରାଜଧାନୀ ଭୁବନେଶ୍ୱର ଭିତରେ ଅନେକ ରୁଟରେ 'ମୋ ବସ' ଚାଲିଛି। ଏହାଦ୍ୱାରା ବହୁ ଯାତ୍ରୀ ଉପକୃତ ହେଉଛନ୍ତି । କିନ୍ତୁ ବେଳେବେଳେ 'ମୋ ବସ' ଚାଳକମାନଙ୍କର ମନମୁଖୀ ଓ ବିଶୃଙ୍ଖଳା କାର୍ଯ୍ୟ ପାଇଁ ଅନେକ ଲୋକ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବାର ଅଭିଯୋଗ ଆସୁଛି । ସରକାରୀ ଗାଡି, ସରକାର ସବୁ ସମ୍ଭାଳିବେ କହି 'ମୋ ବସ' ଗାଡି ଚାଳକ ଯେଉଁଭଳି ଦୁର୍ଘଟଣା ଘଟାଉଛନ୍ତି ସେଥିପ୍ରତି ସରକାରଙ୍କ ନିୟନ୍ତ୍ରଣ ରହିବା ନିହାତି ଆବଶ୍ୟକ। ଏହାଛଡା ବୟସ୍କ ଯାତ୍ରୀଙ୍କ କ୍ଷେତ୍ରରେ ମଧ 'ମୋ ବସ' ଡ୍ରାଇଭର ମାନେ ଅତି ଦାୟିତ୍ୱହୀନ ବ୍ୟବହାର କରୁଥିବା ଦେଖାଯାଉଛି । ବୟସାଧିକ୍ୟ ଯୋଗୁଁ ବସରେ ଚଢିବା ଓହ୍ଲେଇବାରେ ସମସ୍ୟା ହେବା ସ୍ୱାଭାବିକ। କିନ୍ତୁ ଚଢିବା ପୂର୍ବରୁ କବାଟ ବନ୍ଦ କରିଦେବା, ଓହ୍ଲେଇବା ପୂର୍ବରୁ ବସ ଚାଲୁ କରିବା ଦ୍ୱାରା ବୟୋଜ୍ୟୋଷ୍ଠମାନେ ଅଧିକ ସମୟରେ ଆହତ ହେଉଥିବା ଦେଖାଯାଉଛି। ଏ ସମ୍ପର୍କରେ ପଚାରିଲେ ଡ୍ରାଇଭରମାନେ ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ଆଳ ଦେଖାଇ ଦୁର୍ବ୍ୟବହାର କରୁଛନ୍ତି । ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଆବଶ୍ୟକ।

ଦିପ୍ତିମୟୀ ନାୟକ
ଅନ୍ଧାରୁଆ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅଣପଞ୍ଜୀକୃତ ବୋଟ୍‌ରେ ପର୍ଯ୍ୟଟକ

## ହୁକିଟୋଲାରେ ବଢୁଛି ଭିଡ଼

ମହାକାଳପଡ଼ା, ୧।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଐତିହାସିକ ବ୍ରିଟିଶ ଶାସନ ସମୟରେ ନିର୍ମିତ ହୋଇଥିବା ହୁକିଟୋଲା ଦ୍ୱୀପକୁ ଶୀତଋତୁରେ ବହୁସଂଖ୍ୟାରେ ପର୍ଯ୍ୟଟକଙ୍କ ଗହଳି ଲାଗିଯାଏ। ବିଶେଷକରି ବଡ଼ଦିନ, ନୂଆବର୍ଷରେ ବଣଭୋଜି କରିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମନଭରି ପର୍ଯ୍ୟଟକ ଉପଭୋଗ କରିଥାନ୍ତି। ବିସ୍ତୀର୍ଣ୍ଣ ଲୁଣାଜଙ୍ଗଲ, ନୀଳ ଜଳରାଶି ମଧ୍ୟରେ ଡଲ୍‌ଫିନ, ବେଳାଭୂମିରେ ଲାଲରଙ୍ଗର କଙ୍କଡ଼ାଙ୍କ ସମାଗମ ଓ ନୀଳରକ୍ତ କଙ୍କଡ଼ା ଦେଖି ପ୍ରକୃତିପ୍ରେମୀ ଆନମନା ହୋଇଥାନ୍ତି। ଏହାକୁ ମୁଖ୍ୟତଃ ଦେଖିବାକୁ ଓଡ଼ିଶା ତଥା ବାହାର ରାଜ୍ୟରୁ ପର୍ଯ୍ୟଟକମାନେ ଛୁଟି ଆସନ୍ତି। ତେବେ ଏହି ପର୍ଯ୍ୟଟନସ୍ଥଳ ହୁକିଟୋଲା ଯିବାକୁ ହେଲେ ଜଳପଥରେ ନୌକା ସାହାଯ୍ୟରେ ଯାତାୟାତ କରିଥାନ୍ତି। ସେହିପରି ଆଇଲ୍ୟାଣ୍ଡ ହୁକିଟୋଲା ଦ୍ୱୀପକୁ ଯିବାକୁ ହେଲେ ଜମ୍ବୁ ଜେଟିଠାରୁ ଜଳପଥରେ ୧୦ କିମି ଦୂର। ତେବେ ଅନ୍ୟ ବାଟରେ ଯିବାକୁ ହେଲେ



ଜଳପଥରେ ହୁକିଟୋଲା ଦ୍ୱୀପକୁ ଯିବାକୁ ଅପେକ୍ଷାରତ ପର୍ଯ୍ୟଟକ।

ରାମନଗର, ଖରିନାସି ଓ ପାରାଦୀପ ସମୁଦ୍ର ମୁହାଁଣ ଦେଇ ବୋଟରେ ଯିବାକୁ ପଡ଼ିଥାଏ। ଜମ୍ବୁ ଓ ଖରିନାସି ଜେଟିରୁ ଜଳପଥରେ ହୁକିଟୋଲାକୁ ଯାତ୍ରା ସମୟରେ ନଦୀର ଉଭୟପାର୍ଶ୍ୱରେ ଥିବା ଲୁଣା ଜଙ୍ଗଲଗୁଡ଼ିକରେ ଚିତ୍ରା ହରିଣ, ରଙ୍ଗ ବେରଙ୍ଗର ଦେଶୀ ବିଦେଶୀ ପକ୍ଷୀ ଓ ନଦୀ ପଠାଗୁଡ଼ିକରେ କୁମ୍ଭୀର ଖରା ଖାଉଥିବା ଦୃଶ୍ୟକୁ ପର୍ଯ୍ୟଟକମାନେ କ୍ୟାମେରାରେ କଏଦ କରିବାକୁ ଭୁଲନ୍ତି ନାହିଁ। ପର୍ଯ୍ୟଟକମାନେ ହୁକିଟୋଲା ଦ୍ୱୀପରେ ବଣଭୋଜି କରିବା ସହ ବେଳାଭୂମିର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ବୁଲାବୁଲି କରିଥାନ୍ତି। ଏଠାରେ ପ୍ରଶ୍ନ ଉଠେ ପର୍ଯ୍ୟଟକମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ବୋଟ ନ ଥିବାରୁ ସେମାନେ ବାଧ୍ୟ ହୋଇ ବିନା ପଞ୍ଜୀକରଣ ଘରୋଇ ବୋଟରେ ବିପଦସଙ୍କୁଳ ଭାବେ ଯାତାୟାତ କରିଥାନ୍ତି।

ସୂଚନାଯୋଗ୍ୟ, ହୁକିଟୋଲାରୁ ବଣଭୋଜି ସାରି ୨୦୧୯ ଜାନୁୟାରୀ ୨ରେ କୁଜଙ୍ଗ ଅଞ୍ଚଳର ୫୦ରୁ ଅଧିକ ପର୍ଯ୍ୟଟକ ବିନା ପଞ୍ଜୀକରଣ ଘରୋଇ ବୋଟରେ ଘରକୁ ଫେରୁଥିବାବେଳେ ନିକଟ ବଟିଘର ନିପାଣିଆ ଖୋଳା ନଦୀରେ ସନ୍ଧ୍ୟାରେ ଭାରସାମ୍ୟ ହରାଇ ବୋଟ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ୧୦ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା। ଏକ ସପ୍ତାହ ପୂର୍ବରୁ ରାମନଗର ଅଞ୍ଚଳର କେତେଜଣ ପର୍ଯ୍ୟଟକ ଏକ ଘରୋଇ ମାଛଧରା ଡଙ୍ଗାରେ ହୁକିଟୋଲାରୁ ବଣଭୋଜି ସାରି ଫେରୁଥିବାବେଳେ ବୋଟ ଇଞ୍ଜିନ ଅଚଳ ହୋଇ ମଝି ସମୁଦ୍ରରେ ଫଶି ଯାଇଥିଲା। ଖବରପାଇ ଗହୀରମଥା ରେଞ୍ଜ ଅଧିକାରୀ ଓ ଜମ୍ବୁ ସାମୁଦ୍ରିକ ପୋଲିସ ଟିମ୍ ମିଳିତ ସହଯୋଗରେ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରିବା ସହ ଅଚଳ ବୋଟକୁ କୂଳକୁ ଆଣିଥିଲେ। ତୁରନ୍ତ ପର୍ଯ୍ୟଟକମାନଙ୍କ ପାଇଁ ପଞ୍ଜୀକୃତ ବୋଟ ଯୋଗାଇ ଦେବାକୁ ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ସ୍ୱାଇଁ, ବିରଞ୍ଚି ନାରାୟଣ ଦାସ, ନାଥ କୁମାର ଭୋଳ ପ୍ରମୁଖ ଦାବି କରିଛନ୍ତି। ଅପରପକ୍ଷରେ ଏହି ହୁକିଟୋଲା ଅଞ୍ଚଳଟି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ମଧ୍ୟରେ ରହିଛି। ଏ ସମ୍ପର୍କରେ ଗହୀରମଥା ରେଞ୍ଜ ଅଧିକାରୀ ପ୍ରଦୋଷ କୁମାର ମହାରଣାଙ୍କୁ ପଚାରିବାରେ ଜଳପଥରେ ଯାଉଥିବା ପର୍ଯ୍ୟଟକ ବୋଟଗୁଡ଼ିକର ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଯୁବବର୍ଗ ହିଁ ନବୀନ ଓଡ଼ିଶାର ନୂଆ ଦିଶା




ରାଜକନିକା, ୧।୧ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକର ଓଳାଭର ମହାବିଦ୍ୟାଳୟରେ ସରକାରଙ୍କ ନୂଆ-ଓ, ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୋ ସରକାର କାର୍ଯ୍ୟକ୍ରମରେ ଆଳି ନିର୍ବାଚନମଣ୍ଡଳୀ ବିଧାୟକ ତଥା ଶକ୍ତି, ଶିଳ୍ପ ଓ କ୍ଷୁଦ୍ର, ଲଘୁ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ହଳଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁବ ବର୍ଗ ହିଁ ନବୀନ ଓଡ଼ିଶାକୁ ନୂଆ ଦିଶା ପ୍ରଦାନ କରିପାରିବେ ବୋଲି କହିଥିଲେ। ଅଧ୍ୟାପକ ମୁରଲୀଧର କର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ପ୍ରତାପ କୁମାର ବିଶ୍ୱାଳ ନୂଆ-ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମନ୍ତ୍ରୀ ଦେବ ସ୍ୱାଭିମାନ ସହ ବଞ୍ଚିବା, ସ୍ୱାବଲମ୍ବୀ ହୋଇ ନିଜେ ନିଜର ମାଲିକ ହେବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ନୂଆ-ଓ କାର୍ଯ୍ୟକ୍ରମର ନୋଡାଲ ଆଞ୍ଚଳିକ ଅଧିକାରୀ ପ୍ରତାପ କୁମାର ବିଶ୍ୱାଳ ଓ ଡ. ବସନ୍ତ କୁମାର ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ମହାବିଦ୍ୟାଳୟ ପରିଚାଳନା କମିଟିର ନୂତନ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପୂର୍ବତନ ପ୍ରାଧ୍ୟାପକ ସୁବାସ ଚନ୍ଦ୍ର ମଲ୍ଲ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ବସନ୍ତ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

## ୟୁନାଇଟେଡ୍ ୟୁଥ କ୍ଲବ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ

ପଟ୍ଟାମୁଣ୍ଡାଇ, ୧।୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ମୂଳବସନ୍ତ ପଞ୍ଚାୟତ ୟୁନାଇଟେଡ଼ ୟୁଥ କ୍ଲବ ପକ୍ଷରୁ ନୂଆବର୍ଷ ଅବସରରେ ଏକ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ଏହି ଉପଲକ୍ଷେ ୟୁନାଇଟେଡ଼ ୟୁଥ କ୍ଲବ ସଭାପତି ସଂଗ୍ରାମ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ଓ ସମିତିସଭ୍ୟା ତୃପ୍ତିମୟୀ ମଲିକ ଯୋଗଦେଇଥିଲେ। ଏଥିରେ ଆଖପାଖ ଅଞ୍ଚଳର ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ଟିମ୍, ଶିକ୍ଷକ ଟିମ୍, ପଟ୍ଟାମୁଣ୍ଡାଇ ମଡେଲ ଥାନା ଟିମ୍, ନୀଳକଣ୍ଠପୁର, ଅଳପୁଆ, ଗାଙ୍ଗପଡ଼ା, ନରେନ୍ଦ୍ରପୁର, ବାଟିପଡ଼ା, ବଡ଼ମୂଳବସନ୍ତ, ବାଲିପଡ଼ା ଆଦି ୧୦ଟି କ୍ରିକେଟ ଟିମ୍ ଭାଗ ନେଇଥିଲେ। ମଙ୍ଗଳବାର ଏହି ଟୁର୍ନାମେଣ୍ଟର ସେମିଫାଇନାଲ ଓ ଫାଇନାଲ ଖେଳ ଅନୁଷ୍ଠିତ ହେବ। ଖେଳକୁ ଅରୁଣ ଦାସ, ପ୍ରଦ୍ୟୁମ୍ନ ପାତ୍ର, ଅଶ୍ୱିନୀ ପରିଡା, ଜ୍ଞାନ ରଞ୍ଜନ ପାତ୍ର, ପ୍ରଭୁ ପ୍ରକାଶ ଦାସ ପ୍ରମୁଖ ପରିଚାଳନା କରିଥିଲେ। ପ୍ରସନ୍ନ ସ୍ୱାଇଁ, ମନୋରଞ୍ଜନ ଦାସ, ସୁକାନ୍ତ ବାରିକ, ହଳଧର ଦାସ, ବୁଢ଼ା ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ଲକ୍ ଏକାଦଶ ଟିମ୍ ବିଜୟୀ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ

ଯାଜପୁର ଟାଉନ, ୧।୧ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :

ଜିଲା କ୍ରିକେଟ୍ ଆସୋସିଏଶନ ଓ ମେଳବର୍ଣ୍ଣ କ୍ରିକେଟ କ୍ଲବର ମିଳିତ ଆନୁକୂଲ୍ୟରେ ଯାଜପୁର ବ୍ଲକ୍ ନାଥ ସାହି ପଞ୍ଚାୟତର ନୂଆପଡ଼ା ଖେଳପଡ଼ିଆରେ ଚତୁର୍ଥ ଦିନର ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ସାମ୍ବାଦିକ ଏକାଦଶ ଓ ଯାଜପୁର ପଞ୍ଚାୟତ ସମିତି ଏକାଦଶ ମଧ୍ୟରେ ମୁକାବିଲା ହୋଇଥିଲା । ଏହି ମ୍ୟାଚ୍‌ରେ ବ୍ଲକ୍ ଏକାଦଶ ଟିମ୍ ବିଜୟୀ ହୋଇଛି ।

ପ୍ରଥମେ ସାମ୍ବାଦିକ ଏକାଦଶ ଟସ୍‌ଜିଣି ବ୍ୟାଟିଂ କରି ୧୧ ଓଭରରେ ସମସ୍ତ ଉଇକେଟ୍ ହରାଇ ୫୨ରନ୍ ସଂଗ୍ରହ କରିଥିଲା । ଏହାର ଜବାବ୍‌ରେ ବ୍ଲକ୍ ପ୍ରଶାସନ ଏକାଦଶ ୯ଓଭରରେ ୫ ଉଇକେଟ୍ ହରାଇ ୫୩ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା । ଏହି ମ୍ୟାଚ୍ ଦେଖିବା ପାଇଁ ବହୁ ଦର୍ଶକଙ୍କ ଭିଡ଼ ଜମିଥିଲା । ଯାଜପୁର ବ୍ଲକ୍ ପ୍ରଶାସନ ତରଫରୁ ବରିଷ୍ଠ ବିଜେଡି ନେତା ଦିଲୀପ ଜେନା, ଦାମୋଦର ସାହୁ, ପ୍ରଶାନ୍ତ ଦାସ, ଅମରେନ୍ଦ୍ର ଦାସ, ଯମଧର ସରପଞ୍ଚ ବାଦଲ ଖୁଣ୍ଟିଆ, ବାସୁଦେବପୁର ସରପଞ୍ଚ କାହ୍ନୁ ତରାଇ, ରଶ୍ମିରଞ୍ଜନ ମହାନ୍ତି, ଅଜୟ ମହାନ୍ତି ଓ ବ୍ଲକ୍ ଯୁବ ବିଜେଡି ସଭାପତି ଅଜୟ ମହାନ୍ତି ପ୍ରମୁଖ ଖେଳିଥିବା ବେଳେ ଯାଜପୁର ସାମ୍ବାଦିକ ଏକାଦଶର ସମରଜିତ ମହାନ୍ତି, ଦିଲୀପ ଦାସ, ବିଶ୍ୱଜିତ ରଣା, ଅରୁଣ ରାଉତରାୟ, ସନ୍ଦୀପ୍ତ ରାୟ, ଦେବାଶିଷ ସାହୁ, ମହେଶ୍ୱର ସାହୁ, ପରମେଶ୍ୱର ବେହୁରିଆ, ବିଭୁଦତ୍ତ ପୃଷ୍ଟି, ଶକ୍ତିସୌରଭ ମହାପାତ୍ର, ବିଜୟ ସାହୁ, ସୌମ୍ୟରଞ୍ଜନ ଦାସ, ହିମାଂଶୁ ପାଢ଼ୀ, ପବିତ୍ର ପାଣିଗ୍ରାହୀ, କ୍ରୀଷ୍ଣା, ମନୋଜ ରଣା ଖେଳିଥିଲେ ।

ମୁଖ୍ୟ ଅତିଥି ଭାବେ ଯାଜପୁର ବ୍ଲକ୍ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ଯୋଗଦେଇ ଉଭୟ ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ବରିଷ୍ଠ ବିଜେଡି ନେତା ତୁଷାରକାନ୍ତ ପରିଡ଼ା, ଜିଲା କ୍ରିକେଟ୍ ଆସୋସିଏଶନର ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସହ ସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ସ୍ୱସ୍ତିକ ପହି, ନାଥସାହି ଯୁବନେତା ମନୋଜ କୁମାର ସାହୁ, ସୁଶାନ୍ତ ସିଂ, ଯାଜପୁର ପୌରପାଳିକା ନଗର ସଭାପତି ମନୋଜ ସାହୁ, କାଉନ୍‌ସିଲର ଶୁଭାଶିଷ ରାଉତ, ପାର୍ଥସାରଥୀ ବେହେରା, ସଞ୍ଜୟ ବେହେରା, ଉମାକାନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ସାଧୁ ଗୌଡ଼େଶ୍ୱର କଲେଜ ୧୯୯୫ ବ୍ୟାଚ୍‌ର ବନ୍ଧୁମିଳନ

ଝୁମ୍ପୁରୀ, ୧।୧ (ସରୋଜ ନାୟକ):

ଦଶରଥପୁର ବ୍ଲକର ସର୍ବପୁରାତନ ସାଧୁଗୌଡେଶ୍ୱର ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷ ୧୯୯୫ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁ ମିଳନ ସ୍ଥାନୀୟ କାଟିଆ ନିକଟ ମା' ମଙ୍ଗଳା ଡିହଠାରେ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମଣ ବାଇ, ବିଭୁପଦ ସାହୁ, ଅନନ୍ତ ମଲ୍ଲିକ, ତପନ ଦାସ, ମନୋଜ ନାଥ, ଗିରୀଧାରୀ ସାହୁ, ତୁଷାର ନାୟକ, ଅଶୋକ ସାହୁ, ଚିତ୍ତରଞ୍ଜନ ସାହୁ ଓ ଜତିନ୍ଦ୍ର କର ପ୍ରମୁଖଙ୍କ ନେତୃତ୍ୱରେ ୨୮ ବର୍ଷପରେ ପ୍ରାୟ ୮୦ ଛାତ୍ରୀଛାତ୍ର ଓ ତାଙ୍କ ପରିବାର ବର୍ଗଙ୍କୁ ନେଇ ଏହି ବନ୍ଧୁ ମିଳନ ଆୟୋଜନ କରାଯାଇଥିଲା। ପ୍ରତ୍ୟେକ ଛାତ୍ରୀଛାତ୍ର ଦୀର୍ଘଦିନର ବ୍ୟବଧାନ ପରେ ମଧ୍ୟ ପରସ୍ପରକୁ ଦେଖି ବହୁ ଖୁସି ମନାଇଥିଲେ। ସମସ୍ତ ଛାତ୍ରୀଛାତ୍ର ପରିବାର ବର୍ଗଙ୍କୁ ପରିଚୟ କରାଇଥିଲେ। ଏହା ବନ୍ଧୁ ମିଳନରେ ସିମିତ ନ ରହି କିଛି ସମାଜ କଲ୍ୟାଣ କାର୍ଯ୍ୟରେ ସାମିଲ ହେବା ପାଇଁ ପ୍ରସ୍ତାବ ରଖାଯାଇଥିଲା। ଆରତି ମହାପାତ୍ର, ଅନୁରାଧା ମିଶ୍ର, ଗୀତାଞ୍ଜଳି ଦାସ, ବିଜୟ ସାହୁ, ସ୍ୱପ୍ନାରାଣୀ ବେହେରା, ଗୀତାଞ୍ଜଳି ସାମଲ, ଅରୁଣ ବାରିକ, ସବିତା ଭଞ୍ଜ, ଲକ୍ଷ୍ମୀଧର ମଲ୍ଲିକ, ଚନ୍ଦ୍ରଶେଖର ଦାସ, ରମାକାନ୍ତ ଜେନା, ସୁବ୍ରତ ସାହୁ, ଶ୍ରୀପତି ବେହେରା, ଜୟନ୍ତ ବିଶ୍ୱାଳ, ସୁରଥ ଧୀର ଓ ସୁମନ୍ତ ପଣ୍ଡା ପ୍ରମୁଖ ଛାତ୍ରୀଛାତ୍ର ଉପସ୍ଥିତ ରହି ରହି ସହଯୋଗ କରିଥିଲେ।

## ବିଶ୍ୱ ସଂସ୍କୃତ ସମ୍ମେଳନରେ ଡ.ଜ୍ଞାନରଞ୍ଜନ ପତି



ସମ୍ମେଳନରେ ଯୋଗଦେଇଥିବା ସଂସ୍କୃତ ବିଦ୍ୱାନମାନଙ୍କ ଗହଣରେ ଡ.ଜ୍ଞାନରଞ୍ଜନ ପତି।

ଯାଜପୁର ଟାଉନ, ୧।୧ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :

ଆସାମ୍‌ର ଗୁହାଟିଠାରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ ଲୋକସଭା ପ୍ରଚାର ସମିତି ଓ ସନାତନ ଧର୍ମସଭା ଆନୁକୂଲ୍ୟରେ ୨୭ ରୁ ୨୯ ତାରିଖ ପର୍ଯ୍ୟନ୍ତ ବିଶ୍ୱ ସଂସ୍କୃତି ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶ ବିଦେଶର ୫ଶହରୁ ଊର୍ଦ୍ଧ୍ୱ ସଂସ୍କୃତ ବିଦ୍ୱାନ, ବିଭିନ୍ନ ବିଶ୍ୱଦ୍ୟାଳୟର କୁଳପତି, ପ୍ରଧ୍ୟାପକ ଗବେଷକମାନେ ଯୋଗଦେଇ 'ବିଶ୍ୱ ହିତାୟ ସଂସ୍କୃତମ୍'ବିଷୟରେ ନିଜ ନିଜର ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନ କରିଥିଲେ । ଏହି ଆନ୍ତର୍ଜାତୀୟ ଆଲୋଚନା ଚକ୍ରରେ ଯାଜପୁରର ବିଶିଷ୍ଟ ସଂସ୍କୃତ ବିଦ୍ୱାନ ତଥା ବିରଜା ସଂସ୍କୃତି ଗବେଷକ ଡ.ଜ୍ଞାନରଞ୍ଜନ ପତି ଯୋଗଦେଇ ନିଜର ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନା କରିବା ସହ ୨ୟ ଦିନରେ ଏକ ସେମିନାରରେ ସମୀକ୍ଷକ ଭାବେ ମଞ୍ଚାସୀନ ଥିଲେ। ତିରୁପତି ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆନ୍ତର୍ଜାତୀୟ ଆଲୋଚନା ଚକ୍ରରେ ଡ. ପତିଙ୍କ ସହ ବିଶ୍ୱ ସଂସ୍କୃତ ସଂଗଠନର ଅଧ୍ୟକ୍ଷ ଡ.ସଦାନନ୍ଦ ଦୀକ୍ଷିତ , ଡି.ବି ଗୌପାଳଚାର ଉଡୁପି, କର୍ଣ୍ଣାଟକ, ପ୍ରଫେସର ଡ. ଗନେନ୍ଦ୍ର ନାଥଶର୍ମା, ଆସାମର ପ୍ରଫେସର ଡ.କାଶିନାଥ ନୌପାନ୍, ନେପଳର ଡ.ଗଗନ ଚନ୍ଦ୍ର ଦେ, ପଶ୍ଚିମବଙ୍ଗର ଡ.କାଳିପ୍ରସନ୍ନ ଶତପଥୀ, କେନ୍ଦ୍ରାପଡାର କୁଶଳ କଳିତା , ଆସାମ, କଟକର ଡ.ବିପିନ ବିହାରୀ ଶତପଥୀ ପ୍ରମୁଖ ମଞ୍ଚାସୀନଥିଲେ। ଏହି ସମ୍ମିଳନୀରେ ୟୁ.କେ, ଇଂଲଣ୍ଡ, ନେପାଳ, ପୋଲାଣ୍ଡ, ଭିଏତ୍‌ନାମା ଆଦି ୨୦ରୁ ଊର୍ଦ୍ଧ୍ୱ ଦେଶର ବିଶିଷ୍ଟ ସଂସ୍କୃତ ଗବେଷକମାନେ ଯୋଗଦେଇଥିଲେ। ଏହି ଅବସରରେ ସଂସ୍କୃତି କବି ସମ୍ମିଳନୀ ଧର୍ମଶାସ୍ତ୍ରାଲୋଚନା ସନ୍ଥ ସମାବେଶରେ ଅନ୍ୟମାନଙ୍କ ସହ ଡ.ଜ୍ଞାନରଞ୍ଜନ ପତି ଯୋଗଦେଇ ଶାପ୍ତ ସଂସ୍କୃତିରେ ଆସାମର କାମାକ୍ଷାପୀଠ ଓ ଓଡ଼ିଶାର ପ୍ରାଚୀନତମ ଶକ୍ତିପୀଠ ବିରଜାପୀଠର ଶକ୍ତି ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀଙ୍କ ବନ୍ଧୁମିଳନ

ରାଜନଗର, ୧।୧ (ଭାସ୍କର ରାଉତରାୟ)

ନୂତନ ବର୍ଷ ଅବସରରେ ରାଜନଗର ବ୍ଲକ ସାନବଡ଼ଗୋପାଳପୁରସ୍ଥିତ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପରିସରରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି କୃପାସିନ୍ଧୁ, ସମ୍ପାଦକ ବିଜୟ କୁମାର ଜେନା, ଚୁମନି ଲାଲ ରାମ୍, ସୌଭାଗ୍ୟ ଦାସ, ରମେଶ ପ୍ରଧାନ, ପ୍ରଶାନ୍ତ ନାୟକ, ରମେଶ ବେହେରା, ଧର୍ମେନ୍ଦ୍ର କୁମାର ଲେଙ୍କା, ଅଭିରାମ ସାହୁ, ମାଗୁଣି ସ୍ୱାଇଁ, କିଶୋର ମିଶ୍ର, ଶଙ୍କର ବିଶ୍ୱାଳ, ଦାଶରଥି ଲେଙ୍କା, ଗୌରାଙ୍ଗ ବାରିକ, ମନୋରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇ ଭାବ ଆଦାନ ପ୍ରଦାନ କରିଥିଲେ। ଏହି ଅବସରରେ ବ୍ୟାଙ୍କର ମ୍ୟାନେଜର ଅଭୟ କୁମାର ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଆୟୁଷ ପ୍ରାକୃତିକ ଚିକିତ୍ସା, ଫିଜିଓଥେରାପି ଚିକିତ୍ସାଳୟ ଉଦ୍‌ଘାଟିତ

ପଟ୍ଟାମୁଣ୍ଡାଇ, ୧।୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ସିନେମା ହଲ୍ ନିକଟରେ ନୂଆବର୍ଷ ଅବସରରେ ଆୟୁଷ ପ୍ରାକୃତିକ ଚିକିତ୍ସା ଓ ଫିଜିଓଥେରାପି ଚିକିତ୍ସାଳୟ ଉଦ୍‌ଘାଟିତ ହୋଇଯାଇଛି। ଡା. ମିନତି ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଚିକିତ୍ସାଳୟକୁ ଉଦ୍‌ଘାଟନ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଭୁବନେଶ୍ୱର ସତ୍ୟସାଇ ମେଡିକାଲ କଲେଜ ପ୍ରତିଷ୍ଠାତା ଡା. ଅଶୋକ କୁମାର ଦୋରା, ଡା. ଅର୍କ ଦାସ ଅଧିକାରୀ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ସାମ୍ପ୍ରତିକ ସମୟରେ ପ୍ରାକୃତିକ ଚିକିତ୍ସାର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ବ୍ଲକ ସାମାଜିକ ସମୀକ୍ଷକ ନଳିନୀକାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଝାଡେଶ୍ୱର ପୀଠରେ ବ୍ରହ୍ମ ଏକାକ୍ଷର ମହାଯଜ୍ଞ



ବ୍ରହ୍ମ ଏକାକ୍ଷର ମହାଯଜ୍ଞରେ ସାମିଲ ହୋଇଥିବା ସାଧୁସନ୍ଥ ଏବଂ ଅନ୍ୟମାନେ।

ଚଣ୍ଡିଖୋଲ, ୧।୧ (ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ ଅନ୍ତର୍ଗତ କଡ଼େଇ ଠାରେ ଥିବା ଝାଡେଶ୍ୱର ପୀଠ ରେ ଦୁଇ ଦିନିଆ ବ୍ରହ୍ମ ଏକାକ୍ଷର ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଛତିଆ ନିକଟସ୍ଥ ସୋଲର ଉଦାସ ଆଶ୍ରମର ମଠାଧୀଶ ଯଜ୍ଞେଶର ନନ୍ଦ ମହାରାଜଙ୍କ ଅଧ୍ୟକ୍ଷତାରେ ରବିବାର ବ୍ରାହ୍ମ ମୁହୂର୍ତ୍ତରୁ ଅଙ୍କୁର ରୋପଣ, କଳସ ଯାତ୍ରା, ସୂର୍ଯ୍ୟ ପୂଜା, ଗୋ ପୂଜା ଆଦି ଅନୁଷ୍ଠିତ ହୋଇ ଯଜ୍ଞ କାର୍ଯ୍ୟ ଆରମ୍ଭ କରିଥିଲେ। ସୋମବାର ଯଜ୍ଞର ପୂର୍ଣ୍ଣାହୂତି ଅନୁଷ୍ଠିତ ହୋଇଛି। ଶିବ ପ୍ରାସାଦ ମହାନ୍ତି ଓ ତାଙ୍କ ସ୍ତ୍ରୀ କର୍ତ୍ତା ଭାବେ ଯୋଗଦେଇଥିଲେ। ପଣ୍ଡିତ ଖଗେଶ୍ୱର ରଥ, ନୀଳମଣି ପଣ୍ଡା, ଗୟାଧର ପଣ୍ଡା, ଅକ୍ଷୟ ତ୍ରିପାଠୀ ପ୍ରମୁଖ ପୂଜା କାର୍ଯ୍ୟ କରିଥିଲେ। ଆଶ୍ରମର ସେବକ ଦିବ୍ୟ ଲୋଚନ ଦାସ, ମହାଯଜ୍ଞର ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ଚାଷୀଙ୍କ ଅଗୋଚରରେ ବ୍ୟାଙ୍କରେ ଋଣ ବଢୁଛି

## ସମବାୟ ଦୁର୍ନୀତି ପ୍ରସଙ୍ଗ

ପଟ୍ଟାମୁଣ୍ଡାଇ, ୧।୧ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ଅଧୀନରେ ଥିବା ମିନିବ୍ୟାଙ୍କ ଓ ସମବାୟ ସମିତି ମଧ୍ୟରୁ ଅଧିକାଂଶ ସମିତିରେ ଅର୍ଥ ନେଣଦେଣରେ ହେରଫେର ହୋଇଥିବା ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଛି। ଚାଷୀଙ୍କ ଅଗୋଚରରେ ବ୍ୟାଙ୍କରେ ଋଣ ପରିମାଣ ବଢି ଚାଲିଛି। ବିଭାଗୀୟ ସମବାୟ ଅଧିକାରୀ, ଅଡିଟ ବିଭାଗ ଓ ଅର୍ଥ ଯୋଗାଣକାରୀ ବ୍ୟାଙ୍କର ଉପରିସ୍ଥ ଅଧିକାରୀମାନଙ୍କ ମନମାନି ଯୋଗୁଁ ସମବାୟ ବିଭାଗ ଦୁର୍ନୀତିର ଗନ୍ତାଘର ପାଲଟିଛି। ଗରିବ ଚାଷୀମାନଙ୍କ ଋଣ ଟଙ୍କା ସମ୍ପାଦକମାନେ ହରିଲୁଟ କରିବାରେ ଲାଗିଛନ୍ତି। ରାଜ୍ୟ ସରକାରଙ୍କ ଟଚ-ଦି-ପ୍ୟାକ୍ସ ଯୋଜନାରେ ସମବାୟ ବିଭାଗ କେନ୍ଦ୍ରାପଡ଼ା ପ୍ରଦାନ କରିଥିବା ଆର୍‌ଟିଆଇ ତଥ୍ୟ ଅନୁଯାୟୀ ବଡ଼ମୂଳବସନ୍ତ ସଂସାରଫଳ, ସାନଜରିଆ ଓ ଶ୍ୟାମସୁନ୍ଦରପୁର ସମବାୟ ସମିତିଗୁଡ଼ିକର ଚାଷୀମାନଙ୍କ ପାଇଁ ବ୍ୟାଙ୍କ ଯୋଗାଇ ଦେଇଥିବା ଋଣ ଅର୍ଥଠାରୁ ଢେର ଅଧିକ ଟଙ୍କା ସମିତି ସମବାୟ ବ୍ୟାଙ୍କକୁ ଶୁଝିବାକୁ ଅଛି ବୋଲି ଦର୍ଶାଯାଇଛି।

ବଡ଼ମୂଳବସନ୍ତ ସମବାୟ ସମିତି ସଭ୍ୟମାନଙ୍କୁ ୨ କୋଟି ୮୦ଲକ୍ଷ ଋଣ ଲଗାଣ କରାଯାଇଛି। ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ବଡ଼ମୂଳବସନ୍ତ ସମିତି ୩ କୋଟି ୯୭ ଲକ୍ଷ ଋଣ ଟଙ୍କା କେନ୍ଦ୍ର ସମବାୟ ବ୍ୟାଙ୍କକୁ ଶୁଝିବାକୁଅଛି ବୋଲି ବ୍ୟାଙ୍କ ସୂଚନା ଦେଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ସମବାୟ ସମିତି ବ୍ୟୟ ବାବଦକୁ ମୋଟ ୫୯ ଲକ୍ଷ ୩୬ ହଜାରେ ଦର୍ଶାଇଛି ; ଯାହା ମୂଳଧନର ୧୯ ପ୍ରତିଶତ। ସେହିପରି ଧାନମଣ୍ଡିରୁ ଧାନଚାଷୀମାନେ ସିଧାସଳଖ ମିଲର୍ ପାଖରେ ଦେଇଥିବା ବେଳେ ସୋସାଇଟି ସମ୍ପାଦକ ଚଳିତବର୍ଷ ୧ ଲକ୍ଷ ୩୭ ହଜାରେ ୭୯୮ ଟଙ୍କା ଧାନ ଉଠାଣ ବାବଦକୁ ଦର୍ଶାଇଛନ୍ତି। ସେହିପରି ସାନଜରିଆ ସମବାୟ ସମିତିର ସଭ୍ୟମାନଙ୍କୁ ୨ କୋଟି ୫୮ଲକ୍ଷ ଋଣ ଲଗାଣ କରିଥିବା ବେଳେ ସାନଜରିଆ ସମିତି ୩ କୋଟି ୨ ଲକ୍ଷ ଟଙ୍କା କେନ୍ଦ୍ର ସମବାୟ ବ୍ୟାଙ୍କକୁ ଶୁଝିବାକୁ ଅଛି। ୨୦୨୨-୨୩ ଆର୍ଥିକ ବର୍ଷରେ ସମବାୟ ସମିତି ବ୍ୟୟବାବଦକୁ ମୋଟ ୨୦.୬୭ ଲକ୍ଷ ଦର୍ଶାଯାଇଛି। ଯାହା କର୍ଯ୍ୟକାରୀ ମୂଳଧନର ୩୨.୬୬ ପ୍ରତିଶତ ହୋଇଥିବା ବେଳେ ଧାନମଣ୍ଡିରୁ ଧାନ ସିଧାସଳଖ ମିଲର ପାଖକୁ ଯାଉଥିଲେ ମଧ୍ୟ ଚଳିତବର୍ଷ ୬୮ହଜାରେ ୧୫୪ ଟଙ୍କା ସମ୍ପାଦକ ମିଥ୍ୟା ବିଲ୍‌ରେ ଖର୍ଚ୍ଚ କରାଯାଇଥିବା ଦର୍ଶାଇ ଅର୍ଥ ଆତ୍ମସାତ କରିଛନ୍ତି। ସେହିପରି ସଂସାରାପଳ ସମିତିରେ ଋଣୀମାନଙ୍କ ଉପରେ ୭.୭୭ କୋଟି ଥିବା ବେଳେ ବ୍ୟାଙ୍କ ପାଇବ ୯.୧୫ କୋଟି । ବ୍ୟାଙ୍କର ମୂଳଧନରୁ ୧.୩୮ କୋଟି ସମିତି ପାଇଁ ବ୍ୟୟ ହୋଇସାରିଲାଣି। ୨୧-୨୨ ଅଡିଟ ହିସାବରେ ସମିତି ବର୍ଷକ ମଧ୍ୟରେ ୩୮.୯୭ ଲକ୍ଷ ବ୍ୟୟ କରିଛି। ଏହା କାର୍ଯ୍ୟକ୍ଷମ ମୂଳଧନର ୨୧.୧୭ ପ୍ରତିଶତ ଅଟେ। ସେହିପରି ଧାନ ମଣ୍ଡିରୁ ସିଧାସଳଖ ମିଲକୁ ଯାଇଥିବା ବେଳ ଚଳିତବର୍ଷରେ ମଣ୍ଡି ଖର୍ଚ୍ଚ ବାବଦରେ ୮୭ ହଜାରେ ୭୭୦ ଟଙ୍କା ହେରଫେର କରାଯାଇଛି। ଶ୍ୟାମସୁନ୍ଦରପୁର ସମିତିରେ ଚାଷୀମାନଙ୍କ ଉପରେ ଋଣ ଭାର ୧୩ କୋଟି ୩ ଲକ୍ଷ ଟଙ୍କା ରହିଥିବା ବେଳେ ବ୍ୟାଙ୍କକୁ ଶୁଝିବାରେ ଅଛି ୧୩ କୋଟି ୫୬ ଲକ୍ଷ। ମୂଳଧନରୁ ୫୩ ଲକ୍ଷ ସୋସାଇଟିରେ ହେର୍‌ଫେର ହୋଇଥିବାବେଳେ ୨୦୨୦-୨୧ଅଡିଟ ରିପୋର୍ଟ ଅନୁଶାରେ ଏହା ମୂଳଧନର ହିସାବ ମିଳିପାରିନାହିଁ। ଏହି ରିପୋର୍ଟରେ ସମିତି କ୍ୟାଶ ବହି ନ ଥିବା ଦର୍ଶାଇଛନ୍ତି। ସେହିଭଳି ଧାନ ମଣ୍ଡିକି ଯାଇ ନ ଥିବା ବେଳେ ମଣ୍ଡି ବାବଦରେ ୯୯ ଲକ୍ଷ ୭୨୦ ଜାଲ ବିଲ୍ କରାଯାଇଛି। ଏ ନେଇ କେନ୍ଦ୍ରାପଡ଼ା ଏଆର୍‌ସିଏସ୍ ଚିଠି କରି ସମବାୟ ସମ୍ପାଦକଙ୍କୁ ୪୦ ଲକ୍ଷ ୧୭ ହଜାର ଓ ବଡ଼ପଡ଼ା ସମିତି ଦାୟିତ୍ୱରେ ଥିବାବେଳେ ୬ ଲକ୍ଷ ଟଙ୍କା ହେର୍‌ଫେର ହୋଇଥିବା ରିକଭରି ପାଇଁ ଜଣାଇଥିଲେ। ମାତ୍ର ଏ ବାବଦରେ ସମ୍ପାଦକ ତପନ ସ୍ୱାଇଁଙ୍କୁ ପଚାରିବାରେ ଏହା ଭିତ୍ତିହୀନ ଏ ନେଇ ଟ୍ରିବୁନାଲରେ କେସ୍ କରିଛି ବୋଲି ସେ କହିଛନ୍ତି। ଅପରପକ୍ଷେ ଏତେ ଗୁଡିଏ ଟଙ୍କା ବ୍ୟାଙ୍କ କାହାକୁ ଦେଇଛି ଓ କେଉଁ ଆଧାରରେ ଦିଆଯାଇଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ୟାଙ୍କ ଯୋଗାଉଥିବା ଅର୍ଥର ମୂଳଧନ ଲୁଟ୍ ଏପରି ଅବସ୍ଥାରେ ପହଞ୍ଚିଛି ଯେ କିଛିଦିନ ପରେ ଏହି ସବୁ ଦୁର୍ନୀତିଗ୍ରସ୍ତ ସମିତି ବନ୍ଦ ହୋଇଯିବାର ଆଶଙ୍କା ସୃଷ୍ଟି କରୁଛି। ଏ ବାବଦରେ କଟକ ସମବାୟ ବ୍ୟାଙ୍କ ସମ୍ପାଦକ ଅନନ୍ତ ସାମଲଙ୍କୁ ପଚାରିବାରେ ବ୍ୟାଙ୍କ ଅନିୟମିତତା ସମ୍ପର୍କରେ ବାର୍ଷିକ ସମୀକ୍ଷା ହେବ। ନିର୍ଦ୍ଦିଷ୍ଟ ତଥ୍ୟ ଓ ତାହାର ପରିମାଣ ବିଷୟରେ ଆଲୋକପାତ ହେଲେ ସମ୍ପୃକ୍ତ ଥିବା କର୍ମଚାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହ ଆବଶ୍ୟକସ୍ଥଳେ ପୌଜଦାରୀ କାର୍ଯ୍ୟବିଧି ଆଇନ୍ ଅନୁସାରେ ମାମଲା ଦାଏର କରାଯାଇଥାଏ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ମଠ ମହନ୍ତଙ୍କ ପରଲୋକ

କୁଜଙ୍ଗ,୧।୧(ମନୋଜ ପ୍ରଧାନ)– ବଡ଼ ମଠ ନାମରେ ପରିଚିତ କୁଜଙ୍ଗ ବ୍ଲକ ଅନ୍ତର୍ଗତ ମଲ୍ଲାସାହିସ୍ଥିତ ଶ୍ରୀ ଜଗନ୍ନାଥ ଜୀଉ ବିଜେ ମଠର ମହନ୍ତ ତଥା ସେବକ ପ୍ରଫୁଲ୍ଲ ଦାସ (୫୬)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ପରଲୋକ ଘଟିଛି। ମଠର ତୃତୀୟ ପିଢ଼ିର ମହନ୍ତ ସ୍ୱର୍ଗତ ନିଗମାନନ୍ଦ ଦାସଙ୍କ ଇଚ୍ଛାପତ୍ର ମୁତାବକ ଦେବୋତ୍ତର ବିଭାଗ ପ୍ରଫୁଲ୍ଲ ଦାସଙ୍କୁ ମହନ୍ତଭାବେ ସ୍ୱୀକୃତି ଦେଇଥିଲେ । ରବିବାର ଟ୍ରଷ୍ଟବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ବଲ୍ଲଭଚରଣ ପାଣିଙ୍କ ତତ୍ତ୍ୱାବଧାନରେ ମଠ ପରିସରରେ ମହନ୍ତ ଦାସଙ୍କୁ ସମାଧି ଦିଆଯାଇଛି। ଉକ୍ତ ସମାଧି କାର୍ଯ୍ୟକ୍ରମରେ ଟ୍ରଷ୍ଟ ବୋର୍ଡର ସମସ୍ତ ସଭ୍ୟମାନଙ୍କ ସହ ନିକଟସ୍ଥ ଗୌରପଡା, ତେଣ୍ଟେଇକୁଦ, ଅରଖିଆ, ବାଗୋଇ ଆଦି ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲେ ।

### ଶିଶୁଙ୍କ ଭବିଷ୍ୟତ ଗଢ଼ିବା ଅଭିଭାବକ, ଶିକ୍ଷକଙ୍କ କର୍ତ୍ତବ୍ୟ

କୁଜଙ୍ଗ,୧।୧(ମନୋଜ ପ୍ରଧାନ):

କୁଜଙ୍ଗସ୍ଥିତ ଘରୋଇ ନ୍ୟାଶନାଲ ସ୍କୁଲ ଓ ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲର ୧୬ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ୨ ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଅଧ୍ୟାପିକା ରୋଜାଲିନ ଜେନା ଅଧ୍ୟକ୍ଷତା କରିଥିଲେ। ଜଗତ୍‌ସିଂହପୁର ଜିଲା ବିଜେଡି ମହିଳା ଶାଖା ସଭାନେତ୍ରୀ ସବିତା ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ନ୍ୟାଶନାଲ ସ୍କୁଲର ସ୍ୱଳ୍ପ ମୂଲ୍ୟ ବିନିମୟରେ ଉତ୍ତମ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ଭୂୟସୀ ପ୍ରଶଂସା କରିଥିଲେ । ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ ବୋଲି କହିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକମାନଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ, ବନବିହାରୀ ଉଚ୍ଚ ବିଦ୍ୟାଳୟର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପୂର୍ବତନ ଶିକ୍ଷକ ଦୀନବନ୍ଧୁ ସେନାପତି, ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପରିଚାଳନା ସମିତି ସଭାପତି ଖବରଦାତା ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷା ପ୍ରମିଳା ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବିବରଣୀ ପାଠ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶେଷରେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶନିବାର ପ୍ରଥମ ଦିବସରେ ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବରେ ଡକ୍ଟର ଗଙ୍ଗାଧର ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ଏଥିରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ହରିହର କାନୁନ୍‌ଗୋ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଗୁରୁମନ୍ତ୍ର ଦେଇଥିଲେ।

# ମନ୍ଦିର, ପର୍ଯ୍ୟଟନ ସ୍ଥଳରେ ଭିଡ଼



ମା'ଶାରଳାଙ୍କ ମନ୍ଦିର ପରିସରରେ ଭକ୍ତଙ୍କ ଭିଡ ।

ଜଗତ୍‌ସିଂହପୁର ଅଫିସ, ୧।୧

**ଇଂଲିଶ୍ ନୂଆ ବର୍ଷ ୨୦୨୪କୁ ସ୍ୱାଗତ**
- ଜିଲା ଉତ୍ସବମୁଖର
- ଲୋକଙ୍କ ମନରେ ନୂଆ ଆଶା, ଉତ୍ସାହ

୨୦୨୪ ଇଂଲିଶ୍ ନୂଆବର୍ଷକୁ ନେଇ ସାରା ଜିଲା ଉତ୍ସବ ମୁଖରିତ ହୋଇପଡ଼ିଛି। ଲୋକଙ୍କ ମନରେ ନୂଆ ଆଶା ଓ ଉତ୍ସାହ ସୃଷ୍ଟି ହୋଇଛି। ବିଶେଷକରି ହିନ୍ଦୁ ଧର୍ମାବଲମ୍ବୀମାନେ ସକାଳୁ ଜିଲାର ବିଭିନ୍ନ ଦେବଦେବୀ ମନ୍ଦିରରେ ଭିଡ଼ ଜମାଇଥିଲେ। ପରିବାରର ସୁଖ ଓ ସମୃଦ୍ଧି ପାଇଁ ପୂଜାପାଠ ସାଙ୍ଗକୁ ପିଠାପଣା ଆଦି ସୁସ୍ୱାଦୁ ଖାଦ୍ୟ କରି ଖୁସି ମନାଇଛନ୍ତି। ଜିଲାର ଅଧିଷ୍ଠାତ୍ରୀ ଦେବୀ ମା'ଶାରଳା ଓ ଗୋରେଖନାଥ ଆଦି ପୀଠରେ ସକାଳୁ ଜନଗହଳି ଦେଖିବାକୁ ମିଳିଥିଲା। ଏଥିସହ ଜିଲା ମୁଖ୍ୟାଳୟରେ ଥିବା ଗୋପାଳଜୀଉ ମନ୍ଦିର, ସୋମନାଥ ମନ୍ଦିର, ମାର୍କଣ୍ଡେଶ୍ୱର ମନ୍ଦିର, ସାଇ ମନ୍ଦିର, ବାରଙ୍ଗ ଜଗନ୍ନାଥ ମନ୍ଦିର, ବରାହୀ ମନ୍ଦିର ଓ ଦୁର୍ଗା ମନ୍ଦିର ଆଦିରେ ମଧ୍ୟ ଭିଡ଼ ଜମିଥିଲା। ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ସେମାନଙ୍କ ତଳପଦସ୍ଥ କର୍ମଚାରୀମାନେ ଅଭିନନ୍ଦନ ଜଣାଇଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ନେତାମାନେ ଏହାକୁ ଏକ ପର୍ବ ଭାବେ ପାଳନ କରିଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ ରାଜନୈତିକ ପରିବେଶ ବେଶ୍ ଚଳଚଞ୍ଚଳ ହୋଇପଡ଼ିଛି। ପୋଷ୍ଟର, ବ୍ୟାନର ସମେତ ହ୍ୱାଟ୍ସଆପ୍ ଓ ଫେସବୁକ୍ ଭଳି ସାମାଜିକ ଗଣମାଧ୍ୟମ ଜରିଆରେ ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି। ବିଜେଡି, କଂଗ୍ରେସ ଓ ଭାଜପା ନେତାଙ୍କ ପାଖରେ ଦଳୀୟ କର୍ମୀମାନେ ପହଞ୍ଚି ଅଭିନନ୍ଦନ ଜଣାଇଛନ୍ତି। ଫୁଲର ଚାହିଦା ବଢ଼ିଥିବାରୁ ଏହି ଦୋକାନୀମାନଙ୍କ ମନରେ ହରସ ଦେଖିବାକୁ ମିଳିଛି। ନୂଆବର୍ଷ ସୋମବାର ପଡ଼ିଥିବାରୁ ଚଳିତବର୍ଷ ଅଧିକାଂଶ ସ୍ଥାନରେ ଆମିଷ ଦେଖିବାକୁ ମିଳି ନ ଥିଲା। ରବିବାର ରାତିରେ ଲୋକେ ଭୋଜି ସାଙ୍ଗକୁ ଜିରୋ ନାଇଟ୍ ସେଲିବ୍ରେଶନ୍ କରିଥିଲେ।

## ଚର୍ଚ୍ଚାରେ ଚିରଞ୍ଜୀବଙ୍କ ହୋର୍ଡିଂ ରଙ୍ଗ

କିଛି ବର୍ଷ ହେବ ପୂର୍ବତନ ଜଗତ୍‌ସିଂହପୁର ବିଧାୟକ ତଥା ନିକଟରେ କଂଗ୍ରେସରୁ ନିଲମ୍ବିତ ହୋଇଥିବା ଚିରଞ୍ଜୀବ ବିଶ୍ୱାଳ ଇଂଲିଶ୍ ନୂଆ ବର୍ଷରେ ଜଗତ୍‌ସିଂହପୁର ଆସିନାହାନ୍ତି। କିନ୍ତୁ ଚଳିତବର୍ଷ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଚିରଞ୍ଜୀବ ନିର୍ବାଚନ ମଣ୍ଡଳୀରେ ଉପସ୍ଥିତ ରହିବେ ବୋଲି କଂଗ୍ରେସର ଅନେକ କର୍ମୀ ଆଶା ବାନ୍ଧିଥିଲେ। କିନ୍ତୁ ସେଭଳି ହେଲାନାହିଁ। ଚିରଞ୍ଜୀବଙ୍କ ଅନୁପସ୍ଥିତି ପୁଣି କଂଗ୍ରେସର ଅନ୍ୟ ନେତା ଓ କର୍ମୀଙ୍କୁ ନିରାଶ କରିଛି। ଚିରଞ୍ଜୀବଙ୍କୁ ନେଇ ଗତ ସାଧାରଣ ନିର୍ବାଚନ ପରଠାରୁ ଯେଉଁସବୁ ରାଜନୈତିକ ଚର୍ଚ୍ଚା ହେଉଥିଲା ତାହା ପୁଣି ନୂଆ ଖୋରାକ ଯୋଗାଇଛି। ଏପରିକି ସେ ବିଜେଡିରେ ମିଶିପାରନ୍ତି ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ଏହା ଉପରେ ସେ ମୁହଁ ଖୋଲୁନାହାନ୍ତି। ଅନ୍ୟପଟେ ନିକଟରେ ଚିରଞ୍ଜୀବଙ୍କ ପକ୍ଷରୁ ଜଗତ୍‌ସିଂହପୁର ସହରର ବିଭିନ୍ନ ସ୍ଥାନରେ ହୋର୍ଡିଂ ମରାଯାଇଛି। ଏହି ହୋର୍ଡିଂଗୁଡ଼ିକର ରଙ୍ଗକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସବୁଜ ରଙ୍ଗର ବ୍ୟାକଡ୍ରପ୍ ଉପରେ ନ୍ୟୁ ଇୟର ୨୦୨୪ ସାଙ୍ଗକୁ ଝଙ୍କଡବାସିନୀ ମା'ଶାରଳା ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀର ନୂତନବର୍ଷ ୨୦୨୪ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ, ଏହାହିଁ ମୋର ପ୍ରାର୍ଥନା ବୋଲି ସେଥିରେ ଉଲ୍ଲେଖ ଅଛି। ଲାଗିଥିବା ବ୍ୟାନରର ବାମ ପାର୍ଶ୍ୱ ଉପରେ ମା'ଶାରଳା ଓ ଦକ୍ଷିଣ ପାର୍ଶ୍ୱରେ କେବଳ ଚିରଞ୍ଜୀବଙ୍କ ଫଟୋ ରହିଛି। ଚିରଞ୍ଜୀବଙ୍କ ଫଟୋ ଦକ୍ଷିଣ ହାତ ତଳେ ଗାଢ ସବୁଜ ରଙ୍ଗର ଡିଜାଇନିଂ କେତେକ ସ୍ଥାନରେ ଦେଖାଯାଇଛି। ଏହା ନୂଆ କିଛି ଇସାରା ଦେଉଥିବାରୁ ଲୋକଙ୍କ ଭିତରେ ଜୋରଦାର ଆଲୋଚନା ଚାଲିଛି। ଆଗକୁ ଦେଖିବାର ଅଛି ଚିରଞ୍ଜୀବ ବାସ୍ତବରେ କଂଗ୍ରେସରେ ରହୁଛନ୍ତି କି ଦଳ ବଦଳାଉଛନ୍ତି।




## ନୂଆବର୍ଷରେ ରକ୍ତଦାନ: ୧୬୬ ୟୁନିଟ୍ ସଂଗ୍ରହ

ପାରାଦୀପ,୧।୧(ଶରତ ରାଉତ)

ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆହ୍ୱାନ ଫାଉଣ୍ଡେଶନ ପକ୍ଷରୁ ଇଂଲିଶ୍ ନବବର୍ଷ ଉପଲକ୍ଷେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଅବସରରେ ସନ୍ଧ୍ୟା ସୁଦ୍ଧା ୧୬୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଚଳିତବର୍ଷ ଏହି ଶିବିରକୁ ୨୨ ବର୍ଷ ପୂରଣ ହୋଇଛି ବୋଲି ସଂଗଠନର ସଭାପତି ସାଗର ବିଶ୍ୱାଳ କହିଛନ୍ତି। କଟକ ରେଡ୍‌କ୍ରସ ପକ୍ଷରୁ ଏହି ରକ୍ତ ସଂଗ୍ରହ କରାଯାଇଥିଲା। ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ବିଭିନ୍ନ ପ୍ରଶାସନିକ ଅଧିକାରୀ, ବନ୍ଦର କର୍ମଚାରୀ, ରାଜନେତା, ସାମାଜିକ କର୍ମୀମାନେ ଯୋଗ ଦେଇଥିଲେ। ଏହି ସଂଗଠନ ଜରିଆରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯିବା ସହ ଚାରା ରୋପଣ, ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ, ଯୁବତୀମାନଙ୍କ ପାଇଁ ନାପ୍‌କିନ ସଚେତନତା, ବିପର୍ଯ୍ୟୟ ସମୟରେ ସେବା କରିବା ଭଳି କାମ ନିରନ୍ତର କରାଯାଉଛି ବୋଲି ସମ୍ପାଦକ ପ୍ରଭାସଚନ୍ଦ୍ର ସ୍ୱାଇଁ ସୂଚନା ଦେଇଥିଲେ।

# ଗୋରେଖନାଥ ପୀଠ ଚଳଚଞ୍ଚଳ

ରଘୁନାଥପୁର,୧।୧(ରାଜେନ୍ଦ୍ର ନାରାୟଣ ସିଂହ)



- ଖୋଲିଲା ମାନସିକ ରୋଷେଇ
- ଟ୍ରାଫିକ ସମସ୍ୟା ଉତ୍କଟ
- ପ୍ରସାଦ ନ ପାଇ ଭକ୍ତ ନିରାଶ

ନବବର୍ଷ ଉପଲକ୍ଷେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ଗୋରେଖନାଥ ପୀଠରେ ୫୦ ହଜାରରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ସମାଗମ ହୋଇଛି। ବଡିଭୋରୁ ପ୍ରଭୁଙ୍କ ମଙ୍ଗଳାରତି କାର୍ଯ୍ୟ ସମାପନ ପରେ ପୀଠ ମଧ୍ୟକୁ ଯାତ୍ରୀଙ୍କ ଆଗମନ ହୋଇଥିଲା। ଧୀରେ ଧୀରେ ଯାତ୍ରୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥିଲା। ଦୀର୍ଘ ଅଢ଼େଇ ବର୍ଷ ପରେ ଜାନୁୟାରୀ ୧ ରୁ ପୀଠରେ ଭକ୍ତ ତଥା ମାନସିକଧାରୀଙ୍କ ପାଇଁ ମାନସିକ ରୋଷେଇ ଉନ୍ମୁକ୍ତ ହୋଇଥିଲା। ଭିଡ଼ ଯୋଗୁ ସଂକୀର୍ଣ୍ଣ ରାସ୍ତାରେ ଟ୍ରାଫିକ ଜାମ ସମସ୍ୟା ଉତ୍କଟ ହୋଇଥିଲା। ଭିଡକୁ ନିୟନ୍ତ୍ରଣ ପାଇଁ ଆବଶ୍ୟକ ମୁତାବକ ପୋଲିସ ବ୍ୟବସ୍ଥା ହୋଇ ନ ଥିବାରୁ ଜାମରୁ ମୁକୁଳିବା ପାଇଁ ଯାତ୍ରୀମାନେ ବିଲବାଡିରେ ପଶି ଆସିବାକୁ ବାଧ ହୋଇଥିଲେ। ପୀଠ ମଧ୍ୟରେ ଦିନ ତମାମ ଭଜନ କୀର୍ତ୍ତନ ଲାଗି ରହିଥିଲା। ପୂର୍ବପରି ଯାତ୍ରୀଙ୍କ ଉଦ୍ଦେଶ୍ୟରେ ବିକ୍ରୟ ପାଇଁ ପୀଠରେ ପ୍ରସାଦ ବ୍ୟବସ୍ଥା ନ ଥିବାରୁ ଦୂରଦୂରାନ୍ତରୁ ଆସିଥିବା ଯାତ୍ରୀମାନେ ନିରାଶ ହୋଇଥିଲେ। ତେବେ ଠାକୁରଙ୍କ ଦର୍ଶନ ନିମନ୍ତେ ରାତି ପର୍ଯ୍ୟନ୍ତ ଗହଳି ଲାଗିରହିଥିଲା।

## 'ଏନ୍‌ସିସି କ୍ୟାଡେଟ୍‌ମାନେ ଜୀବନକୁ ଶୃଙ୍ଖଳାରେ ବାନ୍ଧି ରଖନ୍ତି'

ତିର୍ତ୍ତୋଲ, ୧।୧( ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ସ୍ଥିତ ଆଦିକବି ଶାରଳା ଦାସ କଲେଜ ପରିସରରେ (ଏନ୍‌ସିସି) ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଆଲୁମନିର ୨ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ସେନା ଅଧିକାରୀ ସୁରେନ୍ଦ୍ର ସେନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏନ୍‌ସିସି କ୍ୟାଡେଟମାନେ ଦେଶର ଜାତୀୟତା ପ୍ରେମରେ ଉଦବୁଦ୍ଧ ହେବାସହ ଜୀବନକୁ ଏକ ଶୃଙ୍ଖଳା ମଧ୍ୟରେ ବାନ୍ଧି ରଖିଥାନ୍ତି ବୋଲି କହିଥିଲେ। କ୍ୟାଡେଟମାନେ ସୈନ୍ୟବାହିନୀରେ କାର୍ଯ୍ୟ କରିବା ଲାଗି ଛାତ୍ର ଜୀବନରୁ ଏନ୍‌ସିସି ମାଧ୍ୟମରେ ପ୍ରେରଣା ପାଇବା ସହ ଭବିଷ୍ୟତରେ ସୈନ୍ୟବାହିନୀରେ ଯୋଗଦେବାର ସୁଯୋଗ ପାଇଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତାଭାବେ ସିନେ ଅଭିନେତା ରଷି ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ କଲେଜ ଅଧ୍ୟକ୍ଷ ସଦାଶିବ ସାହୁ, କଲେଜ ପରିଚାଳନା କମିଟି ସଭାପତି ବିମଳକାନ୍ତ ମହାପାତ୍ର, ଦୁଷ୍ମନ୍ତ ବାରିକ ପ୍ରମୁଖ ଯୋଗଦେଇ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମକୁ ପୂର୍ବତନ ଏନ୍‌ସିସି କ୍ୟାଡେଟ ଲଳିତ ସ୍ୱାଇଁ, ହେମନ୍ତ ପଣ୍ଡା, ଶ୍ରୀକାନ୍ତ ଦାସ, ସୁବାଷ ଚନ୍ଦ୍ର ସାହୁ, ଅଂଶୁମାନ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ପ୍ରିମିୟର ଲିଗ୍ କ୍ରିକେଟ: ଏମ୍‌ଏସ୍ ବିଜୟୀ

ଏରସମା,୧।୧(ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଜିରାଇଲୋ ପଞ୍ଚାୟତସ୍ଥିତ ସରବା ଗ୍ରାମରେ ୭ମ ବାର୍ଷିକ ପ୍ରିମିୟର ଲିଗ୍ କ୍ରିକେଟ ମ୍ୟାଚ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଜନ୍ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ରୀଡ଼ାକୁ ବାଲିକୁଦା ଏରସମାର ଯୁବନେତା ସଞ୍ଜୀବ ଏସ୍ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସମିତିସଭ୍ୟ ସୁକାନ୍ତ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ଥାନା ଆଇଆଇସି ନିରଞ୍ଜନ ଦାସ, ସିପିଆଇ ନେତା ଅଭିଜିତ ସାହୁ, ସୁସେନ ମଣ୍ଡଳ ପ୍ରମୁଖ ଉପସ୍ଥିତ ହୋଇ କ୍ରୀଡ଼ାର ଆବଶ୍ୟକତା ଉପରେ ବକ୍ତବ୍ୟ ଦେଇଥିଲେ। ପ୍ରଥମ ଦିବସରେ ରାଇଜିଂ ଷ୍ଟାର କ୍ରିକେଟ ଦଳ ଓ ଏମ୍‌ଏସ୍ ଇଲେଭେନ ଷ୍ଟାର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏମ୍‌ଏସ୍ ଦଳ ଟସ୍ ଜିତି ପ୍ରଥମେ ଫିଲଡିଂ କରିଥିଲା। ରାଇଜିଙ୍ଗ ଷ୍ଟାର ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୮୭ ରନ ସଂଗ୍ରହ କରିଥିଲେ। ଜବାବରେ ଏମ୍‌ଏସ୍ ୧୦ ଓଭର ଖେଳି ୮୮ ରନ ସଂଗ୍ରହ କରି ବିଜୟ ଲାଭ କରିଛି। ରଞ୍ଜନ ଭୂୟାଁ ଓ ସୂର୍ଯ୍ୟକାନ୍ତ ପରିଡ଼ା ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ। ପ୍ରଥମ ଦିବସ କ୍ରୀଡ଼ାରେ ସୂର୍ଯ୍ୟକାନ୍ତ ପରିଡ଼ା ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ପ୍ରବୀର କୁମାର ସ୍ୱାଇଁ ଉଦ୍‌ଘାଟନୀ ସଭା ଶେଷରେ ଧନ୍ୟବାଦ ଦେଇଥିଲେ।

## ଯୁଗ୍ମ ଜନ ଶୁଣାଣିରେ ୬୦ ଅଭିଯୋଗ

**୧୯ ଅଭିଯୋଗର ତତ୍କାଳ ସମାଧାନ**




ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

ତିର୍ତ୍ତୋଲ, ୧।୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ସଭାଗୃହ ପରିସରରେ ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟୱାରୀ ଉପସ୍ଥିତ ରହି ସମୁଦାୟ ୬୦ ଅଭିଯୋଗର ଶୁଣାଣି କରିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକୁ ଶୁଣିଥିଲେ। ଏହି ଅବସରରେ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୫୧ ଗୋଷ୍ଠୀଗତ ଓ ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୯ଟି ଅଭିଯୋଗର ଶୁଣାଣି ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାଶନ କାର୍ଡ ସମ୍ପର୍କିତ ୧୨, ଜମିଜମା ସମ୍ପର୍କିତ ୧୧, ପୋଲିସ ସହାୟତା ପାଇଁ ୨, ରେଡ୍‌କ୍ରସ ପାଣ୍ଠିରୁ ସହାୟତା ୧, ମୁଖ୍ୟମନ୍ତ୍ରୀ ରିଲିଫ ସହାୟତା ୧ ଓ ଅନ୍ୟାନ୍ୟ ୫ ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ତତ୍କାଳ ୧୯ ଅଭିଯୋଗର ଶୁଣାଣି ହୋଇଥିଲା। ଶିବିରରେ ଜଗତ୍‌ସିଂହପୁର ଏସ୍‌ପି ରାହୁଲ ପି.ଆର, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲାପାଳ ପ୍ରଦୀପ କୁମାର ସାହୁ, ବିଡିଓ ତପନ କୁମାର ସେନାପତି, ତହସିଲଦାର ସତ୍ୟଜିତ ମହାପାତ୍ରଙ୍କ ସହ ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରିୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## କ୍ରୀଡ଼ା ସୁସ୍ଥ ମାନସିକତାର ନିଦର୍ଶନ

ରଘୁନାଥପୁର,୧।୧(ରାଜେନ୍ଦ୍ର ନାରାୟଣ ସିଂହ)

ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ମହାବିଦ୍ୟାଳୟ, ବିଦ୍ୟାଳୟ ଓ ବିଭିନ୍ନ ଯୁବକ ସଂଘକୁ ନେଇ ବ୍ଲକସ୍ତରୀୟ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ରେଢୁଆ ପଞ୍ଚାୟତ ଗମ୍ଭାପୁର ମାଳ ଖେଳପଡ଼ିଆରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଭିନ୍ନ ବିଭାଗରେ କୃତକାର୍ଯ୍ୟ ହୋଇଥିବା ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ସେ ଆୟୋଜକଙ୍କୁ ପ୍ରଶଂସା କରିବା ସହ କ୍ରୀଡ଼ା ସୁସ୍ଥ ମାନସିକତାର ନିଦର୍ଶନ ବୋଲି ମତବ୍ୟକ୍ତ କରିଥିଲେ। ବ୍ଲକ ଏବିଡିଓ ଜ୍ଞାନଦା ନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ଏହାର ଉପକାରୀତା ସମ୍ପର୍କରେ ଆଲୋଚନା କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଜିଲାପରିଷଦ ସଭ୍ୟା ରିନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ବେହେରା, ସମିତି ସଭ୍ୟ ବିଶ୍ୱଜିତ ଦାଶ, ତଅଁରା ସରପଞ୍ଚ ବଟକୃଷ୍ଣ ନାୟକ ଓ ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ,ରାଢ଼ଙ୍ଗ ସରପଞ୍ଚ ସୁଶୀଳ ବାରିକ ଓ ସାଦେଇପୁର ସରପଞ୍ଚ ପ୍ରଭାସିନୀ ପ୍ରଧାନ ଅତିଥିଭାବେ ଉପସ୍ଥିତ ହୋଇ କ୍ରୀଡ଼ା ସମ୍ବନ୍ଧୀୟ ଦିଗଦର୍ଶନ ଦେଇଥିଲେ। ପୁରୁଷ ଓ ମହିଳା ବର୍ଗର ଖେଳାଳିଙ୍କୁ ନେଇ ସାଦେଇପୁର, ଧରାଧାରପୁର ଓ ଗନେଇଲ ଖେଳ ପଡ଼ିଆରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖୋଖୋ ମହିଳା ବର୍ଗରେ ରେଢୁଆ ବିସି ଡିଗ୍ରୀ କଲେଜ ଓ ପୁରୁଷ ବର୍ଗରେ ସାଦେଇପୁର ଫାଇଟର କ୍ଲବ, କବାଡି ମହିଳା ବର୍ଗରେ ବିସି ଡିଗ୍ରୀ କଲେଜ ଓ ପୁରୁଷ ବର୍ଗରେ ସାଦେଇପୁର ଫାଇଟର କ୍ଲବ, ଭଲିବଲ ପୁରୁଷ ବର୍ଗରେ ଯୁବଜ୍ୟୋତି ଟିମ ଛପଡା, ଫୁଟବଲ ପୁରୁଷ ବର୍ଗରେ ସିଲଭର ଡ୍ରଗନ କ୍ଲବ ଧରାଧାରପୁର ଓ କ୍ରିକେଟରେ ରେଢ଼ୁଆ ଜୟଶ୍ରୀରାମ କ୍ରିକେଟ କ୍ଲବ ଚମ୍ପିୟାନ ହୋଇ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ହୋଇଥିଲେ। ସେହିପରି ରନର୍ସଅପ ଦଳଙ୍କୁ ୧୫ ହଜାର ଏବଂ ତୃତୀୟ ଓ ଚତୁର୍ଥ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଆଇଆଇସି ସୁଶାନ୍ତ କୁମାର ସେଠୀ ଓ ଏସ୍‌ଆଇ ନିଲମ ସୋରେନ, କ୍ରୀଡ଼ା ଶିକ୍ଷକ ରାଜକିଶୋର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ନିର୍ଦ୍ଧାରିତ ସମୟରେ ହେଉନି ପଞ୍ଚାୟତ ସମିତି ବୈଠକ

କୁଜଙ୍ଗ, ୧।୧ (ମନୋଜ ପ୍ରଧାନ)




କୁଜଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟ ।

**ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରହସନ ପାଲଟିଛି**
- ୮ମାସ ହେବ ବୈଠକ ହୋଇନାହିଁ
- ୨୨ମାସରେ ୩ ଥର ବୈଠକ ବସିଛି

କୁଜଙ୍ଗରେ ପଞ୍ଚାୟତ ସମିତି ବୈଠକ ପ୍ରହସନ ପାଲଟିଛି। ନିର୍ଦ୍ଧାରିତ ସମୟରେ ପଞ୍ଚାୟତ ସମିତି ବୈଠକ ବସୁ ନ ଥିବାରୁ ଉନ୍ନୟନମୂଳକକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ନିୟମାନୁସାରେ ପ୍ରତି ୨ମାସ ଅନ୍ତରରେ ବା ବର୍ଷକୁ ଅତି କମ୍‌ରେ ୪ଥର ପଞ୍ଚାୟତ ସମିତି ବୈଠକ ବସିବା କଥା । ମାତ୍ର ୨୦୨୩ରେ କେବଳ ଗୋଟିଏ ଥର ଅର୍ଥାତ୍ ଏପ୍ରିଲ୧୦ରେ ଏହି ବୈଠକ ବସିଥିବାବେଳେ ଅଦ୍ୟାବଧି ୮ମାସ ହେବ କୌଣସି ବୈଠକ ବସିନାହିଁ । ୨୦୨୨ ଫେବୃୟାରୀରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହୋଇ ନୂତନ ପଞ୍ଚାୟତ ସମିତି ଗଠନ କରାଯାଇଥିଲା । ଏହି ୨୨ମାସ ମଧ୍ୟରେ ପଞ୍ଚାୟତ ସମିତି ବୈଠକ ମାତ୍ର ୩ ଥର ଅନୁଷ୍ଠିତ ହୋଇଛି। ଏନେଇ ବହୁ ସରପଞ୍ଚ ଅସନ୍ତୋଷ ବ୍ୟକ୍ତ କରୁଥିଲେ ମଧ୍ୟ ଖୁଲମଖୁଲା କିଛି କହିବାକୁ ରାଜି ହେଉନାହାନ୍ତି । ଏ ସମ୍ପର୍କରେ ତାଳପଡା ସରପଞ୍ଚ ଦମୟନ୍ତୀ ଲେଙ୍କା ନିଜର ଅସନ୍ତୋଷ ପ୍ରକାଶ କରି କହିଛନ୍ତି, ନିୟମିତଭାବେ ପଞ୍ଚାୟତ ସମିତି ବୈଠକ ବସୁନଥିବାରୁ ଲୋକଙ୍କ ସମସ୍ୟା ଉତ୍ଥାପନ ହୋଇପାରୁନାହିଁ। ଯାହା କିଛି ଉନ୍ନୟନ କାର୍ଯ୍ୟ ପଞ୍ଚାୟତସ୍ତରରେ ହେଉଛି, ସେଥିରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ଅଣଦେଖା କରାଯାଉଛି । ଆବଶ୍ୟକସ୍ଥଳେ ଅନ୍ୟ ପଞ୍ଚାୟତର ଜନ ପ୍ରତିନିଧି ବା ଲୋକ ଅନ୍ୟ ଏକ ପଞ୍ଚାୟତରେ କାମ କରୁଛନ୍ତି। କନିଷ୍ଠ ଯନ୍ତ୍ରୀମାନେ ତାଙ୍କ ମନମାନିରେ ନିମ୍ନମାନର କାମ କରୁଛନ୍ତି। ଦମୟନ୍ତୀ ଏହାର ଉଦାହରଣ ଦେଇ କହିଥିଲେ, ସରକାରଙ୍କ ପକ୍ଷରୁ ଲକ୍ଷ୍ମୀ ବସଷ୍ଟାଣ୍ଡ ନିର୍ମାଣ କରାଯାଉଛି। ତାଙ୍କ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜାଗା ଚିହ୍ନଟ ନିମନ୍ତେ କହିଥିଲେ । ସେହି ଅନୁସାରେ ସେ ଜାଗା ଚିହ୍ନଟ କରାଇଥିଲେ। ଏହାପରେ ଫଟୋ ଉଠାଗଲା । କିନ୍ତୁ ସେ ସ୍ଥାନରେ ବସ୍ ଷ୍ଟାଣ୍ଡ ତିଆରି କରା ନଯାଇ ଅନ୍ୟତ୍ର ନିର୍ମାଣ ଚାଲିଛି । ଖାଲି ସେତିକି ନୁହେଁ ବ୍ଲକରେ ବିନା ପିସିରେ କୌଣସି କାର୍ଯ୍ୟ ହେଉନାହିଁ । ଅନ୍ୟପଟେ ପଙ୍କପାଳ ସରପଞ୍ଚ ସରୋଜ ସେଠୀ ଓ ଅଗପାଳ ସରପଞ୍ଚ ବିପିନ ବିଶ୍ୱାଳ ନିୟମିତ ବୈଠକ ବସୁ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ ମଧ୍ୟ ପିସି କାରବାର ସମ୍ପର୍କରେ ମୁହଁଖୋଲିବା ଠିକ୍ ହେବନାହିଁ ବୋଲି କହିଥିଲେ । ନିୟମିତ ବୈଠକ ଅନୁଷ୍ଠିତ ହେଉ ନ ଥିବା ସମ୍ପର୍କରେ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁଙ୍କୁ ପଚାରିବାରେ ସେ କହିଥିଲେ, ତିନିମାସ ହେଲା ସେ ବିଡିଓ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଦାୟିତ୍ୱ ନେବାପରେ ସେ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କୁ ବୈଠକ ନିମନ୍ତେ ଲିଖିତ ଆକାରରେ ଜଣାଇଛନ୍ତି । ଅଧ୍ୟକ୍ଷା ବିଧାୟକଙ୍କ ସହ ଆଲୋଚନା କରି ବୈଠକ ଡାକିବେ ବୋଲି କହିଛନ୍ତି । ଏ ସମ୍ପର୍କରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁଙ୍କୁ ମୋବାଇଲ୍ ଯୋଗେ ଯୋଗାଯୋଗ କରିବାରୁ ସେ ଘଟଣାକୁ ଏଡ଼ାଇ ଦେବା ସହ ବ୍ୟସ୍ତ ଥିବା କହି କଲ୍ କାଟି ଦେଇଥିଲେ।

## ସଂକ୍ଷେପରେ

### ଭେଣ୍ଡିଂଜୋନ କାର୍ଯ୍ୟକ୍ଷମରେ ବିଳମ୍ବ

ଖଣ୍ଡପଡ଼ା,୧।୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା- ନୟାଗଡ଼ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାପାର୍ଶ୍ୱରେ ଥିବା ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ ସମ୍ମୁଖରେ ନିର୍ମାଣ ହୋଇଥିବା ଏକ ଭେଣ୍ଡିଂ ଜୋନକୁ କାର୍ଯ୍ୟକ୍ଷମ କରାଯିବାକୁ ସାଧାରଣରେ ଦାବି ହେଉଛି । ଏନ୍‌ଏସି ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଦୀର୍ଘ ୭ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକ୍ଷମ କରିବା ଦିଗରେ ଏନ୍‌ଏସି କର୍ତ୍ତୃପକ୍ଷ ଉଦାସୀନତା ପ୍ରକାଶ କରୁଥିବା ଅଭିଯୋଗ ହେଉଛି । ଉକ୍ତ ଭେଣ୍ଡିଂ ଜୋନ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ପର୍ଯ୍ୟଟନସ୍ଥଳୀ ସମ୍ମୁଖସ୍ଥ ରାସ୍ତା ୨ପାର୍ଶ୍ୱରେ ଉଠାଦୋକାନୀମାନେ ଭିଡ ଜମାଇଥିବା ଯୋଗୁ ଉକ୍ତ ରାସ୍ତା ଦେଇ ନୟାଗଡ଼ ଅଭିମୁଖେ ଯାତାୟତ କରୁଥିବା ବିଭିନ୍ନ ଯାତ୍ରୀବାହୀ ତଥା ଭାରିଯାନଗୁଡ଼ିକ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି । ନୂତନ ଭାବେ ନିର୍ମାଣ ହୋଇଥିବା ଭେଣ୍ଡିଂ ଜୋନ୍‌ଟି କାର୍ଯ୍ୟକ୍ଷମ ହେଲେ ରାସ୍ତା ପାର୍ଶ୍ୱରେ ଭିଡ ଜମାଉଥିବା ଉଠାଦୋକାନ ହଟିବା ସହ ଟ୍ରାଫିକ ସମସ୍ୟାରେ ସୁଧାର ଆସି ପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ସମୂହ ସ୍ୱାର୍ଥ ଦୃଷ୍ଟିରୁ ନୂତନ ଭେଣ୍ଡିଂ ଜୋନ୍‌କୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ଖଣ୍ଡପଡ଼ା,୧।୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ରୟତ ଢୋଲମରା ଗ୍ରାମର ଧର୍ମପରାୟଣା ମହିଳା ଚିନା ପାତ୍ର(୭୨)ଙ୍କ ରବିବାର ସକାଳ ୮.୧୫ରେ ପରଲୋକ ହୋଇଯାଇଛି । ଗତ କିଛି ବର୍ଷ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି । ଏହି ଖବର ଜଣାପଡିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ । ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ଗାନ୍ଧୀବାଦୀ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଜୟନ୍ତୀ

ନୟାଗଡ଼,୧।୧(ଲୋକନାଥ ମିଶ୍ର)

ଓଡିଶାର ମହାନାୟକ ଗାନ୍ଧୀଙ୍କ ପ୍ରିୟ ଓଡିଆ ପୂଜ୍ୟ ବିପ୍ଳବୀ ଗୋବିନ୍ଦ ମିଶ୍ରଙ୍କର ୧୩୪ ତମ ଜିଲାସ୍ତରୀୟ ଜୟନ୍ତୀ ରବିବାର ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପୂଜ୍ୟପୂଜା କମିଟି ଓ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ପରିଷଦ, ଦଶପଲ୍ଲା ମିଳିତ ଆନୁକୁଲ୍ୟରେ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ଦେବାଶିଷ ପଟ୍ଟନାୟକ ଯୋଗଦେଇଥିଲେ । ଅନ୍ୟପକ୍ଷେ ବିଦ୍ୟାଳୟ ପରିସରରେ ସ୍ଥାପିତ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ମାଲ୍ୟାର୍ପଣ କରିଥିଲେ । ମୁଖ୍ୟଅତିଥି କହିଥିଲେ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ଥିଲେ ସ୍ୱାଧୀନତା ସଂଗ୍ରାମର ଏକ ଅର୍ନିବାଣ ଅଗ୍ନିଶିଖା । ନୟାଗଡ଼ ମାଟିର ପ୍ରଥମ ରାଜ୍ୟସଭା ସଦସ୍ୟ। ଛାତ୍ରୀଛାତ୍ର ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଜୀବନୀ ବିଷୟରେ ପଢିବା ଆବ୍ୟଶ୍ୟକ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ, ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ପରିଷଦ ଦଶପଲ୍ଲାର ସଂଯୋଜକ ପ୍ରସନ୍ନ କୁମାର ପଣ୍ଡା,ଉତ୍କଳ ସମ୍ମିଳନୀର ଅଧ୍ୟକ୍ଷା ବସିରନ ବିବି ଯୋଗ ଦେଇ ପୂଜ୍ୟ ବିପ୍ଳବୀଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଭାରତ ବିକାଶ ପରିଷଦ,ରୋଟାରୀ କ୍ଲବ,ଉତ୍କଳ ସମ୍ମିଳନୀ ନୟାଗଡ଼ ଶାଖା ଆଦି ବହୁ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ପୂଜ୍ୟପୂଜା କମିଟିର ସହ ସମ୍ପାଦକ ଧୀରେନ୍ଦ୍ର କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ବାଇକ ଦୁର୍ଘଟଣାରେ ଚାଳକ ମୃତ

ମୋହନା/ଚନ୍ଦ୍ରଗିରି,୧।୧(ମନ୍ମଥ ମିଶ୍ର)

ମୋହନା ଥାନା ଚନ୍ଦ୍ରଗିରି ଟିଟିଂ ଘାଟିରେ ଏକ ଗଛକୁ ବାଇକ୍ ପିଟିହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାମଗିରି ଥାନା ଚରଈଡରଖତ ଗାଁର ସୁକାନ୍ତ ରଇତ(୩୧)। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ, ରବିବାର ବିଳମ୍ବିତ ରାତିରେ ସୁକାନ୍ତ ଏକ ବାଇକ ଯୋଗେ ମୋହନାରୁ ନିଜ ଗାଁ ଟାଙ୍ଗିଡାଖତ ଗାଁକୁ ଯାଉଥିଲେ। ତେବେ ଚନ୍ଦ୍ରଗିରି ଟିଟିଂ ଘାଟିରେ ବାଇକ୍‌ଟି ଭାରସାମ୍ୟ ହରାଇ ଏକ ଗଛକୁ ପିଟି ହୋଇଯାଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ସୁକାନ୍ତଙ୍କ ମୃତ୍ୟୁ ଘଟିଥିଲା। ଚନ୍ଦ୍ରଗିରି ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ନଂ.୧/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ଫାଣ୍ଡି ଅଧିକାରୀ ପୁରୁଷୋତ୍ତମ ପାଇକ କହିଛନ୍ତି।

# ୩ ସଚେତନତା ରଥ ଶୁଭାରମ୍ଭ କଲେ ଏସ୍‌ପି




ଗଞ୍ଜାମ ଏସ୍‌ପି ପତାକା ଦେଖାଇ ସଚେତନତା ରଥ ଶୁଭାରମ୍ଭ କରୁଛନ୍ତି।

**ସଡ଼କ ସୁରକ୍ଷା ସପ୍ତାହ**

ଛତ୍ରପୁର,୧।୧(ଦିଲୀପ ସାମଲ)

ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଗଞ୍ଜାମ ଓ ଭଞ୍ଜନଗର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ୩ଟି ସଚେତନତା ରଥ ଶୁଭାରମ୍ଭ ହୋଇଛି। 'ସଡ଼କ ସୁରକ୍ଷା ପରିବାର ରକ୍ଷା' ସମ୍ପର୍କରେ ଲୋକଙ୍କୁ ଜଣାଇବା ପାଇଁ ବାହାରିଥିବା ଏହି ରଥକୁ ଗଞ୍ଜାମ ଏସ୍‌ପି ଜଗମୋହନ ମିନା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସେ ତାଙ୍କ ସମ୍ଭାଷଣରେ କହିଥିଲେ, ହେଲମେଟ ଚେକିଂ ସହ ମଦ୍ୟପାନ କରି ଗାଡି ଚଳାଇଥିବା ଚାଳକଙ୍କୁ ଧରପଗଡ଼ରେ ଗଞ୍ଜାମ ପୋଲିସକୁ ସଫଳତା ମିଳିଛି। ବେପରୁଆ ଗାଡି ଚାଳନା ଓ ଟ୍ରାଫିକ ନିୟମ ଉଲ୍ଲଙ୍ଘନକାରୀଙ୍କ ଲାଇସେନ୍ସ ସସପେଣ୍ଡ ପାଇଁ ସୁପାରିଶ କରାଯାଉଥିବା କହିଥିଲେ। ରଥ ଲୋକଙ୍କୁ ଗାଡି ଚଳାଇବା ବେଳେ ହେଲମେଟ ଓ ସିଟ ବେଲ୍ଟ ବ୍ୟବହାର କରିବା, ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର ନ କରିବା, ଦ୍ରୁତ ଗତିରେ ଗାଡି ନ ଚଳାଇବା, ଟ୍ରାଫିକ ନିୟମ ମାନିବା ଏବଂ ମଦ୍ୟ ପାନ କରି ଗାଡି ନ ଚଳାଇବାକୁ ସଚେତନ କରାଇବ। ଗୋଟିଏ ରଥ ଭଞ୍ଜନଗର ଆଞ୍ଚଳିକ ପରିବହନ ବିଭାଗ ଅଧୀନ ଅଞ୍ଚଳରେ, ଆଉ ଗୋଟିଏ ରଥ ଗଞ୍ଜାମ ଆଞ୍ଚଳିକ ପରିବହନ ବିଭାଗ ଅଞ୍ଚଳରେ ଏବଂ ତୃତୀୟଟି ବିଭିନ୍ନ ପିକନିକ ସ୍ପଟ ବୁଲି ସଚେତନ କରିବାକୁ ଧାର୍ଯ୍ୟ କରାଯାଇଛି। କାର୍ଯ୍ୟକ୍ରମରେ ଗଞ୍ଜାମ ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ, ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରୟ ଓ ଗଞ୍ଜାମ ଏମଭିଆଇ ରବୀନ୍ଦ୍ର ନାଥ ଜେନାଙ୍କ ସମେତ ବିଭାଗ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ଛତ୍ରପୁର ଥାନା ପକ୍ଷରୁ ସଚେତନତା ସଭା

ଛତ୍ରପୁର(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ): ସ୍ଥାନୀୟ ଅନସ୍ଲୋ ମିନି ଷ୍ଟାଡିୟମ ପରିସରରେ ଛତ୍ରପୁର ଥାନା ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗର ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥାନା ଅଧିକାରୀ ନିରୋଦ କୁମାର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଛତ୍ରପୁର ଏସଡିପିଓ ଗୌରହରି ସାହୁ, ଗଞ୍ଜାମ ଆରଟିଓ ମାନସ ରଞ୍ଜନ ସାହୁ , ଏମଭିଆଇ ରବୀନ୍ଦ୍ର ନାଥ ଜେନା ପ୍ରମୁଖ ଯୋଗଦେଇ ସଡକ ସୁରକ୍ଷା ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଗୁଡ ସମରିଟାନ ଏବଂ ରକ୍ଷକ କାର୍ଯ୍ୟକ୍ରମ ସହ ସଡକ ସୁରକ୍ଷା ଉପରେ ଭିଡିଓ ପ୍ରଦର୍ଶନୀ ହୋଇଥିଲ। ଜାତୀୟ ରାଜପଥ ନିକଟରେ ଗତ କିଛି ଦିନ ତଳେ ମୃତ୍ୟୁମୁଖରୁ ଜଣେ ଯୁବକଙ୍କ ଜୀବନ ବଞ୍ଚାଇଥିବାରୁ ଛତ୍ରପୁରର ସମାଜିକ କର୍ମୀ କେଦାର ଶଙ୍କର ରାଜୁଙ୍କୁ ଗୁଡ ସମରିଟନ ଭାବେ ପୁରସ୍କୃତ କରାଯାଇଥିଲ। ପ୍ରାରମ୍ଭରେ ରିକାପଲ୍ଲୀ ଛକଠାରୁ ଏକ ସଚେତନତା ରାଲି ବାହାରି ଛତ୍ରପୁର ସହର ପରିକ୍ରମା କରିଥିଲା ।

# ରଥକାଠ ପାଇଁ ନୟାଗଡ଼ ଗଲା ୩ଜଣିଆ କମିଟି

ପୁରୀ, ୧।୧(ଅଜିତ୍ ମହାନ୍ତି)

୨୦୨୪ ଜୁଲାଇ ୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେବ। ରଥସଂହିତା ଅନୁଯାୟୀ ପବିତ୍ର ମାଘ ମାସ ବସନ୍ତ ପଞ୍ଚମୀ ଅବସରରେ ରଥଯାତ୍ରାର ଆଦ୍ୟପର୍ବରେ ରଥକାଠ ପୂଜା ହୋଇଥାଏ। ଏହି ପରିପ୍ରେକ୍ଷୀରେ ସୋମବାର ଶ୍ରୀମନ୍ଦିର ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ନେତୃତ୍ୱରେ ଏକ ୩ଜଣିଆ ଦଳ ରଥକାଠ ନିମନ୍ତେ ନୟାଗଡ଼ ବଡ଼ମୂଳସ୍ଥିତ ମା' ବଡ଼ରାଉଳ ଠାକୁରାଣୀଙ୍କ ପୀଠ ଅଭିମୁଖେ ଯାତ୍ରା କରିଛନ୍ତି। ସୁଦର୍ଶନ ମେକାପଙ୍କ ସହ ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ ଏହି ଦଳରେ ରହିଛନ୍ତି।

ଶ୍ରୀମନ୍ଦିର ପରମ୍ପରା ଓ ରଥ ସଂହିତା ଅନୁଯାୟୀ, ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ଯୋଗାଯାଉଥିବା କାଠଗୁଡ଼ିକୁ କଟାହେବା ପୂର୍ବରୁ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥାଏ। ଏଥିନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ମାଳ ମହାପ୍ରସାଦ, ଧୂପଦୀପ, ନଡ଼ିଆ, ଲାଗି ଖଣ୍ଡୁଆ, ପଟନୀ ଆଦି ଜିନିଷମାନ ମା'ଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ମେକାପଙ୍କ ନେତୃତ୍ୱରେ ଏକ ୩ଜଣିଆ ଦଳ ସୋମବାର ନୟାଗଡ଼ ଅଭିମୁଖେ ଯାତ୍ରା କରିଥିବାବେଳେ ମଙ୍ଗଳବାର ମା'ଙ୍କ ପୂଜାକାର୍ଯ୍ୟ ସମ୍ପନ୍ନ ହେବ। ମେକାପ କହିଛନ୍ତି, ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ପ୍ରତ୍ୟେକ ବର୍ଷ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଏହା ବ୍ୟତୀତ ଖୋର୍ଦ୍ଧା ବନଖଣ୍ଡ ୨୭୪ ଖଣ୍ଡ କାଠ ଯୋଗାଇଥାନ୍ତି। ଗତବର୍ଷ ୫୩ ଖଣ୍ଡ କାଠ ବଳକା ରହିଛି। ଚଳିତ ବର୍ଷ ୮୧୨ ଖଣ୍ଡ କାଠ ଆବଶ୍ୟକ। ରଥ ନିର୍ମାଣରେ ଫାସି, ଅସନ, ଧଉରା, ଶିମିଳି ସମେତ ଅନ୍ୟାନ୍ୟ କାଠ ଦରକାର ପଡ଼ିଥାଏ।

# ବିଭିନ୍ନ ସ୍ଥାନରେ ନୂଆବର୍ଷକୁ ସ୍ୱାଗତ

ଆସିକା,୧।୧ (ସୁରେନ୍ଦ୍ର ନାଥ ସାହୁ)

ଆସିକା ସହର ଉପକଣ୍ଠ ରେଡିଦାମୋଦରପଲ୍ଲୀସ୍ଥିତ ଶ୍ରୀଅରବିନ୍ଦ ଦିବ୍ୟ ଚେତନା ଆଶ୍ରମ ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ନୂଆବର୍ଷ ୨୦୨୪କୁ ସ୍ୱାଗତ ଜଣାଇ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା । ରବିବାର ମଧ୍ୟରାତ୍ରିରେ ଦିବ୍ୟ ଚେତନା ଆଶ୍ରମରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଶ୍ରଦ୍ଧାଳୁଙ୍କ ଗହଣରେ ଅଧଘଣ୍ଟା ଧ୍ୟାନ କରାଯାଇଥିଲା। ସୋମବାର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଛାତ୍ରୀଛାତ୍ରଙ୍କ ଗହଣରେ ଧ୍ୟାନ, ପ୍ରାର୍ଥନା, ମାତୃମନ୍ତ୍ର ପାଠ ଓ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଅତିମାନସ ଯୋଗ ସମ୍ପର୍କରେ ଆଲୋଚନା ଚକ୍ର ହୋଇଥିଲା। ଡି. ଉଦୟନାଥ ରେଡ୍ଡିଙ୍କ ତତ୍ତ୍ୱାବଧାନରେ ପାଣ୍ଡବ ରେଡ୍ଡି ସୁବ୍ରତ କୁମାର ପାତ୍ର, ଲକ୍ଷ୍ମୀପ୍ରିୟା ରେଡ୍ଡି ବିଶ୍ୱଭୂଷଣ ରେଡ୍ଡି ସୂର୍ଯ୍ୟନାରାୟଣ ରେଡ୍ଡିଙ୍କ ସମେତ ବହୁ ଗ୍ରାମବାସୀ କାର୍ଯ୍ୟକ୍ରମରେ ସାମିଲ ଥିଲେ । ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଆସିକା ବସଷ୍ଟାଣ୍ଡସ୍ଥିତ ଶାନ୍ତିଶକ୍ତି ଭବନରେ ମଧ୍ୟ ନୂତନ ବର୍ଷକୁ ସ୍ୱାଗତ ଜଣାଇ ସ୍ନେହ ମିଳନ କାର୍ଯ୍ୟକ୍ରମ ହୋଇଥିଲା। ବ୍ରହ୍ମକୁମାରୀ ପ୍ରଭାତୀଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମରେ ବିଶ୍ୱଶାନ୍ତି ସକାଶେ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଦୁର୍ଗାଚରଣ ପଣ୍ଡା, ଏ. ଯୁଧିଷ୍ଠିର ଦୋରା, ଆଇନଜୀବୀ ବିଦେଶୀ ନାହାକ, ପରିବେଶବିତ ସରପଞ୍ଚ ସଞ୍ଜୟ କୁମାର ନାୟକ, ନିରାକାର ବିଷୋୟୀ ଏବଂ ଖେଲୋ ଇଣ୍ଡିଆ ପାରା ୱେଟ ଲିଫ୍ଟ ପ୍ରତିଯୋଗିତାର ଜାତୀୟ ସ୍ୱର୍ଣ୍ଣବିଜେତା ଗଦାଧର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ସେହିଭଳି ଆସିକାସହରର ଆରାଧ୍ୟ ଦେବୀ ମା ଖମ୍ବେଶ୍ୱରୀ ଓ ଶୈବ ପୀଠ ସୁବର୍ଣ୍ଣେଶ୍ୱରଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ ଲକ୍ଷ୍ୟ କରାଯାଇଥିଲା ।



ଭାରୋତ୍ତଳନକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ଢାବାରେ ୧୨ ଯୁବକଙ୍କ ଭଙ୍ଗାରୁଜା

ଛତ୍ରପୁର,୧।୧(ଦିଲୀପ ସାମଲ) :

ଛତ୍ରପୁର ଥାନା ଅଧିନ ତେଭର ଢାବାରେ ରବିବାର ଜିରୋ ନାଇଟ୍ ବେଳେ ୧୨ରୁ ଊର୍ଦ୍ଧ୍ୱ ଯୁବକ ଗଣ୍ଡଗୋଳ କରିବା ସହିତ ବିଭିନ୍ନ ଆସବାପତ୍ର ଭଙ୍ଗାରୁଜା କରି ଫେରାର୍ ହୋଇଯାଇଛନ୍ତି। ପ୍ରଥମେ ୪ ଯୁବକ ଢାବାକୁ ଆସି ସେଠାରେ ମଦ୍ୟପାନ କରିବାକୁ ଜିଦ୍ ଧରିଥିଲେ। ଢାବା ମାଲିକ ରବିନ୍ଦ୍ର ନାଥ ମିଶ୍ର ବାରଣ କରିବାରୁ ଯୁକ୍ତିତର୍କ ହୋଇଥିଲା। ପରେ ଯୁବକମାନେ ତାଙ୍କ ସାଙ୍ଗସାଥୀଙ୍କୁ ଫୋନ କରି ସେଠାକୁ ଡକାଇଥିଲେ। ୧୨ ଜଣ ଯୁବକ ଆସି ଢାବାର ବିଭିନ୍ନ ସାମଗ୍ରୀ ଭାଙ୍ଗିବା ସହ ୩ ଜଣ କର୍ମଚାରୀଙ୍କୁ ମାଡ ମାରି ୫ହଜାର ୫ଶହ ଟଙ୍କା ଛଡେଇ ନେଇଥିବା ଅଭିଯୋଗ ହୋଇଛି। ଯୁବକମାନଙ୍କ ହାତରେ ଖଣ୍ଡା ଓ ଲୁହା ରଡ ଥିବା ଢାବା ମାଲିକ କହିଥିଲେ। ରାତିରେ ଢାବା ମାଲିକ ଏ ନେଇ ପୋଲିସକୁ ଅବଗତ କରାଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ଉଚ୍ଚ ଶିକ୍ଷା ଗ୍ରହଣ କରୁଥିବା ୪ ଦିବ୍ୟାଙ୍ଗଙ୍କୁ ଲାପଟପ ବଣ୍ଟନ

ପାରଳାଖେମୁଣ୍ଡି,୧।୧(ଗିରିଧାରୀ ପରିଚ୍ଛା)

ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅବସରରେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଦ୍ୱାରା ମାଗଣା ଲାପଟପ ବଣ୍ଟନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଉଚ୍ଚ ଶିକ୍ଷା ଗ୍ରହଣ କରୁଥିବା ୪ ଜଣ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ସିଦ୍ଧାନ୍ତ ଭୂୟାଁ, ଯୋଗେନ୍ଦ୍ର ଦତ୍ତ, ମନୋଜ କୁମାର ସାହୁ ଓ ସାବିତ୍ରୀ ବେହେରାଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ମାଗଣା ଲାପଟପ ପ୍ରଦାନ କରାଯାଇଛି। ସମସ୍ତ ଛାତ୍ରୀଛାତ୍ରମାନେ ଜିଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର କୁମାର ନାୟକ ଓ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭାପୁର,୧।୧(ଭରତ କୁମାର ବେହେରା)

ଭାପୁର ବ୍ଲକ ଅନ୍ତର୍ଗତ ଟିକିରିପଡା ବାଲୁଙ୍କେଶ୍ୱର ଦେବ ଆଞ୍ଚଳିକ ଡିଗ୍ରୀ କଲେଜରେ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଶନିବାର ପୂର୍ବାହ୍ନରେ ଉଦ୍‌ଯାପିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପବିତ୍ର ମୋହନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗ ଦେଇ ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କ ମାନସିକ, ଶାରୀରିକ ଓ ଭୌତିକ ଜ୍ଞାନର ବିକାଶ ନିମନ୍ତେ ନୂଆ-ଓ ମାଧ୍ୟମରେ ଯେଉଁ ଐତିହାସିକ ପଦକ୍ଷେପ ନେଇଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହିଥିଲେ। ଉକ୍ତ ଉତ୍ସବରେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ପବିତ୍ର କୁମାର ସୁବୁଦ୍ଧି, ସମ୍ମାନିତ ଅତିଥି ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ମହାନ୍ତି, ଆଇନଜୀବୀ ସନାତନ ଷଡ଼ଙ୍ଗୀ, ନୋଡାଲ ଅଫିସର ଡ. ସାରଙ୍ଗଧର କର, ଲକ୍ଷ୍ମୀଧର ରାଉତ, ଦାଶରଥି ରାଉତ, ସତ୍ୟ ସୁନ୍ଦର ଦାସ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ରହି ଜୀବନରେ ଭଲ ମଣିଷ ଏବଂ ସାମାଜିକ ପ୍ରତିଷ୍ଠା ଲାଭ ପାଇଁ କଠିନ ପରିଶ୍ରମ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପକ ପ୍ରସନ୍ନ କୁମାର ମହାରଣା। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ସାହୁ, ବିଜୟ ଲକ୍ଷ୍ମୀ ମଙ୍ଗରାଜ, ଅଧ୍ୟାପିକା ସଂଘମିତ୍ରା ଆଚାର୍ଯ୍ୟ ଓ କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପକ ଲକ୍ଷ୍ମୀଧର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୯୮୪ ମାଟ୍ରିକ୍ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁ ମିଳନ



ଖଣ୍ଡପଡ଼ା,୧।୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠର ୧୯୮୪ ମାଟ୍ରିକ ବ୍ୟାଚ ପୁରାତନ ଛାତ୍ରମାନଙ୍କ ଏକ ବନ୍ଧୁ ମିଳନ ମା' ନାରାୟଣୀ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ମୋହନ ରାଉତଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୯୭ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରମାନେ ପରିବାର ସହ ନାରାୟଣୀଙ୍କ ପୀଠରେ ଏକତ୍ରୀତ ହୋଇଥିଲେ । ପୁରାତନ ସହପାଠୀମାନେ ବିଗତ ଦିନର ସ୍ମୃତିକୁ ରୋମନ୍ଥନ କରିବା ସହ ଦୀର୍ଘବର୍ଷ ବ୍ୟବଧାନରେ ପରସ୍ପରକୁ ଭେଟି ଥିବାରୁ ଭାବବିହ୍ୱଳ ହୋଇପଡିଥିଲେ। ପ୍ରତିବର୍ଷ ନୂଆ ବର୍ଷ କିମ୍ବା ବଡ଼ଦିନରେ ଏକାଠି ହେବା ପାଇଁ କହିଥିଲେ । ଯଦି କେଉଁ ବନ୍ଧୁଙ୍କ କନ୍ୟାର ବିବାହ ପାଇଁ ଅର୍ଥର ବାଧକ ସାଜିଥାଏ ତେବେ ଅନ୍ୟ ବନ୍ଧୁମାନେ ସହାୟତାର ହାତ ବଢାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ପ୍ରଥମେ ପରଲୋକଗତ ସହପାଠୀମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସରୋଜକୁମାର ମିଶ୍ର, ମହେଶ୍ୱର ମହାପାତ୍ର, ଅଖିଳ କୁମାର ସାହୁ, ବିକ୍ରମ ମହାରଣା, ଦୁର୍ଯ୍ୟୋଧନ ମୁଦୁଲି, ସଞ୍ଜୟ ସାହୁ, ନିରଞ୍ଜନ ବରାଡ, ଅଭୟ କୁମାର ନନ୍ଦ, ରମାକାନ୍ତ ଚିନରା ପ୍ରମୁଖ ସହପାଠୀ ଯୋଗ ଦେଇଥିଲେ । ସରୋଜ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ଶଶିଭୂଷଣ ରଥଙ୍କ ଜୟନ୍ତୀ ସମାରୋହ

ସୋରଡା,୧।୧(ଲମ୍ବୋଦର ପାଣିଗ୍ରାହୀ ):

ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ସୋରଡ଼ା ଶଶିଭୂଷଣ ସାହିତ୍ୟ ସଂସଦ ଆନୁକୁଲ୍ୟରେ ଓଡିଶା ଭାଷା, ସାହିତ୍ୟ, ସଙ୍ଗଠକ ଶଶିଭୂଷଣ ରଥଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କାଳିମନ୍ଦିର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ଶିବଶଙ୍କର ପଣ୍ଡା, ପ୍ରାକ୍ତନ କୁଳପତି ଡକ୍ଟର ଶିବପ୍ରସାଦ ଅଧିକାରୀ, ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ, ସାହିତ୍ୟିକ ଭଗବାନ ପାତ୍ର, ଶିକ୍ଷାବିତ ତଥା ସଂସଦ ସଭାପତି ପଦ୍ମଲୋଚନ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଥମେ ଶଶିଭୂଷଣଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରାଯାଇଥିଲା। ଅଞ୍ଚଳର ଶ୍ରେଷ୍ଠ କବି ,ଗୀତିକାର, ସମାଜିକ କର୍ମୀ, ଉତ୍ତମ ସେବା ପ୍ରଦାନକାରୀ ହିସାବରେ ବହୁ ବ୍ୟକ୍ତିଙ୍କୁ ଉପଢୌକନ ସହ ମାନପତ୍ର ପ୍ରଦାନ କରଯାଇଥିଲା। ଓଡିଆ ଭାଷା ଜଗତର ଜାଗ୍ରତ ପ୍ରହରୀ ଶଶିଭୂଷଣ ୧୮୮୫ ଜାନୁୟାରୀ ୧ରେ ସୋରଡାରେ ଜନ୍ମ ହୋଇଥିଲେ। ୧୯୦୧ରେ କଣ୍ଟାପିଢା ଯାତ୍ରା ସମୟରେ ଭିଡ ମଧ୍ୟରେ ନିଜ ଦେହରେ ଠାକୁରାଣୀ ଆର୍ବିଭାବ ହୋଇଥିବା ଅଭିନୟ କରି କଣ୍ଟା ଦୋଳିରେ ମୋତେ ନର ରକ୍ତ ଦିଅ, ଅନ୍ୟ ରକ୍ତରେ ଶୋଷ ମେଣ୍ଟିବ ନାହିଁ କହି ଝୁଲିଥିଲେ। ଏଥିରେ ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ। ସେବେଠାରୁ ୧୨୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ବଳି ସଂପୂର୍ଣ୍ଣ ବନ୍ଦ ହୋଇଛି ବୋଲି ଅତିଥିମାନେ କହିଥିଲେ। ସମାଜରୁ କୁସଂସ୍କାର ହଟେଇବା ତାଙ୍କର ଶ୍ରେଷ୍ଠତା ଥିଲା ବୋଲି ଅଧ୍ୟାପକ ରଞ୍ଜନ କୁମାର ପାଟ୍ଟଯୋଷୀ କହିଥିଲେ। ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ସାନଖଣି ବନ ସୁରକ୍ଷା ସମିତି ପୁରସ୍କୃତ



ମୋହନା,୧।୧(ମନ୍ମଥ ମିଶ୍ର)

ଭୁବନେଶ୍ୱରସ୍ଥିତ ଅରଣ୍ୟ ଭବନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶ୍ରେଷ୍ଠ ବନ ସୁରକ୍ଷା ସମିତି ଚୟନ ପ୍ରକ୍ରିୟାରେ ମୋହନା ବ୍ଲକ ଅନ୍ତର୍ଗତ ସାନଖଣି ବନ ସୁରକ୍ଷା ସମିତି ଶ୍ରେଷ୍ଠ ସମିତି ବିବେଚିତ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସାନଖଣି ବନ ସୁରକ୍ଷା ସମିତିକୁ ପ୍ରଶଂସା କରାଯିବା ସହ ୨୦ହଜାର ୫୦ ଟଙ୍କାର ଚେକ ପ୍ରଦାନ କରାଯାଇଛି। ଏହି ପୁରସ୍କାର ପରେ ସାନଖଣି ଗ୍ରାମରେ ମୋହନା ରେଞ୍ଜର ଲକ୍ଷ୍ମୀପ୍ରସାଦ ବିଷୋୟୀ, ଦେବଗିରି ରେଞ୍ଜର ବ୍ରହ୍ମାନନ୍ଦ ସାହୁ, ଚନ୍ଦ୍ରଗିରି ରେଞ୍ଜର ବିନୟ ପ୍ରକାଶ ବଡ଼, ମହେନ୍ଦ୍ର ରେଞ୍ଜର ଅମିତ୍ ଶୁଭ୍ରଜିତ, ମୋହନା ବନପାଳ ଦେବାଶିଷ ଶତପଥୀ, ବନରକ୍ଷୀ ଗଙ୍ଗାଧର ଭୁୟାଁ, ଲିପିକା ଟିମ୍ ଲିଡର ଅକ୍ଷୟ କୁମାର ଶତପଥୀ ପହଞ୍ଚି ସମିତିକୁ ପ୍ରଶଂସା କରିବା ସହ ସେମାନଙ୍କ ମନୋବଳକୁ ବଢାଇଛନ୍ତି।

### ଅଯୋଧ୍ୟା ରାମ ମନ୍ଦିର ଅକ୍ଷତ ଚାଉଳ କଳସ ଯାତ୍ରା

ମୋହନା,୧।୧(ମନ୍ମଥ ମିଶ୍ର)

ଆଗାମୀ ୨୨ ରେ ଅଯୋଧ୍ୟାରେ ରାମ ମନ୍ଦିର ଉଦ୍‌ଘାଟନ ହେବାକୁ ଥିବା ବେଳେ ସାରା ଦେଶରେ ଅକ୍ଷତ କଳସ ଯାତ୍ରା ଅନୁଷ୍ଠିତ ହେଉଛି। ଏହି ଅବସରରେ ଗଜପତି ଜିଲା ମୋହନାରେ ମଧ୍ୟ ଆରମ୍ଭ ହୋଇଛି ଯାତ୍ରା। ଏକ ସୁସଜ୍ଜିତ ରଥରେ ମୋହନା ହନୁମାନ ମନ୍ଦିରରୁ ପୂଜାର୍ଚ୍ଚନା ପରେ ବାହାରିଥିଲା। ଏକ ବିଶାଳ ବାଇକ୍ ଶୋଭାଯାତ୍ରା ସହ ରଥ ମୋହନା ପରିକ୍ରମା ପରେ ମାଣିକପୁର ହନୁମାନ ମନ୍ଦିରରେ ଥିବା ଅକ୍ଷତ କଳସ ଅଣାଯାଇଥିଲା। ଏହାପରେ ଚାନ୍ଦିପୁଟ, ଚନ୍ଦ୍ରଗିରି, ଲୁହାଗୁଡ଼ିରେ ରଥ ପରିକ୍ରମା କରିଥିଲା। ରଥ ପରିକ୍ରମା ବେଳେ ସ୍ଥାନୀୟ ଲୋକେ ବିପୁଳ ସ୍ୱାଗତ କରିଥିଲେ। ଏହି ଅକ୍ଷତ ଚାଉଳ କଳସ ଯାତ୍ରା ମୋହନା ବ୍ଲକର ସବୁ ଗାଁରେ ପହଞ୍ଚି ରାମ ମନ୍ଦିର ଉଦ୍‌ଘାଟନ ଉପରେ ସଚେତନ କରିବା ସହ ନିମନ୍ତ୍ରଣ ଜଣାଇବାର କାର୍ଯ୍ୟକ୍ରମ ରହିଛି ବୋଲି ଯାତ୍ରା ପରିଚାଳନା ସମିତି ପକ୍ଷରୁ କୁହାଯାଇଛି।

# ରାଇକିଆ ବଣିକ ସଂଘର ପଞ୍ଚମ ପ୍ରତିଷ୍ଠା ଦିବସ

ରାଇକିଆ,୧।୧(ପ୍ରଦୀପ ବେହେରା)

ରାଇକିଆ ବଣିକ ସଂଘର ପଞ୍ଚମ ପ୍ରତିଷ୍ଠା ଦିବସ ରବିବାର ସ୍ଥାନୀୟ ସ୍ୱସ୍ତିକ କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଯାଇଛି। ସଭାପତି ପଦ୍ମ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରିତମ ପ୍ରଧାନ, ଜିଲାପରିଷଦ ସଭ୍ୟ ସତ୍ୟବାନ ପାତ୍ର, ରାଇକିଆ ତହସିଲଦାର ସୁଭଦ୍ରା ମୁଣ୍ଡିକା, ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ, ବେରେଡାକିଆ ସରପଞ୍ଚ ଅକ୍ଷୟ ପ୍ରଧାନ, ସମିତିସଭ୍ୟ ନିରାକାର ଦିଗାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ ଏବଂ ବକ୍ତା ଭାବେ ପ୍ରାକ୍ତନ ଅଧ୍ୟାପକ ଶ୍ରୀଧର ଦାସ ଯୋଗ ଦେଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାହାରା ସମ୍ପାଦକ ସୁକାନ୍ତ ନାୟକ, ଜୀବନ ମହାବିଦ୍ୟାଳୟ ସଭାପତି ରାଜମୋହନ ଦିଗାଳ, ପଞ୍ଚଦଣ୍ଡ କମିଟି ସଭାପତି ସନ୍ତୋଷ ଲେଙ୍କା, ଆଞ୍ଚଳିକ କଳା ପରିଷଦ ସମ୍ପାଦକ ସୁରେନ୍ଦ୍ର ପଣ୍ଡା, ପୂଜା କମିଟି ସଭାପତି ନାରାୟଣ ପ୍ରସାଦ ମହାନ୍ତି, ସ୍ଥାନୀୟ ବିଜୟ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଯୋଗୀନ୍ଦ୍ର ନୀଳମଣି ମଣ୍ଡଳ, କ୍ୟାଥଲିକ ଚର୍ଚ୍ଚ ସଭାପତି ବିକ୍ରମ ପ୍ରଧାନ ବିଭିନ୍ନ ସଂଗଠନର ସଭାପତି, ସମ୍ପାଦକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ର ରେ ଉତ୍କର୍ଷତା ପାଇଁ ବ୍ୟକ୍ତି ବିଶେଷ ଓ ସଂଗଠନ ଏବଂ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସମ୍ମାନିତ କରାଯାଇଥିଲା। ସଂଘ ତରଫରୁ ସାଧାରଣ ସଂପାଦକ ଦୁର୍ଯ୍ୟୋଧନ ଲେଙ୍କା, ସଂଗଠନ ସମ୍ପାଦକ ରାମକୃଷ୍ଣ ବେହେରା, ସହ ସମ୍ପାଦକ ଶ୍ରୀନିବାସ ଆଚାରି, କୋଷାଧ୍ୟକ ବାଲ୍ମୀକି ପତି, ବରିଷ୍ଠ ସଦସ୍ୟ ସନ୍ତୋଷ ପାଢ଼ୀ, ତିରୁପତି ସୁବୁଦ୍ଧି, ଗଙ୍ଗାଧର ପଣ୍ଡା, ନରେନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବଣିକ ସଂଘର କର୍ମକର୍ତ୍ତା ଓ ଅତିଥି ।

## ସଂକ୍ଷେପରେ

### ସୋତି ଗ୍ରାମରେ ଗୀତା ଯଜ୍ଞ



ପାଣିକୋଇଲି,୧।୧(ବିକାଶ କୁମାର ମଲିକ)

ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ସୋତି ଗ୍ରାମର ଆରାଧ୍ୟ ଦେବତା ବାବା ଇଶାନେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଇଂରାଜୀ ନବ ବର୍ଷକୁ ସ୍ୱାଗତ ଜଣାଇ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଉକ୍ତ ପରମ୍ପରା ଦୀର୍ଘ ବର୍ଷ ହେବ ସୋତି ଗ୍ରାମର ଗ୍ରାମବାସୀ ପାଳନ କରି ଆସୁଛନ୍ତି। ତେବେ ଉକ୍ତ ଉତ୍ସବରେ ବାବା ଇଶାନେଶ୍ୱରଙ୍କ ନିକଟରେ ନୂତନ ବର୍ଷଟି ଦେଶ ତଥା ରାଜ୍ୟରେ ଶାନ୍ତି ମୈତ୍ରୀ ଆଣିବା ଲାଗି ଗ୍ରାମରେ ଭାଇଚାରା ବୃଦ୍ଧି ନିମନ୍ତେ ସମସ୍ତ ଗ୍ରାମବାସୀ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ସହିତ ଦୀପ ଜାଳିଥିଲେ। ଗ୍ରାମର ବେଦଜ୍ଞ ବ୍ରାହ୍ମଣ ସୂର୍ଯ୍ୟମଣୀ ପଣ୍ଡା ଓ ରାହାସ ବିହାରୀ ଦାସ ଗୀତା ପାଠ କରିଥିବା ବେଳେ ଗ୍ରାମବାସୀ ଅଦ୍ୱୈତ୍ୟ ଚରଣ ଦାଶ, ସୂର୍ଯ୍ୟମଣି ସାହୁ, ତପନ କୁମାର ଦାସ, ଉମାକାନ୍ତ ଖଣ୍ଡାଇ,ବଟକୃଷ୍ଣ ମହାପାତ୍ର, ନାରାୟଣ କରଣ, ଅନାମ ମହାପାତ୍ର, ବାବୁଲି ବାରିକ, ହରେକୃଷ୍ଣ ସାହୁ,ବିଷ୍ଣୁ ବାରିକ, ଶିବ ବାରିକ,ପ୍ରଫୁଲ୍ଲ ମାଝି, ନାଣ୍ଟୁ ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

### ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ଖାଦ୍ୟ ବଣ୍ଟନ

ପାଣିକୋଇଲି,୧।୧(ବିକାଶ କୁମାର ମଲିକ)

ପାଣିକୋଇଲିସ୍ଥିତ ଶେଷ ପରିଚୟ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ସୋମବାର ନୂଆ ବର୍ଷ ଅବସରରେ ସ୍ପନ୍ଦନ ଅନୁଷ୍ଠାନର ସଭାପତି ତଥା ସାମାଜିକ କର୍ମୀ ଚନ୍ଦ୍ରମଣୀ ଦାଶଙ୍କ ପକ୍ଷରୁ କମ୍ବଳ ଓ ଖାଦ୍ୟ ବଣ୍ଟନ କରାଯାଇଥିଲା । ଅତିଥିଭାବେ ରାଜ୍ୟ ସଚେତନ ମଞ୍ଚର ସଭାନେତ୍ରୀ ମଧୁମିତା ରଥ ଓ ସାମାଜିକ କର୍ମୀ ସୁମିତ୍ରା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ସ୍ପନ୍ଦନ ଅନୁଷ୍ଠାନ ପକ୍ଷରୁ କେକ୍ କଟାଯାଇ ଚଳିତ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ଖସଡା ପ୍ରସ୍ତୁତ କରାଯାଇଥିଲା । ବୃଦ୍ଧାଶ୍ରମ ପକ୍ଷରୁ ରାକେଶ ରଞ୍ଜନ ପଣ୍ଡା, ସୁଧା ଶଙ୍କର ବିଶ୍ୱାଳ, ଗୋଲକ ବିହାରୀ ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### କୁସୁଡିହାରେ ଅଗ୍ନିକାଣ୍ଡ: ୪୦ ବସ୍ତା ଧାନ ଜଳିଗଲା

ରୂପସା, ୧।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ରସଲପୁର ପଞ୍ଚାୟତ ଅଧୀନ କୁସୁଡିହା ଗ୍ରାମରେ ଶନିବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ବରେନ୍ଦ୍ର ପ୍ରଧାନଙ୍କ ଘରର ଆସବାବପତ୍ର, ବାସନକୁସନ, ଲୁଗାପଟା ସହ ୪୦ ବସ୍ତା ଧାନ ଜଳିପୋଡି ପାଉଁଶ ହୋଇଯାଇଛି। ଏକ ଧାନ ଗାଦି ମଧ୍ୟ ପୋଡ଼ିଯାଇଛି। ଖବର ପାଇ ବସ୍ତା ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ରବିବାର ଏମ୍‌ପି ପ୍ରତିନିଧି ଶୁଭେଶ ନାୟକ, ୱାର୍ଡସଭ୍ୟ କୃଷ୍ଣଚନ୍ଦ୍ର ନାୟକ ଓ ଶଙ୍କର୍ଷଣ ପ୍ରଧାନ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ନୂତନ ବର୍ଷରେ ଗ୍ରାମ ସଫେଇ

ପାଣିକୋଇଲି,୧।୧(ବିକାଶ କୁମାର ମଲିକ)

ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଧଳ ସାହିର ମା'ଲକ୍ଷ୍ମୀ କମିଟିର ଯୁବକମାନେ ନୂତନ ବର୍ଷରେ ନିଜେ ଶ୍ରମଦାନ କରି ନିଜ ସାହିକୁ ସଫେଇ କରି ବର୍ଷର ଶୁଭାରମ୍ଭ କରିଛନ୍ତି। ସାହିର ସୁନୀଲ କୁମାର ଧଳ, ସୌମ୍ୟରଞ୍ଜନ ଧଳ.ବିଜନ କୁମାର ଧଳ, ଅଞ୍ଜନ କୁମାର ଧଳ, ଚନ୍ଦନ ଓଝା, ନୃସିଂହ ପହି, ଆଦିତ୍ୟ ଦାସ, ଅନୁପ ଧଳ, ରାହୁଲ ବିଶ୍ୱାଳ,ଶୁଭଙ୍କର ସାମଲ, ବିକ୍ରମ କେଶରୀ ସାମଲ, ରୁଦ୍ର ମହାରଣା, ଶୁଭ୍ରାଂଶୁ ଘଡାଇ, ବିରଞ୍ଚି ରାୟ ପ୍ରମୁଖ ସାହିର ଛୋଟ ପିଲାମାନଙ୍କୁ ପୁରୀ ଡ଼ାଲମା କରି ଖାଇବାକୁ ଦେବା ସହିତ ଚାରା ରୋପଣ ଓ ସାହିକୁ ସଫେଇ କରି ନୂତନ ବର୍ଷ ପାଳନ କରିଥିଲେ। ଯୁବକମାନଙ୍କ ଏପରି ସାମାଜିକ କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା ମାନେ ପ୍ରଶଂସା କରିଛନ୍ତି।

# ଯାଜପୁରରେ ସୁରକ୍ଷିତ ନକଲି ଶିକ୍ଷକ

ଯାଜପୁର,୧।୧(ହର୍ଷବର୍ଦ୍ଧନ ବେହେରା)

■ ତଦନ୍ତ, କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ ଡିଇଇ
■ ପୂର୍ବପୁରୁଷଙ୍କ ଜମି ପଟ୍ଟା ଯାଞ୍ଚ କଲେ ଧରାପଡ଼ନ୍ତେ ଶତାଧିକ ନକଲି ଆଦିବାସୀ

ପଡ଼ୋଶୀ ଜିଲା କିମ୍ବା ଆଖପାଖ ଗ୍ରାମରୁ କିଛି ଜମି କିଣି ସେଥିରେ ପୂର୍ବପୁରୁଷଙ୍କ ସାଧାରଣ ଜାତିକୁ ବଦଳାଇ ଆଦିବାସୀ ଦର୍ଶାଇ ପଟ୍ଟା ହାସଲ କରାଯାଇଛି। ସେହି ଜମି ପଟ୍ଟାବଳରେ ଆଦିବାସୀ ପ୍ରମାଣପତ୍ର ହାସଲ କରି ଯାଜପୁର ଜିଲାରେ ଶତାଧିକ ନକଲି ଶିକ୍ଷକ ସାଜିଥିବା ଅଭିଯୋଗ ହୋଇଛି। ଏନେଇ ଆର୍‌ଡିସିଙ୍କ ତଦନ୍ତ ନିର୍ଦ୍ଦେଶ ସତ୍ତ୍ୱେ ସମ୍ପୃକ୍ତ ତହସିଲଦାର କ୍ଷେତ୍ର ପରିଦର୍ଶନ ନ କରି ଯେନତେନ ପ୍ରକାରେ ରିପୋର୍ଟ ଦାଖଲ କରିଛନ୍ତି। ଫଳରେ ଏଠାରେ ନକଲି ଶିକ୍ଷକମାନେ ସୁରକ୍ଷିତ ଥିବା ଚର୍ଚ୍ଚା ହେଉଛି। ଇତିମଧ୍ୟରେ ହାଇକୋର୍ଟରେ ୧୮୭୫୨/୨୦୧୮ ନମ୍ବରରେ ରୁଜୁ ହୋଇଥିବା ଏକ ଜନସ୍ୱାର୍ଥ ମାମଲାରେ ୨ ସପ୍ତାହ ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ହୋଇଛି। ଏହି ନିର୍ଦ୍ଦେଶ ଉପରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ)ର ନିର୍ଦ୍ଦେଶକ ୨୯।୧୨।୨୦୨୩ରେ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀମାନଙ୍କୁ ନକଲି ପ୍ରମାଣପତ୍ରଧାରୀ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବିଭାଗରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ରାଜ୍ୟର ଅନ୍ୟ ଜିଲାରେ ନକଲି ଶିକ୍ଷକମାନଙ୍କୁ ଠାବ କରି ଆପରାଧିକ ମାମଲା ରୁଜୁ ହେବା ସହ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବାବେଳେ ଯାଜପୁରରେ କାହିଁକି ସେମାନଙ୍କୁ ସୁରକ୍ଷିତ ରଖାଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ହୋଉଛି।

ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆବର୍ଗମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟ ନେଇ ସରକାର ନୀତି ପ୍ରଣୟନ କରି ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ଚାକିରି, ରାଜନୀତି ଇତ୍ୟାଦି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରାଯାଇ ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବାର ଉଦ୍ୟମ ହେଉଛି। କିନ୍ତୁ ଏହିସବୁ ସୁବିଧା ସୁଯୋଗକୁ ସାଧାରଣ ବର୍ଗ ଲୋକେ ନକଲି ଆଦିବାସୀ ପ୍ରମାଣପତ୍ର ହାସଲ କରି ହାତଉଛନ୍ତି। ଯାଜପୁର ଜିଲାରେ ଏହି ପ୍ରମାଣପତ୍ର ବଳରେ ଶିକ୍ଷା ବିଭାଗ ସମେତ ରେଳ, ପୋଷ୍ଟ ଅଫିସ, ଜଳସେଚନ, ନିର୍ମାଣ, ଜିଲା ପ୍ରଶାସନ ଆଦି ବିଭାଗରେ ସହଜରେ ନିଯୁକ୍ତି ପାଇଥିବା ଅଭିଯୋଗ ହୋଇଛି। ବାସ୍ତବରେ ଆଦିବାସୀ ଓ ହରିଜନ ଡିଗ୍ରୀଧାରୀ ବ୍ୟକ୍ତି ସେମାନଙ୍କ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିପାଇଁ ଡିଇଇର ନିର୍ଦ୍ଦେଶକ ୧୮।୧୦।୨୦୨୧ରେ ୨୩ ଜିଲା ଶିକ୍ଷାଧିକାରୀ(ଡିଇଓ) ଓ ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି)ଙ୍କ ସମେତ ୫୫ ଜଣ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କୁ ଜବାବ ତଲବ କରିଥିଲେ। ତଥାପି ଯାଜପୁର ଜିଲାରେ କିଛି ସୁଫଳ ମିଳି ପାରିନାହିଁ। ବିଶେଷକରି ଯାଜପୁର ଜିଲା କୋରେଇ ବ୍ଲକ ଅଧୀନରେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ନକଲି ଶିକ୍ଷକ ଛପି ରହିଥିବା ଆଲୋଚନା ହେଉଛି। ଏହି ବ୍ଲକର ଜଣେ ବ୍ୟକ୍ତି କିଛି ଜମି କିଣି ସେଥିରେ ଆଦିବାସୀ ଦର୍ଶାଇ ନକଲି ଜାତିଗତ ପ୍ରମାଣପତ୍ର ପାଇଛନ୍ତି। ସେହି ଆଧାରରେ ସେ ଶିକ୍ଷକରୁ ପଦୋନ୍ନତି ପାଇ ମଣ୍ଡଳ ଶିକ୍ଷାଧିକାରୀ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଛନ୍ତି। ଉକ୍ତ ବିଇଓଙ୍କ ନାମରେ ଅଭିଯୋଗ ହେବା ପରେ ତାଙ୍କୁ ଯାଜପୁର ଜିଲାରୁ କେନ୍ଦ୍ରାପଡ଼ା ଜିଲାକୁ ବଦଳି କରାଯାଇଛି। ଏତିକିରେ କାର୍ଯ୍ୟାନୁଷ୍ଠାନ ସୀମିତ ରଖାଯାଇଛି। ଏନେଇ ତଦନ୍ତ କରାଗଲେ ସେହି ଜମି ପଟ୍ଟା ଦେଖାଇ ନକଲି ଆଦିବାସୀମାନେ ବର୍ତ୍ତି ଯାଉଛନ୍ତି। ତଦନ୍ତକାରୀ ଅଧିକାରୀମାନେ ମଧ୍ୟ ଏହାର ସୁଯୋଗରେ ମୋଟା ଅଙ୍କର ହାତଗୁଞ୍ଜା ନେଇ ସେମାନଙ୍କୁ କ୍ଲିନ୍‌ଚିଟ୍ ଦେଉଛନ୍ତି। ଯଦି ଏହି ନକଲି ଆଦିବାସୀମାନଙ୍କ ମାତାପିତା ଓ ପୂର୍ବପୁରୁଷଙ୍କ ଜମି ପଟ୍ଟା ଏବଂ ଅନ୍ୟାନ୍ୟ ଦସ୍ତାବିଜ୍ ସମ୍ପର୍କରେ ଉପଯୁକ୍ତ ତଦନ୍ତ ହୁଅନ୍ତା ତେବେ ବହୁ ନକଲି ଆଦିବାସୀଙ୍କ ପର୍ଦ୍ଦାଫାଶ ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି। ତେବେ ଡିଇଇଙ୍କ ପୁଣି ତଦନ୍ତ ନିର୍ଦ୍ଦେଶ ଯାଜପୁର ଜିଲାରେ କେତେଦୂର ସଫଳ ହେଉଛି ତାହା ସମୟ ହିଁ କହିବ ବୋଲି ଚର୍ଚ୍ଚା ହେଉଛି।

## ବ୍ରିଲିଆଣ୍ଟ ସ୍ପୋର୍ଟିଂ କ୍ରିକେଟ କ୍ଲବ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳିମାନେ ।

### ତରୁଣ ମେମୋରିଆ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ପାଣିକୋଇଲି,୧।୧(ବିକାଶ କୁମାର ମଲିକ)

ପଥରପଦା ପଞ୍ଚାୟତ ଅନ୍ତର୍ଗତ କାଜିପାଟଣା ଗ୍ରାମର ମା'ମଙ୍ଗଳା ଯୁବକ ସଂଘ ଆନୁକୂଲ୍ୟରେ ୫ମ ବାର୍ଷିକ ତରୁଣ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି । ଫାଇନାଲ ମ୍ୟାଚ ଆଖାର ଇଲେଭେନ ମତାବାଦ ଓ ବ୍ରିଲିଆଣ୍ଟ ସ୍ପୋର୍ଟିଂ କ୍ରିକେଟ କ୍ଲବ ଡାହାଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମତାବାଦ ପ୍ରଥମେ ଟସ୍ ଜିଣି ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ଡାହାଲା ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ ରନ ସଂଗ୍ରହ କରିଥିଲା । ଜବାବରେ ମତାବାଦ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୮୯ ରନ କରି ପରାଜୟ ବରଣ କରିଥିଲା । ଫଳରେ ଡାହାଲା ଚଳିତ ବର୍ଷର ଚମ୍ପିୟାନ ହୋଇଥିଲା । ସନ୍ଦୀପ ମହାକୁଡ, ରଘୁପତି ବେହେରା, ଆଶିଷ ମହାକୁଡ, ଶୁଭଦୀପ ବେହେରା ପ୍ରମୁଖ ଖେଳ ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ ପଥରପଦା ବିଜେଡି ଯୁବ ସଭାପତି ପ୍ରେମେଶ ଚନ୍ଦ୍ର ମହାକୁଡ, ସମ୍ମାନୀତ ଅତିଥିଭାବେ ସୁରେଶ ଦାସ, ଖବରଦାତା ପ୍ରଦୀପ ମାଝି, ବିପିନ ବେହେରା ପ୍ରମୁଖ ଯୋଗଦେଇ ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ୍ ଦି ସରିଜ ସମେତ ବିଜୟୀ ଓ ପରାଜିତ ଦଳକୁ ଟ୍ରଫି ସହ ନଗଦରାଶି ଦେଇ ପୁରସ୍କୃତ କରିଥିଲେ । ରାକେଶ ବେହେରା, ରାଜେଶ ବେହେରା, ସମ୍ପିତ ବେହେରା, ହାପି ମହାକୁଡ, ରଶିକାନ୍ତ ବାରିକ, ଅଭିଜିତ ବେହେରା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

## ଗୋପୀନାଥ ଜୀଉ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଅତିଥି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି ।

ପାଣିକୋଇଲି,୧।୧(ବିକାଶ କୁମାର ମଲିକ)

ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଟିନ୍ଦା ଗ୍ରାମରେ ୨୮ତମ ଗୋପୀନାଥ ଜୀଉ କ୍ରିକେଟ ଟୁର୍ନାମେଣ୍ଟ ନୂଆବର୍ଷରେ ସୋମବାର ଉଦ୍‌ଘାଟିତ ହୋଇଛି । ଏହି ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି । ଉଦ୍‌ଘାଟନୀ ମ୍ୟାଚ ଧନପୁର ବନାମ ଭୋଟକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବରିଷ୍ଠ ଖବରଦାତା ସୁବାସ ଧଳ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ । ପ୍ରଥମାର୍ଦ୍ଧରେ ଭୋଟକା ଟସ ଜିଣି ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୧୦ ଓଭରରେ ଧନପୁର ୫ ଉଇକେଟ ହରାଇ ୯୦ ରନ ସଂଗ୍ରହ କରିଥିଲା । ଜବାବରେ ଭୋଟକା ୧୦ ଓଭରରେ ୫ ଉଇକେଟ ହରାଇ ୫୩ ରନ କରି ପରାଜିତ ହୋଇଥିଲା ।

ଓଟିନ୍ଦା ବନାମ କୋରେଇ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଓଟିନ୍ଦା ଟସ୍ ଜିଣି ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । କୋରେଇ ୮ଓଭରରେ ସମସ୍ତ ଉଇକେଟ ହରାଇ ୭୨ ରନ ସଂଗ୍ରହ କରିଥିଲା । ଜବାବରେ ଓଟିନ୍ଦା ୮ ଓଭରରେ ୨ ଉଇକେଟ ହରାଇ ୭୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା ।

ପ୍ରଥମ ସେମିଫାଇନାଲ ମ୍ୟାଚ ଓଟିନ୍ଦା ବନାମ ଧନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଶେଷରେ ଓଟିନ୍ଦାକୁ ହରାଇ ଧନପୁର ଫାଇନାଲକୁ ପ୍ରବେଶ କରିଛି । ଏହି ମ୍ୟାଚକୁ ରୁଦ୍ର ଦାସ ଓ ସୁରେନ୍ଦ୍ର ପୁରୀ ପରିଚାଳନା କରିଥିବା ବେଳେ ପ୍ରଦ୍ୟୁମ୍ନ କୁମାର ପୁରୀ ଧାରାବିବରଣୀ ପ୍ରଦାନ କରିଥିଲେ । ଯଶୋବନ୍ତ ଓଝା ସ୍କୋରର ଭାବେ ଯୋଗଦେଇଥିଲେ । ଅପରାହ୍ଣରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ଆଶୀର୍ବାଦ ଆଗ୍ରୋ ପ୍ରଡକ୍ଟ ମ୍ୟାନେଜର ଶରତ ଚନ୍ଦ୍ର ଦାଶ ଯୋଗଦେଇ ବିଜୟୀ ଦଳଙ୍କୁ ପୁରସ୍କୃତ କରିଥିଲେ । ସତୀଶ ଧଳ, ପ୍ରକାଶ ମଲିକ, ଆଲୋକ ବେହେରା, ଶିବ ପ୍ରସାଦ ଗିରି, ସୁବାସ ପୁରୀ, ଅୟୋଜ୍ୟୋତି ସାମଲ, ମଦନ ମୋହନ ଜେନା, ଅକ୍ଷୟ ସାମଲ, ଉମେଶ ପୁରୀ, ଲମ୍ବୋଦର ବେହେରା, ପରମେଶ୍ୱର ନାୟକ, ଶଙ୍କର୍ଷଣ ମଲିକ, ଅମୂଲ୍ୟ ମଲିକ ସମେତ ସମସ୍ତ ସହଯୋଗ କରିଥିଲେ ।

## ଅଟୋ-ବାଇକ୍ ମୁହାଁମୁହିଁ ଧକ୍କା, ୧୦ ଗୁରୁତର

ବାଲିଆପାଳ, ୧।୧(ଅମୂଲ୍ୟ କୁମାର ଦାସ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଯମୁନାଶୁଳ ବେଳାଭୂମିରୁ ପିକନିକ୍ ସାରି ଅଟୋରେ ଫେରୁଥିବା ବେଳେ ଦୁର୍ଘଟଣାରେ ଭାରସାମ୍ୟ ହରାଇ ରାସ୍ତାରୁ ୧୫ ଫୁଟ ତଳକୁ ଖସିପଡିଥିଲା। ଦୁର୍ଘଟଣାରେ ଡ୍ରାଇଭରଙ୍କ ସମେତ ୧୦ଜଣ ଛାତ୍ରୀଛାତ୍ର ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ପ୍ରଥମେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ସୋମବାର ଏବଂ ବର୍ଷ ଆରମ୍ଭ ହୋଇଥିବାରୁ ଜାମଶୁଳୀ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର କେତେଜଣ ଛାତ୍ରୀଛାତ୍ର ୨ଟି ଅଟୋରେ ଜମୁନାଶୁଳ ବେଳାଭୂମିକୁ ପିକନିକ୍ ପାଇଁ ଯାଇଥିଲେ। ପିକନିକ୍ ସାରି ଘରକୁ ଫେରୁଥିବା ବେଳେ ପଞ୍ଚୁପାଲି ନିକଟରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଅଟୋ ଭାରସାମ୍ୟ ହରାଇ ରାସ୍ତାରୁ ୧୫ ଫୁଟ ତଳକୁ ଖସିବା ପରେ ଭାଙ୍ଗି ଚୁରମାର୍ ହୋଇଥିଲା। ଡ୍ରାଇଭରଙ୍କ ସମେତ ୧୦ ଜଣ ଛାତ୍ରୀଛାତ୍ର ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ବାଲେଶ୍ୱର ହସ୍‌ପିଟାଲକୁ ସ୍ଥାନାନ୍ତର କରିଛନ୍ତି।

## ଶିକ୍ଷକମାନେ ହିଁ ସମାଜର ମାର୍ଗଦର୍ଶକ : ବାଚସ୍ପତି



ବିଞ୍ଝାରପୁର,୧।୧(ରାମକୃଷ୍ଣ ଦାସ):

ଶିକ୍ଷକମାନେ ହିଁ ସମାଜର ମାର୍ଗଦର୍ଶକ ବୋଲି ବିଡନାସ୍ଥିତ ଯୁଣଭଦ୍ରା ମହାବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗର ମୁଖ୍ୟ ପ୍ରଧ୍ୟାପକ ଦିଲିପ କୁମାର ଦାସଙ୍କ ଅବସରକାଳୀନ ସଭାରେ ଯୋଗଦେଇ ବାଚସ୍ପତି ପ୍ରମିଳା ମଲିକ ମତବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବାଚସ୍ପତି ମଲିକ, ଅନ୍ୟତମ ଅତିଥି ରୂପେ ପ୍ରାକ୍ତନ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ନାୟକ, ଡ. ମଦନ ମୋହନ ସାହୁ, ବରିଷ୍ଠ ଶିକ୍ଷାବିତ୍ ଗୋଲକ ବିହାରୀ ମଲିକ, ପର୍ଶୁରାମ କର, ଅଚ୍ୟୁତାନନ୍ଦ ଖିଲାର, ଶ୍ରୀଧର ବାରିକ, ନରେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ପ୍ରଧ୍ୟାପକ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧ୍ୟକ୍ଷ ସୁନାକର ମହାକୁଳ, ଅକ୍ଷୟ କୁମାର ନାୟକ, ମିହିର ରାଉତ, ବିପଶା ଦାସଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପିକା ଓ ଅଧ୍ୟାପକଙ୍କ ସମେତ ଯୁଣଭଦ୍ରା ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ ଉଦଘାଟିତ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

ଚଣ୍ଡିଖୋଲ,୧।୧(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟଗିରି ସ୍ଥିତ ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାଶ୍ରମର ଅଧ୍ୟକ୍ଷା ଡ. ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଫେସର ଡ. ଇନ୍ଦିରା ଦେବୀଜୀ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କୁମାର ଭାଇଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଶିକ୍ଷାଶ୍ରମ ଆଜି ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ନେତୃତ୍ୱ ନେଉଛି। ବିଶିଷ୍ଟ ଅତିଥି ଭାବେ ଆରବିଆଇର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ପ୍ରମୋଦ କୁମାର ପଣ୍ଡା, କଳିଙ୍ଗ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ଡ.ବଦ୍ରିନାଥ ପଟ୍ଟନାୟକ, ଆଧ୍ୟାତ୍ମିକ ଉପଦେଷ୍ଟା ସୁବାସ ଚନ୍ଦ୍ର ଚାଟାର୍ଜୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ସମ୍ମାନୀତ ଅତିଥି ଭାବେ ଡ.ପ୍ରମୋଦ କୁମାର ମିଶ୍ର, ଲଣ୍ଡନରେ ଓଡିଆ ସୋସାଇଟିର ସାଧାରଣ ସମ୍ପାଦକ ସୁକାନ୍ତ ସାହୁ, ଛତିଶଗଡ଼ର ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ଦିନେଶ ଷଡ଼ଙ୍ଗୀ, ଡ. ବିନି ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଥିଲେ। ପୃଥିବୀରୁ ଯୁଦ୍ଧ, ହିଂସା ଦୂରେଇ ଶୋଭାନୀୟତା ଓ ଶାଳୀନତା ଶିକ୍ଷା ଉପରେ ଅତିଥିମାନେ ଗୁରୁତାରୋପ କରିଥିଲେ। ସକାଳେ ପାହାଡ଼ ଉପରେ ଥିବା ସତ୍ୟ ଯୁଗ ସ୍ତମ୍ଭ ନିକଟରେ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରଯାଇଥିଲା।



ନୂଆବର୍ଷରେ ପାଣିକୋଇଲି ପଞ୍ଚାୟତ ଧଳ ସାହିର ଯୁବକମାନେ ରାସ୍ତା ସଫେଇ କରୁଛନ୍ତି ।

# ନୃତ୍ୟ,ଗୀତିରେ ଝୁମିଲେ ଦର୍ଶକ





ମହୋତ୍ସବରେ ସାମିଲ ହୋଇଥିବା କଳାକାର ଓ ସିନେ ଅଭିନେତ୍ରୀ ଓ ଅଭିନେତା ।

### କୁଆଖିଆ ମହୋତ୍ସବର ଏକାଦଶ ସନ୍ଧ୍ୟା

ରସୁଲପୁର,୧।୧(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ୬୯ତମ ଲକ୍ଷ୍ମୀନାରାୟଣ ଉତ୍ସବର ୧୭ତମ ଦିବସ ଓ ୧୬ତମ କୁଆଖିଆ ମହୋତ୍ସବର ଏକାଦଶ ସନ୍ଧ୍ୟା ସୋମବାର ଅନୁଷ୍ଠିତ ହୋଇଯାଇଛି । ନୂତନ ବର୍ଷର ପ୍ରଥମ ଦିବସରେ ସମଗ୍ର ଲକ୍ଷ୍ମୀନାରାୟଣ ପୂଜା ପେଣ୍ଡାଲ ଓ ମହୋତ୍ସବ ମଞ୍ଚ ଦର୍ଶକଙ୍କ ଗହଳିରେ ପୁରି ଉଠିଥିଲା । ଲକ୍ଷ୍ମୀନାରାୟଣ ପେଣ୍ଡାଲରେ ନାଟକ ଉତ୍ସବର ଯାତ୍ରା ପରିବେଷଣକୁ ଲୋକମାନେ ଉପଭୋଗ କରିଥିଲେ । ଏକାଧିକ ସିନେ ତାରକାଙ୍କ ଉପସ୍ଥିତି ମଞ୍ଚର ଗାରିମାକୁ ବଢାଇ ଦେଇଥିଲା । ଖାଲି ସେତିକି ନୁହେଁ ତାରକାମାନଙ୍କର ଉପସ୍ଥିତି ପୂର୍ବରୁ ମଞ୍ଚରେ ବୀଣପାଣି କଳାନିକେତନ କଳାକାରମାନଙ୍କ ଧମାକାଦାର ପ୍ରଦର୍ଶନ ଦର୍ଶକମାନଙ୍କୁ ବହୁ ସମୟ ଧରି ବାନ୍ଧି ରଖିଥିଲା । ଗ୍ରାମାଞ୍ଚଳର ପର୍ବପର୍ବାଣୀ ଉପରେ ଆଧାରିତ ନୃତ୍ୟଗୀତ ଜରିଆରେ ପର୍ବର ବିଶେଷତ୍ୱକୁ ବଖଣାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ପାର୍ଥ ସାରଥୀ ଦାସ(ଜିତୁ ବାବୁ)ଙ୍କ ଦ୍ୱାରା ପରିଚାଳିତ ସଂସ୍ଥା ପକ୍ଷରୁ ପରିବେଷଣ କରାଯାଇଥିବା ଆମ ଗାଁ ଆମ ମାଟି, ରଜପର୍ବ, କୁମାର ଉତ୍ସବ, ଖୁଦୁରୁକୁଣୀ ଗୀତ ଉପରେ ଆଧାରିତ ନୃତ୍ୟଗୀତ କୁମାରୀମାନଙ୍କୁ ବିଶେଷ ଆକର୍ଷିତ କରିଥିଲା । ଆକର୍ଷଣୀ ପ୍ରଦର୍ଶନ ପାଇଁ ଦର୍ଶକମାନେ ମଞ୍ଚସ୍ଥ କଳାକାରମାନଙ୍କୁ ପୁରସ୍କୃତ କରିଥିଲେ ।

ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ 'ଅପରେଶନ ୧୨/୧୭' ସିନେମାକୁ ପ୍ରମୋଶନ କରିବା ପାଇଁ ସିନେ କଳାକାରମାନେ ମଞ୍ଚ ଉପରେ ପହଞ୍ଚି ଥିଲେ । ତାରକା ସିନ୍ଦୂରର ଅଧିକାର ସିରିଏଲର ନାୟିକା ଇତି, ସୋନାଲି, ତୃଷ୍ଣା ନାୟକ, ଶ୍ରେୟାଂଶ, ଅପରେଶନ ୧୨/୧୭ ସିନେମାର ନିର୍ମାତା ଶୁଭ୍ରା ପଟ୍ଟନାୟକ, ହାସ୍ୟ ଅଭିନେତା ଜ୍ଞାନ ବାରିକ, ଅମର ମହାପାତ୍ର ପ୍ରମୁଖଙ୍କୁ ଦେଖିବା ପାଇଁ ଦର୍ଶକମାନଙ୍କର ପ୍ରବଳ ଭିଡ ଜମିଥିଲା । ଏଥିସହ ଲକ୍ଷ୍ମୀନାରାୟଣ ପେଣ୍ଡାଲରେ ଯାଜପୁର ଜିଲାର ସୁନାମଧନ୍ୟ ଡ୍ରାମାଟିକ୍ କ୍ଲବ ତରଫରୁ ନାଟକ ପ୍ରତିଯୋଗିତା ରବିବାର ସନ୍ଧ୍ୟାରୁ ଆରମ୍ଭ ହୋଇଯାଇଛି । ମା'ଥାନପତି ଡ୍ରାମାଟିକ୍ କ୍ଲବ,ସାରଙ୍ଗପୁର ତରଫରୁ ରବିବାର ସନ୍ଧ୍ୟାରେ 'ହେ ଈଶ୍ୱର ତୋତେ କୋଟି ନମସ୍କାର' ସୋମବାର ଜୟ ଜଗନ୍ନାଥ ନାଟ୍ୟ ସଂସଦ, ଚଣ୍ଡିପୁର ପକ୍ଷରୁ 'ଅସତୀ ତୁଳସୀ ସତୀ ଚଉଁରା', ମଙ୍ଗଳବାର ମା କ୍ଷେତ୍ରପାଳିନୀ ନାଟ୍ୟସଂସଦ, କୋଳଥଳ ପକ୍ଷରୁ 'ବାବୁ ମୁଠେ ଭିକ ଦିଅ', ବୁଧବାର ମା'ବୁଢୀ ବାସୁଳେଇ ନାଟ୍ୟସଂସଦ, ଓରାଳି ପକ୍ଷରୁ 'କଂସେଇଖାନା', ଗୁରୁବାର ନେହେରୁ ନାଟ୍ୟ ସଂସଦର, ରସୁଲପୁର ପକ୍ଷରୁ 'ବଡଦାଣ୍ଡର ଭିକାରୀ', ଶୁକ୍ରବାର ତଥା ପୂଜାର ଉଦ୍‌ଯାପନୀ ସନ୍ଧ୍ୟାରେ ମା'ଲକ୍ଷ୍ମୀ ନାଟ୍ୟ ସଂସଦ, ପାଳସାହି-(ଚଣ୍ଡିପୁର) ପକ୍ଷରୁ 'ଭୁଲ ତୋର ଭୋଗୁଛି ମୁଁ' ଭଳି ନାଟକ ପରିବେଶଣ କରାଯିବାର କାର୍ଯ୍ୟକ୍ରମ ରହିଛି । ଭିଡ ନିୟନ୍ତ୍ରଣ କରିବା ପାଇଁ କୁଆଖିଆ ଥାନା ଅଧିକାରୀ ଶ୍ରୀକାନ୍ତ ବାରିକଙ୍କ ନେତୃତ୍ୱରେ ପୋଲିସ ବାହିନୀ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା । କମିଟିର କାର୍ଯ୍ୟକର୍ତ୍ତା ରାଜେଶ ସାହୁ, ଅରୁଣ ରାଉତ, ଅରୁଣ କୁମାର ସାହୁ, ଉମେଶ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ କୁଆଖିଆ ବଜାର ଅଞ୍ଚଳରେ ଲୋକମାନଙ୍କ ଭିଡ଼ ଲାଗି ରହିଥିଲା ।

# ସଡ଼କ ଦୁର୍ଘଟଣାର ଅଧିକ ଶିକାର ଯୁବକ, ନାବାଳକ

ନୟାଗଡ଼,୧।୧(ଲୋକନାଥ ମିଶ୍ର)

- ୯୭ ମୃତକଙ୍କ ମଧ୍ୟରୁ ୬୯ ଯୁବକ ଓ ନାବାଳକ
- ଅମାନିଆ ପିଲାଙ୍କୁ ବୁଝାଇ ପାରୁନାହାନ୍ତି ମା'ବାପା
- କାମ କରୁନି ସଚେତନତା ବାର୍ତ୍ତା

ନୟାଗଡ଼ ଜିଲାରେ ଚଳିତ ବର୍ଷ ଦୁର୍ଘଟଣାରେ ୯୭ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନଙ୍କ ମଧ୍ୟରୁ ୬୯ ଜଣ ଯୁବକ ଓ ନାବାଳକ ଅଛନ୍ତି। ଏହାକୁ ନେଇ ଚିନ୍ତା ବଢ଼ିଛି। ଅମାନିଆ ପିଲାଙ୍କୁ ମା'ବାପା ବୁଝାଇ ପାରୁ ନ ଥିବାରୁ ଜଣକ ପରେ ଜଣକ ଜୀବନ ଚାଲି ଯାଉଛି। ଆଞ୍ଚଳିକ ପରିବହନ ବିଭାଗର ସଚେତନତା ବାର୍ତ୍ତା ମଧ୍ୟ ଏପରି ଦୁର୍ଘଟଣା ଏଡ଼ାଇବାକୁ କାମ ଦେଉନାହିଁ। ଫଳରେ ଦିନକୁ ଦିନ ଯୁବକ ଓ ନାବାଳକମାନଙ୍କ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି। ଏହାର ନିରାକରଣ ପାଇଁ ଚିନ୍ତା କରିବାର ସମୟ ଆସିଛି ବୋଲି ବୁଦ୍ଧିଜୀବୀମାନେ ଗୁରୁତ୍ୱାରୋପ କରିଛନ୍ତି।

ସୂଚନା ଅନୁଯାୟୀ, ଜିଲାରେ ୨୦୨୩ ଜାନୁୟାରୀ ୧ରୁ ଡିସେମ୍ବର ୩୦ ପର୍ଯ୍ୟନ୍ତ ୧୯୩ ଦୁର୍ଘଟଣା ଘଟି ୧୦୬ ଆହତ ଓ ୯୭ଜଣଙ୍କ ମୃତ୍ୟୁ ହୋଇଥିବା ଆଞ୍ଚଳିକ ପରିବହନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ମୃତକଙ୍କ ମଧ୍ୟରେ ୨୪ରୁ କମ୍ ବୟସର ନାବାଳକ ଓ ସାବାଳକଙ୍କ ସଂଖ୍ୟା ୨୦ ରହିଥିବାବେଳେ ୨୫ରୁ ୩୫ ବର୍ଷର ୨୬ ଜଣ ଅଛନ୍ତି। ସେହିପରି ୩୬ରୁ ୪୫ ବର୍ଷର ଯୁବକ ୨୩ ଜଣ ଅଛନ୍ତି। ଅନ୍ୟପକ୍ଷେ ୪୬ ବର୍ଷରୁ ୬୦ ବର୍ଷର ୧୪ ଜଣ ଓ ୬୦ରୁ ଅଧିକ ୧୪ ଜଣ ଅଛନ୍ତି। ମୃତକଙ୍କ ସଂଖ୍ୟାକୁ ଅନୁଧ୍ୟାନ କଲେ ଅଧିକାଂଶ ଯୁବକ ଓ ନାବାଳକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ସ୍କୁଲ ଓ କଲେଜରେ ପାଠ ପଢୁଥିବା ନାବାଳକ ବାଇକ୍ ଚଳାଉଥିବାରୁ ମୃତକଙ୍କ ମଧ୍ୟରେ ଏମାନେ ଆସୁଛନ୍ତି। ଅନ୍ୟପକ୍ଷେ କେତେଜଣ ଯୁବକ ଦ୍ରୁତ ଗତିରେ ଗାଡ଼ି ଚାଳନା କରିବା, ମୋବାଇଲରେ କଥା ହୋଇ ଗାଡ଼ି ଚଳାଇବା, ଅନ୍ୟମନସ୍କ ଥାଇ ଗାଡିଚାଳନା କରିବା ପରି କାରଣରୁ ପ୍ରାଣ ହରାଉଛନ୍ତି।


ଦୁର୍ଘଟଣାରେ ପୋଡ଼ିଯାଉଥିବାର କାର୍‌କୁ ଅଗ୍ନିଶମ କର୍ମଚାରୀ ଲିଭାଉଛନ୍ତି।

ଏନେଇ ଗଣିଆର ସୁଦାମ ପ୍ରଧାନ କୁହନ୍ତି, ଝିଅ ପୁଅଙ୍କୁ ସ୍କୁଲ କଲେଜରେ ଛାଡିବାକୁ ମା'ବାପାଙ୍କ ପାଖରେ ସମୟ ନାହିଁ। ମା'ବାପା ପିଲାମାନଙ୍କୁ ସାଇକେଲରେ ସ୍କୁଲ ଓ କଲେଜକୁ ନ ପଠାଇ କଷ୍ଟ ଲାଘବ ପାଇଁ ହାତରେ ବାଇକ୍ ଧରାଇ ଦେଉଛନ୍ତି। ପିଲାମାନଙ୍କୁ ବାଇକ୍ ଧରାଇବାବେଳେ ସରକାରୀ ନିୟମ କ'ଣ ଅଛି ସେନେଇ ଜାଣିଥିଲେ ବି ଚିନ୍ତା ନାହିଁ। ତେବେ ଦୁର୍ଘଟଣା ପରେ ଭାଗ୍ୟକୁ ଆଦରି ଚୁପ୍ ରହୁଛନ୍ତି। ନୟାଗଡ଼ର ଉମାକାନ୍ତ ସ୍ୱାଇଁ କୁହନ୍ତି, ସଡ଼କ ନିୟମ କଡାକଡି ହେଲେ ବି ମା'ବାପାଙ୍କୁ କିଛି ଫରକ ପଡୁନି। ପ୍ରଶାସନ ସଡ଼କ ଯାତ୍ରା ଉପରେ କଟକଣା ଲାଗୁ କରିବା ସମୟରେ କଷ୍ଟେମଷ୍ଟେ ମା'ବାପା ପିଲାଙ୍କୁ ସ୍କୁଲ କଲେଜରେ ଛାଡୁଛନ୍ତି। କଟକଣା ହଟିଗଲେ ପୂର୍ବପରି ବାଇକ୍ ଧରାଇ ଦେଉଛନ୍ତି। ସଡ଼କ ଯାତ୍ରାର ଭୟାବହ ସମ୍ପର୍କରେ ଜାଣିବି ମା' ବାପା ନିଜ ପିଲାଙ୍କୁ ବାଇକ୍ ଧରାଇ ଦେଉଛନ୍ତି। ଏଣୁ ଦୁର୍ଘଟଣାରେ ଯୁବକ, ନାବାଳକ ପ୍ରାଣ ହରାଇବା ସଂଖ୍ୟା ବଢ଼ି ଚାଲିଛି। ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ ପରିଡ଼ା କୁହନ୍ତି, ନାବାଳକମାନେ ଆଦୌ ଗାଡ଼ି ଚଳାଇବା ଉଚିତ ନୁହେଁ। ତେବେ ଆମ କାର୍ଯ୍ୟାଳୟ ପକ୍ଷରୁ ସଚେତନତା କରାଗଲେ ବି କିଛି ଫରକ ପଡୁନି। ଜିଲାର ବିଭିନ୍ନ ସ୍ଥାନରେ ନାବାଳକମାନେ ଗାଡ଼ି ଚଳାଉଥିବାର ଅଭିଯୋଗ ଆସୁଛି। ଏପରି କି ଯାଞ୍ଚ ବେଳେ କିଛି ଧରାପଡି ଦଣ୍ଡିତ ବି ହେଉଛନ୍ତି। ସେହିପରି କେତେଜଣ ଯୁବକ ଦ୍ରୁତଗତିରେ ଗାଡି ଚାଳନା କରି ପ୍ରାଣ ହରାଉଛନ୍ତି। ଏଣୁ ସଡ଼କ ନିୟମକୁ ସମସ୍ତେ ଜାଣିବା ଦରକାର। ଗାଡ଼ି ଚାଳନା କରିବା ସମୟରେ ସାବଧାନତାର ସହ ଗାଡ଼ି ଚଳାଇବା ଦରକାର ବୋଲି ସେ କହିଛନ୍ତି।

## ଜେସିବି ପୋଡ଼ିଲେ ଦୁର୍ବୃତ୍ତ

ଧରାକୋଟ,୧।୧
(ବିଷ୍ଣୁ କେଶରୀ ଆଚାର୍ଯ୍ୟ )

ଧରାକୋଟ ବ୍ଲକ ସରଧାପୁର ପଞ୍ଚାୟତ କୁଶରାବ ଗ୍ରାମର ନୀଳାଞ୍ଚଳ ଗୌଡ଼ଙ୍କ ଜେସିବି ମେଶିନକୁ କେହି ଦୁର୍ବୃତ୍ତ ରବିବାର ବିଳମ୍ବିତ ରାତିରେ ପୋଡ଼ି ଦେଇଛନ୍ତି। ରବିବାର ଜିରୋ ନାଇଟ ପାଇଁ ସବୁଠି ପ୍ରାୟ ରାତି ୧୨ଟା ପର୍ଯ୍ୟନ୍ତ ଗହଳି ଥିଲା। ଏହାପରେ ରାତି ୧ଟାରେ ଜେସିବିରେ କେହି ନିଆଁ ଲଗାଇ ଦେଇଥିବା ନୀଳାଞ୍ଚଳ ଜାଣିବା ପରେ ଧରାକୋଟ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ଅଧିକାରୀ ଚିତ୍ତରଞ୍ଜନ ସାହୁଙ୍କ ନେତୃତ୍ୱରେ ଦମକଳ ବାହୀନି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ ମଧ ଜେସିବିଟି ସମ୍ପୂର୍ଣ୍ଣ ଜଳିଯାଇଛି। ଧରାକୋଟ ଥାନାରେ ଅଭିଯୋଗ ହେବାପରେ ଥାନା ତରଫରୁ ତଦନ୍ତ ଆରମ୍ଭ ହୋଇଛି।

## ଛେନାପୋଡ଼ ଖୁଆଇ ଅଭିଯୋଗ ଶୁଣିଲେ ଜିଲାପାଳ

ନୟାଗଡ଼,୧।୧(ଲୋକନାଥ ମିଶ୍ର)

ନୂଆବର୍ଷରେ ଛେନାପୋଡ଼ ଖୁଆଇ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ଜନଶୁଣାଣିରେ ୧୯୧ଟି ଅଭିଯୋଗ ହୋଇଥିଲା। ଏଥିରୁ ୬୨ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ଗୋଟିଏ ଗ୍ରାମ ସମସ୍ୟା ଥିଲା। ମୁଖ୍ୟମନ୍ତ୍ରୀ ରିଲଫ ପାଣ୍ଠି ଉପରେ ୧୨୮ ଅଭିଯୋଗ ଥିବାବେଳେ ୧୬୫ ଅଭିଯୋଗର ସମାଧାନ ହୋଇଥିଲା। ଜିଲା ପରିଷଦ ନିର୍ବାହୀ ଅଧିକାରୀ ସୂଚନାରୁ କୁମାର ବଳଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ ଜିଲାସ୍ତରୀୟ ଅଧିକାରୀ ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଏପ୍ରିଲ ୧୧କୁ ନୟାଗଡ଼ରେ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଉଛି। ଗତବର୍ଷ ଜିଲାପାଳ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଛେନାପୋଡ଼ ଦିବସକୁ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ସବୁ ସରକାରୀ କାର୍ଯ୍ୟାଳୟରେ ଛେନାପୋଡ଼ ଦିବସ ପାଳନ କରାଯାଇଥିଲା।


ଜିଲାପାଳ ରବୀନ୍ଦ୍ରନାଥ ସାହୁ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ଆତିଥେୟତା ଆଣିଲା ଦୁର୍ଦ୍ଦଶା


ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

### ନୟାଗଡ଼ ନାଟକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

ନୟାଗଡ଼,୧।୧(ଲୋକନାଥ ମିଶ୍ର): ନୟାଗଡ଼ ନାଟକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ହୀରକ ଜୟନ୍ତୀ ପ୍ରେକ୍ଷାଳୟଠାରେ ସିରିୟସ ଜୋନ୍ ନୟାଗଡ଼ର କଳାକାରମାନଙ୍କୁ ନେଇ ଅଭିନୀତ ହୋଇଥିଲା ହାସ୍ୟ ରସାତ୍ମକ ଓ ସାମାଜିକ ସଚେତନତା ପୂର୍ଣ୍ଣ ନାଟକ ଗେଷ୍ଟ। ସରକାରୀ ଚାକିରି କରିଥିବା ସହରୀ ନିମ୍ନ ମଧ୍ୟବିତ୍ତ ପରିବାରଙ୍କ ପାଇଁ ଆତିଥେୟତା ଆଣି ଦେଇଥିଲା ଦୁର୍ଦ୍ଦଶା। ଶିବ ଚରଣ ଓ ମାଳଙ୍କ ଘରେ ଅତିଥି ଭାବେ ଆସିଥିଲେ ନକ୍ଷୀ ମାଉସୀ ଓ ପୁଅ ସୁକୁଟା। ମା' ଓ ପୁଅ ନିଜକୁ ସମ୍ପର୍କୀୟା ଦର୍ଶାଇ ଶିବ ଚରଣଙ୍କ ଘରେ ରହିବାକୁ ଚେଷ୍ଟା କଲେ। ହେଲେ ଶିବ ଚରଣ ଏମାନଙ୍କୁ ନ ଜାଣି ବି ଆତିଥେୟତା ବାଧ ବାଧକତାରେ ଦେଲେ। କିଛିଦିନ ସେମାନେ ରହିବାକୁ କହି ସବୁଦିନ ରହିବାକୁ ଲାଗିଲେ। ମା' ପୁଅ ପରିବାରର ଅସୁବିଧା ଜାଣିବି ଫେରିବା ପାଇଁ କୌଣସି ଆଗ୍ରହ ଦେଖାଇଲେ ନାହିଁ। ଶିବ ଚରଣଙ୍କ ଦୁର୍ଦ୍ଦଶା ବଢି ଚାଲିଥିଲା। ଏମିତି ଏକ ରୋଚକ ଘଟଣାକୁ ନେଇ ଗତିଶୀଳ ହୋଇଥିଲା ନାଟକ ଗେଷ୍ଟ। ନାଟକରେ କାମାକ୍ଷା ପ୍ରସାଦ ଦାଶ, ଶିବାନୀ ଶତପଥୀ, ଆଲୋକ ମାନସିଂ, ସୂର୍ଯ୍ୟକାନ୍ତ ମିଶ୍ର, ରାମକୃଷ୍ଣ ନାୟକ, ମୋନାଲିସା ପ୍ରଧାନ, ସୁରେନ୍ଦ୍ର କୁମାର ସାହୁ, ଗୋକୁଳ କୁମାର ଷଡଙ୍ଗୀ ନିଖୁଣ ଭାବେ ଅଭିନୟ କରିଥିଲେ। ନାଟକ ରଚନା କରିଛନ୍ତି, ଖ୍ୟାତନାମା ନାଟ୍ୟକାର ଦର୍ପ ନାରାୟଣ ସେଠୀ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ପ୍ରଶାନ୍ତ କୁମାର ସାମନ୍ତରାୟ। ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲା ପରିଷଦର ଅଧକ୍ଷ ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ନୟାଗଡ ଜିଲା ପରିଷଦ ଉପାଧକ୍ଷା ବିଷ୍ଣୁପ୍ରିୟା ବେହେରା ଯୋଗଦେଇ ନାଟକର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିସହ ନୟାଗଡ଼ର ସମୃଦ୍ଧ ନାଟ୍ୟ ପରମ୍ପରାର ଭୂୟସୀ ପ୍ରଶଂସା କରିଥିଲେ। ଆକର୍ଷଣୀୟ ଭାବେ ନିର୍ମିତ ହେଉଥିବା ସଂସ୍କୃତି ଭବନ ଆସନ୍ତା ସମୟରେ ନାଟକ ପାଇଁ ପ୍ରକୃଷ୍ଟ ସ୍ଥାନ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନୟାଗଡ଼ର ବିଶିଷ୍ଟ ଗୀତିକାର ଗୀତିକଳ୍ପ ହରିଶ ପ୍ରଧାନ, ଅଭିନେତା ପାଣ୍ଡବ ନାୟକ, ଅଭିନେତା ସୁଦର୍ଶନ ରାଉତଙ୍କୁ ମଞ୍ଚାୟନ ନାଟକ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ସଞ୍ଚାଳନ କବି ଗୋପୀନାଥ ସେଠୀ କରିଥିଲେ। ମଞ୍ଚାୟନର ସଭାପତି ଯାମିନୀ କାନ୍ତ ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସହସମ୍ପାଦକ ଜ୍ଞାନ ପ୍ରକାଶ ବାରିକ ଧନ୍ୟବାଦ ଦେଇଥିଲେ।

## ମନ୍ଦିର ସମ୍ମୁଖରେ ପଲିଥିନମୁକ୍ତ ସହ ଟାଙ୍ଗୁଡ଼ି ବଣ୍ଟନ

ରଣପୁର,୧।୧
(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବ୍ଲକର ରାଜସୁନାଖଳା ଓ ନରେନ୍ଦ୍ରପୁର ପଞ୍ଚାୟତର ସମସ୍ତ ମନ୍ଦିର ସମ୍ମୁଖରେ ସୋମବାର ନୂଆ ବର୍ଷର ପ୍ରଥମ ଦିନରେ ରାଜସୁନାଖଳା ନୃସିଂହପୁର ଟାଙ୍ଗିସାହିର ଶ୍ରୀ ଶ୍ରୀବିନାୟକ ଯୁବକ ସଂଘ ପକ୍ଷରୁ ପଲିଥିନ ମୁକ୍ତ ଓ ନିଶାମୁକ୍ତ ସଚେତନତା ସହ ଟାଙ୍ଗୁଡ଼ି ବଣ୍ଟନ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟ ସଂଘର ସଭାପତି ବିଶ୍ୱନାଥ ବରାଡ଼ଙ୍କ ନେତୃତ୍ୱରେ ଓ ଯୁବ ଆଇନଜୀବୀ ତଥା ସଂଘର ଉପସଭାପତି ରାଜୀବ ଲୋଚନ ପ୍ରଧାନଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ହୋଇଛି। ନରେନ୍ଦ୍ରପୁର ଗାଁର ଶ୍ରୀଭୋଳେଶ୍ୱର ଦେବ, ରାଜସୁନାଖଳା ଗାଁର ଶ୍ରୀଅମ୍ବରେଶ୍ୱର ଦେବ, ଶ୍ରୀନୀଳକଣ୍ଠେଶ୍ୱର ଦେବ, ଶ୍ରୀବୃନ୍ଦବାନ ଦେବ, ଶ୍ରୀରଘୁନାଥ ଦେବ, ଶ୍ରୀଚୈତନ୍ୟ ଦେବ, ମା'କାଉଁରୀ ଦେବୀ, ମା' ବେଢ଼ାକଳୀକା ଦେବୀ, ମା' ଦକ୍ଷିଣକାଳୀ ଦେବୀଙ୍କ ମନ୍ଦିର ପରିସରରେ ଟାଙ୍ଗୁଡ଼ି ବଣ୍ଟନ କାର୍ଯ୍ୟ ନୀଳଚକ୍ର ଯୁବକ ସଂଘ ଓ ରାଜସୁନାଖଳାର ବେଢ଼ା କାଳୀକା ଯୁବକ ସଂଘର କାର୍ଯ୍ୟକର୍ତ୍ତା ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନନ୍ତ ଚରଣ ଦାସ, ଅତୁଲ ପ୍ରଧାନ ପ୍ରମୁଖ ସଚେତନା କରିବା ସହ ଉପସ୍ଥିତ ରହିଥିଲେ।


ଯୁବକ ସଂଘ ପଲିଥିନ୍ ଯାଗାରେ ଭୋଗ ପାଇଁ ଟାଙ୍ଗୁଡ଼ିରେ ଦେଉଛନ୍ତି।

## ୩ରୁ ବ୍ଲକ୍‌ସ୍ତରୀୟ ଯୁବକ୍ରୀଡ଼ା ଉତ୍ସବ

ନୂଆଗାଁ, ୧।୧ (ଧନେଶ୍ୱର ସାହୁ)

ଯୁବତୀଯୁବକମାନଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ମାଧ୍ୟମରେ ଯୁବ କ୍ରୀଡ଼ା ଉତ୍ସବ ପାଳନ କରୁଛନ୍ତି। ଏହି ଅବସରରେ ପ୍ରତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଯୁବକ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହେଉଛି। ସେହି କ୍ରମରେ ଜାନୁୟାରୀ ୩ରୁ ନୂଆଗାଁ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇ ୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ବ୍ଲକ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରତିଯୋଗିତାରେ କ୍ରିକେଟ, ଫୁଟ୍‌ବଲ, ଭଲିବଲ ଓ ଖୋ ଖୋ ଆଦି ୪ଟି ପ୍ରତିଯୋଗିତା କରାଯିବ। ଏହି ପ୍ରତିଯୋଗିତାଗୁଡ଼ିକ ନୂଆଗାଁ କଲେଜ ସାମ୍ନାରେ ଥିବା ହାଇସ୍କୁଲ ଖେଳ ପଡ଼ିଆ, ସଂପଡା ଚିନ୍ତାମଣୀ ବିଦ୍ୟାପୀଠ ଖେଳ ପଡ଼ିଆ, ମହିପୁର ହାଇସ୍କୁଲ ଖେଳ ପଡିଆ, ଡିମିରିଝରୀ ଆଞ୍ଚଳିକ ବିଦ୍ୟାପୀଠ ଖେଳ ପଡ଼ିଆ ଓ ନୂଆଗାଁ ଥାନା ନିକଟ ଖେଳ ପଡ଼ିଆରେ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କ୍ରୀଡା ପ୍ରତିଯୋଗିତା ପାଇଁ ପ୍ରତିଯୋଗୀ ଚୟନ କାର୍ଯ୍ୟ ଶେଷ ହୋଇଛି। ଜଣେ ବ୍ୟକ୍ତିକୁ ସୁସ୍ଥ ଓ ନୀରୋଗ ରଖିବାର ଉତମ ମାଧ୍ୟମ ହେଉଛି କ୍ରୀଡ଼ା। ତେଣୁ ସମସ୍ତ ଯୁବତୀଯୁବକ କ୍ରୀଡ଼ା ପ୍ରତି ଆଗ୍ରହ ରଖିବାର ଆବଶ୍ୟକତା ରହିଛି ବୋଲି ବିଡିଓ ବାସୁଦେବ ନାୟକ କହିଛନ୍ତି। ତେବେ କ୍ରୀଡ଼ା ଉତ୍ସବ କିଭଳି ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହେବ ସେଥିପାଇଁ ଚେଷ୍ଟା ଜାରି ରହିଛି ବୋଲି ସାମାଜିକ ସୁରକ୍ଷା କନିଷ୍ଠ ସହାୟକ ରଘୁନାଥ ସାହୁ ଓ ଜିପିଓ ସାଧୁ ଚରଣ ସାହୁ କହିଛନ୍ତି।

## ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ

ନୟାଗଡ଼,୧।୧(ଲୋକନାଥ ମିଶ୍ର)

ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ରବୀନ୍ଦ୍ର ନାଥ ସାହୁ ପତାକା ହଲାଇ ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ। ଆରଟିଓ ପ୍ରଶାନ୍ତ କୁମାର ପରିଡା, ଏମ୍‌ଭିଆଇ ପଞ୍ଚାନନ ବେହେରା, ଟ୍ରାଫିକ ଇନ୍ସପେକ୍ଟର ସ୍ୱୟଂପ୍ରଭା ରଥ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରଥ ଜିଲା ସାରା ପରିକ୍ରମା କରି ସଡ଼କ ସୁରକ୍ଷା ସଚେତନତା କରିଥିଲା। ଅନ୍ୟପକ୍ଷେ ପାଲା ମାଧ୍ୟମରେ ଜିଲାର ୮ଟି ବ୍ଲକର ୨୪ଟି ସ୍ଥାନରେ, ୫ ସହରାଞ୍ଚଳର ୫ଟି ସ୍ଥାନରେ ଅନୁରୂପ ଭାବେ ସଚେତନତା କରାଯିବ। ସୋମବାର ଜିଲାପାଳ କାର୍ଯ୍ୟାଳୟ, ଓଡଗାଁ ରଘୁନାଥ ମନ୍ଦିର, ଶରଣକୁଳ, ମାଛିପଡ଼ାଠାରେ ଅନୁରୂପ ଭାବେ ପାଲା ମାଧ୍ୟମରେ ସଚେତନତା କରାଯାଇଛି। ଯେଉଁ ଚାଳକମାନେ ହେଲମେଟ ଓ ସିଟ୍ ବେଲ୍ଟ ପରିଧାନ କରିଥିଲେ ସେମାନଙ୍କୁ ଗୋଲାପ ଫୁଲ ଓ ଚକୋଲେଟ ଦେଇ ସ୍ୱାଗତ କରାଯାଇଥିଲା। ଯେଉଁମାନେ ମାସ୍କ ପିନ୍ଧି ଥିଲେ ସେମାନଙ୍କୁ ହେଲମେଟ ଓ ସିଟ୍ ବେଲ୍ଟ ପରିଧାନ ପାଇଁ ପରାମର୍ଶ ଦିଆଯାଇଛି।


ସଡ଼କ ସୁରକ୍ଷା ସଚେତନତା ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରାଯାଉଛି।

## ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି, ସମସ୍ୟା ତୁଟୁନି

ଖଣ୍ଡପଡ଼ା,୧।୧
(ଅଜୟ କୁମାର ମହାରଣା)

### ନୀଳମାଧବଙ୍କ ପୀଠରେ ଅବ୍ୟବସ୍ଥା

- ଭୂତକୋଠିରେ ପରିଣତ ହୋଇଛି ପାନ୍ଥଶାଳା
- ଶୌଚାଳୟ, ପାନୀୟଜଳର ବ୍ୟବସ୍ଥା ନାହିଁ
- ମୁଖ୍ୟ ରାସ୍ତାର ଦୁଇପାର୍ଶ୍ୱରେ ଉଠାଦୋକାନୀଙ୍କ ଭିଡ଼

ଜଗନ୍ନାଥ ସଂସ୍କୃତିରେ ଆଦିପୀଠ କଣ୍ଟିଲୋର ଶ୍ରୀନୀଳମାଧବପୀଠ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। କଣ୍ଟିଲୋର କଂସା ପିତଳ ବାସନ ଶିଳ୍ପ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଛି। ପଦ୍ମାଦ୍ରୀ ଓ ବ୍ରହ୍ମାଦ୍ରୀ ପାହାଡ଼ ଉପରେ ବିରାଜିତ ନୀଳମାଧବଜୀଉ ମନ୍ଦିର ଉପରୁ ମହାନଦୀର ପ୍ରାକୃତିକ ଶୋଭାରାଜି ଉପଭୋଗ କରିବା ସହ ନୀଳମାଧବଙ୍କ ଦର୍ଶନ ପାଇଁ ଦୈନିକ ଶତାଧିକ ପର୍ଯ୍ୟଟକ ଆସିଥାଆନ୍ତି। ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ି ଥାଏ। ସଂପ୍ରତି ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଯାଇଛି। ଯାତ୍ରୀ ଭିଡ଼ ବଢ଼ିଛି। ହେଲେ ଉକ୍ତ ପୀଠର ସମସ୍ୟାରେ ସୁଧାର ଆସିନାହିଁ। ନାନା ଅବ୍ୟବସ୍ଥା ମଧ୍ୟରେ ଯାତ୍ରୀ ସୁରକ୍ଷା ଚାଲିଛି ବୋଲି ଅଭିଯୋଗ ହୋଇଛି।

ଗତ କିଛିଦିନ ହେବ ନୂଆବର୍ଷ ୨୦୨୪କୁ ସ୍ୱାଗତ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକଙ୍କ ଏ ସବୁ ପୀଠକୁ ଆସିବାରେ ଲାଗିଛନ୍ତି। ରବିବାର ବି ବହୁ ଶ୍ରଦ୍ଧାଳୁ, ପର୍ଯ୍ୟଟକ ବିଭିନ୍ନ ଯାନବାହନରେ ଆସି ଶ୍ରୀଜୀଉଙ୍କ ଦର୍ଶନ କରିବା ସହିତ ସୋମବାର ବର୍ଷର ପ୍ରଥମ ଦିନ ଦର୍ଶନ ପାଇଁ ଅପେକ୍ଷା କରିଛନ୍ତି। ହେଲେ ଆବଶ୍ୟକ ସୁବିଧା ସୁଯୋଗ ନ ଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏପରି ପରିସ୍ଥିତିରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଏହି ପୀଠର ବିକାଶ ପାଇଁ କେତେ ଯତ୍ନବାନ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପୀଠ ରାଜ୍ୟ ରାଜଧାନୀ ଭୁବନେଶ୍ୱରଠାରୁ ୮୦ କି.ମି.ଏବଂ ନୟାଗଡ଼ଠାରୁ ୩୦ କି.ମି.ଦୂରରେ ରହିଛି।


ସୁନମୁହିଁ ପାର୍କରେ ଲୋକଙ୍କ ଭିଡ଼।

ଯାତ୍ରୀମାନେ ନୀଳମାଧବ ଜୀଉଙ୍କୁ ଦର୍ଶନ କରିବା ପୂର୍ବରୁ ପ୍ରାୟ ୬ କି.ମି. ଦୂରରେ ଥିବା ହନୁମନ୍ତ ପ୍ରସାଦର ଶ୍ରୀରାମ ଆଶ୍ରମ ଓ ପାହାଡ଼ ଉପରୁ ଝରି ଆସୁଥିବା ଝରଣା, ଏକ କି.ମି. ଦୂରରେ ଥିବା ମା'ନାରାୟଣୀ ପୀଠ ଦର୍ଶନରେ ଯାଇଥାଆନ୍ତି। ପରେ ପର୍ଯ୍ୟଟକମାନେ ପାହାଡ ପର୍ବତ ଓ ମହାନଦୀର ପ୍ରାକୃତିକ ଦୃଶ୍ୟ ଉପଭୋଗ ପାଇଁ ଏହି ନୀଳମାଧବ ପୀଠରେ ଅଟକି ଯାଆନ୍ତି। ହେଲେ ଯାତ୍ରୀମାନେ ବିଶ୍ରାମ ନେବା ପାଇଁ ବିଶ୍ରାମାଗାରଟିଏ ନାହିଁ। ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ କଣ୍ଟିଲୋଠାରୁ ୧ କି.ମି. ଦୂର ଏକ ପାହାଡ ଉପରେ ନିର୍ମାଣ କରାଯାଇଥିବା ପାନ୍ଥଶାଳା ବନ୍ଦ ହୋଇ ପଡିଛି। ଆଲୋକ ଓ ପାଣିର ବ୍ୟବସ୍ଥା ନ ଥିବାରୁ ତାହା ଏବେ ଭୂତକୋଠିରେ ପରିଣତ ହୋଇଛି। ଏଥିପାଇଁ ସେଠାରେ ଅସାମାଜିକ ଲୋକଙ୍କ ଆଡ୍ଡା ଜମୁଛି।

ପାନୀୟ ଜଳର ବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟକମାନେ ବଜାରରେ ବିକ୍ରୀ ହେଉଥିବା ପାଣି ଉପରେ ନିର୍ଭର କରିବାକୁ ପଡୁଛି। କଣ୍ଟିଲୋ ଗ୍ରାମ ପଞ୍ଚାୟତ ଦ୍ୱାରା ନିର୍ମାଣ କରାଯାଇଥିବା ଏକ ଧର୍ମଶାଳାରେ ଆଲୋକ କିମ୍ବା ପାଣିର ବ୍ୟବସ୍ଥା ନ ଥିବା ବେଳେ ଏହାକୁ ଭଡ଼ା ସୂତ୍ରରେ ଜଣେ ବ୍ୟକ୍ତିଙ୍କୁ ଦିଆଯାଇଛି। ଅନ୍ୟପକ୍ଷେ ଏହି ପୀଠରେ ଶୌଚ କିମ୍ବା ପରିଶ୍ରା ଯିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏ ନେଇ ଯାତ୍ରୀମାନେ ବିଶେଷ କରି ମହିଳାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ କଂସା ପିତଳ ବାସନ ଶିଳ୍ପ ତଥା କାରିଗରମାନଙ୍କ ଉନ୍ନତି ଓ ବିକାଶ ନିମନ୍ତେ ଏକ ପିତଳ ଶିଳ୍ପ ବାଖ୍ୟାନ କେନ୍ଦ୍ର ନିର୍ମାଣ ହୋଇଥିବା ବେଳେ ତାହା କିନ୍ତୁ ଏବେ ଦେବୋତ୍ତର ବିଭାଗ ଅଧୀନରେ ରହିଛି। ଏହା ସତ୍ତ୍ୱେ ପର୍ଯ୍ୟଟନସ୍ଥଳୀ ଓ କଂସା ପିତଳ ବାସନ ଶିଳ୍ପ ବିଷୟରେ ଜାଣିବା ପାଇଁ ଲିଫ୍‌ଲେଟର ବ୍ୟବସ୍ଥା କରାଯାଉନାହିଁ। ଫଳରେ ପର୍ଯ୍ୟଟକମାନେ ଏସବୁ ଅଞ୍ଚଳ ସମ୍ପର୍କରେ କୌଣସି ସୂଚନା ପାଇପାରୁନାହାନ୍ତି। ଅପରପକ୍ଷେ ଯାତ୍ରୀ ଓ ପର୍ଯ୍ୟଟକମାନେ ମହାନଦୀ ପାର୍ଶ୍ୱ କଣ୍ଟିଲୋ ଯାତ୍ରାପଦା ବଜାରେ ଦେଇ ମନ୍ଦିର ପଶ୍ଚିମ ପାର୍ଶ୍ୱକୁ ନିଜ ନିଜର ଯାନବାହାନଗୁଡ଼ିକ ନେଇ ଯାଉଥିବା ବେଳେ ପାର୍କିଂ କରିବା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ସେଭଳି କୌଣସି ବ୍ୟବସ୍ଥା ନ ଥିବାରୁ ରାସ୍ତା କଡରେ ଗାଡି ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଅପରପକ୍ଷେ ରାସ୍ତାକଡରେ ବିଭିନ୍ନ ଉଠାଦୋକାନୀମାନେ ପସରା ମେଲାଇ ବସିଥିବାରୁ ନାନା ସମସ୍ୟା ଉପୁଜୁଛି। ବିଶେଷ କରି ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ପାଇଁ ପାଇଖାନ ନିର୍ମାଣର ବ୍ୟବସ୍ଥା କରାଯାଇଥିଲେ ମଧ ଏବେବି ବହୁ ଲୋକ ନଦୀ କୂଳପଠା ଓ ବାଲୁକା ଶର୍ଯ୍ୟାରେ ମଳତ୍ୟାଗ କରୁଥିବା ପରିଲକ୍ଷିତ ହେଉଛି। ଫଳରେ ମନ୍ଦିର ପାଦ ଦେଶରେ ପ୍ରବାହିତ ମହାନଦୀ କୂଳ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ ତଥା ନୌକାରେ ବୁଲିବା ସମୟରେ ପାହାଡ଼ ଓ ନଦୀକୂଳ ବାଲୁକା ପଠାରୁ ଆସୁଥିବା ଦୁର୍ଗନ୍ଧ ଯୋଗୁ ପର୍ଯ୍ୟଟକମାନେ ଅତିଷ୍ଠ ହେଉଥିବା ଅନେକ ଅଭିଯୋଗ ହୋଇଛି।

ଅନେକ ଯାତ୍ରୀ ପ୍ରାୟ ପ୍ରତି ବର୍ଷ ବିଭିନ୍ନ ସମୟରେ ଏହି ପୀଠକୁ ଆସିଥାଆନ୍ତି। ମାତ୍ର ସେମାନଙ୍କ ଅଭିଯୋଗ ୧୦/୧୫ ବର୍ଷ ପୂର୍ବେ ଏହି ପୀଠର ପରିବେଶ ଯାହାଥିଲା ଏବେ ସେହି ଅବସ୍ଥା। କେବଳ ରାସ୍ତା ଘାଟର ଅବସ୍ଥା ଯାହା ଟିକିଏ ଉନ୍ନତି ଘଟିଛି ବୋଲି କହିଛନ୍ତି। ତେବେ ରାଜ୍ୟ ସରକାର ନୀଳମାଧବ ପୀଠର ବିକାଶ ନିମନ୍ତେ ୧୦୦ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଛନ୍ତି। ସେହି ବିକାଶ ପ୍ରକଳ୍ପ କାମ ଚାଲିଛି। ଆଗାମୀ ଦିନରେ ଏହି ପୀଠର ନକ୍ସା ପରିବର୍ତ୍ତନ ସହ ଅନେକ ସମସ୍ୟାର ସମାଧାନ ହୋଇଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ବିଶେଷ କରି ନୀଳମାଧବ ମନ୍ଦିରକୁ ଯିବା ପାଇଁ ପଶ୍ଚିମ ପାର୍ଶ୍ୱ ଓ ପୂର୍ବ ପାର୍ଶ୍ୱ ରାସ୍ତା ମୁଖ୍ୟତଃ ମାଧ୍ୟମ ହୋଇଛି। ହେଲେ ଉକ୍ତ ରାସ୍ତାର ଦୁଇପାର୍ଶ୍ୱରେ ଉଠାଦୋକାନୀଙ୍କ ଗହଳି ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି କରୁଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ତେବେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିବା ସ୍ଥାନୀୟ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ସୂଚନା ଦେଇଛନ୍ତି।

## ୭ ଫୁଟର ବଉଳା କୁମ୍ଭୀର ମୃତ

ରାଜନଗର, (ଭାସ୍କର ରାଉତରାୟ) : ଭିତରକନିକା ଜାତୀୟ ଉଦ୍ୟାନକୁ ସଂଯୋଗ କରୁଥିବା ବ୍ରାହ୍ମଣୀ ନଦୀ ଶାଖାର ହଂସିଣା ନିକଟରେ ୭ ଫୁଟର ବଉଳା କୁମ୍ଭୀରର ମୃତଦେହକୁ ଜବତ କରାଯାଇଛି। ମୃତ କୁମ୍ଭୀରକୁ ଦେଖି ଗାଁ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତ ବଉଳା କୁମ୍ଭୀରକୁ ଜବତକରି ରାଜନଗର ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ କୁମ୍ଭୀରର ବ୍ୟବଚ୍ଛେଦ କରାଯିବା ପରେ ଜାତୀୟ ଉଦ୍ୟାନ ମଧ୍ୟରେ ପୋତିଦିଆଯାଇଛି। ମୃତ ୭ ଫୁଟର ବଉଳା କୁମ୍ଭୀରଟି ମାଈ ହୋଇଥିବା ବେଳେ ତାର ପାକସ୍ଥଳୀ ଓ ଲିଭରରେ ରୋଗ ହୋଇଥିବା ଜଣାପଡ଼ିଛି।

### ସଂକ୍ଷେପରେ

## ଯୁବ ବର୍ଗ ହିଁ ନବୀନ ଓଡ଼ିଶାର ନୂଆ ଦିଶା




ରାଜକନିକା,୧୧ (ସଞ୍ଜୟ କୁମାର ଦାଶ) ରାଜକନିକା ବ୍ଲକର ଓଳାଭର ମହାବିଦ୍ୟାଳୟରେ ସରକାରଙ୍କ ନୂଆ-ଓ, ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୋ ସରକାର କାର୍ଯ୍ୟକ୍ରମରେ ଆଳି ନିର୍ବାଚନମଣ୍ଡଳୀ ବିଧାୟକ ତଥା ଶକ୍ତି, ଶିଳ୍ପ ଓ କ୍ଷୁଦ୍ର, ଲଘୁ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ହଳଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁବ ବର୍ଗ ହିଁ ନବୀନ ଓଡ଼ିଶାକୁ ନୂଆ ଦିଶା ପ୍ରଦାନ କରିପାରିବେ ବୋଲି କହିଥିଲେ। ଅଧ୍ୟାପକ ମୁରଲୀଧର କର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ପ୍ରତାପ କୁମାର ବିଶ୍ୱାଳ ନୂଆ-ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମନ୍ତ୍ରୀ ଦେବ ସ୍ୱାଭିମାନ ସହ ବଞ୍ଚିବା, ସ୍ୱାବଲମ୍ବୀ ହୋଇ ନିଜେ ନିଜର ମାଲିକ ହେବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ନୂଆ-ଓ କାର୍ଯ୍ୟକ୍ରମର ନୋଡାଲ ଆଞ୍ଚଳିକ ଅଧିକାରୀ ପ୍ରତାପ କୁମାର ବିଶ୍ୱାଳ ଓ ଡ. ବସନ୍ତ କୁମାର ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ମହାବିଦ୍ୟାଳୟ ପରିଚାଳନା କମିଟିର ନୂତନ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପୂର୍ବତନ ପ୍ରାଧ୍ୟାପକ ସୁବାସ ଚନ୍ଦ୍ର ମଲ୍ଲ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ବସନ୍ତ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

## ଅବସରପ୍ରାପ୍ତ କର୍ମଚାରୀଙ୍କ ବନ୍ଧୁମିଳନ

ରାଜନଗର, ୧୧ (ଭାସ୍କର ରାଉତରାୟ) ନୂତନ ବର୍ଷ ଅବସରରେ ରାଜନଗର ବ୍ଲକ ସାନବଡ଼ଗୋପାଳପୁରସ୍ଥିତ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପରିସରରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି କୃପାସିନ୍ଧୁ, ସମ୍ପାଦକ ବିଜୟ କୁମାର ଜେନା, ଚୁମନି ଲାଲ ରାମ୍, ସୌଭାଗ୍ୟ ଦାସ, ରମେଶ ପ୍ରଧାନ, ପ୍ରଶାନ୍ତ ନାୟକ, ରମେଶ ବେହେରା, ଧର୍ମେନ୍ଦ୍ର କୁମାର ଲେଙ୍କା, ଅଭିରାମ ସାହୁ, ମାଗୁଣି ସ୍ୱାଇଁ, କିଶୋର ମିଶ୍ର, ଶଙ୍କର ବିଶ୍ୱାଳ, ଦାଶରଥି ଲେଙ୍କା, ଗୌରାଙ୍ଗ ବାରିକ, ମନୋରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇ ଭାବ ଆଦାନ ପ୍ରଦାନ କରିଥିଲେ। ଏହି ଅବସରରେ ବ୍ୟାଙ୍କର ମ୍ୟାନେଜର ଅଭୟ କୁମାର ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଅଣପଞ୍ଜୀକୃତ ବୋଟରେ ପର୍ଯ୍ୟଟକ

### ହୁକିଟୋଲାରେ ବଢୁଛି ଭିଡ଼

ମହାକାଳପଡ଼ା, ୧୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)


ଜଳପଥରେ ହୁକିଟୋଲା ଦ୍ୱୀପକୁ ଯିବାକୁ ଅପେକ୍ଷାରତ ପର୍ଯ୍ୟଟକ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଐତିହାସିକ ବ୍ରିଟିଶ ଶାସନ ସମୟରେ ନିର୍ମିତ ହୋଇଥିବା ହୁକିଟୋଲା ଦ୍ୱୀପକୁ ଶୀତଋତୁରେ ବହୁସଂଖ୍ୟାରେ ପର୍ଯ୍ୟଟକଙ୍କ ଗହଳି ଲାଗିଯାଏ। ବିଶେଷକରି ବଡ଼ଦିନ, ନୂଆବର୍ଷରେ ବଣଭୋଜି କରିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମନଭରି ପର୍ଯ୍ୟଟକ ଉପଭୋଗ କରିଥାନ୍ତି। ବିସ୍ତୀର୍ଣ୍ଣ ଲୁଣାଜଙ୍ଗଲ, ନୀଳ ଜଳରାଶି ମଧ୍ୟରେ ଡଲ୍‌ଫିନ, ବେଳାଭୂମିରେ ଲାଲରଙ୍ଗର କଙ୍କଡ଼ାଙ୍କ ସମାଗମ ଓ ନୀଳରକ୍ତ କଙ୍କଡ଼ା ଦେଖି ପ୍ରକୃତିପ୍ରେମୀ ଆନମନା ହୋଇଥାନ୍ତି। ଏହାକୁ ମୁଖ୍ୟତଃ ଦେଖିବାକୁ ଓଡ଼ିଶା ତଥା ବାହାର ରାଜ୍ୟରୁ ପର୍ଯ୍ୟଟକମାନେ ଛୁଟି ଆସନ୍ତି। ତେବେ ଏହି ପର୍ଯ୍ୟଟନସ୍ଥଳ ହୁକିଟୋଲା ଯିବାକୁ ହେଲେ ଜଳପଥରେ ନୌକା ସାହାଯ୍ୟରେ ଯାତାୟାତ କରିଥାନ୍ତି। ସେହିପରି ଆଇଲ୍ୟାଣ୍ଡ ହୁକିଟୋଲା ଦ୍ୱୀପକୁ ଯିବାକୁ ହେଲେ ଜମ୍ବୁ ଜେଠିଠାରୁ ଜଳପଥରେ ୧୦ କିମି ଦୂର। ତେବେ ଅନ୍ୟ ବାଟରେ ଯିବାକୁ ହେଲେ ରାମନଗର, ଖରିନାସି ଓ ପାରାଦୀପ ସମୁଦ୍ର ମୁହାଁଣ ଦେଇ ବୋଟରେ ଯିବାକୁ ପଡ଼ିଥାଏ। ଜମ୍ବୁ ଓ ଖରିନାସି ଜେଠିରୁ ଜଳପଥରେ ହୁକିଟୋଲାକୁ ଯାତ୍ରା ସମୟରେ ନଦୀର ଉଭୟପାର୍ଶ୍ୱରେ ଥିବା ଲୁଣା ଜଙ୍ଗଲଗୁଡ଼ିକରେ ଚିତ୍ରା ହରିଣ, ରଙ୍ଗ ବେରଙ୍ଗର ଦେଶୀ ବିଦେଶୀ ପକ୍ଷୀ ଓ ନଦୀ ପଠାଗୁଡ଼ିକରେ କୁମ୍ଭୀର ଖରା ଖାଉଥିବା ଦୃଶ୍ୟକୁ ପର୍ଯ୍ୟଟକମାନେ କ୍ୟାମେରାରେ କଏଦ କରିବାକୁ ଭୁଲନ୍ତି ନାହିଁ। ପର୍ଯ୍ୟଟକମାନେ ହୁକିଟୋଲା ଦ୍ୱୀପରେ ବଣଭୋଜି କରିବା ସହ ବେଳାଭୂମିର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ବୁଲାବୁଲି କରିଥାନ୍ତି। ଏଠାରେ ପ୍ରଶ୍ନ ଉଠେ ପର୍ଯ୍ୟଟକମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ବୋଟ ନ ଥିବାରୁ ସେମାନେ ବାଧ ହୋଇ ବିନା ପଞ୍ଜୀକରଣ ଘରୋଇ ବୋଟରେ ବିପଦସଙ୍କୁଳ ଭାବେ ଯାତାୟାତ କରିଥାନ୍ତି।

ସୂଚନାଯୋଗ୍ୟ, ହୁକିଟୋଲାରୁ ବଣଭୋଜି ସାରି ୨୦୧୯ ଜାନୁୟାରୀ ୨ରେ କୁଜଙ୍ଗ ଅଞ୍ଚଳର ୫୦ରୁ ଅଧିକ ପର୍ଯ୍ୟଟକ ବିନା ପଞ୍ଜୀକରଣ ଘରୋଇ ବୋଟରେ ଘରକୁ ଫେରୁଥିବାବେଳେ ନିକଟ ବତିଘର ନିପାଣିଆ ଖୋଳା ନଦୀରେ ସନ୍ଧ୍ୟାରେ ଭାରସାମ୍ୟ ହରାଇ ବୋଟ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ୧୦ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା। ଏକ ସପ୍ତାହ ପୂର୍ବରୁ ରାମନଗର ଅଞ୍ଚଳର କେତେଜଣ ପର୍ଯ୍ୟଟକ ଏକ ଘରୋଇ ମାଛଧରା ଡଙ୍ଗାରେ ହୁକିଟୋଲାରୁ ବଣଭୋଜି ସାରି ଫେରୁଥିବାବେଳେ ବୋଟ ଇଞ୍ଜିନ ଅଚଳ ହୋଇ ମଝି ସମୁଦ୍ରରେ ଫଶି ଯାଇଥିଲା। ଖବରପାଇ ଗହୀରମଥା ରେଞ୍ଜ ଅଧିକାରୀ ଓ ଜମ୍ବୁ ସାମୁଦ୍ରିକ ପୋଲିସ ଟିମ୍ ମିଳିତ ସହଯୋଗରେ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରିବା ସହ ଅଚଳ ବୋଟକୁ କୂଳକୁ ଆଣିଥିଲେ। ତୁରନ୍ତ ପର୍ଯ୍ୟଟକମାନଙ୍କ ପାଇଁ ପଞ୍ଜୀକୃତ ବୋଟ ଯୋଗାଇ ଦେବାକୁ ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ସ୍ୱାଇଁ, ବିରଞ୍ଚି ନାରାୟଣ ଦାସ, ନାଥ କୁମାର ଭୋଳ ପ୍ରମୁଖ ଦାବି କରିଛନ୍ତି। ଅପରପକ୍ଷରେ ଏହି ହୁକିଟୋଲା ଅଞ୍ଚଳଟି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ମଧ୍ୟରେ ରହିଛି। ଏ ସମ୍ପର୍କରେ ଗହୀରମଥା ରେଞ୍ଜ ଅଧିକାରୀ ପ୍ରଦୋଷ କୁମାର ମହାରଣାଙ୍କୁ ପଚାରିବାରେ ଜଳପଥରେ ଯାଉଥିବା ପର୍ଯ୍ୟଟକ ବୋଟଗୁଡ଼ିକର ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରାଯିବ ବୋଲି ସେ କହିଛନ୍ତି।

## ୟୁନାଇଟେଡ୍ ୟୁଥ କ୍ଲବ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ

ପଟ୍ଟାମୁଣ୍ଡାଇ,୧୧(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ମୂଳବସନ୍ତ ପଞ୍ଚାୟତ ୟୁନାଇଟେଡ଼ ୟୁଥ କ୍ଲବ ପକ୍ଷରୁ ନୂଆବର୍ଷ ଅବସରରେ ଏକ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ଏହି ଉପଲକ୍ଷେ ୟୁନାଇଟେଡ଼ ୟୁଥ କ୍ଲବ ସଭାପତି ସଂଗ୍ରାମ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ଓ ସମିତିସଭ୍ୟା ତୃପ୍ତିମୟୀ ମଲିକ ଯୋଗଦେଇଥିଲେ। ଏଥିରେ ଆଖପାଖ ଅଞ୍ଚଳର ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ଟିମ୍, ଶିକ୍ଷକ ଟିମ୍, ପଟ୍ଟାମୁଣ୍ଡାଇ ମଡେଲ ଥାନା ଟିମ୍, ନୀଳକଣ୍ଠପୁର, ଅଳପୁଆ, ଗାଙ୍ଗପଡ଼ା, ନରେନ୍ଦ୍ରପୁର, ବାଟିପଡ଼ା, ବଡ଼ମୂଳବସନ୍ତ, ବାଲିପଡ଼ା ଆଦି ୧୦ଟି କ୍ରିକେଟ ଟିମ୍ ଭାଗ ନେଇଥିଲେ। ମଙ୍ଗଳବାର ଏହି ଟୁର୍ନାମେଣ୍ଟର ସେମିଫାଇନାଲ ଓ ଫାଇନାଲ ଖେଳ ଅନୁଷ୍ଠିତ ହେବ। ଖେଳକୁ ଅରୁଣ ଦାସ, ପ୍ରଦ୍ୟୁମ୍ନ ପାତ୍ର, ଅଶ୍ୱିନୀ ପରିଡା, ଜ୍ଞାନ ରଞ୍ଜନ ପାତ୍ର, ପ୍ରଭୁ ପ୍ରକାଶ ଦାସ ପ୍ରମୁଖ ପରିଚାଳନା କରିଥିଲେ। ପ୍ରସନ୍ନ ସ୍ୱାଇଁ, ମନୋରଞ୍ଜନ ଦାସ, ସୁକାନ୍ତ ବାରିକ, ହଳଧର ଦାସ, ବୁଢ଼ା ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଡିମିରି ଫୁଲର ବାସ୍ନା କଳାଜଗତକୁ ଉଦ୍‌ଭାସିତ କରିଛି


ସ୍ମୃତିସଭାରେ ଉପସ୍ଥିତ ଅତିଥିମାନେ।

### ଅନନ୍ତ ଓଝାଙ୍କ ସ୍ମୃତିସଭା

ଡେରାବିଶ, ୧୧(ବେବର୍ତ୍ତା ଅଜୟ ଦାସ)

ଯାତ୍ରାଜଗତର ବାଦ୍‌ଶାହା ଅପ୍ରତିଦ୍ୱନ୍ଦ୍ୱୀ ନାଟ୍ୟକାର ଅନନ୍ତ ଓଝାଙ୍କ ଷଷ୍ଠବାର୍ଷିକ ଶ୍ରାଦ୍ଧୋତ୍ସବ ଅବସରରେ ଜନ୍ମମାଟି ଡେରାବିଶ ବ୍ଲକ ଅଧୀନ ବୀରନୀଳକଣ୍ଠପୁରଠାରେ ଏକ ସ୍ମୃତିସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଅନନ୍ତ ଓଝା ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟ ଦ୍ୱାରା ଆୟୋଜିତ ସଭାରେ ଟ୍ରଷ୍ଟର ସଭାପତି ହଳଧର ଦାଶ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଶରଣାରବିନ୍ଦ ଓଝା ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳର ଡିମିରି ଫୁଲର ବାସ୍ନା କଳାଜଗତକୁ ଉଦ୍‌ଭାସିତ କରିଛି ବୋଲି କହିଥିଲେ। ଏଥିସହ ୮୦ ଦଶକରେ ଯାତ୍ରାଜଗତକୁ ଏକ ନୂତନ ଦିଗ୍‌ଦର୍ଶନ ଦେବାରେ ଅନନ୍ତଙ୍କ କାଳଜୟୀ ଲେଖା ଯାତ୍ରା ଓ ଯାତ୍ରା କଳାକାରଙ୍କୁ ଏକ ନୂତନ ଦିଶା ଦେଇଥିଲା ବୋଲି ଓଝା କହିଥିଲେ। ଡିମିରି ଫୁଲ ସମେତ ବହୁ ନାଟକ ଲେଖି ସମଗ୍ର ରାଜ୍ୟରେ କଳାପ୍ରେମୀଙ୍କ ମଧ୍ୟରେ ଅନନ୍ତ ପାଲଟି ଥିଲେ ବାଦ୍‌ଶାହା ବୋଲି ଓଝା ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଭାଷା ପ୍ରତିଷ୍ଠାନ ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ ଯୋଗଦେଇ ଗୋବରୀ ନଦୀ କୂଳରେ ଜନ୍ମ ହୋଇଥିବା ଯାତ୍ରାଜଗତର ଅପ୍ରତିଦ୍ୱନ୍ଦ୍ୱୀ ଅନନ୍ତ ଓଝା ବାସ୍ତବରେ ଗୋବରୀ ପୁତ୍ର ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଅଜୟ କୁମାର ରାଉତ ଓ କେନ୍ଦ୍ରାପଡ଼ା ପୁସ୍ତକ ମେଳାର ସଭାପତି ଅକ୍ଷୟ କୁମାର ପାଣି ଯୋଗଦେଇ ଏକ ଛୋଟିଆ ପଲ୍ଲୀରେ ଜନ୍ମ ନେଇଥିବା ଅନନ୍ତ କେବଳ କେନ୍ଦ୍ରାପଡ଼ା ନୁହେଁ, ସମଗ୍ର ରାଜ୍ୟକୁ ଗର୍ବିତ କରିଛନ୍ତି ବୋଲି କହିଥିଲେ। ଏଥିସହ ଅପ୍ରତିଦ୍ୱନ୍ଦ୍ୱୀ ନାଟ୍ୟକାର ଅନନ୍ତ ଗୋବରୀକୁ ନିଜର ମା' ଭାବି ତାହାରି କୂଳରେ ଚଳାଇଥିବା ଲେଖନୀ ସମଗ୍ର ରାଜ୍ୟରେ ଆଜି ନମସ୍ୟ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତା ବିରାଜ ଦାଶ ଯୋଗଦେଇ ସାହିତ୍ୟ, ନାଟକ ଓ ଯାତ୍ରା ନିର୍ଦ୍ଦେଶନାରେ ଅନନ୍ତ ଓଝା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବୋଲି କହିଥଲେ। ଏହି ଅବସରରେ କଳା ଓ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିଭାବାନ୍ କେତେଜଣ ବ୍ୟକ୍ତିତ୍ୱଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଟ୍ରଷ୍ଟର ସମ୍ପାଦକ ବିଜୟ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ଓ ପ୍ରଦୀପ କୁମାର ନାୟକ ଧନ୍ୟବାଦ ଦେଇଥିଲେ। କେତେଜଣ କଳାକାରଙ୍କ ଦ୍ୱାରା ଯାତ୍ରା ସଂଳାପ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ, ଅଧ୍ୟାପକ ପ୍ରଭାକର ସାମଲ, ନାରାୟଣ ଚନ୍ଦ୍ର ଲେଙ୍କା, ଅଭିମନ୍ୟୁ ରାଉତ, ଭବାନୀ ପ୍ରସାଦ ଓଝା ଓ ସବ୍ୟସାଚୀ ଓଝା ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଗୋବରୀ ନଦୀକୂଳ ଗ୍ରାମ ବୀରନୀଳକଣ୍ଠପୁରଠାରେ ଅନନ୍ତ ଓଝାଙ୍କ ପ୍ରତିମୂର୍ତ୍ତିକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

## ଆୟୁଷ ପ୍ରାକୃତିକ ଚିକିତ୍ସା, ଫିଜିଓଥେରାପି ଚିକିତ୍ସାଳୟ ଉଦ୍‌ଘାଟିତ

ପଟ୍ଟାମୁଣ୍ଡାଇ, ୧୧(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ସିନେମା ହଲ୍ ନିକଟରେ ନୂଆବର୍ଷ ଅବସରରେ ଆୟୁଷ ପ୍ରାକୃତିକ ଚିକିତ୍ସା ଓ ଫିଜିଓଥେରାପି ଚିକିତ୍ସାଳୟ ଉଦ୍‌ଘାଟିତ ହୋଇଯାଇଛି। ଡା. ମିନତି ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଚିକିତ୍ସାଳୟକୁ ଉଦ୍‌ଘାଟନ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଭୁବନେଶ୍ୱର ସତ୍ୟସାଇ ମେଡିକାଲ କଲେଜ ପ୍ରତିଷ୍ଠାତା ଡା. ଅଶୋକ କୁମାର ଦୋରା, ଡା. ଅର୍କ ଦାସ ଅଧିକାରୀ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ସାମ୍ପ୍ରତିକ ସମୟରେ ପ୍ରାକୃତିକ ଚିକିତ୍ସାର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ବ୍ଲକ ସାମାଜିକ ସମୀକ୍ଷକ ନଳିନୀକାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଇଚ୍ଛାପୁର ରଥଦାଣ୍ଡରେ ବିଶ୍ୱ ପ୍ରାର୍ଥନା ଦିବସ



ବିଶ୍ୱ ପ୍ରାର୍ଥନା ଦିବସରେ ଯୋଗଦେଇଥିବା ଅତିଥି।

କେନ୍ଦ୍ରାପଡ଼ା, ୧୧ (ଜଗନ୍ନାଥ ଧଳ)

ସହରର ଗରାପୁରସ୍ଥ ଦିବ୍ୟଜୀବନ ସଂଘର ଶିବାନନ୍ଦ ଆଶ୍ରମ ପକ୍ଷରୁ ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉ ରଥଦାଣ୍ଡରେ ବିଶ୍ୱ ପ୍ରାର୍ଥନା ଦିବସ ସୋମବାର ପାଳନ କରାଯାଇଛି। ଆଶ୍ରମ ଅଧ୍ୟକ୍ଷା ଶ୍ରୀମା ଦିବ୍ୟସ୍ୱରୂପାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଏହି ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏଠାରେ ଆଶ୍ରମ ଅଧ୍ୟକ୍ଷା ଶ୍ରୀମା ଦର୍ଶାଇଥିଲେ ଯେ, ଈଶ୍ୱରଙ୍କ ଦ୍ୱାରା ଏହି ଅନବଦ୍ୟ ସଂସାର ସୃଷ୍ଟି ହୋଇଛି। ତାଙ୍କର ଏହି ସୃଷ୍ଟି ଯୋଗୁ ଜୀବଜଗତ ତିଷ୍ଠି ରହିଛି। ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ ପାଇଁ ବିଶ୍ୱରେ ପାଳନ ହେଉଥିବା ବିଭିନ୍ନ ଦିବସ ପରି ଜାନୁୟାରୀ ପହିଲାକୁ ବିଶ୍ୱ ପ୍ରାର୍ଥନା ଦିବସ ଭାବେ ପାଳନ କରାଯିବା ଆବଶ୍ୟକ। ଏଥିସହ ସେ କହିଥିଲେ ଯେ, ସାମ୍ପ୍ରତିକ ସମୟରେ ସାମାଜିକ ଓ ସାଂସ୍କୃତିକ ଅବକ୍ଷୟ ଯୋଗୁ ଅଶାନ୍ତି ବଢ଼ି ଚାଲିଛି। ଏହି ସମସ୍ୟାର ସମାଧାନ ପାଇଁ ଧୈର୍ଯ୍ୟ ଓ ସଦାଚାରର ଆବଶ୍ୟକତା ଅଛି। ସୃଷ୍ଟିକର୍ତ୍ତାଙ୍କୁ ଧେୟ କରି କର୍ତ୍ତବ୍ୟକୁ ଗୁରୁତ୍ୱ ଦେବା ଆବଶ୍ୟକ। ସମସ୍ୟାର ସମାଧାନ ପାଇଁ ଅନ୍ତକରଣର ଶୁଦ୍ଧତା ସହ ପ୍ରାର୍ଥନା କରିବା ଜରୁରୀ ହୋଇପଡ଼ିଛି। ସାମୂହିକ ପ୍ରାର୍ଥନା ସର୍ବଦା ଫଳବତୀ ହୋଇଥାଏ। ଏହିସଭାରେ ବିଧାୟକ ଶଶିଭୂଷଣ ବେହେରା, ସ୍ୱାମୀ ବିଶ୍ୱରୂପାନନ୍ଦ, ବାବା ହୃଷୀକେଶ ଦାସଙ୍କ ସମେତ ବଳଦେବ ସେନାର କର୍ମକର୍ତ୍ତା, ରାଜନେତା, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଆଧ୍ୟାତ୍ମ୍ୟବାଦୀ ଯୋଗଦେଇଥିଲେ। ସଭାକୁ ଆଶ୍ରମର ବ୍ରହ୍ମଚାରୀ ନୃସିଂହ ଦାସଙ୍କ ସମେତ ଶ୍ରଦ୍ଧାଳୁମାନେ ପରିଚାଳନା କରିଥିଲେ।

## ପେଣ୍ଠରୁ ଫେରିବା ବେଳେ ଦୁର୍ଘଟଣା: ପର୍ଯ୍ୟଟକଙ୍କ ମୃତ୍ୟୁ

ରାଜନଗର, ୧୧ (ଭାସ୍କର ରାଉତରାୟ)

ନୂଆବର୍ଷରେ ସାଙ୍ଗଙ୍କ ମେଳରେ ପେଣ୍ଠ ବେଳାଭୂମିରେ ମଜା ଉଠାଇବା ପାଇଁ ଆସିଥିବା ପର୍ଯ୍ୟଟକଙ୍କର ଘରକୁ ଫେରିବା ବେଳେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ରାଜନଗର ଥାନା ଅଧୀନ ଘଡ଼ିଆମାଳ ପଞ୍ଚାୟତ ଦାରୁଓରା ଗାଁର ପ୍ରବୀର ସ୍ୱାଇଁ (୫୨) ପେଣ୍ଠରୁ ଫେରିବା ସମୟରେ ବାଇକ୍ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଖବରପାଇ ମୃତଦେହକୁ ଜବତ କରିଛି। ମୃତ ପ୍ରବୀରଙ୍କ ସହ ବାଇକ୍‌ରେ ଥିବା ଅନ୍ୟ ଜଣେ ଯୁବକ ମଧ୍ୟ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି।

## ବଜାରରେ ପାର୍କିଂ ବଢ଼ାଉଛି ଟ୍ରାଫିକ୍ ଚିନ୍ତା


ରାଜକନିକାର କଣ୍ଟପଡ଼ା ବଜାର ରାସ୍ତାରେ ବାଇକ ଓ ସାଇକେଲ ରହିଥିବାରୁ ଟ୍ରାଫିକ ଜାମ୍ ହୋଇଛି।

ରାଜକନିକା,୧୧ (ସଞ୍ଜୟ କୁମାର ଦାଶ)

କଟକ-ଚାନ୍ଦବାଲି ରାଜ୍ୟ ରାଜପଥ (ଏସ୍‌ଏଚ୍-୯ଏ) ରାଜକନିକାର କଣ୍ଟପଡ଼ା ବଜାର ଦେଇ ଯାଇଥିବା ବେଳେ, ବଜାର ମଧ୍ୟରେ ପାର୍କିଂ ସୁବିଧା ନାହିଁ। ଫଳରେ ଦୋକାନରୁ ସାମଗ୍ରୀ କିଣାକିଣି କରିବାକୁ ଆସୁଥିବା ଗ୍ରାହକ ରାସ୍ତା ଉପରେ ଯାନ ବାହାନ ରଖିଥାନ୍ତି। ଏଥିଯୋଗୁ ବଜାରର ଷ୍ଟ୍ରକଚର ଛକଠାରୁ କଲେଜ ଛକ ଦେଇ ପଞ୍ଚାୟତ କାର୍ଯ୍ୟାଳୟ ଛକ ପର୍ଯ୍ୟନ୍ତ ପ୍ରବଳ ଭିଡ଼ ଲାଗିରହୁଛି। ବସ୍, ଟ୍ରକ୍ ଏବଂ ଅନ୍ୟ ଯାନଗୁଡିକ ଯାତାୟାତ କରିବାରେ ବାଧା ଉପୁଜୁଛି। ଏମିତି କି ସକାଳ ସମୟରେ ଉଠା ଦୋକାନୀ ରାସ୍ତା ଉପରେ ପସରା ମେଲେଇ ବେପାର କରୁଛନ୍ତି। ସନ୍ଧ୍ୟାରେ ଉଠା ଫାଷ୍ଟଫୁଡ ଦୋକାନୀମାନେ ରାସ୍ତା ଉପରେ ଦୋକାନ ଖୋଲି ବେପାର ଆରମ୍ଭ କରି ଦେଉଛନ୍ତି। ଯାହାଦ୍ୱାରା ଗ୍ରାହକମାନେ ରାସ୍ତା ଉପରେ ପାର୍କିଂ କରିବାକୁ ବାଧ ହେଉଛନ୍ତି। ଫଳରେ ଗାଡିଗୁଡିକ ବଜାରକୁ ଅତିକ୍ରମ କରିବାକୁ ପାଖାପାଖି ଅଧଘଣ୍ଟା ସମୟ ଲାଗୁଛି। ଆହୁରି ମଧ୍ୟ ରାସ୍ତା ସାଇଡରେ ମାଛ, କଙ୍କଡା, ମାଂସ, ଶୁଖୁଆ ବିକ୍ରି କରିବାର ପ୍ରାବଧାନ ନ ଥିବା ସତ୍ତ୍ୱେ ବୁଧବାର, ଶୁକ୍ରବାର ଓ ରବିବାରରେ ଏତେ ମାତ୍ରାରେ ଭିଡ ହେଉଛି ଯେ, ଷ୍ଟ୍ରକଚର ଛକ ଦେଇ ପାସ୍ କରିବା କାଠିକର ପାଠ ହେଉଛି। ବିଶେଷକରି ସୋମବାର କଣ୍ଟପଡ଼ା ପଞ୍ଚାୟତର ସାପ୍ତାହିକ ହାଟ ଥିବା ଦୃଷ୍ଟିରୁ ନିକଟ ଯାଜପୁର, ଭଦ୍ରକ ଜିଲାର ବିଭିନ୍ନ ଦୋକାନୀ ଆସିଥାନ୍ତି। ସେଥିପାଇଁ ମଧ୍ୟ ବଜାରରେ ଅଧିକ ଭିଡ ପରିଲକ୍ଷିତ ହୁଏ। ଭିଡ ସମୟରେ ଆମ୍ବୁଲାନ୍ସ, ଦମକଳ ଗାଡ଼ି ଫସି ରହୁଥିବା ଅନେକଥର ନଜିର ଅଛି। ଏଭଳି ଟ୍ରାଫିକ୍ ସମସ୍ୟା ଉପୁଜୁଥିବାରୁ ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଟ୍ରାଫିକ୍ ସମସ୍ୟା କିପରି ନିୟନ୍ତ୍ରଣ ହୋଇପାରିବ ସେଥିପାଇଁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ଜୋର୍ ଧରିଛି।

## ଚାଷୀଙ୍କ ଅଗୋଚରରେ ବ୍ୟାଙ୍କରେ ଋଣ ବଢୁଛି

### ସମବାୟ ଦୁର୍ନୀତି ପ୍ରସଙ୍ଗ

ପଟ୍ଟାମୁଣ୍ଡାଇ, ୧୧(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ଅଧୀନରେ ଥିବା ମିନିବ୍ୟାଙ୍କ ଓ ସମବାୟ ସମିତି ମଧ୍ୟରୁ ଅଧିକାଂଶ ସମିତିରେ ଅର୍ଥ ନେଣଦେଣରେ ହେରଫେର ହୋଇଥିବା ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଛି। ଚାଷୀଙ୍କ ଅଗୋଚରରେ ବ୍ୟାଙ୍କରେ ଋଣ ପରିମାଣ ବଢି ଚାଲିଛି। ବିଭାଗୀୟ ସମବାୟ ଅଧିକାରୀ, ଅଡିଟ ବିଭାଗ ଓ ଅର୍ଥ ଯୋଗାଣକାରୀ ବ୍ୟାଙ୍କର ଉପରିସ୍ଥ ଅଧିକାରୀମାନଙ୍କ ମନମାନି ଯୋଗୁଁ ସମବାୟ ବିଭାଗ ଦୁର୍ନୀତିର ଗନ୍ତାଘର ପାଲଟିଛି। ଗରିବ ଚାଷୀମାନଙ୍କ ଋଣ ଟଙ୍କା ସମ୍ପାଦକମାନେ ହରିଲୁଟ କରିବାରେ ଲାଗିଛନ୍ତି। ରାଜ୍ୟ ସରକାରଙ୍କ ଟଚ-ଦି-ପ୍ୟାକ୍ସ ଯୋଜନାରେ ସମବାୟ ବିଭାଗ କେନ୍ଦ୍ରାପଡ଼ା ପ୍ରଦାନ କରିଥିବା ଆର୍‌ଟିଆଇ ତଥ୍ୟ ଅନୁଯାୟୀ ବଡ଼ମୂଳବସନ୍ତ ସଂସାରଫଳ, ସାନଜରିଆ ଓ ଶ୍ୟାମସୁନ୍ଦରପୁର ସମବାୟ ସମିତିଗୁଡ଼ିକର ଚାଷୀମାନଙ୍କ ପାଇଁ ବ୍ୟାଙ୍କ ଯୋଗାଇ ଦେଇଥିବା ଋଣ ଅର୍ଥଠାରୁ ଢେର ଅଧିକ ଟଙ୍କା ସମିତି ସମବାୟ ବ୍ୟାଙ୍କକୁ ଶୁଝିବାକୁ ଅଛି ବୋଲି ଦର୍ଶାଯାଇଛି।

ବଡ଼ମୂଳବସନ୍ତ ସମବାୟ ସମିତି ସଭ୍ୟମାନଙ୍କୁ ୨ କୋଟି ୮୦ଲକ୍ଷ ଋଣ ଲଗାଣ କରାଯାଇଛି। ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ବଡ଼ମୂଳବସନ୍ତ ସମିତି ୩ କୋଟି ୯୭ ଲକ୍ଷ ଋଣ ଟଙ୍କା କେନ୍ଦ୍ର ସମବାୟ ବ୍ୟାଙ୍କକୁ ଶୁଝିବାକୁଅଛିବୋଲିବ୍ୟାଙ୍କ ସୂଚନା ଦେଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ସମବାୟ ସମିତି ବ୍ୟୟ ବାବଦକୁ ମୋଟ ୫୯ ଲକ୍ଷ ୩୬ ହଜାରେ ଦର୍ଶାଇଛି ; ଯାହା ମୂଳଧନର ୧୯ ପ୍ରତିଶତ। ସେହିପରି ଧାନମଣ୍ଡିରୁ ଧାନଚାଷୀମାନେ ସିଧାସଳଖ ମିଲର୍ ପାଖରେ ଦେଇଥିବା ବେଳେ ସୋସାଇଟି ସମ୍ପାଦକ ଚଳିତବର୍ଷ ୧ ଲକ୍ଷ ୩୭ ହଜାରେ ୭୯୮ ଟଙ୍କା ଧାନ ଉଠାଣ ବାବଦକୁ ଦର୍ଶାଇଛନ୍ତି। ସେହିପରି ସାନଜରିଆ ସମବାୟ ସମିତିର ସଭ୍ୟମାନଙ୍କୁ ୨ କୋଟି ୫୮ଲକ୍ଷ ଋଣ ଲଗାଣ କରିଥିବା ବେଳେ ସାନଜରିଆ ସମିତି ୩ କୋଟି ୨ ଲକ୍ଷ ଟଙ୍କା କେନ୍ଦ୍ର ସମବାୟ ବ୍ୟାଙ୍କକୁ ଶୁଝିବାକୁ ଅଛି। ୨୦୨୨-୨୩ ଆର୍ଥିକ ବର୍ଷରେ ସମବାୟ ସମିତି ବ୍ୟୟବାବଦକୁ ମୋଟ ୨୦.୬୭ ଲକ୍ଷ ଦର୍ଶାଯାଇଛି। ଯାହା କର୍ଯ୍ୟକାରୀ ମୂଳଧନର ୩୨.୬୬ ପ୍ରତିଶତ ହୋଇଥିବା ବେଳେ ଧାନମଣ୍ଡିରୁ ଧାନ ସିଧାସଳଖ ମିଲର ପାଖକୁ ଯାଉଥିଲେ ମଧ୍ୟ ଚଳିତବର୍ଷ ୬୮ହଜାରେ ୧୫୪ ଟଙ୍କା ସମ୍ପାଦକ ମିଥ୍ୟା ବିଲ୍‌ରେ ଖର୍ଚ୍ଚ କରାଯାଇଥିବା ଦର୍ଶାଇ ଅର୍ଥ ଆତ୍ମସାତ କରିଛନ୍ତି। ସେହିପରି ସଂସାରାଫଳ ସମିତିରେ ଋଣୀମାନଙ୍କ ଉପରେ ୭.୭୭ କୋଟି ଥିବା ବେଳେ ବ୍ୟାଙ୍କ ପାଇବ ୯.୧୫ କୋଟି । ବ୍ୟାଙ୍କର ମୂଳଧନରୁ ୧.୩୮ କୋଟି ସମିତି ପାଇଁ ବ୍ୟୟ ହୋଇସାରିଲାଣି। ୨୧-୨୨ ଅଡିଟ ହିସାବରେ ସମିତି ବର୍ଷକ ମଧ୍ୟରେ ୩୮.୯୭ ଲକ୍ଷ ବ୍ୟୟ କରିଛି। ଏହା କାର୍ଯ୍ୟକ୍ଷମ ମୂଳଧନର ୨୧.୧୭ ପ୍ରତିଶତ ଅଟେ। ସେହିପରି ଧାନ ମଣ୍ଡିରୁ ସିଧାସଳଖ ମିଲକୁ ଯାଇଥିବା ବେଳ ଚଳିତବର୍ଷରେ ମଣ୍ଡି ଖର୍ଚ୍ଚ ବାବଦରେ ୮୭ ହଜାରେ ୭୭୦ ଟଙ୍କା ହେରଫେର କରାଯାଇଛି। ଶ୍ୟାମସୁନ୍ଦରପୁର ସମିତିରେ ଚାଷୀମାନଙ୍କ ଉପରେ ଋଣ ଭାର ୧୩ କୋଟି ୩ ଲକ୍ଷ ଟଙ୍କା ରହିଥିବା ବେଳେ ବ୍ୟାଙ୍କକୁ ଶୁଝିବାରେ ଅଛି ୧୩ କୋଟି ୫୬ ଲକ୍ଷ। ମୂଳଧନରୁ ୫୩ ଲକ୍ଷ ସୋସାଇଟିରେ ହେର୍‌ଫେର ହୋଇଥିବାବେଳେ ୨୦୨୦-୨୧ଅଡିଟ ରିପୋର୍ଟ ଅନୁଶାରେ ଏହା ମୂଳଧନର ହିସାବ ମିଳିପାରିନାହିଁ। ଏହି ରିପୋର୍ଟରେ ସମିତି କ୍ୟାଶ ବହି ନ ଥିବା ଦର୍ଶାଇଛନ୍ତି। ସେହିଭଳି ଧାନ ମଣ୍ଡିକି ଯାଇ ନ ଥିବା ବେଳେ ମଣ୍ଡି ବାବଦରେ ୯୯ ଲକ୍ଷ ୭୨୦ ଜାଲ ବିଲ୍ କରାଯାଇଛି। ଏ ନେଇ କେନ୍ଦ୍ରାପଡ଼ା ଏଆର୍‌ସିଏସ୍ ଚିଠି କରି ସମବାୟ ସମ୍ପାଦକଙ୍କୁ ୪୦ ଲକ୍ଷ ୧୭ ହଜାର ଓ ବଡ଼ପଡ଼ା ସମିତି ଦାୟିତ୍ୱରେ ଥିବାବେଳେ ୬ ଲକ୍ଷ ଟଙ୍କା ହେର୍‌ଫେର ହୋଇଥିବା ରିକଭରି ପାଇଁ ଜଣାଇଥିଲେ। ମାତ୍ର ଏ ବାବଦରେ ସମ୍ପାଦକ ତପନ ସ୍ୱାଇଁଙ୍କୁ ପଚାରିବାରେ ଏହା ଭିତ୍ତିହୀନ ଏ ନେଇ ଟ୍ରିବୁନାଲରେ କେସ୍ କରିଛି ବୋଲି ସେ କହିଛନ୍ତି। ଅପରପକ୍ଷେ ଏତେ ଗୁଡିଏ ଟଙ୍କା ବ୍ୟାଙ୍କ କାହାକୁ ଦେଇଛି ଓ କେଉଁ ଆଧାରରେ ଦିଆଯାଇଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ୟାଙ୍କ ଯୋଗାଉଥିବା ଅର୍ଥର ମୂଳଧନ ଲୁଟ୍ ଏପରି ଅବସ୍ଥାରେ ପହଞ୍ଚିଛି ଯେ କିଛିଦିନ ପରେ ଏହି ସବୁ ଦୁର୍ନୀତିଗ୍ରସ୍ତ ସମିତି ବନ୍ଦ ହୋଇଯିବାର ଆଶଙ୍କା ସୃଷ୍ଟି କରୁଛି। ଏ ବାବଦରେ କଟକ ସମବାୟ ବ୍ୟାଙ୍କ ସମ୍ପାଦକ ଅନନ୍ତ ସାମଲଙ୍କୁ ପଚାରିବାରେ ବ୍ୟାଙ୍କ ଅନିୟମିତତା ସମ୍ପର୍କରେ ବାର୍ଷିକ ସମୀକ୍ଷା ହେବ। ନିର୍ଦ୍ଦିଷ୍ଟ ତଥ୍ୟ ଓ ତାହାର ପରିମାଣ ବିଷୟରେ ଆଲୋକପାତ ହେଲେ ସମ୍ପୃକ୍ତ ଥିବା କର୍ମଚାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହ ଆବଶ୍ୟକସ୍ଥଳେ ପୌଜଦାରୀ କାର୍ଯ୍ୟବିଧି ଆଇନ୍ ଅନୁସାରେ ମାମଲା ଦାଏର କରାଯାଇଥାଏ ବୋଲି ସେ କହିଛନ୍ତି।

# ନୂଆବର୍ଷରେ ଭିତରକନିକାରେ ପର୍ଯ୍ୟଟକଙ୍କ ଭିଡ଼



ରାଜନଗର ହଂସୁଆ ସେତୁ ଉପରେ ଟ୍ରାଫିକ୍ ଜାମ୍।



ଭିତରକନିକାରେ ପର୍ଯ୍ୟଟକଙ୍କ ଭିଡ଼।

**ରାଜନଗର, ୧୧ (ଭାସ୍କର ରାଉତରାୟ)**

ଇଂରାଜି ନବବର୍ଷକୁ ସାରା ବିଶ୍ୱରେ ସ୍ୱାଗତ କରାଯାଇଛି। ନୂଆବର୍ଷ ପାଳନ ପାଇଁ ଯୁବପିଢ଼ି ସୋମବାର ନୂତନ ଉତ୍ସାହ ଉଦ୍ଦୀପନା ନେଇ ପ୍ରକୃତିର ଗନ୍ତାଘର ଭିତରକନିକା ଓ ପେଣ୍ଠ ବେଳାଭୂମିକୁ ଛୁଟି ଆସିଥିଲେ। ଭିତରକନିକା ଜାତୀୟ ଉଦ୍ୟାନ ପରିଭ୍ରମଣ ପାଇଁ ମୁଖ୍ୟ ଫାଟକ ଦେଇ ୩୨୧୮ଜଣ ପର୍ଯ୍ୟଟକ ୪୨ଟି ବୋଟରେ ନୌକାବିହାର କରିଥିବା ବେଳେ ଖୋଲା ଏଣ୍ଟ୍ରି ପଏଣ୍ଟ ଦେଇ ୬୩ଟି ବୋଟରେ ୭୨୮ଜଣ ପର୍ଯ୍ୟଟକ, ଚାନ୍ଦବାଲି ଏଣ୍ଟ୍ରି ପଏଣ୍ଟ ଦେଇ ୧୩ଟି ବୋଟରେ ୧୩୨ଜଣ ପର୍ଯ୍ୟଟକ ଏବଂ ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ୨୪ଟି ବୋଟରେ ୧୯୫ଜଣ ପର୍ଯ୍ୟଟକ ନୌକା ବିହାର କରିବା ସହ ପ୍ରକୃତିକୁ ଉପଭୋଗ କରିଥିଲେ। ନୂଆବର୍ଷ ଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଛୁଟି ଆସିଥିଲେ। ପର୍ଯ୍ୟଟକମାନେ ବନ୍ୟଜନ୍ତୁ ଆକ୍ରମଣରେ ଶହୀଦ ହୋଇଥିବା ବନ କର୍ମଚାରୀଙ୍କ ଶହୀଦ ସ୍ତମ୍ଭ, ବୋଟ୍ ଲାଇବ୍ରେରି, ମ୍ୟୁଜିୟମରେ ଥିବା ଅଲିଭ୍ ରିଡ୍ଲେ କଇଁଛ ଏବଂ ୨୩ ଫୁଟରୁ ଉର୍ଦ୍ଧ୍ୱ ଲମ୍ବର ବିରଳ ବଉଳା କୁମ୍ଭୀରର ସ୍କେଲିଟନ ସହ କେମିକାଲ ଦିଆଯାଇ କାଚ

**ଜାତୀୟ ଉଦ୍ୟାନରେ ବୁଲିଲେ ୪୨୭୩, ପେଣ୍ଠରେ ୩୦ହଜାର ପର୍ଯ୍ୟଟକ**

ଜାରରେ ସଂରକ୍ଷିତ କରି ରଖାଯାଇଥିବା ଭିତରକନିକାରେ ଦୃଶ୍ୟମାନ ହେଉଥିବା ବିଭିନ୍ନ ଜୀବଜନ୍ତୁ ଓ ସରୀସୃପଙ୍କୁ ଦେଖି ସେମାନଙ୍କ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଏହାସହ ବିରଳ ହେନ୍ତାଳବଣ, ପଦ୍ମପୋଖରୀ, ଭିତରକନିକା ଗଛଗୁଡ଼ିକରେ ରଙ୍ଗବେରଙ୍ଗର ପକ୍ଷୀ, ନଦୀର ଦୁଇପାର୍ଶ୍ୱରେ ଖରା ପୋଉଁଥିବା ବିରାଟକାୟ ବଉଳା କୁମ୍ଭୀର ସହ ଜାତୀୟ ଉଦ୍ୟାନର ଆବଦ୍ଧ ପୋଖରୀରେ ଶଙ୍ଖୁଆ କୁମ୍ଭୀର, ଗୋରୀ, ମଲ୍ଲି, ଶ୍ୱେତାକୁ ଦେଖି ପର୍ଯ୍ୟଟକମାନେ କ୍ଷଣକ ପାଇଁ ଆନମନା ହୋଇପଡ଼ିଥିଲେ। ସେହିପରି ପେଣ୍ଠ ବେଳାଭୂମିରେ ନୂଆବର୍ଷ ପାଳନ ପାଇଁ ପ୍ରତ୍ୟୁଷରୁ ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ଭିଡ଼ ସନ୍ଧ୍ୟା ପର୍ଯ୍ୟନ୍ତ ଲାଗି ରହିଥିଲା। ପର୍ଯ୍ୟଟକମାନେ ସମୁଦ୍ରରେ ଗାଧୋଇବା ସହ ଝାଉଁବଣରେ ବଣଭୋଜିର ମଜା ଉଠାଇ ଥିଲେ। ଶୀତୁଆ ସକାଳ ସାଙ୍ଗକୁ ସୂର୍ଯ୍ୟ ଉଦୟ ଓ ସୂର୍ଯ୍ୟାସ୍ତର ମନୋରମ ଦୃଶ୍ୟ ହଜାର ହଜାର ପର୍ଯ୍ୟଟକ ଦେଖିଥିଲା। ସବୁଠୁ ବଡ଼କଥା ହେଲା ନୂଆବର୍ଷ ଥିବାରୁ ଭିତରକନିକା ଏବଂ ପେଣ୍ଠକୁ ସଂଯୋଗ କରୁଥିବା ରାଜନଗର ହଂସୁଆ ସେତୁ ଉପରେ ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା। ଜଣେ ୨ଜଣ ପୋଲିସ କର୍ମଚାରୀଙ୍କୁ ନେଇ ଟ୍ରାଫିକ ସମସ୍ୟାକୁ ଦୂର କରିବାକୁ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ସେତୁର ଉଭୟ ପାର୍ଶ୍ୱରେ ସାନବଡଗୋପାଳପୁର ବଜାଠାରୁ ଆରମ୍ଭକରି ରାଜନଗର ଷ୍ଟେଟ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ବାଇକ୍ ଓ କାର ଧରି ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପ୍ରାୟ ଦେଢ଼ ଘଣ୍ଟା ଧରି ହଂସୁଆ ସେତୁ ଗମନାଗମନ ଏକ ପ୍ରକାର ଠପ୍ ହୋଇଯାଇଥିଲା।

## ଟ୍ରକ୍ ପଛରେ ପିଟି ହେଲା ସ୍କୁଟି, ଜଣେ ମୃତ

**ପାଣିକୋଇଲି, ୧୧ (ବିକାଶ କୁମାର ମଲିକ)**

୧୬ ନମ୍ବର ଜାତୀୟ ରାଜପଥର ବିଦ୍ୟା କଲେଜ ନିକଟରେ ସର୍ଭିସ ରୋଡ଼ରେ ଛିଡ଼ା ହୋଇଥିବା ଟ୍ରକ ପଛରେ ଏକ ସ୍କୁଟି ପିଟି ହୋଇଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ୨ଜଣ ଆହତ ହୋଇଛନ୍ତି। ସୋମାବାର ଭୋର ସମୟରେ ଯାଜପୁର ସଦର ଥାନା ଅନ୍ତର୍ଗତ ନାଥସାହି ଗ୍ରାମର ୩ ଯୁବକ ଅଜୟ ନାୟକ,ଚିତ୍ତ ରଞ୍ଜନ ବାରିକ ଓ କୁଲୁଆ ପହି ଏକ ସ୍କୁଟି (ନଂ.ଓଡ଼ି୩୪ଏମ୧୨୨୯)ରେ ସର୍ଭିସରୋଡ଼ରେ ପାଣିକୋଇଲି ଆଡ଼କୁ ଆସୁଥିବା ବେଳେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ୧୬ ଚକିଆ ଟ୍ରକ (ନଂ.ଓଡ଼ି୩୪ଏସ୮୮୨୨) ପଛରେ ତାଙ୍କ ଗାଡ଼ି ପିଟି ହୋଇଯାଇଥିଲା। ଫଳରେ ୩ ଯୁବକ ଗୁରୁତର ହୋଇଥିଲେ। ଦୁର୍ଘଟଣା ପରେ ଟ୍ରକଟି ଘଟଣାସ୍ଥଳରୁ ଚାଲିଯାଇଥିଲା। ଦୁର୍ଘଟଣା ଶବ୍ଦ ଶୁଣି ନିକଟସ୍ଥ ଦୋକାନୀମାନେ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପକୁ ଖବର ଦେଇଥିଲେ। ସ୍ଥାନୀୟ ଦୋକାନୀଙ୍କ ସହାୟତାରେ ସମସ୍ତ ଆହତଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। କୁଲୁଆ ଓ ଅଜୟଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ମାତ୍ର ବାଟରେ କୁଲୁଆଙ୍କ ମୃତ୍ୟୁ ଘଟିଥିଲା।

# ନାମକୁମାତ୍ର ନିଷିଦ୍ଧାଞ୍ଚଳ ଘୋଷଣା

- ୨ ମାସରେ ୧୭୫ ଗିରଫ, ୨୨ ଟ୍ରଲର ଜବତ
- ଅଧିକାଂଶ ମତ୍ସ୍ୟଜୀବୀଙ୍କ ଘର ବାଲେଶ୍ୱର, ଭଦ୍ରକ

**କେନ୍ଦ୍ରାପଡ଼ା, ୧୧ (ଜଗନ୍ନାଥ ଧଳ)**



ଗହୀରମଥାରେ ବନକର୍ମଚାରୀ ପାଟ୍ରୋଲିଂ କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ଜାତୀୟଉଦ୍ୟାନ ଭିତରକନିକାସ୍ଥିତ ଗହୀରମଥା ସାମୁଦ୍ରିକ ଅଞ୍ଚଳ ନଭେମ୍ବରରୁ ୨୦୨୪ ମେ' ପର୍ଯ୍ୟନ୍ତ ବିରଳ ଅଲିଭ୍ ରିଡ୍ଲେଙ୍କ ସୁରକ୍ଷା ପାଇଁ ନିଷିଦ୍ଧାଞ୍ଚଳ ଘୋଷଣା ହୋଇଛି। ହେଲେ ନିଷିଦ୍ଧାଞ୍ଚଳ ଘୋଷଣା ନାମକୁମାତ୍ର ବୋଲି ଅନୁପ୍ରବେଶକାରୀ ମତ୍ସ୍ୟଜୀବୀଙ୍କ ଗିରଫ ସଂଖ୍ୟା ସୂଚନା ଦେଉଛି। ଦୁଇମାସ ମଧ୍ୟରେ ୧୭୫ ଜଣ ମତ୍ସ୍ୟଜୀବୀ ଗିରଫ ହୋଇଥିବା ବେଳେ ପ୍ରାୟ ୨୨ଟି ଟ୍ରଲର ଇତିମଧ୍ୟରେ ଜବତ ହୋଇଛି। ଏହି ଗିରଫ ବ୍ୟକ୍ତିଙ୍କ ମଧ୍ୟରେ ଅଧିକାଂଶ ବାଲେଶ୍ୱର ଓ ଭଦ୍ରକ ଜିଲାର ଅଛନ୍ତି। ଅପରପକ୍ଷରେ ଗିରଫନାମାକୁ ସ୍ଥାନୀୟ ମତ୍ସ୍ୟଜୀବୀ ଜୀବନ ଜୀବିକା ଉପରେ ବନ ବିଭାଗ ଦାଉ ସାଧୁଛି ବୋଲି କହିଲେଣି। କେତେଜଣ ବନ କର୍ମଚାରୀ ନିଷିଦ୍ଧାଞ୍ଚଳ ମଧ୍ୟରେ ମତ୍ସ୍ୟଜୀବୀ ମାଛ ମାରୁଥିଲେ ମଧ୍ୟ ସମ୍ପୃକ୍ତ ଟ୍ରଲରକୁ ଛାଡ଼ି ଦେଉଛନ୍ତି। ଅପରପକ୍ଷରେ ସମୁଦ୍ରର ୨୦ କିଲୋମିଟର ଦୂରରେ ମାଛ ମାରୁଥିଲେ ମଧ୍ୟ ଯାତାୟାତ ସମୟରେ ଗିରଫ ହେଉଥିବା ଦର୍ଶାଇଛନ୍ତି। ନିଷିଦ୍ଧାଞ୍ଚଳରେ ଟ୍ରଲରର ଅବାଧ ପ୍ରବେଶ ଦ୍ୱାରା ଅଲିଭରିଡ୍ଲେଙ୍କ ପ୍ରଜନନ ହ୍ରାସ ପାଇବା ସହ ଗହୀରମଥାରେ ନିଷିଦ୍ଧାଞ୍ଚଳ କଟକଣା ନାମକୁମାତ୍ର ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି।

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ବିଶ୍ୱପ୍ରସିଦ୍ଧ ଭିତରକନିକା ସଂଲଗ୍ନରେ ୧୪୩୫ ବର୍ଗକିଲୋମିଟର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଛି। ପ୍ରତିବର୍ଷ ବିରଳ ଅଲିଭରିଡ୍ଲେ କଇଁଛ ଅଣ୍ଡାଦାନ ପାଇଁ ଆସୁଥିବାରୁ ଏହା ଅନ୍ତର୍ଜାତୀୟ ଭାବେ ପରିଚିତ। ଏହି ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ନିମନ୍ତେ ବନ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଥାଏ। ଏଥିପାଇଁ ଆଗମନ ଓ ପ୍ରସ୍ଥାନ ସମୟ ଅବଧି ଅର୍ଥାତ୍ ନଭେମ୍ବର ୧ରୁ ମେ' ୧୧ ପର୍ଯ୍ୟନ୍ତ ଗହୀରମଥାକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା ହୁଏ। ତେବେ ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜୀବୀଙ୍କ ଅଭିଯୋଗ ଅନୁଯାୟୀ, ନିଷିଦ୍ଧାଞ୍ଚଳରେ ମାଛ ମାରିବା ପାଇଁ ବନ ବିଭାଗ କର୍ମଚାରୀ କେତେଜଣ ଟ୍ରଲର ବ୍ୟବସାୟୀଙ୍କ ସହ ପ୍ରତିବର୍ଷ ଡିଲ କରୁଛନ୍ତି। ଏଥିରେ ସ୍ଥାନୀୟ ଅଞ୍ଚଳର କେତେଜଣ ରାଜନେତାଙ୍କ ସମ୍ପୃକ୍ତି ରହିଛି। ଗତବର୍ଷ ମଧ୍ୟ ଏ ପ୍ରକାରର ଡିଲ୍ ହୋଇଥିଲା। ନିଷିଦ୍ଧାଞ୍ଚଳରୁ ମାଛ ମାରିବା ସହ ସମୁଦ୍ର ମଝିରେ ମାଛ ହାଟ ଚାଲିଥିଲା। ଏପରି ଡିଲ୍‌ରୁ ବଞ୍ଚିତ ହୋଇଥିବା କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ମତ୍ସ୍ୟଜୀବୀମାନେ ବନ ବିଭାଗର ଆକ୍ରୋଶର ଶିକାର ହୋଇ ଗିରଫ ହୋଇଛନ୍ତି। ଅପରପକ୍ଷରେ କେତେଜଣ ପରିବେଶବିତ୍ ଏହି ଡିଲ୍‌କୁ ନେଇ ଗହୀରମଥାର ଭବିଷ୍ୟତକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ନିଷିଦ୍ଧାଞ୍ଚଳରେ ଟ୍ରଲର ଚଳାଚଳ କଲେ ଅଲିଭରିଡ୍ଲେଙ୍କ ଜୀବନହାନି ହେବ। ଗ୍ରୀଲ୍ ନେଟ୍‌ରେ ପଡ଼ି ସେମାନେ ମୃତ୍ୟୁମୁଖରେ ପଡ଼ିବେ, ଏଥିସହ କଇଁଛ ଓ ଶାବକ ଚୋରାଚାଲାଣ ପାଇଁ ବାଟ ଫିଟିବ। ଏପରି ହେଲେ ଆଗାମୀ ଦିନରେ ଗହୀରମଥାକୁ ଅସୁରକ୍ଷିତ ମନେକରି ଅଲିଭରିଡ୍ଲେ ଆସିବେ ନାହିଁ ବୋଲି ପରିବେଶବିତ୍‌ମାନେ ଚିନ୍ତାପ୍ରକଟ କରିଛନ୍ତି। ଅପରପକ୍ଷରେ ରେଞ୍ଜର ପ୍ରଦୋଷ ମହାରଣାଙ୍କୁ ପଚାରିବାରେ ଏପରି ଡିଲ୍ କେବେ ହୋଇନାହିଁ। ନିଷିଦ୍ଧାଞ୍ଚଳରେ କୌଣସି ମତ୍ସ୍ୟଜୀବୀ କିମ୍ବା ଟ୍ରଲର ମାଛ ସଂଗ୍ରହ କରୁଥିବା ନଜରକୁ ଆସିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ। ସ୍ଥାନୀୟ ଅଞ୍ଚଳରେ ଏହା ଏକ ଅପପ୍ରଚାର ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ମିଚେଲ୍



@ ରାଜେଶ



@ ସରୋଜ



@ ସୁଧାଂଶୁ



@ ସ୍ୱସ୍ତିପ୍ରିୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରସାତଳଗାମୀ ଧନ୍ଦାମୂଳକ ଶିକ୍ଷା

- ଅନୁଦାନ ଆସୁଛି, ଉପଯୁକ୍ତ ଭାବେ ଖର୍ଚ୍ଚ ହେଉନି
- ଆବଶ୍ୟକ ଶିକ୍ଷକ ଅଭାବ, ଉତ୍ସାହ କମୁଛି




**ଯାଜପୁର, ୧୧ (ହର୍ଷବର୍ଦ୍ଧନ ବେହେରା)**

ଧନ୍ଦାମୂଳକ ଶିକ୍ଷା ହେଉଛି କଲେଜ କିମ୍ବା ବିଶ୍ୱବିଦ୍ୟାଳୟଠାରୁ ଏକ ଭିନ୍ନ ଶିକ୍ଷଣ ବିକଳ୍ପ। ଏହା ଏକ ଭବିଷ୍ୟତ ବୃତ୍ତି, ଯାହା ଜୀବନର ପଥ ପ୍ରଦାନ କରିଥାଏ। ଏକ ନିର୍ଦ୍ଦିଷ୍ଟ ବୃତ୍ତିରେ କାର୍ଯ୍ୟ କରିବା ପାଇଁ ଆବଶ୍ୟକ କୌଶଳ ଏବଂ ଜ୍ଞାନ ପ୍ରଦାନ କରିବାକୁ ରାଜ୍ୟରେ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(ଜିଭିଏଚ୍‌ଏସ୍‌ଏସ୍) ପ୍ରତିଷ୍ଠା ହୋଇଛି। ଏହି ବିଦ୍ୟାଳୟଗୁଡ଼ିକରେ ଶ୍ରମ ବଜାରର ଆବଶ୍ୟକତା ଅନୁସାରେ ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ଓ ତାଲିମ ଦିଆଯାଉଛି। କିନ୍ତୁ ଯାଜପୁର ଜିଲାର ୧୨ଟି ଏଭଳି ସ୍କୁଲରେ ଛାତ୍ରୀଛାତ୍ରଙ୍କ ଆଗ୍ରହ କ୍ରମଶଃ ହ୍ରାସ ପାଉଥିବା ମନେହେଉଛି। ଆବଶ୍ୟକ ରିସୋର୍ସ ପର୍ସନ କିମ୍ବା ଶିକ୍ଷକ ଅଭାବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏଭଳି ମନୋଭାବ ଦେଖା ଦେଉଥିବା ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ଉଚ୍ଚଶିକ୍ଷା ବିଭାଗରୁ ଏହି ସ୍କୁଲଗୁଡ଼ିକର ବିକାଶ ଏବଂ ବିଭିନ୍ନ ପାଠ୍ୟ ଉପକରଣ କ୍ରୟ କରିବାକୁ ଅନୁଦାନ ଦିଆଯାଉଥିଲେ ହେଁ ତାହାର ଠିକ୍ ବିନିଯୋଗ ହୋଇପାରି ନ ଥିବା ଅଭିଯୋଗ ହେଉଛି। ଧନ୍ଦାମୂଳକ ତାଲିମ୍ ଛାତ୍ରୀଛାତ୍ରମାନଙ୍କୁ ଏକ ନିର୍ଦ୍ଦିଷ୍ଟ ହସ୍ତଶିଳ୍ପ, ବୈଷୟିକ କୌଶଳ କିମ୍ବା ବାଣିଜ୍ୟ କ୍ଷେତ୍ରରେ ଜ୍ଞାନ ଦେଇଥାଏ। ଆଜିକାର ବେକାରି ଯୁଗରେ ଏହି ଶିକ୍ଷାର ମହତ୍ତ୍ୱ ବହୁ ଗୁଣରେ ଅଧିକ ବୋଲି ଛାତ୍ରୀଛାତ୍ରମାନେ ହୃଦୟଙ୍ଗମ କରିଛନ୍ତି। କିନ୍ତୁ ଶିକ୍ଷା ବିଭାଗର ଅଦୂରଦର୍ଶିତା ଏବଂ ଆନ୍ତରିକତାର ଅଭାବ ଯୋଗୁ ଏହି ଶିକ୍ଷା ରସାତଳଗାମୀ ହେଉଥିବା ମତପ୍ରକାଶ ପାଇଛି। ଏଠାରେ ବାଲିଚନ୍ଦ୍ରପୁର ସାହାସପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସୟଦପୁର ବି.ଏସ୍. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଥିବା ଧନ୍ଦାମୂଳକ ସ୍କୁଲଗୁଡ଼ିକୁ ଉଦାହରଣ ଭାବେ ନିଆଯାଇପାରେ। ନିକଟରେ ସାହାସପୁର ଧନ୍ଦାମୂଳକ ସ୍କୁଲର ବିକାଶ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୪ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ତେବେ ଏହି ଅର୍ଥର ସଦୁପଯୋଗ ହେଲା କି ନାହିଁ ସେନେଇ କାହାରି ପାଖରେ ଖବର ନାହିଁ। ଉକ୍ତ ସ୍କୁଲର ଅଧ୍ୟକ୍ଷ ଦିଲୀପ କୁମାର ସାମଲଙ୍କୁ ପଚାରିଲେ ଆର୍ଥିକ କାରବାର ଅନ୍ୟ ଜଣେ ବୁଝନ୍ତି, ତେଣୁ ସେ କିଛି କହିପାରିବେ ନାହିଁ ବୋଲି ଉତ୍ତର ଦେଇଛନ୍ତି। ଏଥିରୁ ମଞ୍ଜୁର ଅର୍ଥକୁ ମିଳିମିଶି ଚଳୁ କରିବାର ଯୋଜନା ହେଉଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷେ ଏହି ସ୍କୁଲରେ ୪୦ ଜଣ ଛାତ୍ରୀଛାତ୍ର ଧନ୍ଦାମୂଳକ ଶିକ୍ଷାରେ ନାମ ଲେଖାଇଥିବାବେଳେ ମାତ୍ର ଜଣେ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। କେବେ କେମିତି ଜଣେ ଭେଟେରିନାରି ଡାକ୍ତର ଆସନ୍ତି ବୋଲି ସୂଚନା ମିଳିଛି। ଏହାବାଦ୍ ସୟଦପୁର ଧନ୍ଦାମୂଳକ ଶିକ୍ଷା ସ୍କୁଲରେ ଜଣେ ବି ରିସୋର୍ସ ପର୍ସନଙ୍କୁ ଅବସ୍ଥାପିତ କରାଯାଇ ପାରିନାହିଁ। ତେଣୁ ଏହି ସ୍କୁଲରେ ମାତ୍ର ୯ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ଜଣାପଡିଛି। ଏଥିରୁ ଧନ୍ଦାମୂଳକ ଶିକ୍ଷା କିପରି ଚାଲିଛି ତାହା ସହଜେ ଅନୁମେୟ। ଏହାବାଦ୍ ସିଂହପୁର ଖରସ୍ରୋତା ବିଦ୍ୟାଳୟ, ବୈତରଣୀ ରୋଡ୍ ପି.କେ. ବିଦ୍ୟାଳୟ ଓ ଯାଜପୁର ରୋଡ୍ ଇନ୍ଦିରା ଗାନ୍ଧୀ ମହିଳା କଲେଜରେ ଥିବା ଧନ୍ଦାମୂଳକ ସ୍କୁଲ ପାଇଁ ୨ ଲକ୍ଷ ୨୫ ହଜାର ଟଙ୍କା ଲେଖାଏ ଏବଂ ଚଣ୍ଡିଖୋଲ ବାବା ଭୈରବାନନ୍ଦ ବିଦ୍ୟାଳୟରେ ଥିବା ଧନ୍ଦାମୂଳକ ସ୍କୁଲ ପାଇଁ ୪ ଲକ୍ଷ ୫୦ ହଜାର ଟଙ୍କା ମିଳିଛି। ଉଚ୍ଚଶିକ୍ଷା ବିଭାଗର ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବାପୁଜୀନଗର ବ୍ରାଞ୍ଚର ମ୍ୟାନେଜରଙ୍କୁ ହୋଇଥିବା ପତ୍ରରୁ ଏହା ସ୍ପଷ୍ଟ ହୋଇସାରିଛି। ଏ ସଂକ୍ରାନ୍ତରେ ସହକାରୀ ଜିଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି, ଧନ୍ଦାମୂଳକ ସ୍କୁଲଗୁଡିକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମିଳୁଥିବା ଅନୁଦାନ ସମ୍ପର୍କରେ ସେ କିଛି ଜାଣିନାହାନ୍ତି। ସମ୍ପୃକ୍ତ ସ୍କୁଲଗୁଡ଼ିକର ଅଧ୍ୟକ୍ଷମାନଙ୍କ ସହିତ ଆଲୋଚନା କରି କେଉଁଥିପାଇଁ ଅନୁଦାନ ଆସିଛି ସେ ସମ୍ପର୍କରେ ପଚାରି ବୁଝି କିଛି କହି ହେବ।

# ଜେଏମ୍‌ଏଫ୍‌ସି କୋର୍ଟରେ ପଶି ରେକର୍ଡ ପୋଡ଼ି ଦେଲେ ସୁଇପର

**ରାଜନଗର, ୧୧ (ଭାସ୍କର ରାଉତରାୟ)**

ରାଜନଗର ଜେଏମ୍‌ଏଫ୍‌ସି କୋର୍ଟ ମଧ୍ୟରେ ପଶି କେହି ନ ଥିବାର ସୁଯୋଗ ନେଇ ସୁଇପର କିଛି ରେକର୍ଡ ପୋଡ଼ି ଦେଇଥିବା ନେଇ ରାଜନଗର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଜେଏମ୍‌ଏଫସି କୋର୍ଟର ୱାଚମ୍ୟାନ ବିଜୟ ମଲିକଙ୍କ ଅଭିଯୋଗ ଓ ପୋଲିସର ସୂଚନା ମୁତାବକ ରବିବାର ସକାଳେ କୋର୍ଟର ପେସକାର ଦୁର୍ଯୋଧନ ନାୟକଙ୍କ ସହ ସୁଇପର ରାଜଗଡ଼ ଗାଁର ମିହିର ଦାସଙ୍କ ସହିତ ପାଟିତୁଣ୍ଡ ହୋଇଥିଲା। ପାଟିତୁଣ୍ଡ ସମୟରେ ସେ ଉପସ୍ଥିତ ଥିଲେ। ରବିବାର କୋର୍ଟ କାମରେ ପେସକାର ଓ ୱାଚମ୍ୟାନ ପଟ୍ଟାମୁଣ୍ଡାଇ ଯାଇଥିଲେ। ପଟ୍ଟାମୁଣ୍ଡାଇରୁ ଫେରି ରାଜନଗର ଜେଏମ୍‌ଏଫ୍‌ସି କୋର୍ଟର କବାଟ ସନ୍ଧିରୁ ଧୂଆଁ ବାହାରୁଥିବା ଦେଖିଥିଲେ। କବାଟ ଖୋଲି ଭିତରକୁ ଯିବା ବେଳକୁ କିଛି ରେକର୍ଡ ପତ୍ର ଏଣ୍ଟ୍ରାନ୍ସ ମଝିରେ ଜଳୁଥିବା ଦେଖିଥିଲେ। ସେମାନେ କବାଟ ଖୋଲିବା କ୍ଷଣି ମିହିର ଦୌଡ଼ି ପଳାଇଥିଲା। ଏ ନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ସୋମବାର କେନ୍ଦ୍ରାପଡ଼ା ଜିଲା ଜଜ୍, ପୋସକୋ କୋର୍ଟର ନ୍ୟାୟାଧିଶ, ପଟ୍ଟାମୁଣ୍ଡାଇ ଜେଏମ୍‌ଏଫ୍‌ସିର ବିଚାରପତି ଓ ରାଜନଗର ଜେଏମ୍‌ଏଫ୍‌ସିର ବିଚାରପତି ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପୋଲିସ ଅଭିଯୁକ୍ତଙ୍କୁ ଧରି ପଚରା ଉଚରା କରୁଛି। ଏ ନେଇ ଥାନାରେ ଦଫା ୪୫୭, ୩୮୦, ୫୦୬, ୨୯୪ ଆଇପିସି, ପିଡିପିପି ଆକ୍ଟରେ ନଂ. ୧/୨୪ରେ ମାମଲା ରୁଜୁ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଛି।



# କୋଟଗଡ଼ ପାର୍କ ସମ୍ମୁଖରେ ଆମ୍ବୁଲାନ୍ସ ଅଟକିଲା

ନୟାଗଡ଼,୧।୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସୁନାଖଳା-ରଣପୁର ରାସ୍ତାର କୋଟଗଡ଼ ପାର୍କକୁ ସୋମବାର ନୂଆବର୍ଷରେ ଦେଖିବାକୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପାର୍କ ସମ୍ମୁଖରେ ଟିକେଟ୍ ଆଣିବା ପାଇଁ ରାସ୍ତା ଉପରେ ଧାଡ଼ି କରି ଲୋକେ ଅପେକ୍ଷା କରି ରହିଥିବାରୁ ଯାନବାହାନ ଚଳାଚଳ ବ୍ୟାଘାତ ସୃଷ୍ଟି ହୋଇଥିଲା। ରଣପୁର ସୁନାଖଳା ରାସ୍ତାର ଦୁଇପାର୍ଶ୍ୱରେ ବହୁ ସମୟ ଧରି ଯାନବାହାନ ଅଟକି ରହୁଥିଲା। ଏପରିକି ରଣପୁରରୁ ଆସୁଥିବା ଆମ୍ବୁଲାନ୍ସ ମଧ୍ୟ ୧୦ ମିନିଟ୍ ଧରି ରାସ୍ତାରେ ଅଟକି ରହି ପରେ ସୁନାଖଳା ପାର୍ଶ୍ୱକୁ ଯାଇଥିଲା। କୋଟଗଡ଼ ପାର୍କ ବେସରକାରୀ ହୋଇଥିଲେ ମଧ୍ୟ ପୋଲିସ ଲଗାମ ଦେବା ପରିବର୍ତ୍ତେ ଅନୁକମ୍ପା ଦେଖାଉଥିବାରୁ ଟ୍ରାଫିକ୍ ସେବା ବିପର୍ଯ୍ୟସ୍ତ ହୋଇପଡୁଛି। ଅନ୍ୟପକ୍ଷେ କୋଟଗଡ଼ ପାର୍କରେ ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ଯୋଗୁ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ସମେତ ସୁନାଖଳା-ରଣପୁର ରାସ୍ତା, ସୁନାଖଳାର ବିଭିନ୍ନ ଗ୍ରାମ୍ୟ ରାସ୍ତା ସନ୍ଧ୍ୟା ୫ଟାରୁ ପ୍ରାୟ ୩ ଘଣ୍ଟା ଧରି ଜାମ ରହିଥିଲା। କୋଟଗଡ଼ ପାର୍କକୁ ଯାଉଥିବା ଓ ଫେରୁଥିବା ଯାନବାହାନକୁ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନ ଥିବାରୁ ଏଭଳି ଅବ୍ୟବସ୍ଥା ଦେଖା ଦେବାରୁ ସାଧାରଣ ଲୋକ, ଯାନବାହାନ ଚାଳକ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରିକି ରୋଗୀ ମଧ୍ୟ ହଟହଟା ହୋଇଥିଲେ। ଟ୍ରାଫିକ୍ ସେବା ବିପର୍ଯ୍ୟସ୍ତ ହୋଇ ସୁନାଖଳା-ରଣପୁର ଓ ଗ୍ରାମ୍ୟ ରାସ୍ତାରେ ଘଣ୍ଟା ଘଣ୍ଟା ଧରି ବାଇକ୍, ସାଇକେଲ, ୪ ଚକିଆ ଯାନ ସବୁ ଅଟକି



ରାସ୍ତା ଜାମ୍ ଯୋଗୁ ଆମ୍ବୁଲାନ୍ସ ଅଟକି ରହିଛି।


ପାର୍କକୁ ଯିବା ପାଇଁ ଲୋକେ ରାସ୍ତାରେ ଠିଆ ହୋଇ ଟିକେଟ ଆଣିବା ଲାଗି ଯାଉଛନ୍ତି।

- ୫୭ ନଂ. ଜାତୀୟ ରାଜପଥ ୩ ଘଣ୍ଟା ଜାମ
- ରାସ୍ତାରେ ଧାଡ଼ିରେ ରହି ଲୋକେ ଆଣୁଥିଲେ ଟିକେଟ
- ବେସରକାରୀ ପାର୍କକୁ ପୋଲିସର ଅନୁକମ୍ପା

ରହିଥିଲା। ୫୭ ନଂ. ଜାତୀୟ ରାଜପଥରେ ମଧ୍ୟ ସୁନାଖଳାଠାରୁ ଭୁବନେଶ୍ୱର ଓ ନୟାଗଡ଼ ରାସ୍ତାରେ ମଧ୍ୟ ପ୍ରାୟ ୫୦୦ ମିଟର ପର୍ଯ୍ୟନ୍ତ ଯାନବାହାନ ଅଟକି ରହିଥିଲା। ତେବେ ପୋଲିସର ଦେଖା ନ ଥିଲା। ଯାନବାହାନ କିପରି ସୁରୁଖୁରୁରେ ଯିବ ସ୍ଥାନୀୟ ଲୋକ ହସ୍ତକ୍ଷେପ କରି ଛାଡୁଥିଲେ। ଲୋକଙ୍କ କାମ ଦେଖି ଭିଡ଼ରେ ଥିବା ବ୍ୟକ୍ତି ପୋଲିସକୁ ସମାଲୋଚନା କରିଥିଲେ। କୋଟଗଡ଼ ପାର୍କ ସମ୍ମୁଖରେ ଟିକେଟ କାଉଣ୍ଟର ପାଖରେ ସ୍ୱଳ୍ପ ସ୍ଥାନ ସାଙ୍ଗକୁ ବହୁ ଲୋକ ସମାଗମ ଯୋଗୁ ସ୍ଥାନ ଅଭାବ ହୋଇଥିଲା। ନୂଆବର୍ଷର ପ୍ରଥମ ଦିନ ହୋଇଥିବାବେଳେ ପାର୍କର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ପାର୍କକୁ ଯିବା ନିମନ୍ତେ ଟିକେଟ ଆଣିବାକୁ ରାସ୍ତା ଉପରେ ଧାଡ଼ି ଓ ବାଇକ୍ ଆଦି ଯାନବାହାନ ରହିଥିଲେ ମଧ୍ୟ ପାର୍କ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ଏପରିକି ମାଇକ ବଜାଇ ଶବ୍ଦ ପ୍ରଦୂଷଣ କରିଥିଲେ।

## ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଫେରିଲେ

ପାର୍କ ଦେଖିବାକୁ କାଉଣ୍ଟର ସମ୍ମୁଖରେ ଭିଡ଼ ହୋଇଥିବାବେଳେ ଟିକେଟ ଆଉ କରାଯିବନି ବୋଲି ପାର୍କ କର୍ମଚାରୀ ଘୋଷଣା କରିଥିଲେ। ଟିକେଟ ପାଇଁ ଧାଡ଼ି କରି ଅପେକ୍ଷା କରିଥିବା ପ୍ରାୟ ୫ ହଜାର ଲୋକ ଅପରାହ୍ନ ୫ଟାରୁ ଫେରିବା ଆରମ୍ଭ କରିଥିଲେ। ଲୋକେ ପାର୍କକୁ ଆସିବା ପୂର୍ବରୁ ପ୍ରଥମେ ବାଇକ୍ ପାର୍କିଂ ପାଇଁ ୨୦ଟଙ୍କା ଦେବାକୁ ପଡୁଛି। ପାର୍କ ନ ଦେଖି ଲୋକ ଅଯଥାରେ ଯାନବାହନ ପାର୍କିଂ ଭଡ଼ା ଦେଇ ଫେରିବାକୁ ବାଧ ହୋଇଥିଲେ। ଅପରପକ୍ଷରେ ପାର୍କିଂ ପାଇଁ ମନଇଛା ଟଙ୍କା ନିଆଯାଉଥିବା ଦେଖିବାକୁ ମିଳୁଛି। ପାର୍କିଂ କରୁଥିବା ବ୍ୟକ୍ତିମାନେ ମଧ୍ୟ ରାସ୍ତା ଉପରେ ଯାନବାହନ ଆମ ପାର୍କିଂରେ ରଖ ଅଟକାଇ ଭିଡ଼ ସୃଷ୍ଟି କରୁଛନ୍ତି।

## ପ୍ରସ୍ଥାନ ଦ୍ୱାରରେ ପାର୍କକୁ ଯିବାର ବ୍ୟବସ୍ଥା

ପାର୍କକୁ ଦେଖିବାକୁ ଆସିଥିବା ଲୋକ ଟିକେଟ ଦରଠାରୁ ଅଧିକ ଟଙ୍କା ନେଇ ପ୍ରସ୍ଥାନ ଦ୍ୱାରରେ ଭିତରକୁ ଛଡ଼ା ଯାଉଛି। ଏହାଦ୍ୱାରା ପ୍ରସ୍ଥାନ ଦ୍ୱାରରେ ଭିଡ଼ ଅଧିକ ହେଉଛି। ସେହିପରି ପାର୍କ ଭିତରେ ଖୋଲିଥିବା ଖାଦ୍ୟ ପସରାରେ ନିମ୍ନମାନର ଓ ବାସି ଖାଦ୍ୟ ଦିଆଯାଉଥିବା ଅଭିଯୋଗ ଉଠିଛି। ସୋମବାର କିଛି ଲୋକ ପାର୍କ ଭିତର ଖାଦ୍ୟ ଖାଇ ବାନ୍ତି କରି ଅସୁସ୍ଥ ହୋଇ ପଡିଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ପ୍ରସ୍ଥାନ ଦ୍ୱାରରେ ପୋଲିସ ଆସି ସବୁ କିଛି ଠିକ୍ ଠାକ୍ ଚାଲିଛି ବୋଲି ଦେଖେଇ ହୋଇଥିବାର ଦେଖିବାକୁ ମିଳିଥିଲା। କୋଟଗଡ଼ ପାର୍କ ରଣପୁର ଥାନାର ସୁନାଖଳା ଫାଣ୍ଡି ଅଞ୍ଚଳରେ ରହିଛି। ନିକଟରେ ସୁନାଖଳା ଫାଣ୍ଡି ରହିଥିଲେ ମଧ୍ୟ ପୋଲିସର ନୀରବତା ପାର୍କ ସମ୍ମୁଖରେ ଅବ୍ୟବସ୍ଥା ବଢ଼ାଉଛି। କିଛି ଲୋକ ଟିକେଟ କଳାବଜାରୀ କରୁଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ସୁନାଖଳା ଫାଣ୍ଡି ଅଧିକାରୀ ପ୍ରୀତି ପ୍ରକାଶ ମହାନ୍ତିଙ୍କୁ ପଚାରିବାରେ ସୋମବାର ନୂଆ ବର୍ଷରେ ଭିଡ ଜମିଥିଲା। ରାସ୍ତା ଜାମ ହୋଇଥିଲା। ହେଲେ ପୋଲିସ ପକ୍ଷରୁ କ'ଣ କାର୍ଯ୍ୟାନୁଷ୍ଠାନ ହୋଇଛି କିଛି କହି ପାରି ନ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ମିଚେଲ୍


@ ରାଜେଶ



@ ସରୋଜ


@ ସ୍ୱସ୍ତିପ୍ରିୟା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମନ୍ଦିର, ପର୍ଯ୍ୟଟନସ୍ଥଳୀରେ ଭିଡ଼


ନୂଆ ବର୍ଷ ଲାଗି ମନ୍ଦିରରେ ପର୍ଯ୍ୟଟକଙ୍କ ଭିଡ଼ ।

ଖଣ୍ଡପଡ଼ା,୧।୧ (ଅଜୟ କୁମାର ମହାରଣା)

ନୂଆବର୍ଷ ଅବସରରେ ଲୋକେ ସକାଳୁ ପ୍ରମୁଖ ଶୈବପୀଠ ଓ ଦେବଦେବୀ, ମଠ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରୁଥିବା ପରିଲକ୍ଷିତ ହୋଇଥିଲା। ବିଶେଷକରି ଅଧିକାଂଶ ମନ୍ଦିରରେ ମହିଳାଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁ ଭକ୍ତ, ପର୍ଯ୍ୟଟକ ସକାଳୁ ନୀଳମାଧବ ମନ୍ଦିର, ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉ, ନାରାୟଣୀ ମନ୍ଦିର, ଖଣ୍ଡପଡ଼ା ସହର ସନ୍ନିକଟ ପ୍ରଭୁ ଶ୍ରୀବନ୍ଧ ବିମଳେଶ୍ୱରଙ୍କ ପୀଠ, ସାଇନାଥଙ୍କ ମନ୍ଦିର, ମା' ଉମାଦେବୀ ଓ ମା' ମହିଷାଶୁଣୀଙ୍କ ପୀଠ ପରିସରେ ଗହଳ ଚହଳ ଲଗାଇ ପୂଜାର୍ଚ୍ଚନା କରିଥିଲେ। ସେହିପରି ମର୍ଦ୍ଦରାଜପୁରସ୍ଥିତ ମୁଣ୍ଡିଆ ହନୁମାନଙ୍କ ପୀଠରେ ଜନସାଧାରଣଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଖଣ୍ଡପଡ଼ା ସହରର ଉପକଣ୍ଠରେ ଅବସ୍ଥିତ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ ଓ ପାର୍ଶ୍ୱସ୍ଥ ସଂରକ୍ଷିତ ଘଞ୍ଚ ଜଙ୍ଗଲ ପରିବେଶରେ ଭୋଜି ଭାତର ଆସରରେ ଜନସାଧାରଣ ମସଗୁଲ ହୋଇଥିଲେ। ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମସ୍ଥିତ ପ୍ରଭୁ ଶ୍ରୀଗୋକୁଳାନନ୍ଦ ଜୀଉଙ୍କ ପୀଠ ଓ ସଂଲଗ୍ନ ମହାନଦୀର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଓ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଭିଡ ଜମାଇ ଥିଲେ। ସହର ଓ ପୁରପଲ୍ଲୀ ସବୁଠି ଅଞ୍ଚଳବାସୀ ଆନନ୍ଦଉଲ୍ଲାସର ସହ ନବବର୍ଷକୁ ପାଳନ କରିଥିଲେ।

# ଭଜନରେ ନୂଆ ବର୍ଷକୁ ସ୍ୱାଗତ

ଖଣ୍ଡପଡ଼ା,୧।୧(ଅଜୟ କୁମାର ମହାରଣା)

ନୂଆବର୍ଷ ୨୦୨୪କୁ ସ୍ୱାଗତ ଅବସରରେ କଣ୍ଟିଲୋ ପଞ୍ଚାୟତ ଅନ୍ତର୍ଗତ ଫକୀରଅତବୁଦ୍ଧିପାଟଣା ନିଖିଳ ଉତ୍କଳ କୈବର୍ତ୍ତ ସମାଜ ଯୁବ ପରିଷଦ କଣ୍ଟିଲୋ ପକ୍ଷରୁ ଏକ ଭଜନ ସମାରୋହ, ଡ୍ୟାନ୍ସ ଡ୍ୟାନ୍ସ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସରୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା, ମୁଖ୍ୟବକ୍ତା ଭାବେ ମନୀଷ ପ୍ରସାଦ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଫାର୍ମାସିଷ୍ଟ ମାନସ ରଞ୍ଜନ ସାହୁ, ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ମାଧବ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଯୁଗଳ କିଶୋର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଗ୍ରାମାଞ୍ଚଳର ଲୋକ କଳାକୁ ଉଜ୍ଜୀବିତ କରିବାକୁ ସମ୍ପୃକ୍ତ ଅନୁଷ୍ଠାନର ସଦସ୍ୟମାନଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅପରାହ୍ନରେ ସ୍ଥାନୀୟ ଅଞ୍ଚଳର ଯୁବ କଳାକାର ଶିବାନୀ ବାରିକଙ୍କ ସମେତ ପିଲାମାନଙ୍କ ଦ୍ୱାରା ଡ୍ୟାନ୍ସ ଡ୍ୟାନ୍ସ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ଭୁବନେଶ୍ୱରର ଆଲୋକ କଟୁଆଳ ଟିମ୍ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ କଣ୍ଠଶିଳ୍ପୀ ବୈକୁଣ୍ଠ ନାଥ ବେହେରା, ବୈକୁଣ୍ଠନାଥ ସାହୁ, ରାଶଗୁରୁ ରାଶେଶ୍ୱର ମିଶ୍ର, ଗୋବିନ୍ଦ ମହାରଣାଙ୍କ ସମେତ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ଅଶୋକ କୁମାର ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଯୋଗୀଯୋଗିଆଣୀ ବୌଦ୍ଧପୀଠରେ ସାଧୁମେଳା

ଖଣ୍ଡପଡ଼ା,୧।୧ (ଅଜୟ କୁମାର ମହାରଣା)

ସୋମବାର ନବବର୍ଷର ପ୍ରଥମଦିନରେ ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ତଥା ଏକମାତ୍ର ବୌଦ୍ଧପୀଠ ରୂପେ ପରିଚିତ ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ କୋସକା ପଞ୍ଚାୟତର ରାମଚନ୍ଦ୍ରପୁର ଓ ଅଁଳାପଙ୍ଗା ସନ୍ନିକଟ ଯୋଗୀଯୋଗିଆଣୀ ପୀଠରେ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ସାଧୁସନ୍ଥ ମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସାଧୁ ପ୍ରକାଶ ଚନ୍ଦ୍ର ଦାସଜୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ମେଳାରେ ଆଖପାଖ ମୌଜାରୁ ୫ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟକ ଜନସାଧାରଣଙ୍କ ସମାଗମ ହୋଇଥିଲା।

ସୂଚନାଯୋଗ୍ୟ, ନବମ ଓ ଦଶମ ଶତାବ୍ଦୀରୁ ୪ଟି ବୌଦ୍ଧମୂର୍ତ୍ତି ଏହି ପୀଠରେ ପୂଜା ପାଉଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରୁ ୬୦ରୁ ଊର୍ଦ୍ଧ୍ୱ ସାଧୁସନ୍ଥ ଉକ୍ତ ମେଳାରେ ଯୋଗ ଦେଇଥିଲେ। ଏହି ମେଳାରେ ଅନ୍ନଦାନ, ପୂଜାର୍ଚ୍ଚନା, ନାମଯଜ୍ଞ ସହ ସଂସାରର ମଙ୍ଗଳ ନିମନ୍ତେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ଯୁବଛାତ୍ର ସଙ୍ଗଠନ କର୍ମକର୍ତ୍ତା, ଯୋଗୀଯୋଗିଆଣୀ ଉନ୍ନୟନ ପରିଷଦ ସଦସ୍ୟ ଓ ମେଳାରେ ସହଯୋଗ କରୁଥିବା ୨୧ ଖଣ୍ଡ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ସାଧୁମେଳା ସୁଚାରୁ ରୂପେ ସମ୍ପନ୍ନ ହୋଇଥିବା ଜଣାଯାଇଛି। ଏ ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ, ଗୀତାଯଜ୍ଞ, ନାମ ସଂକୀର୍ତ୍ତନ, ଆଖଣ୍ଡଳ ପ୍ରଜ୍ୱଳନ, ଉଦଣ୍ଡ କୀର୍ତ୍ତନ ଓ ବେଢା ପରିକ୍ରମା ଆଦି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସାଧୁସନ୍ଥଙ୍କ ମେଳା ଅବସରରେ ଘଞ୍ଚ ବନାନୀ ଓ ପାହାଡ଼ର ପାଦ ଦେଶରେ ଅବସ୍ଥିତ ବୌଦ୍ଧପୀଠ ପରିସର ଉତ୍ସବମୁଖର ହୋଇଉଠିଥିଲା। ଖଣ୍ଡପଡ଼ା ଥାନା ଓ କୋସକା ଫାଣ୍ଡି ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ବ୍ୟବସ୍ଥା କରାଯାଇଥିଲା।


ଯୋଗୀଯୋଗିଆଣୀ ପୀଠରେ ଥିବା ବୌଦ୍ଧ ମୂର୍ତ୍ତି।


ମେଳା ଲାଗି ପୀଠରେ ଲୋକଙ୍କ ଗହଳି।

# ରକ୍ତଦାନ ଶିବିର, ୪୭ ୟୁନିଟ୍ ସଂଗ୍ରହ

ଖଣ୍ଡପଡ଼ା,୧।୧ (ଅଜୟ କୁମାର ମହାରଣା)

ନବବର୍ଷ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ଯୋଗ ଶିବିର ଶାଖା ପକ୍ଷରୁ ସ୍ଥାନୀୟ ବାଳିକା ଉଚ୍ଚବିଦ୍ୟାଳୟ ଶ୍ରେଣୀଗୃହରେ ଅନୁଷ୍ଠିତ ହୋଇଯାଇଛି। ଶିବିରରୁ ୪୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ବେଳେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର କର୍ତ୍ତୃପକ୍ଷ ଶିବିରରେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଡା. ରଶ୍ମିରଞ୍ଜନ ମିଶ୍ର ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଯୋଗଗୁରୁ ରାଜ କିଶୋର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ରକ୍ତଦାନ ଶିବିର ପରିଚାଳନାରେ ଅଞ୍ଚଳର ଯୁବକମାନେ ସହଯୋଗ କରିଥିଲେ।

# ପାଇକ ଆଖଡ଼ା, ଓଡ଼ିଶୀ ନୃତ୍ୟରେ ଝୁମିଲେ ଦର୍ଶକ


କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି।

ଭଣ୍ଡାର ମହୋତ୍ସବ, ପଲ୍ଲିଶ୍ରୀ ମେଳାର ଦ୍ୱିତୀୟ ସନ୍ଧ୍ୟା

ଶରଣକୁଳ,୧।୧(ଦୀପକ କର)

ଶରଣକୁଳ ଭଣ୍ଡାର ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପା ନେତ୍ରୀ ଇରାନୀ ରାୟ ଏବଂ ସମ୍ମାନିତ ଅତିଥି ଭାବେ ଶରଣକୁଳ ପୂର୍ବତନ ଜିଲା ପରିଷଦ ସଭ୍ୟ ମଦନ ନନ୍ଦ ଯୋଗଦେଇ ଥିଲେ। ପ୍ରଥମେ ଅତିଥିମାନେ ଲଡୁବାବାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପରେ ସଭାରେ ମୁଖ୍ୟ ଅତିଥି ଶରଣକୁଳ ପରି ଏକ ପବିତ୍ର ସ୍ଥାନରେ କଳା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ରାଜ୍ୟରେ ଅଗ୍ରଗତି ହୋଇପାରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ତାଙ୍କ ବକ୍ତବ୍ୟରେ ଶରଣକୁଳ ଶୈବ ଏବଂ ହରିହରଙ୍କର ସ୍ଥାନ ହୋଇଥିବାରୁ ଏଠାରେ ଧର୍ମ ଭାବନା ଲୋକଙ୍କ ମନରେ ଅଧିକ ଉଦ୍‌ଜୀବିତ କରିପାରିଛି ବୋଲି କହିଥିଲେ। ଅପରାହ୍ନରେ ଶିଖରପୁର ଗାଁର କଳାକାର ହୃଦ୍‌ବନ୍ଧୁ ବାରିକଙ୍କ ଏକକ ଅଭିନୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇପାରିଥିଲା। ଶରଣକୁଳ ଅଞ୍ଚଳର ୧୫ଟି ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ନୃତ୍ୟ, ସଙ୍ଗୀତ ଓ ନାଟକ ପରିବେଷଣ କରି ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ଥିଲା ଖୋର୍ଦ୍ଧାର ପାଇକ ଆଖଡ଼ା, ଯାହାକି ଦର୍ଶକଙ୍କୁ ବିମୋହିତ କରିଥିଲା। ମହୋତ୍ସବର ସମ୍ପାଦକ ରବୀନ୍ଦ୍ର ମହାପାତ୍ର, ସହସମ୍ପାଦକ ବଳଭଦ୍ର ସ୍ୱାଇଁ ମହୋତ୍ସବ ସହଯୋଗ କରିଥିଲେ।



# ପ୍ରଯୁକ୍ତିକୁ ଅସ୍ତ୍ର କରିବା ବନ୍ଦ ହେଉ

## ଏମ୍‌ଜିଏନ୍‌ଆର୍‌ଇଜିଏ ମଜୁରି ପୈଠରେ ଆଧାରଭିତ୍ତିକ ବ୍ୟବସ୍ଥାକୁ କଂଗ୍ରେସର ନିନ୍ଦା

ନୂଆଦିଲ୍ଲୀ,୧।୧(ପି.ଟି.)

ଅତ୍ୟାବଶ୍ୟକ ସରକାରୀ ସେବାରେ ଆଧାର ନମ୍ବର ବ୍ୟବହାର ଜରୁରୀ ନୁହେଁ ବୋଲି ସୁପ୍ରିମକୋର୍ଟ ଗତବର୍ଷ ମାର୍ଚ୍ଚରେ ରାୟ ଦେଇଥିଲେ। ଏହା ସତ୍ତ୍ୱେ କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଅଧିନିୟମ (ଏମ୍‌ଜିଏନ୍‌ଆର୍‌ଇଜିଏ)ରେ ମଜୁରି ପୈଠ ପାଇଁ ଆଧାରଭିତ୍ତିକ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧୀ ଦଳ କଂଗ୍ରେସ ନିନ୍ଦା କରିବା ସହ ପ୍ରଯୁକ୍ତି ବିଶେଷକରି ଆଧାରକୁ ଅସ୍ତ୍ର କରାଯିବା ବନ୍ଦ ହେଉ ବୋଲି କହିଛି। ଏହାଦ୍ୱାରା ବହୁ ଗରିବ ଭାରତୀୟ ସାମାଜିକ କଲ୍ୟାଣ ସୁବିଧାରୁ ବଞ୍ଚିତ ହେବେ ବୋଲି ବିରୋଧୀ ଦଳ କହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏମ୍‌ଜିଏନ୍‌ଆର୍‌ଇଜିଏକୁ ଅବହେଳା କରିଆସୁଥିବାବେଳେ ଏଥିରୁ ହିତାଧିକାରୀମାନଙ୍କୁ ବାଦ୍ ଦେବା ପାଇଁ ପ୍ରଯୁକ୍ତିକୁ ଅସ୍ତ୍ର ଭାବେ ବ୍ୟବହାର କରିବାରେ ଏକାଧିକ ଡିଜାଇନ୍‌ର ପ୍ରୟୋଗ କରିଛନ୍ତି।

କଂଗ୍ରେସର ଯୋଗାଯୋଗ ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ଆଧାର ଭିତ୍ତିକ ପେମେଣ୍ଟ ବ୍ୟବସ୍ଥା (ଏବିପିଏସ୍) ଜରିଆରେ ଏମ୍‌ଜିଏନ୍‌ଆର୍‌ଇଜିଏ ମଜୁରି ପ୍ରଦାନକୁ ବାଧ୍ୟତାମୂଳକ କରିବା ଲାଗି ଥିବା ସମୟସୀମାକୁ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ପଞ୍ଚମ ଥରରେ ୨୦୨୩ ଡିସେମ୍ବର ୩୧ ପର୍ଯ୍ୟନ୍ତ ବଢ଼ାଇଥିଲେ। ଦେଶରେ ମୋଟ ୨୫.୬୯ କୋଟି ଏମ୍‌ଜିଏନ୍‌ଆର୍‌ଇଜିଏ ଶ୍ରମିକ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୪.୩୩ କୋଟିଙ୍କୁ ସକ୍ରିୟ ବିବେଚନା କରାଯାଉଛି। ଡିସେମ୍ବର ୨୭ ସୁଦ୍ଧା ମୋଟ ପଞ୍ଜୀକୃତ ଶ୍ରମିକଙ୍କ ମଧ୍ୟରୁ ୩୪.୮ ପ୍ରତିଶତ (୮.୯ କୋଟି) ଏବଂ ସକ୍ରିୟ ଶ୍ରମିକଙ୍କ ମଧ୍ୟରୁ ୧୨.୭ ପ୍ରତିଶତ (୧.୮ କୋଟି ) ଏବିପିଏସ୍‌ରେ ମଜୁରି ପାଇବାକୁ ଯୋଗ୍ୟ ବିବେଚିତ ହୋଇ ନ ଥିବା ଜୟରାମ କହିଛନ୍ତି।

ଏମ୍‌ଜିଏନ୍‌ଆର୍‌ଇଜିଏ ମଜୁରି ପୈଠ ପାଇଁ ଏବିପିଏସ୍ ବ୍ୟବହାରରେ ବହୁ ଚ୍ୟାଲେଞ୍ଜ ରହିଥିବା ଶ୍ରମିକଙ୍କଠାରୁ ଆରମ୍ଭ କରି ଆଇନଜୀବୀ ଓ ଗବେଷକ ଅଭିଯୋଗ କରିବା ସତ୍ତ୍ୱେ କେନ୍ଦ୍ର ସରକାର ପ୍ରଯୁକ୍ତିକୁ ନେଇ ଧ୍ୱଂସାତ୍ମକ ପ୍ରୟୋଗ ଜାରି ରଖିଛନ୍ତି। ଦେଶର କୋଟି କୋଟି ଗରିବଙ୍କୁ ମୌଳିକ ଆୟରୁ ବଞ୍ଚିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏହା ନିଷ୍ଠୁର ନବବର୍ଷ ଉପହାର ବୋଲି ଜୟରାମ ଅଭିଯୋଗ କରିଛନ୍ତି।

ଗତ ଅଗଷ୍ଟ ୩୦ରେ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ଏକ ବିବୃତିରେ କହିଥିଲା, ଏବିପିଏସ୍ ପାଇଁ ଅଯୋଗ୍ୟ ବିବେଚିତ ହେଉଥିବା ଶ୍ରମିକଙ୍କ ଜବ୍ କାର୍ଡକୁ କାଟିଦିଆଯିବ ନାହିଁ। ମଜୁରି ପୈଠ କରିବାରେ ଏବିପିଏସ୍ ସବୁଠୁ ଭଲ ଉପାୟ ବୋଲି ବିଭିନ୍ନ ଷ୍ଟେକ୍‌ହୋଲ୍ଡର ପରାମର୍ଶ ଦେଇଥିବା ମନ୍ତ୍ରଣାଳୟ କହିଥିଲା। ଏହାଦ୍ୱାରା ଶ୍ରମିକମାନେ ଠିକ୍ ସମୟରେ ସେମାନଙ୍କ ମଜୁରି ପାଇବେ ବୋଲି କୁହାଯାଇଥିଲା। କିନ୍ତୁ ୨୦୨୨ ଏପ୍ରିଲରୁ ଇତିମଧ୍ୟରେ ସିଷ୍ଟମରୁ ୭.୬ କୋଟି ପଞ୍ଜୀକୃତ ଶ୍ରମିକଙ୍କ ନାଁ କାଟିଦିଆଗଲାଣି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ୧.୯ କୋଟି ପଞ୍ଜୀକୃତ ଶ୍ରମିକ ବାଦ୍ ପଡ଼ିଛନ୍ତି। ମୋଦି ସରକାର ତରବରିଆ ଭାବେ ଆଧାର ପ୍ରମାଣୀକରଣ ଏବଂ ଏବିପିଏସ୍ ଲାଗୁ କରିବା ଫଳରେ ଭୁଲ୍‌କ୍ରମେ ଏତେସଂଖ୍ୟାରେ ଶ୍ରମିକଙ୍କ ନାଁ କଟାଯାଇଥିବା ତଳସ୍ତରରୁ ହୋଇଥିବା ଯାଞ୍ଚରୁ ଜଣାପଡ଼ିଛି ବୋଲି କଂଗ୍ରେସ ନେତା କହିଛନ୍ତି। ଏବିପିଏସ୍ ଏବଂ ଅନ୍ୟାନ୍ୟ ପ୍ରଯୁକ୍ତିଗତ ହସ୍ତକ୍ଷେପ କାର୍ଯ୍ୟକାରୀ କରିବା ଉପରେ ବହୁସଂଖ୍ୟାରେ ପ୍ରତିନିଧି ଚିନ୍ତାବ୍ୟକ୍ତ କରିଥିଲେ ମଧ୍ୟ ମୋଦି ସରକାର ସେଥିପ୍ରତି କର୍ଣ୍ଣପାତ କରୁନାହାନ୍ତି।

ଏବିପିଏସ୍‌ରେ ମଜୁରି ପୈଠ ସାମର୍ଥ୍ୟ ବଢ଼ିବ ବୋଲି ମନ୍ତ୍ରଣାଳୟ ଦାବି କରୁଥିବାବେଳେ ତାହା ନିରାଧାର ବୋଲି ଜଣାପଡ଼ିଛି। ଲିବ୍‌ଟେକ୍ ଇଣ୍ଡିଆ ତଥ୍ୟରେ ଏହାକୁ ସମ୍ପୂର୍ଣ୍ଣ ଖାରଜ କରିଦିଆଯାଇଛି। ଆକାଉଣ୍ଟ ପ୍ରକ୍ରିୟା ଏବଂ ଆଧାର ଭିତ୍ତିକ ପୈଠ ବ୍ୟବସ୍ଥାରେ ସମୟ ବ୍ୟୟରେ ବିଶେଷ କିଛି ପ୍ରାର୍ଥକ୍ୟ ନ ଥିବା ୩.୨ କୋଟି ମଜୁରି କାରବାରକୁ ଅନୁଧ୍ୟାନ କରାଯିବା ପରେ ଜଣାପଡ଼ିଥିବା ଜୟରାମ କହିଛନ୍ତି।





ଜୟରାମ ରମେଶ

## ସଂକ୍ଷେପରେ

### ଭାରତ-ପାକ୍ ଆଣବିକ ପ୍ରତିଷ୍ଠାନ ତାଲିକା ବିନିମୟ

**ନୂଆଦିଲ୍ଲୀ,୧।୧(ପି.ଟି.):** ନୂଆବର୍ଷ ଅବସରରେ ଭାରତ ଓ ପାକିସ୍ତାନ ସେମାନଙ୍କର ଆଣବିକ ପ୍ରତିଷ୍ଠାନଗୁଡ଼ିକର ତାଲିକା ସୋମବାର ଅଦଳବଦଳ କରିଛନ୍ତି। ଉଭୟ ରାଷ୍ଟ୍ର ପରସ୍ପରର ଆଣବିକ ପ୍ଲାଣ୍ଟ ଉପରେ ଆକ୍ରମଣ ନ କରିବା ପାଇଁ ଦ୍ୱିପାକ୍ଷିକ ଚୁକ୍ତି ବଳରେ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେଲା ପ୍ରତିବର୍ଷ ବର୍ଷ ଆରମ୍ଭରେ ଏଭଳି ତାଲିକା ବିନିମୟ ହୋଇଆସୁଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ନୂଆଦିଲ୍ଲୀ ଏବଂ ଇସ୍‌ଲାମାବାଦରେ ଏକସଙ୍ଗେ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ଆଣବିକ ପ୍ରତିଷ୍ଠାନ ତାଲିକା ବିନିମୟ କରାଯାଇଥିଲା। ଏଥିପାଇଁ ଦୁଇଦେଶ ମଧ୍ୟରେ ୧୯୮୮ ଡିସେମ୍ବର ୩୧ରେ ଚୁକ୍ତି ସ୍ୱାକ୍ଷର ହୋଇଥିବାବେଳେ ୧୯୯୧ ଜାନୁୟାରୀ ୨୭ରେ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା।

### ୨୨ ତାରିଖ ମଧ୍ୟାହ୍ନ ୧୨ଟା ୨୦ରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା

**ଅଯୋଧ୍ୟା,୧।୧(ପି.ଟି.):** ଜାନୁୟାରୀ ୨୨ ତାରିଖ ମଧ୍ୟାହ୍ନ ୧୨ଟା ୨୦ ମିନିଟ୍ ସମୟରେ ଅଯୋଧ୍ୟାର ନବନିର୍ମିତ ରାମମନ୍ଦିରରେ ଭଗବାନ ରାମ ଲାଲାଙ୍କ ପ୍ରାଣପ୍ରତିଷ୍ଠା କରାଯିବ। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ରର ସାଧାରଣ ସମ୍ପାଦକ ଚମ୍ପତ ରାୟ ସୋମବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ପ୍ରାଣପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହେବା ପରେ ଶ୍ରଦ୍ଧାଳୁମାନେ ସେମାନଙ୍କ ଅଞ୍ଚଳରେ ଆରତି କରିବା ସହ ମିଷ୍ଟାନ୍ନ ବଣ୍ଟନ କରିବେ ଓ ସନ୍ଧ୍ୟା ପରେ ଘରେ ଦୀପ ଜାଳିବେ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ସମଗ୍ର ବିଶ୍ୱକୁ ଏଭଳି ନିବେଦନ କରିଥିଲେ। ସୋମବାର ଅଯୋଧ୍ୟାରେ 'ଅକ୍ଷତ' ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିବାବେଳେ ଚମ୍ପତ ସେଥିରେ ଯୋଗଦେଇଥିଲେ।


ନୂଆବର୍ଷରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀର ହଜଖାସ୍ ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି।

## ମାଓବାଦୀ-ଯବାନ ଗୁଳି ବିନିମୟ

### ଶିଶୁ ମୃତ, ମାଆ ଗୁରୁତର

ରାୟପୁର,୧।୧(ପି.ଟି.)

ଛତିଶଗଡ଼ର ବିଜାପୁରରେ ସୋମବାର ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ବେଳେ ଜଣେ ୬ ମାସର ଶିଶୁ ପ୍ରାଣ ହରାଇବା ସହ ତାଙ୍କ ମାଆ ଗୁରୁତର ହୋଇଛନ୍ତି। ଏନ୍‌କାଉଣ୍ଟରରେ ଜିଲା ରିଜର୍ଭ ଗାର୍ଡ (ଡିଆର୍‌ଜି)ର ଦୁଇଜଣ ଯବାନ ଆହତ ହୋଇଥିବା ଜଣାପଡ଼ିଛି। ଡିଆର୍‌ଜି ଟିମ୍ ମାଓବାଦୀ ବିରୋଧୀ ଅଭିଯାନରେ ଥିବାବେଳେ ଗଙ୍ଗଲୁର ଥାନା ଅନ୍ତର୍ଗତ ମୁଟ୍‌ଭଣ୍ଡି ଗ୍ରାମ ନିକଟ ଜଙ୍ଗଲରେ ଅପରାହ୍ନ ୫ଟାରେ ଗୁଳିବିନିମୟ ହୋଇଥିଲା। ଆହତ ମହିଳା ଓ ୨ ଯବାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡିଆର୍‌ଜି ଏବଂ ସିଆର୍‌ପିଏଫ୍ ଯବାନମାନେ ଏନ୍‌କାଉଣ୍ଟର ସ୍ଥଳରେ ତଲାସି ଜାରି ରଖିଛନ୍ତି।

### ଗ୍ୟାଙ୍ଗଷ୍ଟର ଗୋଲ୍ଡି ବ୍ରାର୍ ଆତଙ୍କବାଦୀ ଘୋଷିତ



ନୂଆଦିଲ୍ଲୀ,୧।୧

ବେଆଇନ ଖଲିସ୍ତାନୀ ସଂଗଠନ ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲ ସହ ସମ୍ପୃକ୍ତ ଥିବା ଗ୍ୟାଙ୍ଗଷ୍ଟର ଗୋଲ୍ଡି ବ୍ରାରଙ୍କୁ କେନ୍ଦ୍ର ସରକାର ଆତଙ୍କବାଦୀ ଘୋଷଣା କରିଛନ୍ତି। ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନ ଅନୁଯାୟୀ ବ୍ରାରଙ୍କୁ ଆତଙ୍କବାଦୀ ଘୋଷଣା କରାଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିଜ୍ଞପ୍ତିରୁ ଜଣାପଡ଼ିଛି। ସୋମବାର ଜାରି ବିଜ୍ଞପ୍ତିରେ କୁହାଯାଇଛି, ବ୍ରାରଙ୍କ ପଛରେ ବହୁ ବିଦେଶୀ ଆତଙ୍କବାଦୀ ସଂଗଠନର ସମର୍ଥନ ରହିଛି। ୨୦୨୨ରେ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲା ହତ୍ୟାକାଣ୍ଡର ସେ ମାଷ୍ଟରମାଇଣ୍ଡ ଥିବା ପୋଲିସ କହିଥିଲା।

## ନୋବେଲ ବିଜୟୀ ଅର୍ଥନୀତିଜ୍ଞଙ୍କୁ ଜେଲ

ଢାକା,୧।୧(ପି.ଟି.)

ବାଂଲାଦେଶର ନୋବେଲ ବିଜୟୀ ଅର୍ଥନୀତିଜ୍ଞ ଡ. ମହମ୍ମଦ ୟୁନୁସ୍‌ଙ୍କୁ ଶ୍ରମ ଆଇନ ଉଲ୍ଲଂଘନ ଅଭିଯୋଗରେ ସ୍ଥାନୀୟ ଅଦାଲତ ସୋମବାର ଦୋଷୀସାବ୍ୟସ୍ତ କରିବା ସହ ୬ ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ରାଜନୈତିକ ଉଦ୍ଦେଶ୍ୟରେ ୟୁନୁସ୍‌ଙ୍କୁ ଜେଲ ପଠାଯାଇଥିବା ତାଙ୍କ ସମର୍ଥକମାନେ କହିଛନ୍ତି। ଦାରିଦ୍ର୍ୟ ନିରାକରଣ ଅଭିଯାନ ଏବଂ ନିଜର ଗ୍ରାମୀଣ ବ୍ୟାଙ୍କ ଜରିଆରେ ବାଂଲାଦେଶକୁ ମାଇକ୍ରୋକ୍ରେଡିଟ୍‌ର ଜନ୍ମସ୍ଥାନର ପରିଚୟ ଦେଇଥିବାରୁ ୮୩ ବର୍ଷୀୟ ଅର୍ଥନୀତିଜ୍ଞ ୨୦୦୬ରେ ନୋବେଲ ପୁରସ୍କାର ପାଇଥିଲେ। ସେ ୧୯୮୩ରେ ଉକ୍ତ ବ୍ୟାଙ୍କ ପ୍ରତିଷ୍ଠା କରିଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଗ୍ରାମୀଣ ଟେଲିକମ୍‌ରେ ଶ୍ରମିକ କଲ୍ୟାଣ ପାଣ୍ଠି ଗଠନ କରାଯାଇ ନ ଥିବାରୁ ୟୁନୁସ୍ ଓ ତାଙ୍କର ୩ ସହକର୍ମୀଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଗ୍ରାମୀଣ ଟେଲିକମ୍‌ର ଅଧ୍ୟକ୍ଷ ଭାବେ ଶ୍ରମ ଆଇନର ଉଲ୍ଲଂଘନ ନିମନ୍ତେ ତୃତୀୟ ଶ୍ରମ ଅଦାଲତର ବିଚାରପତି ଶେଖ୍ ମେରିନା ସୁଲ୍‌ତାନା ୟୁନୁସ୍‌ଙ୍କ ସମେତ ୪ ଜଣଙ୍କୁ ୬ ମାସ ଲେଖାଏ ଜେଲଦଣ୍ଡ ଓ ୨୫ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି।


ଡ. ମହମ୍ମଦ ୟୁନୁସ୍

## ଆଜି ମୋଦିଙ୍କ ବାରାଣସୀ କାର୍ଯ୍ୟାଳୟ ଘେରିବ କଂଗ୍ରେସ

### ଆଇଆଇଟି ଛାତ୍ରୀ ଗଣବଳାତ୍କାର ମାମଲା

ଶାହଜାହାନପୁର,୧।୧(ପି.ଟି.)

ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ) ଆଇଆଇଟି କ୍ୟାମ୍ପସ୍ ମଧ୍ୟରେ ଜଣେ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାରେ ଭାଜପାର ସ୍ଥାନୀୟ ନେତା ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାରାଣସୀ ନିର୍ବାଚନମଣ୍ଡଳୀ କାର୍ଯ୍ୟାଳୟକୁ ଘେରାଉ କରିବ ବୋଲି କଂଗ୍ରେସ କହିଛି। ଉତ୍ତରପ୍ରଦେଶ କଂଗ୍ରେସ ସଭାପତି ଅଜୟ ରାୟ ଏହା ଘୋଷଣା କରିଛନ୍ତି। ଦୁଇମାସ ତଳେ ଛାତ୍ରୀଜଣକ ଗଣବଳାତ୍କାରର ଶିକାର ହୋଇଥିଲେ। ରବିବାର ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି, ଯେଉଁମାନେ ଭାଜପା ଆଇଟି ସେଲ୍ ସଦସ୍ୟ। ମୋଦିଙ୍କ ନିର୍ବାଚନମଣ୍ଡଳୀରେ ମହିଳା ଓ ନାବାଳିକା ବଳାତ୍କାରର ଶିକାର ହେଉଛନ୍ତି। କିପରି ଶାସକ ଦଳର ଛତ୍ରଛାୟା ତଳେ ରହି ଅପରାଧୀମାନେ ବଳାତ୍କାର ଭଳି ଘଟଣା ଘଟାଉଛନ୍ତି, ତାହା ଜନସାଧାରଣଙ୍କୁ ଜଣାଇବା ପାଇଁ କଂଗ୍ରେସର ବାରାଣସୀ ଜିଲା ଓ ସହର ଶାଖାର କର୍ମୀମାନେ ମୋଦିଙ୍କ ବାରାଣସୀ କାର୍ଯ୍ୟାଳୟକୁ ମଙ୍ଗଳବାର ଘେରାଉ କରିବେ ବୋଲି ଅଜୟ କହିଛନ୍ତି।

## ଦେଶରେ ୧୯୬ ଜେଏନ୍.୧ ମାମଲା

### ସକ୍ରିୟ ମାମଲା ସଂଖ୍ୟା ୪,୩୯୪କୁ ବୃଦ୍ଧି

ନୂଆଦିଲ୍ଲୀ,୧।୧(ପି.ଟି.)

ଭାରତରେ ବର୍ତ୍ତମାନ ସୁଦ୍ଧା କୋଭିଡ୍-୧୯ର ସବ୍‌ଭାରିଆଣ୍ଟ ଜେଏନ୍.୧ ସଂକ୍ରମଣ ୧୯୬ରେ ପହଞ୍ଚିଛି। ଆଇଏନ୍‌ଏସ୍‌ଏସିଓଜି ତଥ୍ୟରୁ ଏହା ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ସମେତ ଦେଶର ୧୦ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ଉକ୍ତ ଭାରିଆଣ୍ଟ ସଂକ୍ରମଣ କଲାଣି। କେରଳରେ ସର୍ବାଧିକ ୮୩ ମାମଲା ଚିହ୍ନଟ ହୋଇଥିବାବେଳେ ଗୋଆରେ ୫୧, ଗୁଜରାଟ ୩୪, କର୍ନାଟକ ୮, ମହାରାଷ୍ଟ୍ର ୭, ରାଜସ୍ଥାନରେ ୫, ତାମିଲନାଡୁ ୪, ତେଲଙ୍ଗାନା ୨ ଏବଂ ଓଡ଼ିଶା ଓ ଦିଲ୍ଲୀରେ ଜଣେ ଲେଖାଏ ଜେଏନ୍.୧ ଭାରିଆଣ୍ଟ ଚିହ୍ନଟ ହୋଇଛନ୍ତି। ନଭେମ୍ବରରେ ୧୭ ମାମଲା ଚିହ୍ନଟ ହୋଇଥିବାବେଳେ ଡିସେମ୍ବରରେ ୧୭୯ ମାମଲା ଠାବ ହୋଇଛି।

ସୋମବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ଦେଶରେ ୬୩୬ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ସକ୍ରିୟ ମାମଲା ସଂଖ୍ୟା ୪,୩୯୪ରେ ପହଞ୍ଚିଛି। ଏଥିସହ ଦିନକରେ କୋଭିଡ୍‌ରେ ୩ ଜଣ ପ୍ରାଣ ହରାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି।



## ଫୁର୍‌ସତ୍

### ପାଣି ଭିତରେ ବିଶ୍ୱର ସବୁଠୁ ବଡ଼ ଶ୍ମଶାନ

ପାଲିକିର୍

ଚୁଉକ ଦ୍ୱୀପର ପାଣି ତଳେ ଥିବା ଏକ ଫଟୋ ନିକଟରେ ସାମ୍ନାକୁ ଆସିଛି। ଯାହାକୁ ଦେଖି ଲୋକେ ଏହି ପାଣି ଭିତରେ ବିଶ୍ୱର ସବୁଠୁ ବଡ଼ ଶ୍ମଶାନ ବୋଲି କୁହାଯାଉଛି। ମଣିଷ କଙ୍କାଳ, ଜାହାଜରେ ଲଦା ହୋଇଥିବା ଜିନିଷ ଏବଂ ଅନ୍ୟ ଜିନିଷ ପଡ଼ିଥିବା ଫଟୋରେ ଦେଖିବାକୁ ମିଳିଛି। ଏପରି ଏକ ଶ୍ମଶାନ ଚୁଉକ ଦ୍ୱୀପ ସମୂହରେ କରାଯାଇଛି। ବହୁତ ବଡ଼ ସଂଖ୍ୟାରେ ପାଣି ତଳେ ଜାହାଜର ଖଣ୍ଡ ପଡ଼ିଛି। ଏହି ପାଣିରେ ନୌସେନାର ଜାହାଜ, ଜାପାନର ଟ୍ରକ ଏବଂ କେତେଗୁଡ଼ିଏ ପୁରୁଣା ସୁଇମିଂ ଶୁଟ୍ ପଡ଼ିଛି। ଏହି ସବୁ ଜିନିଷ ଇତିହାସରେ ହୋଇଥିବା ଧ୍ୱଂସର ପ୍ରମାଣ; ଯେଉଁଥିରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ମଧ୍ୟ ସାମିଲ ରହିଛି। କିଛି ଖଣ୍ଡ ଅପରେଶନ ହେଲଷ୍ଟୋନରେ ବୁଡ଼ିଥିବା ଜାହାଜର ମଧ୍ୟ ରହିଛି; ଯାହା ଦ୍ୱିତୀୟ ବିଶ୍ୱଯୁଦ୍ଧର ଏକ ସୈନ୍ୟ ସଂଘର୍ଷ ଥିଲା। ଏଥିରେ ୪ହଜାର ୫ଶହ ଜାପାନୀ ସୈନିକଙ୍କ ମୃତ୍ୟୁ ହୋଇଥିଲା। ରିପୋର୍ଟ ମୁତାବକ, ଏହି ଅପରେଶନରେ ଅନେକ ବିମାନ ଏବଂ ଜାହାଜ ବୁଡ଼ିଯାଇଥିଲା। ଏଥିସହ ୪୦ ଆମେରିକା ସୈନ୍ୟଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା। ପାଣିରେ ମିଳିଥିବା ଜାହାଜ ଖଣ୍ଡ ସବୁ ଯୁଦ୍ଧ ସମୟର। ଏପରି କିଛି ଜାହାଜ ଖଣ୍ଡ ମଧ୍ୟ ପାପୁଆନ୍ୟୁଗିନି, ଫିଲିପିନ୍ସ କୂଳ ଏବଂ ଇଣ୍ଡୋନେସିଆର ପାଣିରେ ମଧ୍ୟ ମିଳିଛି। ହୋକି ମାରୁ ଜାହାଜର ଖଣ୍ଡ ମଧ୍ୟ ଏଠାରେ ପଡ଼ିଛି। ପାଣିରେ ମଣିଷଙ୍କ କଙ୍କାଳ ମଧ୍ୟ ପଡ଼ିଛି, ହେଲେ ଏହି ସ୍ଥାନ ପାଣି ବୁଡ଼ାଳିଙ୍କ ପାଇଁ ଅଧିକ ପ୍ରସିଦ୍ଧ। ୨ ଦିନ ଧରି ଚାଲିଥିବା ଅପରେଶନ ହେଲଷ୍ଟୋନରେ ମୋଟ ୨୫୦ ଜାପାନୀ ବିମାନ ନଷ୍ଟ ହୋଇଥିଲା। ୧୯୪୪ ମସିହାରେ ଆମେରିକାର ସୈନିକଙ୍କ ଦ୍ୱାରା ଏହି ଯୁଦ୍ଧ ହୋଇଥିଲା; ଯେଉଁଥିରେ ବହୁତ ସଂଖ୍ୟାରେ ଆମେରିକା ସୈନ୍ୟଙ୍କ ମୃତ୍ୟୁ ହୋଇଥିଲା। ଏଥିସହ ୧୭ ହଜାର ଟନ୍‌ର ଇନ୍ଧନ ମଧ୍ୟ ନଷ୍ଟ ହୋଇଥିଲା।



### ୭୦ କୋଟି ଟଙ୍କାର ବଙ୍ଗଳା କିଣିଲେ ଜନ୍

ମୁମ୍ବାଇ

ବଲିଉଡ୍‌ର ଆକ୍ସନ ହିରୋ ଜନ୍ ଆବ୍ରାହମ୍ ନିକଟରେ ଏକ ଘର କିଣିଛନ୍ତି। ଯାହାକୁ ନେଇ ସେ ଏବେ ଚର୍ଚ୍ଚାରେ ରହିଛନ୍ତି। ଜନ୍ ମୁମ୍ବାଇରେ କିଣିଥିବା ଏକ ବଙ୍ଗଳାର ମୂଲ୍ୟ ୭୦.୮୩ କୋଟି; ଯାହା ୭ ହଜାର ୭୨୨ ଫିଟ୍ ଜାଗାରେ ଥିବା ୫ ହଜାର ୪୧୬ ସ୍କୋୟାର ଫିଟ୍‌ର ଅଟେ। ଜନ୍ ମୁମ୍ବାଇର ଖାରର ଲିଙ୍କିଂ ରୋଡ୍‌ରେ ତାଙ୍କର ଏହି ବଙ୍ଗଳା କିଣିଛନ୍ତି। ଜନ୍‌ଙ୍କ ଏହି ବଙ୍ଗଳା ସମୁଦ୍ର ପାଖରେ ରହିଛି। ଯେଉଁଠାରୁ ସମୁଦ୍ରର ଦୃଶ୍ୟ ଅତ୍ୟନ୍ତ ସୁନ୍ଦର ରହିବ। ତେବେ ଜନ୍ ଗତବର୍ଷ ଶାହରୁଖ୍ ଖାନ୍‌ଙ୍କ ଫିଲ୍ମ 'ପଠାନ'ରେ ନଜରକୁ ଆସିଥିଲେ। ଏହି ଫିଲ୍ମ ବକ୍ସ ଅଫିସରେ ଧମାଲ କରିଥିଲା। ଜନ୍ ୨୦୦୨ରେ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିବାବେଳେ ଚଳିତବର୍ଷ ତାଙ୍କ ପାଖରେ ଆଉ ୪ଟି ମୁଭି ରହିଛି।




### ଛୋଟବେଳେ ପାଳିଥିବା ଝିଅକୁ ବାହାହେଲେ




**ନୂଆଦିଲ୍ଲୀ:** ଅନେକ ବୟସ ଅନ୍ତର ଥାଇ ମଧ୍ୟ ଲୋକେ ବିବାହ କରୁଥିବା କିଛି ଖବର ଅତୀତରେ ଦେଖିବାକୁ ମିଳିଛି। ହେଲେ ଛୋଟବେଳୁ ପାଳି ଆସୁଥିବା ଜଣେ ଝିଅକୁ ବିବାହ କରିବା ଅତ୍ୟନ୍ତ ଅଜବ କଥା। ରିପୋର୍ଟ ମୁତାବକ, ୨୯ ବର୍ଷୀୟା ସମାନ୍ଥା ଗିଜଲ ୪୪ ବର୍ଷୀୟ ଯୁବକଙ୍କୁ ବିବାହ କରିଛନ୍ତି। ସମାନ୍ଥା ଏନେଇ ଏବେର ଏବଂ ତାଙ୍କ ଛୋଟ ବେଳର ଏକ ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି; ଯାହାକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଅତୀତର ଫଟୋରେ ତାଙ୍କୁ ୪ ବର୍ଷ ବୟସ ହୋଇଥିବାବେଳେ ସେ ଜଣେ ୧୯ ବର୍ଷୀୟ ଯୁବକଙ୍କ ସହ ଥିବା ଦେଖିବାକୁ ମିଳିଛି। ଏଥିରେ ସମାନ୍ଥା ଲେଖିଛନ୍ତି, ତୁମେ ସବୁଠୁ ଭଲ ବେବି ସେଟର ଥିଲ। ସେ ଖୁସିରେ ନିଜର ବୟସ ଅନ୍ତର ଭୁଲି ଜୀବନର ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛନ୍ତି। କିଛି ଲୋକ ସମାନ୍ଥାଙ୍କ ଏପରି ପୋଷ୍ଟକୁ ତାଙ୍କ ବୋକାମି ବୋଲି କହିଛନ୍ତି। ତେବେ ସମାନ୍ଥାଙ୍କୁ ଲୋକଙ୍କ ଏପରି କଥାରେ କିଛି ଫରକ ପଡୁ ନ ଥିବା ସେ କହିଛନ୍ତି। ସେ କେବଳ ତାଙ୍କ ସ୍ୱାମୀଙ୍କ ସହିତ ଖୁସି ରହିବାକୁ ଚାହାନ୍ତି।

# ବଦଳାନ୍ତୁ ଲୁକ୍

ଘରର ଇଣ୍ଟେରିୟର ଲୁକ୍ ବଦଳାଇବା ପାଇଁ ଜାଣିରଖନ୍ତୁ କିଛି ଟିପ୍ସ।



▸ ଘରର ବଖରାଗୁଡ଼ିକ ଛୋଟ ଥିଲେ ହାଲ୍କା ରଙ୍ଗ ଦିଅନ୍ତୁ ନାହିଁ, ଗାଢ଼ ରଙ୍ଗ ଦିଅନ୍ତୁ। ଏଭଳିଭାବେ ଘର ଭିତରର ଲୁକ୍ ଅଧିକ କ୍ରେଜି ଲାଗିବ।

▸ ଘର ଭିତରେ ଗୋଟିଏ ରଙ୍ଗରେ ଅଲଗା ଅଲଗା ଡିଜାଇନରେ ରଙ୍ଗ କଲେ ତାହା ଅଧିକ ସୁନ୍ଦର ଏବଂ ଆକର୍ଷଣୀୟ ମନେହେବ। କିନ୍ତୁ ଗୋଟିଏ ରୁମ୍‌ରେ ଭିନ୍ନ ଭିନ୍ନ ରଙ୍ଗ ଦିଅନ୍ତୁ ନାହିଁ।

▸ ରୁମ୍ ଭିତରର ପ୍ରିଣ୍ଟ ସହିତ ଆସବାବପତ୍ରକୁ ମଧ୍ୟ ଠିକ୍ ଭାବେ ମ୍ୟାଚ୍ କରିବା ଭଳି ରଖନ୍ତୁ। କିନ୍ତୁ ସବୁ ଜିନିଷ ଏକା ପ୍ରକାର ହେବ ତା' ନୁହେଁ। ଗୋଟିଏ ରୁମ୍‌ରେ ଅଲଗା ରଙ୍ଗର କାନ୍ଥ, ଟ୍ରାଡିଶନାଲ ଲୁକ୍‌ର ପାରମ୍ପରିକ ଆସବାବପତ୍ର ଘରର ଲୁକ୍ ବଦଳାଇ ଏକ ଭିନ୍ନ ରୂପ ଦେଇପାରିବ।

▸ ବାଥ୍‌ରୁମ୍‌ରେ ୱାଲ୍‌ପେପର କିମ୍ବା କାଠ ଜିନିଷ ମଧ୍ୟ ବ୍ୟବହାର କରିପାରିବେ। ବାଥ୍‌ରୁମ୍‌ରେ ଏହି ଦୁଇ ପ୍ରକାର ଜିନିଷ ଟ୍ରାଡିଶନାଲ ଲୁକ୍ ଦେଇଥାଏ, କିନ୍ତୁ ଆର୍ଦ୍ରତା ପ୍ରଭାବରୁ ଏହାକୁ ରକ୍ଷା କରିବା ପାଇଁ ବ୍ୟବସ୍ଥା କରନ୍ତୁ।

▸ ରୋଷେଇଘରେ କୌଣସି ପ୍ରକାର ୱାଲ୍ ହ୍ୟାଙ୍ଗିଙ୍ଗ୍ କିମ୍ବା କାର୍ପେଟ ପକାନ୍ତୁ ନାହିଁ। କିନ୍ତୁ ରୋଷେଇଘରେ ଆପଣଙ୍କର ବହୁତ ସମୟ କଟୁଥିଲେ ସେଠାରେ ବିଭିନ୍ନ କଲରଫୁଲ୍ ପ୍ରିଣ୍ଟର କାର୍ପେଟ ପକାନ୍ତୁ। ଘରକୁ ଏକ ଭିନ୍ନ ଲୁକ୍ ଦେବ।

▸ ଯେକୌଣସି ରୁମ୍‌କୁ ଅଧିକ ଆକର୍ଷଣୀୟ କରିବା ପାଇଁ ଚାହୁଁଥିଲେ ସିଲିଂ କରି ଦିଅନ୍ତୁ। କିନ୍ତୁ ସିଲିଂ ସବୁବେଳେ ଯେ ଧଳାରଙ୍ଗର ହେଲେ ଆକର୍ଷଣୀୟ ଲାଗିବ ତାହା ଭାବିବା ଭୁଲ୍। ଡାର୍କ ଶେଡ୍‌ର ସିଲିଂ ମଧ୍ୟ ଘରକୁ ବୋଲ୍ଡ ଲୁକ୍ ଦେଇପାରିବ।

# ଶୀତରେ ଖାଆନ୍ତୁ ଦହି



**ଶୀତଦିନେ ଦହି ଖାଇଲେ ଅଧିକ ଥଣ୍ଡା ହେବ ବୋଲି ପ୍ରାୟତଃ ଲୋକଙ୍କର ଧାରଣା ରହିଥାଏ। କିନ୍ତୁ ଆୟୁର୍ବେଦ ଅନୁସାରେ ଶୀତଦିନେ ଦହି ଖାଇବା ଫଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ...**

■ ସବୁବେଳେ ଫ୍ରେଶ୍ ଦହି ଖାଇବା ହିଁ ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ। ଦହିକୁ ଫ୍ରିଜରେ ରଖି ଖାଆନ୍ତୁ ନାହିଁ, ଏପରି କଲେ ବହୁ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥାଏ।

■ ଦହି ଖାଇଲେ ପାଚନ ସମସ୍ୟା ଦୂର ହୋଇଥାଏ। ଏଥିରେ ହେଲ୍‌ଦୀ ପ୍ରୋବାୟୋଟିକ୍ ଥାଏ ଯାହା ପେଟର ବିଭିନ୍ନ ସମସ୍ୟା ମଧ୍ୟ ଭଲ କରିଥାଏ।

■ ଦହିରେ ଗୋଲମରିଚ ମିଶାଇ ଖାଇଲେ ଗଳା ଦରଜ ହୋଇ ନ ଥାଏ।

■ ପ୍ରତିଦିନ ଏକ କପ୍ ଦହି ଖାଇଲେ କ୍ୟାଲସିୟମ୍ ବୃଦ୍ଧି ହୋଇଥାଏ। ଓଜନ କମ୍ କରିବାକୁ ଚାହୁଁଥିଲେ ପ୍ରତିଦିନ ଦହି ଖାଇଲେ ଉପକାର ମିଳିଥାଏ।

■ ଦହିରେ ପ୍ରୋବାୟୋଟିକ୍ ଥିବାରୁ ଏହା କୋଲେଷ୍ଟେରଲ୍ ସ୍ତରକୁ ନିୟନ୍ତ୍ରିତ କରିଥାଏ। ଏହା ମଧ୍ୟ ରକ୍ତ ଚାପକୁ ନିୟନ୍ତ୍ରଣ କରିଥାଏ, ଫଳରେ ହାର୍ଟ ସୁସ୍ଥ ରହେ।

■ ଶୀତଦିନେ ଦହି ବସାଇବା ପାଇଁ ଅଳ୍ପ ଉଷୁମ କ୍ଷୀର ବ୍ୟବହାର କରନ୍ତୁ। ଦହି ହୋଇଯିବା ପରେ ଖାଆନ୍ତୁ। ଯଦି ଦହି ବଳକା ରହେ ତାକୁ କୌଣସି ଥଣ୍ଡା ସ୍ଥାନ କିମ୍ବା ଫ୍ରିଜରେ ରଖନ୍ତୁ। ଖାଇବାର କିଛି ଘଣ୍ଟା ପୂର୍ବରୁ ଫ୍ରିଜରୁ ଦହି ବାହାର କରି ଆଣନ୍ତୁ।

■ ଖଟା ଫଳ ସହିତ ଦହି ଖାଆନ୍ତୁ ନାହିଁ। ପରଟା, ପୁରି କିମ୍ବା କୌଣସି ପ୍ରକାରର ତେଲ ଛଣା ସହିତ ଦହି ଖାଆନ୍ତୁ ନାହିଁ। ପେଟ ସମସ୍ୟା ଓ ବାନ୍ତି ହେବାର ଆଶଙ୍କା ବୃଦ୍ଧିପାଏ।

■ ମାଛ ସହିତ ମଧ୍ୟ ଦହି ଖାଇବା ଠିକ୍ ନୁହେଁ।

# ସମସ୍ତଙ୍କ ଖୁସି ପାଇଁ

**ଭିଡ଼ ଭିତରେ ଏକୁଟିଆ ରହିବା ଭଳି ଅନେକ ସମୟରେ ଶାଶୁଘରେ ଏମିତି ଅନୁଭବ କରନ୍ତି ମହିଳା। ବିଶେଷକରି ଉତ୍ସବ ସମୟରେ ସମସ୍ତଙ୍କ ଗହଣରେ ନିଜର ସ୍ଥିତିକୁ ଜାହିର କରିପାରନ୍ତି ନାହିଁ କି ସମସ୍ତଙ୍କ ଖୁସିରେ ସାମିଲ ହୋଇପାରନ୍ତି ନାହିଁ। ମାତ୍ର ସମସ୍ତଙ୍କୁ ନିଜର କରିବା ପାଇଁ ହେଲେ ଏସବୁ ଭାବନାରୁ ଦୂରେଇ ସମସ୍ତଙ୍କ ସହ ସାମିଲ ହୁଅନ୍ତୁ...**





ବେଳେବେଳେ ପରିବାରରେ ସମସ୍ତେ ଖୁସି ମନାଉଥିବାବେଳେ ନିଜକୁ ଅସ୍ୱସ୍ତିବୋଧ ହୁଏ। ଅଧିକ ଲୋକଙ୍କ ଉପସ୍ଥିତି ଭଲ ଲାଗେନି। ବିଶେଷକରି କୌଣସି ଉତ୍ସବ ସମୟରେ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ହେଲେ ଏହି ଭାବନା ଅଧିକ ହୋଇଥାଏ। ସମସ୍ତେ ଏକାଠି ବସି ଖୁସି ଗପ କରୁଥିବାବେଳେ ନିଜକୁ ଭାରି ଏକା ଏକା ଲାଗେ। କିନ୍ତୁ ଏ ଭାବନା ଦୂରକରିବା ନିମନ୍ତେ ନିଜ ସହ ବିଭିନ୍ନ ଭାବରେ ବୁଝାମଣା କରିବାକୁ ହେବ। ଆଉ ସମସ୍ତଙ୍କ ସହିତ ନିଜକୁ ସାମିଲକରି ସେମାନଙ୍କ ହସଖୁସି ବାଣ୍ଟିପାରିଲେ ଆପଣ ବି ହୋଇପାରିବେ ସୁଗୃହିଣୀ।

**ଭାବନା ବଦଳାନ୍ତୁ**

ଶାଶୁଘରେ ସମସ୍ତଙ୍କୁ ଏକାଠି ଦେଖିଲେ ନିଜକୁ ଅସୁରକ୍ଷିତ ମନେହୁଏ। ଏମିତି ମନେହୁଏ ଯେପରି ସ୍ୱାମୀ ତଥା ସେମାନଙ୍କ ପରିବାରର ସବୁ ଲୋକ ଏକାଠି ହୋଇ ବୋହୂ ବିଷୟରେ କଥା ହୋଇ ମଜା କରୁଛନ୍ତି। ତାଙ୍କୁ ଛୋଟ ଦେଖାଇବାକୁ ଚାହୁଁଛନ୍ତି। କିନ୍ତୁ ଏପରି ଭାବନା ଆଣିବା ଆଦୌ ଠିକ୍ ନୁହେଁ। କାରଣ ଏହି ଭାବନା ମନ ଭିତରେ ଅନ୍ୟମାନଙ୍କ ପାଇଁ ଈର୍ଷା ଓ ଘୃଣା ସୃଷ୍ଟି କରିଥାଏ, ଫଳରେ ସମ୍ପର୍କରେ ମାଧୁର୍ଯ୍ୟକୁ ଅନୁଭବ କରି ହୁଏନାହିଁ। ବରଂ ଧୀରେ ଧୀରେ ସମ୍ପର୍କ ବିଗିଡ଼ିବାରେ ଲାଗେ। ତେଣୁ ଏଭଳି ସ୍ଥିତିରେ ସକାରାତ୍ମକ ବିଚାର ଆଣି ସମସ୍ତଙ୍କୁ ଆପଣାର କରିବାକୁ ଚେଷ୍ଟା କରନ୍ତୁ।

**ସମସ୍ତଙ୍କ ସହ କଥା ହୁଅନ୍ତୁ**

ପରିବାରରେ କୌଣସି ଉତ୍ସବ ହେଲେ ସମସ୍ତେ ଏକାଠି ହେବା ସ୍ୱାଭାବିକ କଥା। ତେଣୁ ସମସ୍ତେ ଏକାଠି ହୋଇ ଖୁସି ଗପ କରୁଥିବା ସମୟରେ ଗୃହିଣୀମାନେ ନିଜକୁ ସେମାନଙ୍କ ସହ ସାମିଲ କରିନେବା ଦରକାର। ସେମାନଙ୍କ ସହ କଥାବାର୍ତ୍ତା ହୁଅନ୍ତୁ ଏବଂ ପ୍ରତି କଥାରେ ନିଜକୁ ସାମିଲ କରନ୍ତୁ। ଏଭଳି ସ୍ଥିତିରେ ଯଦି ସମସ୍ତଙ୍କଠାରୁ ଦୂରେଇ ରହି ଅନ୍ୟ କେଉଁ ସ୍ଥାନରେ ଚୁପ୍‌ଚାପ୍ ମନଦୁଃଖ କରି ରହିବେ ତେବେ କାହାକୁ ବି ଭଲ ଲାଗିବ ନାହିଁ। ତେଣୁ ସମସ୍ତଙ୍କ ସହ କଥାବାର୍ତ୍ତା ହୋଇ ସମ୍ପର୍କ ମଧୁର କରିହେବ।

**କାମରେ ସହଯୋଗ କରନ୍ତୁ**

ଘରେ ସମସ୍ତେ ଏକାଠି ବିଭିନ୍ନ ପ୍ରକାରର କାମ କରୁଥିବାବେଳେ ସେମାନଙ୍କୁ ସବୁ କାମରେ ସହଯୋଗ କରନ୍ତୁ। ଯଦି କୌଣସି ନିର୍ଦ୍ଦିଷ୍ଟ କାମ ଜାଣି ନ ଥାନ୍ତି ତେବେ ସେମାନଙ୍କ ପାଖରେ ଛିଡାହୋଇ କଥାବାର୍ତ୍ତା ହୁଅନ୍ତୁ। ଫଳରେ ନିଜକୁ ସେମାନଙ୍କଠାରୁ ଭିନ୍ନ ଭଳି ମନେହେବ ନାହିଁ। ବରଂ ସେମାନଙ୍କ ସହ ଅଧିକ ସମୟ କଟାଇବାର ସୁଯୋଗ ପାଇବେ ଓ ସମସ୍ତଙ୍କୁ ଆପଣାର କରିବାର ବି ସୁଯୋଗ ମିଳିପାରିବ। ଆବଶ୍ୟକ ହେଲେ ନିଜେ ଅଧିକ କାମ କରି ଅନ୍ୟ ସମସ୍ତଙ୍କୁ ଖୁସି ଦେଇପାରିବେ।

**କଥା ଧରନ୍ତୁ ନାହିଁ**

ଅଧିକ ଲୋକ ଏକାଠି ହେଲେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୁଏ। କିନ୍ତୁ ହସମଜାରେ କିଏ କଣ କହିଛନ୍ତି ସେସବୁ କଥାକୁ ଧରନ୍ତୁ ନାହିଁ। ସେହି କଥାକୁ ବାରମ୍ବାର କହିଲେ ତାହା ସମ୍ପର୍କକୁ ଖରାପ କରିଥାଏ। ବେଳେବେଳେ କେତେଜଣ ମହିଳା ଏକାଠି ହେଲେ ପୁରୁଣା ଦିନର କଥାକୁ ନେଇ ପରିସ୍ଥିତି ଖରାପ କରିବାକୁ ଚେଷ୍ଟା କରିଥାନ୍ତି। କିନ୍ତୁ ସେପରି ସ୍ଥଳେ ପ୍ରସଙ୍ଗ ପରିବର୍ତ୍ତନ କରି କଥାର ମୋଡ଼ ବଦଳାଇଦେବା ହିଁ ସୁଗୃହିଣୀଙ୍କ କର୍ତ୍ତବ୍ୟ।

## ଏମାନେ କ'ଣ କରନ୍ତି

### ବିଳମ୍ବରେ ମିଶିପାରିଲି



ବାହାଘର ପରେ ପରେ ସମସ୍ତେ ଏକାଠି ହୋଇ କଥାବାର୍ତ୍ତା ହେବାବେଳେ ମତେ ଭାରି ଏକା ଲାଗୁଥିଲା। ମନେହେଉଥିଲା ଯେମିତି ଏଇ ପରିବେଶରେ ମୁଁ ସମସ୍ତଙ୍କଠାରୁ ଅଲଗା। କିନ୍ତୁ ପରେ ନିଜକୁ ବୁଝାଇ ସମସ୍ତଙ୍କ ସହ ଧୀରେ ଧୀରେ ମିଶିଲି। ଏବେ ସମସ୍ତଙ୍କ ସାଙ୍ଗେ ବେଶ୍ ଭଲଭାବେ ମିଶିଯାଇଛି। କାହା ସହ କିଛି ବି କଥାବାର୍ତ୍ତା ହେବାକୁ ମତେ ଆଦୌ ଭୟ ଲାଗୁନାହିଁ। ବରଂ ଘରର କୌଣସି ସମସ୍ୟା ଆସିଲେ ନଣନ୍ଦ ଓ ଅନ୍ୟ ଗୁରୁଜନଙ୍କ ସହ କଥା ହୋଇ ପରାମର୍ଶ ନେଉଛି। ସେଥିପାଇଁ ଘରେ ସମସ୍ତେ ମତେ ବହୁତ ଭଲ ପାଉଛନ୍ତି।

*–ଲିଜିଲକ୍ଷ୍ମୀ, ଗୃହିଣୀ, ଚକେଇସିହାଣୀ, ଭୁବନେଶ୍ୱର*

### ଆରମ୍ଭରୁ ବହୁତ ଗପେ



ଆରମ୍ଭରୁ ମୋର ଗପୁଡ଼ି ସ୍ୱଭାବ। ସେଥିପାଇଁ ସମସ୍ତଙ୍କ ସହ ମିଶିବାରେ ମତେ ଆଦୌ ଅସୁବିଧା ହୁଏନି। ଏମିତିକି ଘରେ ଅଧିକ ଲୋକ ରହିଲେ ମତେ ବହୁତ ଭଲ ଲାଗେ। ସେଥିପାଇଁ ଶାଶୁଘରେ ବିବାହ ପରେ ମତେ ଏନେଇ କେବେ ଅସୁବିଧା ହୋଇନାହିଁ। ବରଂ ଅଧିକ ଗପେ ବୋଲି ନିଜେ ବେଳେବେଳେ ସଚେତନ ହୁଏ। କିନ୍ତୁ ଏହି ଗୁଣ ପାଇଁ ମତେ ସମସ୍ତେ ଶାଶୁଘରେ ଭଲପାନ୍ତି। ଏମିତିକି ମୁଁ ନ ଥିଲେ ଶାଶୁ ଓ ଅନ୍ୟମାନଙ୍କୁ ଭଲ ଲାଗେନି ବୋଲି ସମସ୍ତେ କହନ୍ତି।

*–ସୁରଶ୍ରୀ ପ୍ରିୟଦର୍ଶିନୀ, ଗୃହିଣୀ, ମହାନଦୀ ବିହାର, କଟକ*

### ସମସ୍ତଙ୍କ ସହ ସମ୍ପର୍କ ଭଲ



ବିବାହ ପରେ ପ୍ରଥମେ ଶାଶୁଘରେ କାହା ସହ କେମିତି କଥା ହେବାକୁ ପଡ଼ିବ ଜାଣି ପାରୁ ନ ଥିଲି। ସେଥିପାଇଁ ଆରମ୍ଭରୁ ବେଳେବେଳେ ଅସ୍ୱାଭାବିକ ପରିସ୍ଥିତିର ସମ୍ମୁଖୀନ ହେଉଥିଲି। କିଛିଦିନ ପରେ ସେମାନଙ୍କ ଚାଲିଚଳଣ ଅନୁସାରେ ନିଜକୁ ବଦଳାଇ ସମସ୍ତଙ୍କ ସହ ମିଶିବାକୁ ଚେଷ୍ଟାକଲି। ଏବେ ଆଉ କାହା ସାଙ୍ଗେ କଥାବାର୍ତ୍ତା ହେବାକୁ ଆଦୌ ଭୟ ଲାଗୁନାହିଁ। ବରଂ କାହା ସହ ଥଟ୍ଟାମଜା କରିହେବ କାହା ସହ ସାଙ୍ଗ ଭଳି କଥା କହିହେବ ଜାଣିପାରିଛି। ତେଣୁ ସମସ୍ତଙ୍କ ସହ ମୋର ସମ୍ପର୍କ ବହୁତ ଭଲ। *–ଜ୍ୟୋତି ମିଶ୍ର, ଭିଏସ୍‌ଏସ୍‌ନଗର, ଗୃହିଣୀ, ଭୁବନେଶ୍ୱର*





ସୌନ୍ଦର୍ଯ୍ୟ

# ସୁନ୍ଦରତା ବଢ଼ାଇବ କମଳା

**ଶୀତଦିନେ ତ୍ୱଚାର ବିଭିନ୍ନ ସମସ୍ୟା ଦେଖାଯାଇଥାଏ। ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇଁ କମଳାକୁ ବିଭିନ୍ନ ଭାବେ ବ୍ୟବହାର କରାଯାଇ ପାରିବ।**



⏭ କମଳା ଚୋପାକୁ କ୍ଲିଞ୍ଜର ଭଳି ବ୍ୟବହାର କରିହେବ। ଏଥିପାଇଁ ୧ ଚାମଚ କମଳା ରସରେ ୧ ଚାମଚ ମହୁ ମିଶାଇ ମୁହଁରେ ଲଗାଇ ୧୫ ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ମୁହଁକୁ ଧୋଇଦିଅନ୍ତୁ। ଏପରି କରିବା ଫଳରେ ତ୍ୱଚାରେ ଥିବା ସମସ୍ତ ମଇଳା ସଫା ହୋଇ ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ।

⏭ କମଳା ରସକୁ ସ୍କ୍ରବ୍ ଭଳି ମଧ୍ୟ ବ୍ୟବହାର କରାଯାଇପାରିବ। ଏଥିପାଇଁ ଏକ ବଡ଼ ଚାମଚ କମଳାରସ ସହ ୧ ଛୋଟ ଚାମଚ ଚିନି ଓ ୧ ଛୋଟ ଚାମଚ ନଡ଼ିଆତେଲ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହାପରେ ମୁହଁରେ ପ୍ରଥମେ



ଗୋଲାପଜଳ ତା' ପରେ ଏହି ପେଷ୍ଟକୁ ଲଗାଇ ଗୋଲାକାରଭାବେ ମୁହଁରେ ୫ ରୁ ୧୦ ମିନିଟ୍ ପାଇଁ ମସାଜ୍ କରନ୍ତୁ। ଶେଷରେ ମୁହଁ ଧୋଇ ଦିଅନ୍ତୁ।

⏭ ସ୍କ୍ରବ୍ କରିବା ପରେ କମଳାରସକୁ ଘରୋଇଭାବେ କ୍ରିମ୍ ଭଳି ବ୍ୟବହାର କରିହେବ। ଏଥିପାଇଁ ୧ ଚାମଚ କମଳାରସରେ ୧ ଚାମଚ ଆଲୋଭେରା ଜେଲ୍ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୨ ମିନିଟ୍ ମସାଜ୍ କରନ୍ତୁ। ଏହା କ୍ରିମ୍ ଭଳି କାମ ଦେବ ଏବଂ ମୁହଁର ଉଜ୍ଜ୍ୱଳତା ବୃଦ୍ଧି କରିବ।

⏭ ୧ ଚାମଚ କମଳା ଚୋପାର ଗୁଣ୍ଡରେ ୨ ଚାମଚ ଦହି କିମ୍ବା ଟମାଟୋ ରସ ମିଶାଇ ଭଲଭାବେ ପେଷ୍ଟ ତିଆରି କରି ୧୫ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାନ୍ତୁ। ଏହାପରେ ଧୋଇ ଦିଅନ୍ତୁ। ସପ୍ତାହକୁ ୨/୩ ଥର ଏପରି କଲେ ତ୍ୱଚା ମୁଲାୟମ ହେବା ସହ ଉଜ୍ଜ୍ୱଳ ହୋଇଥାଏ।

⏭ ୧ ଚାମଚ କମଳା ଚୋପାର ଗୁଣ୍ଡ ସହ ୧ ଚାମଚ ନିମ୍ବ ପାଉଡର ଓ ଗୋଲାପ ଜଳ ମିଶାଇ ପେଷ୍ଟ ତିଆରି କରନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ଶୁଖିବା ପରେ ଧୋଇ ଦିଅନ୍ତୁ। ଲଗାତର ଏପରି କରିବା ଫଳରେ ମୁହଁରେ ବ୍ରଣ ସମସ୍ୟା ରହିବ ନାହିଁ।

⏭ ୧ ଚାମଚ କମଳା ଚୋପାର ଗୁଣ୍ଡରେ ଲେମ୍ବୁରସ ଓ ବେସନ ମିଶାଇ ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ପରେ ଧୋଇଦିଅନ୍ତୁ। ଏପରି କରିବା ଫଳରେ ମୁହଁରେ ଥିବା ଦାଗ ଦୂର ହୋଇଯିବ।

ଖାଦ୍ୟରୁଚି

# ଚୁଡ଼ା ଉତ୍ତପମ୍

**ଆବଶ୍ୟକ ସାମଗ୍ରୀ**

ଚୁଡ଼ା– ଅଧା କପ୍, ସୁଜି– ଅଧା କପ୍, ଦହି– ଅଧା କପ୍, ଆବଶ୍ୟକ ଅନୁସାରେ ଲୁଣ, ପାଣି ଓ ତେଲ,

**ଷ୍ଟଫିଂ ନିମନ୍ତେ–** ପିଆଜ– ଅଧାକପ୍, ଛୋଟ ଛୋଟ ଆକାରରେ କଟାହୋଇଥିବା ବିନ୍ସ, ଗାଜର ଓ କ୍ୟାପ୍ସିକମ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ଚୁଡ଼ାକୁ ୨–୩ ମିନିଟ୍ ପର୍ଯ୍ୟନ୍ତ ପାଣିରେ ଭିଜାଇ ଦିଅନ୍ତୁ। ଏହାପରେ ପାଣିରୁ ଛାଣି ଚୁଡ଼ା ସହ ସୁଜି, ଦହି, ଲୁଣ ଓ ଅଳ୍ପ ପାଣି ମିଶାଇ ଭଲଭାବେ ଗ୍ରାଇଣ୍ଡିଂକରି ଦିଅନ୍ତୁ। ମିଶ୍ରଣକୁ ଅଧଘଣ୍ଟା ରଖି ଦିଅନ୍ତୁ। ଷ୍ଟଫିଂ ତିଆରି କରିବା ପାଇଁ ପିଆଜ, ବିନ୍ସ, ଗାଜର, କ୍ୟାପ୍ସିକମ୍‌କୁ ଛୋଟ ଛୋଟ କାଟି ଏକାଠି ମିଶାଇ ଦିଅନ୍ତୁ। କଟା ପରିବାରୁ ଅଧା ନେଇ ବଟା ହୋଇଥିବା ମିଶ୍ରଣରେ ମିଶାଇ ଦିଅନ୍ତୁ। ଏହାପରେ ତାୱା ଗରମ କରି ସେଥିରେ ଅଳ୍ପ ତେଲ ପକାନ୍ତୁ। ତିଆରି କରିଥିବା ମିଶ୍ରଣକୁ ସେଥିରେ



ଅଳ୍ପ କରି ଢାଳନ୍ତୁ ଓ କଟା ହୋଇଥିବା ପରିବା ଅଳ୍ପ ପକାଇ ଧୀରେ ଧୀରେ ଚାପି ଦିଅନ୍ତୁ। ଏହାପରେ ଦୁଇପଟ ଓଲଟାଇ ବାହାରକରି ଦିଅନ୍ତୁ। ଏହାକୁ ଚଟଣି କିମ୍ବା ଶସ୍ ସହ ଖାଆନ୍ତୁ।

# ମୋ ବୋଉ

**ବୋଉ ଦିବସ ଉପଲକ୍ଷେ**

ବିଷ୍ଣୁପ୍ରିୟା ଦାସ

ନିଜକୁ ବିଦୀର୍ଣ୍ଣ କରି ଆତ୍ମଜ ପାଇଁ ବକ୍ଷରେ ପୀୟୂଷ ଧାରଣ କରିବାର ଧାତ୍ରୀଟିଏ ଭଗବାନ ସୃଷ୍ଟି କରିଛନ୍ତି ବୋଲି ଏ ସୃଷ୍ଟି ଖୁବ୍ ସୁନ୍ଦର, ଲୋଭନୀୟ। ତମାମ ଜୀବନର ଘନଘଟା ଭିତରେ ଆକ୍ତା ମାକ୍ତା ହୋଇ ଗୋଟିଏ ମହାର୍ଘ ନିରୂତାପଣକୁ ଖୋଜି ଖୋଜି ମଣିଷ ପହଞ୍ଚିଯାଏ ସେଇ ଧାତ୍ରୀଟିର ମମତାବୋଳା ପଣତ ପାଖରେ ଶାନ୍ତିରେ ଟିକିଏ ନିଃଶ୍ୱାସ ମାରିବାକୁ । ଆଉ ଯିଏ ସେଇ ପଣତର ନିର୍ମଳ ଆବେଶରେ ହଜିଯିବାର ଆଦୌ ସୁଯୋଗ ପାଇନି, ସେ କେତେ ହତଭାଗ୍ୟ ସତେ ! ସେ ପଣତଟି 'ମାଆ'ର ପଣତ, ବୋଉର ପଣତ ପୃଥିବୀର ସବୁଠାରୁ ମୂଲ୍ୟବାନ ନିଆରା ନିର୍ଭେଜାଲ ମୁଲାୟମ ନିର୍ଭୟ ଆଶ୍ରୟସ୍ଥଳଟିଏ । ସେଇଥିପାଇଁ ଖାଣ୍ଟି କଥାଟିଏ ଅଛି 'ଯାହାର ମାଆ ନାହିଁ, ତାହାର ସାହା ନାହିଁ ।

ଭଗବାନଙ୍କୁ ଅଶେଷ ଧନ୍ୟବାଦ କାରଣ ସେ ବୋଉଟିଏ ମୋତେ ଦେଇଛନ୍ତି; ତା' ପଣତରେ ଗୁରେଇତୁରେଇ ହୋଇ ଶାନ୍ତିରେ ନିଃଶ୍ୱାସ ମାରିବାର ଅନେକ ମହାର୍ଘ ମୁହୂର୍ତ୍ତ ବିତେଇବାର ଅବସର ଦେଇଛନ୍ତି। ଲୋଟଣିପାରା ଭଳି ଭୋର ୫ଟାରୁ ରାତି ୧୧/୧୨ଟା ଯାଏ ଖଟିବାର ମୋ ବୋଉକୁ ମୁଁ ଦେଖୁଛି । ସାମାନ୍ୟତମ ଓଜନର ଆପତ୍ତି ନାହିଁ । ମୋ ବୋଉ ହାତଗଢ଼ା ଅଟାଗୁଳା ମୋ ପାଇଁ, ମୋ ଭାଇ-ଭଉଣୀଙ୍କ ପାଇଁ, ମୋ ବାପାଙ୍କ ପାଇଁ ତୃପ୍ତିର ଗୋଟିଏ ଗୋଟିଏ ସଞ୍ଜୀବନୀ ବଟିକା ଯେଉଁଥିରେ ଆମ ଶରୀର ଓ ମନ ପରିପୁଷ୍ଟ । ମୋ ଦେହ ଟିକିଏ ରସ୍କିନି ହେଲେ ମୋ ବୋଉର ଆଖିରେ ଆଖିଏ ଲୁହ । ରାତିସାରା ପାଖରେ ବସି ଗୋଡ଼ ହାତ ମୁଣ୍ଡ ଆଉଁଷୁ ଆଉଁଷୁ ପାହାନ୍ତିଆ ପହର ହୋଇଯାଏ । ମୋତେ ନିଦ ଲାଗିଗଲେ ପୁଣି ମୋ ବୋଉ ଲୋଟଣିପାରା ପାଲଟିଯାଏ । ଦିନମାନର ଘରକରଣାରେ ଲାଗିଯାଏ । ଦେହ ମୁଣ୍ଡ ଆଉଁଷୁଥିବା ବେଳେ 'ମୋତେ ଝାଡ଼ିଝୁଡ଼ି ଦେଲେ, ମୋରି ଧନ' କହି ମୋ ସମଗ୍ର ଚେତନାକୁ ଦ୍ରବୀଭୂତ କରି, ପ୍ରସାରିତ କରି ମୋ ଆତ୍ମାକୁ ପରିପୁଷ୍ଟ କରୁଥାଏ ।

ଅଭାବ ଅନଟନ ଭିତରେ ମଥା ଟେକି ନିଜେ ଦମ୍ଭଧରି ଠିଆ ହେବା ଓ ଆମକୁ ଠିଆ କରେଇବାର କୌଶଳ ଅବଲମ୍ବନ କରୁ କରୁ ମୋ ବାପା ବୋଉ ଆଜି ବୁଢ଼ାବୁଢ଼ୀ ହୋଇଯାଇଛନ୍ତି । ସେମାନେ ନିଜେ ଲଗାଇଥିବା ସଂସାର-ଗଛ ଏବେ ଡାଳ ପତ୍ର ମେଲି ଝଙ୍କାଳିଆ ହୋଇଯାଇଛି। କୁନି କୁନି ଚଢ଼େଇଙ୍କ କିଚିରିମିଚିରି ଶୁଣି ସେମାନେ ବିଭୋର ହେଉଛନ୍ତି । ଆଉ ମୋ ବୋଉର ଯତ୍ନ, ଆଦର, ସ୍ନେହ ଶାସନରେ ପରିପୁଷ୍ଟ ଓ ପରିବର୍ଦ୍ଧିତ ହୋଇ ମୁଁ ନିଜେ ତାହାରି ପ୍ରତିବିମ୍ବ ପାଲଟି ଯାଇଛି। ମୁଁ ଆଜି ବୋଉଟିଏ ହୋଇଯାଇଛି । ଖାଲି ବୋଉ ନୁହଁ, ମୁଁ ଆଈ ବି ହେଲିଣି । ମୋ ଅଲିଅଳ ମୁନୁର ଅତି ଅଲିଅଳ ବର୍ଷେ ନଅ ମାସର ଝିଅ ମାଣିକ ଏବେ ଆମ ସମସ୍ତଙ୍କର ସୁଖ- ପସରା। ମୋ ବୋଉ ସବୁବେଳେ ସେଇ ବିଶ୍ୱ ବେଦନାର ବୈଦ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆକୁଳ ନିବେଦନ କରି ମୁଣ୍ଡିଆ ମାରୁଥାଏ 'ହେ ଠାକୁରେ ! ମୋ ପିଲା କବିଲାଙ୍କୁ ସବୁବେଳେ ତୁମେ ସାହା ହୋଇଥାଅ। ତୁମ ନାମ ଧରୁ ଧରୁ ମୋ ଜୀବନ ଚାଲିଯାଉ ।'

**ଇଂରାଜୀ ବିଭାଗ**
**ଆଦିକବି ସାରଳାଦାସ**
**ମହାବିଦ୍ୟାଳୟ**
**ତିର୍ତ୍ତୋଲ, ଜଗତ୍‌ସିଂହପୁର**

**ଗାଁକୁ ଆସି ପାରିଲାନି ଆମ୍ବୁଲାନ୍ସ**

# ୩ କି.ମି. ବୁହାହେଲେ ଗର୍ଭବତୀ

ଦଶମନ୍ତପୁର,୧।୧ (ଅରବିନ୍ଦ ନାୟକ )



କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ପୁଣି ଦେଖିବାକୁ ମିଳିଛି ଜନନୀ ଯନ୍ତ୍ରଣା। ରାସ୍ତା ଖରାପ ଥିବାରୁ ଗ୍ରାମକୁ ଆମ୍ବୁଲାନ୍ସ ଆସି ନ ପାରିବାରୁ ଗ୍ରାମବାସୀ ଜଣେ ଗର୍ଭବତୀଙ୍କୁ ୩ କି.ମି. ବୋହି ନେଇ ଡାକ୍ତରଖାନାରେ ପହଞ୍ଚାଇଛନ୍ତି। ବ୍ଲକର ଦୁଆରସୁଣୀ ପଞ୍ଚାୟତର ହଳଦୀସିଲ ଗ୍ରାମରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ। ସମ୍ପୃକ୍ତ ଗର୍ବବତୀ ମହିଳା ଜଣକ ହେଲେ ଆଦିବାସୀ ସାହିର ପୂର୍ଣ୍ଣବାସ ମୁଦୁଲିଙ୍କ ସ୍ତ୍ରୀ ଫୁଲ ମୁଦୁଲି (୩୫)। ଗର୍ଭବତୀ ଥିବା ଫୁଲଙ୍କ ଗର୍ଭଯନ୍ତ୍ରଣା ଆରମ୍ଭ ହେବାରୁ ପୂର୍ଣ୍ଣବାସ ଗ୍ରାମବାସୀଙ୍କ ସହାୟତାରେ ସ୍ତ୍ରୀଙ୍କୁ ଅଙ୍ଗାରଗୁଡା ଗାଁ ଛକ ଯାଏ ଭାରରେ ବୋହି ନେଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କୁ ଏ ଦିଗରେ ଗ୍ରାମବାସୀ ଡମ ମୁଦୁଲି, କାର୍ତ୍ତିକ ମୁଦୁଲି, ଭାସ୍କର ନାୟକ ଓ ଚନ୍ଦୁ ମୁଦୁଲି ସହାୟତା କରିଥିଲେ। ତେବେ ଗ୍ରାମକୁ ସବୁଦିନିଆ ରାସ୍ତା ନ ଥିବାରୁ ଗ୍ରାମବାସୀ ସବୁ ବେଳେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ସେମାନେ ପ୍ରଶାସନକୁ ବାରମ୍ବାର ଜରାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏ ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# କାର-କଣ୍ଟେନର ଧକ୍କା, ପରିବାରର ୪ ଗୁରୁତର

ଘସିପୁରା(ନିରଞ୍ଜନ ସାହୁ)/କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ),୧।୧

କେନ୍ଦୁଝର ଜିଲା ଘସିପୁରା ଥାନା ୨୦ ନଂ. ଜାତୀୟ ରାଜପଥର ବାରିଗାଁଠାରେ କାର ଓ କଣ୍ଟେନର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ କାରରେ ଥିବା ୪ ଜଣ ଗୁରୁତର ହୋଇଛନ୍ତି। ସେମାନେ କଟକ ବାଙ୍କୀ ଅଞ୍ଚଳର ସୌମ୍ୟପ୍ରକାଶ ବେହେରା, ସ୍ୱର୍ଣ୍ଣଲତା ବେହେରା, ଉପାସନା ବେହେରା ଓ ତପସ୍ୱିନୀ ବେହେରା। ସମସ୍ତେ ଗୋଟିଏ ପରିବାରର ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ଏକ କାର ଯୋଗେ ସମସ୍ତେ ମା' ତାରିଣୀଙ୍କ ଦର୍ଶନ କରିବାକୁ ଯାଉଥିଲେ। ବାରିଗାଁ ନିକଟରେ ବିପରୀତ ପାର୍ଶ୍ୱରୁ ଆସୁଥିବା କଣ୍ଟେନରକୁ ଅତିକ୍ରମ କରିବା ସମୟରେ କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ କାର ଆଗପାର୍ଶ୍ୱ ଭାଙ୍ଗି ଯାଇଥିବା ବେଳେ ସେଥିରେ ଥିବା ୪ ଯାତ୍ରୀ ଗୁରୁତର ହୋଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସ୍ୱାସ୍ଥ୍ୟାବସ୍ଥାକୁ ଦେଖି ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଦୁର୍ଘଟଣା ପରେ କଣ୍ଟେନର ନେଇ ଡ୍ରାଇଭର ଫେରାର ହୋଇଯାଉଥିବା ବେଳେ ହସନପୁର ଟୋଲ ପ୍ଲାଜା ନିକଟରେ ପୋଲିସ ଗାଡ଼ିକୁ ଜବତ କରିଥିଲା। ତେବେ ଚାଳକ ଖସି ଯିବାରେ ସଫଳ ହୋଇଥିଲେ। ପୋଲିସ ଏକ ମାମଲା(ନଂ.୧/୨୪)ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରାସ୍ତା କାମ ପାଇଁ ୨୦ ନଂ. ଜାତୀୟ ରାଜପଥର ଖପରାଖାଇଠାରୁ ବେଲବାହାଳି ନୂତନ ସେତୁ ଆରମ୍ଭ ପର୍ଯ୍ୟନ୍ତ ଏକପାଖିଆ ରାସ୍ତାରେ ଗାଡ଼ି ଚଳାଚଳ କରୁଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି।





























































# ଚର୍ଚ୍ଚାରେ ଏମ୍‌ବାପେ

**ପ୍ୟାରିସ୍, ୧୧ (ପି.ଟି)**

ନୂତନ ବର୍ଷ ଆରମ୍ଭ ହୋଇଥିବା ବେଳେ ପ୍ୟାରିସ୍ ସେଣ୍ଟ ଜର୍ମେନ(ପିଏସ୍‌ଜି) ଫରୱାର୍ଡ କିଲିଆନ୍ ଏମ୍‌ବାପେଙ୍କ ଭବିଷ୍ୟତକୁ ନେଇ କାଉଣ୍ଟ ଡାଉନ୍(ଅବଗଣନା) ଆରମ୍ଭ ହୋଇଛି। ୨୦୨୪ ପିଏସ୍‌ଜିରେ ଏମ୍‌ବାପେଙ୍କ ଶେଷ ବର୍ଷ ହୋଇଥିବା ବେଳେ ସେ କେଉଁ କ୍ଲବରେ ଯୋଗଦେବେ ତାହାକୁ ନେଇ ପୂର୍ବାନୁମାନ ଜାରି ହୋଇଛି। ପିଏସ୍‌ଜି ପକ୍ଷରୁ ତାଙ୍କୁ ୧ ବର୍ଷର ଚୁକ୍ତି ନବୀକରଣ ପ୍ରସ୍ତାବ ଦିଆଯାଇଥିଲା। ତେବେ ଏମ୍‌ବାପେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଆସନ୍ତା ଜୁନ୍ ୨୦୨୪ରେ ଏମ୍‌ବାପେଙ୍କ ଚୁକ୍ତି ଶେଷ ହେଉଥିବା ବେଳେ ସେ ଅନ୍ୟ କ୍ଲବମାନଙ୍କ ସହ ଆଲୋଚନା କରିପାରନ୍ତି। ସେ ଲିଭରପୁଲ୍ କିମ୍ବା ବାର୍ସିଲୋନା ଯିବାର ସମ୍ଭାବନା ଅଧିକ ରହିଛି। ୨୦୧୭ରେ ମୋନାକୋରୁ ଲୋନ୍‌ରେ ଆସି ପିଏସ୍‌ଜି ସହିତ ସାମିଲ ହୋଇଥିଲେ ଏମ୍‌ବାପେ। ସେ ସମୟରେ ତାଙ୍କ ମୂଲ୍ୟ ୧୮୦ ମିଲିୟନ୍ ୟୁରୋ ରହିଥିବା ବେଳେ ବର୍ତ୍ତମାନ ଏହା ବୃଦ୍ଧି ପାଇ ୧୯୯ ମିଲିୟନ୍ ଡଲାରରେ ପହଞ୍ଚିଛି। ୨୫ ବର୍ଷୀୟ ଏମ୍‌ବାପେ ପିଏସ୍‌ଜି ଇତିହାସର ସର୍ବକାଳୀନ ଶ୍ରେଷ୍ଠ ଗୋଲ ସ୍କୋରର ରହିବା ସହିତ ୨୩୩ ଗୋଲ କରିଛନ୍ତି। ଏହା ବ୍ୟତୀତ ଫ୍ରାନ୍ସ ପାଇଁ ସେ ୪୬ ଗୋଲ ଦେଇଛନ୍ତି। ଚଳିତ ସିଜନରେ ଏମ୍‌ବାପେ ୨୨ ମ୍ୟାଚ୍‌ରୁ ୨୧ ଗୋଲ ଦେଇଥିଲେ ମଧ୍ୟ ପିଏସ୍‌ଜି ୧-୪ରେ ନ୍ୟୁ କ୍ୟାସେଲ୍ ଓ ୧-୨ରେ ଏସି ମିଲାନ୍ ନିକଟରୁ ହାରି ଯାଇଥିଲା। ଦଳର ଡିଫେନ୍ସ ଅତ୍ୟନ୍ତ ଦୁର୍ବଳ ରହିଥିବା ନେଇ ମଧ୍ୟ ଏମ୍‌ବାପେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ବାଲନ୍ ଡି ଅର ଓ ଇଂଲିଶ ପ୍ରିମିୟର ଲିଗ୍ ଟାଇଟଲ ଜିତିବା ଏମ୍‌ବାପେଙ୍କ ସ୍ୱପ୍ନ ରହିଥିବା ବେଳେ ତାଙ୍କୁ କ୍ଲବ୍ ସୁଇଚ୍ କରିବାକୁ ପଡ଼ିବ।




# ବର୍ଗରଙ୍କ ପାଇଁ କୋହଲିଙ୍କ ପ୍ରସ୍ତୁତି

**କେପ୍ ଟାଉନ୍, ୧୧**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ଏଠାରେ ବୁଧବାରଠାରୁ ଆରମ୍ଭ ହେବ। ସେଞ୍ଚୁରିଅନଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ଏକ ଇନିଂସ ଓ ୩୨ ରନରେ ଜିତି ଦକ୍ଷିଣ ଆଫ୍ରିକା ୨ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରି ସାରିଛି। ତେଣୁ ଆଗାମୀ ଟେଷ୍ଟ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ଦଳର ଖେଳାଳିମାନେ ଅଭ୍ୟାସକୁ ଜୋରଦାର କରିଛନ୍ତି। ପ୍ରଥମ ଟେଷ୍ଟରେ ଦକ୍ଷିଣ ଆଫ୍ରିକାର ବାମହାତୀ ଦ୍ରୁତ ବୋଲର ନନ୍ଦ୍ରେ ବର୍ଗର ଉଭୟ ଇନିଂସରେ ଚମତ୍କାର ବୋଲିଂ କରି ଭାରତୟ ଦଳକୁ କ୍ଷତି ପହଞ୍ଚାଇଥିଲେ। ତେଣୁ ସୋମବାର ଅନୁଷ୍ଠିତ ଅଭ୍ୟାସ ସେସନରେ ତାରକା ବ୍ୟାଟର ବିରାଟ କୋହଲି ନେଟ୍ସରେ ଏବଂ ନେଟ୍ସ ବାହାରେ ଦ୍ରୁତ ବୋଲରଙ୍କୁ ଅଧିକ ସମୟ ଖେଳିଥିଲେ। ସେ ଜଣେ ବାମହାତୀ ଦ୍ରୁତ ବୋଲରଙ୍କୁ ସମ୍ମୁଖୀନ ହେବାକୁ ଇଚ୍ଛା କରିଥିଲେ। ବର୍ତ୍ତମାନର ଭାରତୀୟ ଦଳରେ କେହି ବାମହାତୀ ଦ୍ରୁତ ବୋଲର ନ ଥିବାରୁ ଦକ୍ଷିଣ ଆଫ୍ରିକା ବୋର୍ଡ ପକ୍ଷରୁ ଜଣେ ନେଟ୍ ବୋଲର ଯୋଗାଇ ଦିଆ ଯାଇଥିଲା। ଏହି ବୋଲରଙ୍କ ବିପକ୍ଷରେ କୋହଲି ୨୫ରୁ ୩୦ ବଲ୍ ଖେଳିଥିଲେ। ତେବେ ସବୁଠାରୁ କୌତୁହଳପ୍ରଦ କଥା ହେଲା ଦକ୍ଷିଣ ଆଫ୍ରିକା ବୋର୍ଡ ପକ୍ଷରୁ ଯେଉଁ ଯୁବ ବୋଲରଙ୍କୁ ଯୋଗାଇ ଦିଆ ଯାଇଥିଲା ତାଙ୍କ ସ୍ପିଡ୍ ନନ୍ଦ୍ରେ ବର୍ଗରଙ୍କ ସ୍ପିଡ୍‌ଠାରୁ ଅତିକମ୍‌ରେ ୧୫ ଭାଗ କମ୍। ନେଟ୍ ବୋଲରଙ୍କ ସ୍ପିଡ୍ କମ୍ ଥିବାରୁ କୋହଲି ତାଙ୍କ ଇନ୍ ସୁଇଂ ବଲ୍‌କୁ ମିଡ୍ ଉଇକେଟ ଉପରେ ମାରି ଅଭ୍ୟାସ କରିଥିଲେ। ଏହା ବ୍ୟତୀତ ସେ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, ରବିଚନ୍ଦ୍ରନ ଅଶ୍ୱିନ ଓ ଆଭେଶ ଖାଁଙ୍କ ବଲ୍ ମଧ୍ୟ ଖେଳିଥିଲେ।


ବିରାଟ କୋହଲି

### ଆୟରଙ୍କ ଶର୍ଟବଲ୍ ଚିନ୍ତା

ଶର୍ଟବଲ୍‌କୁ ଖେଳିବାରେ ଶ୍ରେୟସ ଆୟରଙ୍କ ଦୁର୍ବଳତା ଜାରି ରହିଛି। ମାତ୍ର ଗତ ଦିନିକିଆ କ୍ରିକେଟ ବିଶ୍ୱକପ ଅବସରରେ ଏ ସମ୍ପର୍କିତ ପ୍ରଶ୍ନରେ ସେ ଅସନ୍ତୁଷ୍ଟ ହୋଇଥିଲେ। ମାତ୍ର ସେଞ୍ଚୁରିଅନ ଟେଷ୍ଟରେ ବାଉନ୍ସ ଶର୍ଟ ବଲ୍ ବିପକ୍ଷରେ ତାଙ୍କ ଦୁର୍ବଳତା ପୁଣି ପଦାକୁ ଆସିଛି। ଏଠାରେ ଅଭ୍ୟାସ ସମୟରେ ମଧ୍ୟ ସେ ଶର୍ଟ ବଲ୍‌କୁ ଖେଳିବାରେ ସହଜ ଅନୁଭବ କରି ନ ଥିଲେ।

**ଦ୍ୱିତୀୟ ଟେଷ୍ଟ ପାଇଁ ଭାରତର ପ୍ରସ୍ତୁତି**

ତେଣୁ ଆଗାମୀ ମ୍ୟାଚ ପାଇଁ ସେ ପ୍ଲେଇଂ ଇଲେଭେନରେ ରହିବା ସମ୍ଭାବନା କମ୍।

### ଶାର୍ଦ୍ଦୂଳଙ୍କ ଅଭ୍ୟାସ

ସେଞ୍ଚୁରିଅନରେ ଶନିବାର ଥ୍ରୋଡାଉନ୍ ସେସନରେ ବାମ କାନ୍ଧରେ ଆଘାତ ପାଇଥିବା ଶାର୍ଦ୍ଦୂଳ ଠାକୁର ସୋମବାର ପୁଣି ଅଭ୍ୟାସକୁ ଓହ୍ଲାଇଛନ୍ତି। ତେବେ ସେ ବୋଲିଂ ନ କରି ସେଣ୍ଟର ନେଟ୍‌ରେ ଦୀର୍ଘ ସମୟ ବ୍ୟାଟିଂ କରିଥିଲେ। ବ୍ୟାଟିଂ ସମୟରେ ସେ ଅସହଜ ମନେ ହୋଇ ନ ଥିଲେ। ଶର୍ଟ ବଲ୍‌କୁ ଦକ୍ଷତାର ସହ ସମ୍ମୁଖୀନ ହୋଇଥିଲେ।

# ବରାହୀପୁର ଫୁଟବଲ: ୟୁନାଇଟେଡ୍ କ୍ଲବ ଚାମ୍ପିୟନ

**କଣ୍ଟାପଡା, ୧୧**
**(ସୁରନାରାୟଣ ସାହୁ)**

ଗୋପୀନାଥ ଆଥ୍‌ଲେଟିକ ଆସୋସିଏଶନ୍ ବରାହୀପୁର ପକ୍ଷରୁ ସ୍ଥାନୀୟ ଗୁପ୍ତମାଣିକା-ବରାହୀପୁର ଖେଳ ପଡିଆରେ ସୋମବାର ଆୟୋଜିତ ଦିନିକିଆ ବରାହୀପୁର କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ରକି ଫୁଟବଲ କ୍ଲବକୁ ୨-୦ଗୋଲରେ ହରାଇ ୟୁନାଇଟେଡ ଫୁଟବଲ କ୍ଲବ ଗଣ୍ଡରପୁର ଚଳିତବର୍ଷର ଚାମ୍ପିୟନ ଟ୍ରଫି ହାସଲ କରିଛି। ପ୍ରଥମ କ୍ୱାର୍ଟରରେ ଦେଉଳୀ ଫୁଟବଲ ଟିମ୍ ବୟାଳିଶ ମୌଜାକୁ ହରାଇ ଗଣ୍ଡରପୁର ସେମିରେ ପ୍ରବେଶ କରିଥିବା ବେଳେ ୨ୟ କ୍ୱାର୍ଟରରେ ବାରଦାକୁ ହରାଇ ଦହି ଗାଁ, ୩ୟ କ୍ୱାର୍ଟରରେ ଆଠଗଡ ଫୁଟବଲ ଟିମ୍‌କୁ ହରାଇ ମାରୁ ଫୁଟବଲ ଟିମ୍ କଟକ ଓ ୪ର୍ଥ କ୍ୱାର୍ଟରରେ ଇନ୍ଦିରା ୟୁଥ୍ କ୍ଲବକୁ ହରାଇ ରକି ଫୁଟବଲ ଟିମ୍ ସେମିରେ ପ୍ରବେଶ କରିଥିଲା। ପ୍ରଥମ ସେମିରେ ଦହି ଗାଁକୁ ହରାଇ ଗଣ୍ଡରପୁର ଓ ଦ୍ୱିତୀୟ ସେମିରେ ମାରୁ ଫୁଟବଲ ଟିମ୍‌କୁ ହରାଇ ରକି ଫୁଟବଲ କ୍ଲବ ଫାଇନାଲରେ ପ୍ରବେଶ କରିଥିଲା। ସାମାଜିକ କର୍ମୀ ସୁବାସ ଚନ୍ଦ୍ର ମଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ୧୦,୦୦୦ ଓ ରନରଅପ୍ ଦଳକୁ ଟ୍ରଫି ସହ ୭,୦୦୦ ଟଙ୍କା ପ୍ରଦାନ କରିଥିଲେ। ଚାମ୍ପିୟନ ଦଳର ଖେଳାଳି ଚିଣ୍ଟୁଙ୍କୁ ପ୍ଲେୟର ଅଫ ଦ ଟୁର୍ନାମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ବ୍ରହ୍ମାନନ୍ଦ ଦାଶ, ସଞ୍ଜୀବ ଦାସ ଓ ଚିତ୍ତରଞ୍ଜନ ପ୍ରଧାନ ଟୁର୍ନାମେଣ୍ଟରେ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ।


ଚାମ୍ପିୟନ ୟୁନାଇଟେଡ୍ କ୍ଲବ ଦଳର ଖେଳାଳିମାନେ ଟ୍ରଫି ସହ।




# ଦକ୍ଷିଣ ଆଫ୍ରିକା ବୋର୍ଡକୁ ୱ'ଙ୍କ ସମାଲୋଚନା

**ସିଡ୍‌ନୀ, ୧୧(ପି.ଟି)**

ଟେଷ୍ଟ କ୍ରିକେଟ ଅପେକ୍ଷା ଟି୨୦ ଲିଗ୍‌କୁ ପ୍ରାଧାନ୍ୟ ଦେଉଥିବା କାରଣରୁ ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ(ସିଏସ୍‌ଏ)କୁ ସମାଲୋଚନା କରିଛନ୍ତି ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ଷ୍ଟିଭ୍ ୱ। ଦକ୍ଷିଣ ଆଫ୍ରିକାରେ ଟି୨୦ ଲିଗ୍ କାରଣରୁ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ଦ୍ୱିତୀୟ ପସନ୍ଦର ଦଳ ପଠାଉଛି ଦକ୍ଷିଣ ଆଫ୍ରିକା। ଏହି ଦଳର ଜଣେ ବି ଖେଳାଳି ଟେଷ୍ଟ ମ୍ୟାଚ୍ ଖେଳି ନ ଥିବା ବେଳେ ଅଧିନାୟକ ପ୍ରଥମ ଥର ଅନ୍ତର୍ଜାତୀୟ ପଦାର୍ପଣ କରିବେ। ଆଇସିସି ଏପରି ଘଟଣାକୁ ନେଇ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରିବା ମଧ୍ୟ ଚିନ୍ତାଜନକ ବୋଲି କହିଛନ୍ତି ୱ।







# ଏଆଇୟୁ ତାଲିକାରେ କିଶୋର ଜେନା

**ନୂଆଦିଲ୍ଲୀ, ୧୧ (ପି.ଟି.)**

ଏସିଆନ ଗେମ୍ସ ରୌପ୍ୟ ବିଜେତା ଜାଭେଲିନ୍ ଥ୍ରୋୟର କିଶୋର ଜେନା ଓ ଡି. ପି. ମନୁ ଗ୍ଲୋବାଲ ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଆଣ୍ଟି-ଡୋପିଙ୍ଗ ୱାଚ୍‌ଡଗ୍ ଏଆଇୟୁ (ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍)ର ରେଜିଷ୍ଟର୍ଡ ଟେଷ୍ଟିଂ ପୁଲ୍ (ଆରଟିପି)ରେ ଅଲିମ୍ପିକ ଚାମ୍ପିୟନ ନୀରଜ ଚୋପ୍ରାଙ୍କ ସହ ଯୋଗଦେଇଛନ୍ତି। ଚୋପ୍ରା ହେଉଛନ୍ତି ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଏବଂ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା। ସେ କିଛି ସମୟ ହେଲା ଆରଟିଏଫ୍‌ରେ ସ୍ଥାନ ପାଇଛନ୍ତି। ଏହି ତାଲିକାରେ ବର୍ତ୍ତମାନ ୨୦୨୪ ପ୍ରଥମ କ୍ୱାର୍ଟର ପାଇଁ ନୂତନ ଭାବେ ଜେନା ଓ ମନୁଙ୍କ ନାମ ସ୍ଥାନ ପାଇଛି। ବିଶ୍ୱ ମଞ୍ଚରେ ଭାରତୀୟ ଜାଭେଲିନ୍ ଥ୍ରୋୟରଙ୍କ ଅଭ୍ୟୁଥାନ ସୂଚାଇ ଦେଉଛି। ହଙ୍ଗେରୀର ବୁଦାପେଷ୍ଟଠାରେ ଅନୁଷ୍ଠିତ ୨୦୨୩ ବିଶ୍ୱ ଚାମ୍ପିୟନଶିପ୍‌ରେ ଚୋପ୍ରା ସ୍ୱର୍ଣ୍ଣ ଜିତିଥିବା ବେଳେ ଜେନା ୫ମ ଏବଂ ମନୁ ୬ଷ୍ଠ ସ୍ଥାନରେ ରହିଥିଲେ। ୨୦୨୩ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଜାଭେଲିନ୍ ଥ୍ରୋ ଫାଇନାଲରେ ଶ୍ରେଷ୍ଠ ୬ଜଣଙ୍କ ମଧ୍ୟରେ ଭାରତର ୩ଜଣ ରହିଥିଲେ, ଯାହା କି ଏକ ରେକର୍ଡ। ବର୍ତ୍ତମାନ ଏଆଇୟୁର ଆରଟିପି ତାଲିକାରେ ୭ ଭାରତୀୟ ରହିଛନ୍ତି। ଅନ୍ୟମାନେ ହେଲେ ଷ୍ଟାର ଷ୍ଟିପଲଚେଜର ଅଭିନାଶ ସାବ୍‌ଲେ, ମହିଳା ଜାଭେଲିନ ଥ୍ରୋୟର ଅନୁ ରାଣୀ ଏବଂ ଲଙ୍ଗ ଜମ୍ପର ମୁରଲୀ ଶ୍ରୀଶଙ୍କର ଓ ଜେସ୍ୱୀନ ଆଲଡ୍ରିନ୍। ଆରଟିପି ତାଲିକାରେ ସ୍ଥାନ ପାଇଥିବା ଆଥ୍‌ଲେଟମାନଙ୍କୁ ପ୍ରତି ୩ ମାସରେ ଥରେ ସେମାନେ କେଉଁଠାରେ ଅଛନ୍ତି ତାହାର ଠିକଣା ଦେବାକୁ ପଡ଼ିଥାଏ। ଏଥିରେ ସେମାନଙ୍କ ରହଣି ସ୍ଥାନ ସହ, ଇମେଲ ଠିକଣା, ଫୋନ୍ ନମ୍ବର, ପ୍ରତିଯୋଗିତା କାର୍ଯ୍ୟସୂଚୀ ଓ ଟ୍ରେନିଂ ସ୍ଥାନ ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବାକୁ ହୋଇଥାଏ। ଆଥ୍‌ଲେଟମାନଙ୍କୁ ଆହୁରି ମଧ୍ୟ ଆବଶ୍ୟକ ଅନୁସାରେ ପ୍ରତି ଦିନ ଡୋପ୍ ଟେଷ୍ଟ ପାଇଁ କେଉଁଠାରେ ୬୦ ମିନିଟ ସମୟ ଦେଇପାରିବେ ତାହା ଲେଖି ଜଣାଇବାକୁ ପଡ଼ିବ। ପୂର୍ବରୁ ଦେଇଥିବା ସୂଚନା ଅନୁସାରେ ସେ ଯଦି ଠିକଣା ସମୟରେ ଉପଲବ୍ଧ ନ ହୁଅନ୍ତି ତେବେ ସେ ଡୋପ୍ ଟେଷ୍ଟକୁ ଏଡ଼ାଇଲେ ବୋଲି ବିଚାର କରାଯିବ। ୧୨ମାସ ମଧ୍ୟରେ ଯଦି ୩ ଥର ଏପରି ଘଟେ ତେବେ ଆଥ୍‌ଲେଟ ଜଣକ ଆଣ୍ଟି-ଡୋପିଙ୍ଗ ନିୟମ ଉଲ୍ଲଂଘନ କରିଛନ୍ତି ବୋଲି ମନେକରାଯିବ। ଏଥିପାଇଁ ତାଙ୍କୁ ୨ ବର୍ଷ ସସ୍‌ପେଣ୍ଡ ହେବାକୁ ପଡ଼ିପାରେ।
















ଜାତୀୟ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଆରମ୍ଭ ପୂର୍ବରୁ କଳିଙ୍ଗ ଷ୍ଟାଡିୟମର ଜିମ୍ନାଷ୍ଟିକ୍ସ ସେଣ୍ଟରରେ ସୋମବାର ଦୁଇ ପ୍ରତିଯୋଗୀ ଅଭ୍ୟାସ କରୁଛନ୍ତି।

# ଜାତୀୟ ଟୁର୍ନାମେଣ୍ଟ ହେବ: ସଞ୍ଜୟ

**ନୂଆଦିଲ୍ଲୀ,୧।୧(ପି.ଟି)**

ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ସଞ୍ଜୟ ସିଂ ଜାତୀୟ ଟୁର୍ନାମେଣ୍ଟ ଆୟୋଜନ କରିବା ନେଇ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏଭଳି ନିଷ୍ପତ୍ତି ଫଳରେ ଡବ୍ଲ୍ୟୁଏଫ୍‌ଆଇର ଭବିଷ୍ୟତ ବର୍ତ୍ତମାନ ସଙ୍କଟ ମଧ୍ୟରେ ନଜର ଆସିଛି। ସେ କ୍ରୀଡା ମନ୍ତ୍ରାଳୟ ଓ ଆଡ୍ ହକ୍ ପ୍ୟାନେଲକୁ ମାନୁ ନାହାନ୍ତି ବୋଲି ସୋମବାର କହିବା ସହିତ ଜାତୀୟ ଚାମ୍ପିୟନଶିପ୍ ଆୟୋଜନ କରିବେ ବୋଲି କହିଛନ୍ତି। ଏହା ସହ କ୍ରୀଡା ମନ୍ତ୍ରାଳୟ ପକ୍ଷରୁ ଲାଗୁ କରାଯାଇଥିବା ବାସନ୍ଦାଦେଶକୁ ମଧ୍ୟ ସେ ମାନୁ ନ ଥିବା କହିଛନ୍ତି। ଦୀର୍ଘ ଦିନର ବିବାଦ ପରେ ଡିସେମ୍ବର ୨୧ ତାରିଖରେ ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ହୋଇଥିଲା। ସଭାପତି ନିର୍ବାଚିତ ହେବା ଦିନ ହିଁ ସଞ୍ଜୟ ସିଂ ୧୫ ଓ ୨୦ ବର୍ଷରୁ କମ୍ ଜାତୀୟ ଟୁର୍ନାମେଣ୍ଟ ପାଇଁ ଘୋଷଣା କରିଥିଲେ। ବର୍ଷ ଶେଷ ହେବା ପୂର୍ବରୁ ଗୋଣ୍ଡାସ୍ଥିତ ନନ୍ଦିନୀ ନଗରରେ ଏହି ଟୁର୍ନାମେଣ୍ଟ ପାଇଁ ଏଭଳି ତରବରିଆ ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ଡବ୍ଲ୍ୟୁଏଫ୍‌ଆଇ ସମ୍ବିଧାନର ଅନୁଚ୍ଛେଦ-୩ ଅନୁସାରେ ଜାତୀୟ ସିନିୟର, ଜୁନିୟର, ସବ୍‌ଜୁନିୟର ଟୁର୍ନାମେଣ୍ଟ ଆୟୋଜନ ସମ୍ପର୍କିତ ନିଷ୍ପତ୍ତି କେବଳ କାର୍ଯ୍ୟକାରୀ କମିଟି ଗ୍ରହଣ କରିଥାଏ। ଏହାକୁ ଉଲ୍ଲଂଘନ କରି ସଞ୍ଜୟ ନିଜେ ଟୁର୍ନାମେଣ୍ଟ ସମ୍ପର୍କରେ ଘୋଷଣା କରିଥିଲେ। ସେହିପରି ଅନ୍ୟୂନ ୧୫ ଦିନ ପୂର୍ବରୁ କାର୍ଯ୍ୟକାରୀ କମିଟିର ବୈଠକରେ ଏହା ପାରିତ ହୋଇଥାଏ। ଜରୁରିକାଳୀନ ପରିସ୍ଥିତି ରହିଥିଲେ ସର୍ବନିମ୍ନ ୭ ଦିନ ପୂର୍ବରୁ ଏହି ନିଷ୍ପତ୍ତିକୁ ପାରିତ କରାଯାଏ। ଉପସ୍ଥିତ ସଦସ୍ୟଙ୍କ ମଧ୍ୟରୁ ଏକ ତୃତୀୟାଂଶ ସମର୍ଥନ ମିଳିବା ପରେ ହିଁ ଏହା ପାରିତ ହୋଇଥାଏ। ସଞ୍ଜୟ ସିଂ

**କ୍ରୀଡା ମନ୍ତ୍ରାଳୟ ଓ ଆଡ୍‌ହକ୍ ପ୍ୟାନେଲକୁ ଜାଣିନୁ**

ଏକପାଖିଆ ଭାବରେ ଏଭଳି ନିଷ୍ପତ୍ତି ନେଇ ନିଜ ପଦ ମର୍ଯ୍ୟାଦାର ଗରିମା କ୍ଷୁଣ୍ଣ କରିଥିବାରୁ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ଡିସେମ୍ବର ୨୪ ତାରିଖରେ ନିଲମ୍ବନ କରାଯାଇଥିଲା।

ପରେ କ୍ରୀଡା ମନ୍ତ୍ରାଳୟର ଅନୁରୋଧ କ୍ରମେ ଭାରତୀୟ ଅଲିମ୍ପିକ୍ସ ମହାସଂଘ(ଆଇଓଏ) ପକ୍ଷରୁ ଏକ ୩ ଜଣିଆ ଆଡ ହକ୍ କମିଟି ଗଠନ କରାଯାଇଥିଲା। ଭୂପିନ୍ଦର ସିଂ ବାଜୱାଙ୍କ ସମେତ ହକି ଅଲିମ୍ପିଆନ୍ ଏମ୍ ଏମ୍ ସୋମାୟା ଓ ଓ ମଞ୍ଜୁଷା କଓ୍ବଁର ଏହି ପ୍ୟାନେଲର ସଦସ୍ୟ ରହିଥିଲେ। ଆଡ୍ ହକ୍ ପ୍ୟାନେଲ ଫେବୃୟାରୀ ୨-୫ ମଧ୍ୟରେ କେବଳ ଜାତୀୟ ଚାମ୍ପିୟନଶିପ୍ ଆୟୋଜନ କରିବା ନେଇ ମଧ୍ୟ ଘୋଷଣା କରିଥିଲା। ତେବେ ଏହି ପ୍ୟାନେଲକୁ କାର୍ଯ୍ୟଭାର ହସ୍ତାନ୍ତର କରିବେ ନାହିଁ ବୋଲି ସଞ୍ଜୟ ସିଂ ସୋମବାର ଘୋଷଣା କରିଛନ୍ତି। ଆମେ ନିର୍ବାଚିତ ହୋଇ ଆସିଛୁ। ଏପରିକି ରିଟର୍ଣ୍ଣିଂ ଅଫିସର ସମସ୍ତ କାଗଜ ପତ୍ର ସ୍ୱାକ୍ଷର କରିଛନ୍ତି। ଆମ ଫେଡେରେଶନ କାର୍ଯ୍ୟ ସୁରଖୁରୁରେ ଚାଲିଥିବା ବେଳେ କୌଣସି ପ୍ୟାନେଲକୁ ଆମେ ଗ୍ରହଣ କରିବୁ ନାହିଁ। ଖୁବ୍ ଶୀଘ୍ର ଆମେ କାର୍ଯ୍ୟନିର୍ବାହୀ ପରିଷଦର ବୈଠକ ଡକାଯାଇଥିବା ବେଳେ ଆମେ ଆଗୁଆ ଜାତୀୟ ଟୁର୍ନାମେଣ୍ଟ ଆୟୋଜନ କରିବୁ। କ୍ରୀଡା ମନ୍ତ୍ରାଳୟର ବାସନ୍ଦାଦେଶ ଉପରେ ଆମେ ଜବାବ ରଖି ସାରିଛୁ। ଏହା ଉପରେ ସେମାନଙ୍କ ଉତ୍ତର ଏଯାଏ ମିଳି ପାରି ନାହିଁ। ଯଦି କ୍ରୀଡା ମନ୍ତ୍ରାଳୟ ଆମକୁ ଉତ୍ତର ଦେବା ଯଥାର୍ଥ ମନେ କରୁନି ତେବେ ଆମ ମହସଂଘ ମଧ୍ୟ ଏହି ବାସନ୍ଦାଦେଶକୁ ମାନିବ ନାହିଁ ବୋଲି କହିଛନ୍ତି ସଞ୍ଜୟ।

# ଦିନିକିଆରୁ ୱାର୍ନରଙ୍କ ଅବସର

**ସିଡ୍‌ନୀ,୧।୧(ପି.ଟି)**

ସିଡ୍‌ନୀରେ ପାକିସ୍ତାନ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍ ପୂର୍ବରୁ ଦିନିକିଆ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି ଓପନର ଡେଭିଡ୍ ୱାର୍ନର। ତେବେ ଆଗାମୀ ଦିନରେ ସେ ଅଷ୍ଟ୍ରେଲିଆ ପାଇଁ ଟି୨୦ ଖେଳିବା ଜାରି ରଖିବେ ବୋଲି ଘୋଷଣା କରିଛନ୍ତି। ଏହା ସହିତ ଯଦି ଠିକ୍ ନିଷ୍ପତ୍ତି ବୋଲି ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ ୱାର୍ନର। ୨୦୨୫ରେ ଚାମ୍ପିୟନ୍ସ ଟ୍ରଫି ରହିଛି। ୨ ବର୍ଷର ସମୟ ମଧ୍ୟରେ ଯଦି ମୋର ଫର୍ମ ଠିକ୍ ରୁହେ ଓ ଜାତୀୟ ଦଳର ଆବଶ୍ୟକତା ରୁହେ ତେବେ ପ୍ରତ୍ୟାବର୍ତ୍ତନ ପାଇଁ ଚେଷ୍ଟା କରିବି। ୨୦୦୯ରେ ପଦାର୍ପଣ କରିଥିବା ୱାର୍ନର ଅଷ୍ଟ୍ରେଲିଆ ପାଇଁ



ପରିବାର ସହ ଡେଭିଡ୍ ୱାର୍ନର।

ମ୍ୟାନେଜମେଣ୍ଟ ଆବଶ୍ୟକ କରିବ ତେବେ ସେ ୨୦୨୫ ଚାମ୍ପିୟନ୍ସ ଟ୍ରଫି ପାଇଁ ଉପଲବ୍ଧ ରହିବେ ବୋଲି ମଧ୍ୟ କହିଛନ୍ତି। ଭାରତରେ ଖେଳାଯାଇଥିବା ଦିନିକିଆ କ୍ରିକେଟ ବିଶ୍ୱକପ ଫାଇନାଲ ତାଙ୍କ ଦିନିକିଆ କ୍ୟାରିୟରର ଅନ୍ତିମ ମ୍ୟାଚ୍ ଥିଲା ବୋଲି ମଧ୍ୟ ୱାର୍ନର କହିଛନ୍ତି। ବିଶ୍ୱକପ୍ ଜିତିବା ଏକ ବଡ଼ ଉପଲବ୍ଧି ତେଣୁ ଏହା ପରେ ଅବସର ନେବା ୧୬୧ ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ୨୨ ଶତକ ଓ ୩୩ ଅର୍ଦ୍ଧଶତକ ସହିତ ୪୫.୩୦ ଆଭରେଜରେ ସେ ୬୯୩୨ ରନ୍ କରିଛନ୍ତି। ସେ ଅଷ୍ଟ୍ରେଲିଆର ଷଷ୍ଠ ସର୍ବାଧିକ ରନ୍ ସ୍କୋରର ଓ ଦ୍ୱିତୀୟ ସର୍ବାଧିକ ଶତକ ହାସଲକାରୀ ବ୍ୟାଟର ଅଟନ୍ତି। ସେହିପରି ୧୧୧ ଟେଷ୍ଟ ମ୍ୟାଚରୁ ୨୬ ଶତକ ଓ ୩୬ ଅର୍ଦ୍ଧଶତକ ସହିତ ସେ ୮୬୯୫ ରନ୍ କରିଛନ୍ତି।

# କଳିଙ୍ଗରେ ତାରକା ଜିମ୍ନାଷ୍ଟଙ୍କ ସମାଗମ

**ଆଜିଠୁ ଜାତୀୟ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ**

**ଭୁବନେଶ୍ୱର, ୧।୧ (ତପନ ସ୍ୱାଇଁ)**

ଜାତୀୟ ଜୁନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ର ସଫଳ ସମାପନ ପରେ କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ଏହାର ସିନିୟର ବର୍ଗ ପ୍ରତିଯୋଗିତା। ଏଥିପାଇଁ ଦେଶର ଅନେକ ତାରକା ଖେଳାଳିଙ୍କ ସମାଗମ ହୋଇଛି କଳିଙ୍ଗ ଷ୍ଟାଡିୟମରେ। ଦେଶର ବିଭିନ୍ନ ଭାଗରୁ ପାଖାପାଖି ୩୦୦ ପ୍ରତିଯୋଗୀ ଏଥିରେ ଭାଗ ନେବାକୁ ଯାଉଛନ୍ତି। ବିଶେଷ କରି ଅଲିମ୍ପିଆନ ପ୍ରଣତି ନାୟକ, ଦୀପା କର୍ମକାର, ଜାତୀୟ ଜିମ୍ନାଷ୍ଟ ଯେଗେଶ୍ୱର ସିଂ, ରାକେଶ ପାତ୍ର, ତପନ ମହାନ୍ତି, ସୈଫ୍ ତାମ୍ବୋଲି, ଗୌରବ କୁମାର ପ୍ରମୁଖ ଆକର୍ଷଣରେ ରହିଛନ୍ତି। ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ, ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମର ଜିମ୍ନାଷ୍ଟିକକ୍ସ ସେଣ୍ଟରରେ ହେବାକୁ ଯାଉଛି। ଏହା ୨ରୁ ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

"ଜାତୀୟ ଜୁନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଅତ୍ୟନ୍ତ ସଫଳତାର ସହ ସମ୍ପନ୍ନ ହୋଇଛି। ଆମେ ଏବେ ସିନିୟର ଚାମ୍ପିୟନଶିପ୍ ଆୟୋଜନ କରିବାକୁ ଯାଉଛୁ। ଏହି ପ୍ରତିଯୋଗିତାରେ ଦୀପା, ପ୍ରଣତିଙ୍କ ସମେତ ଅନେକ ଜାତୀୟ ସ୍ତରୀୟ ଜିମ୍ନାଷ୍ଟଙ୍କୁ ଆକ୍ସନରେ ଦେଖିବାକୁ ମିଳିବ। ତେଣୁ ପ୍ରତିଯୋଗିତା ନିଶ୍ଚିତ ରୋମାଞ୍ଚକ ହେବ" ବୋଲି ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ମୁଖ୍ୟ କୋଚ୍ ଅଶୋକ ମିଶ୍ର ପ୍ରକାଶ କରିଛନ୍ତି। ଭାରତର ତାରକା ଜିମ୍ନାଷ୍ଟ ଦୀପା କର୍ମକାରଙ୍କ କୋଚ୍ ବିଶ୍ୱେଶ୍ୱର ନନ୍ଦି ମଧ୍ୟ ଆଗାମୀ ପ୍ରତିଯୋଗିତାକୁ ନେଇ ଖୁବ୍ ଖୁସି ଜାହିର କରିଛନ୍ତି। "ଏଠାକୁ ପୁନର୍ବାର ଆସି ବହୁତ ଖୁସି ଲାଗୁଛି। ଏଠାକାର ଭିତ୍ତିଭୂମୀ ଅଲିମ୍ପିକ୍ ଷ୍ଟାଣ୍ଡାର୍ଡର। ଦୀପା ପାଖାପାଖି ୮ ବର୍ଷ ପରେ ଜାତୀୟ ଚାମ୍ପିୟନଶିପ୍‌ରେ ଭାଗ ନେଉଛନ୍ତି। ଏଠାରେ ପ୍ରଣତି ନାୟକ, ପ୍ରଣତି ଦାସ, ଅରୁଣ ରେଡ୍ଡୀ ଏବଂ ଅନ୍ୟ କେତେକ ନାମୀ ଜିମ୍ନାଷ୍ଟ ଭାଗ ନେଉଛନ୍ତି। ଜୁନିୟର ଚାମ୍ପିୟନଶିପ୍‌ରେ ମଧ୍ୟ ପିଲାମାନେ ବହୁତ ଭଲ ପ୍ରଦର୍ଶନ କରିଥିଲେ। ତେଣୁ ଆସନ୍ତା ୨ ବର୍ଷ ମଧ୍ୟରେ ଏସିଆନ ଗେମ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଅଲିମ୍ପିକ୍ସ ପାଇଁ ଭାରତର ଏକ ଶକ୍ତିଶାଳୀ ପ୍ରତିନିଧି ଦଳ ପ୍ରସ୍ତୁତ ହୋଇ ସାରିଥିବା ନେଇ ଆଶା ରହିଛି" ବୋଲି ବିଶ୍ୱେଶ୍ୱର କହିଛନ୍ତି। ଓଡ଼ିଶା ଏଚ୍‌ପିସିରେ ଟ୍ରେନିଂ ନେଉଥିବା ପ୍ରଣତି ନାୟକ ଆଗାମୀ ପ୍ରତିଯୋଗିତାକୁ ନେଇ ଖୁବ୍ ଉତ୍ସାହିତ ଅଛନ୍ତି। "ମୁଁ ଭାରତୀୟ ରେଲୱେରୁ ପ୍ରତିନିଧିତ୍ୱ କରିବାକୁ ଯାଉଛି। ମୁଁ ଯେଉଁଠାରେ ଟ୍ରେନିଂ ନେଉଛି ସେଠାରେ ପ୍ରତିଯୋଗିତା ହେବାକୁ ଯାଉଥିବାରୁ ନିଜର ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ ଅଛି" ବୋଲି ପ୍ରଣତି କହିଛନ୍ତି।

# ସ୍ପୋର୍ଟ୍ସ ଓଡ଼ିଶା ଚାମ୍ପିୟନ

**ଭୁବନେଶ୍ୱର, ୧।୧ (ତପନ ସ୍ୱାଇଁ)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କିଟ୍ ଇନ୍‌ଡୋର ଷ୍ଟାଡିୟମରେ ୮ ଦଳକୁ ନେଇ ଅନୁଷ୍ଠିତ କ୍ଲବ ଫୁଟ୍‌ସାଲ ଚାମ୍ପିୟନଶିପ୍‌ରେ ସ୍ପୋର୍ଟ୍ସ ଓଡ଼ିଶା ଚାମ୍ପିୟନ ହୋଇଛି। ସୋମବାର ଅନୁଷ୍ଠିତ ଫାଇନାଲରେ ସ୍ପୋର୍ଟ୍ସ ଓଡ଼ିଶା ୫-୪ ଗୋଲରେ ଓଜିପି କ୍ଲବକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ ୨-୨ ଗୋଲରେ ଡ୍ର ରହିଥିଲା। ଫୁଟ୍‌ସାଲ ନିୟମ ଅନୁସାରେ ଫଳାଫଳ ନିର୍ଣ୍ଣୟ ପାଇଁ



ଅତିରିକ୍ତ ୧୦ ମିନିଟର ଖେଳ ହୋଇଥିଲା। ଏଥିରେ ସ୍ପୋର୍ଟ୍ସ ଓଡ଼ିଶା ୩ଟି ଓ ଓଜିପି କ୍ଲବ ୨ଟି ଗୋଲ ଦେଇଥିଲା। ପୂର୍ବରୁ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଓଜିପି କ୍ଲବ ୮-୦ରେ ବିଡାନାସୀ କ୍ଲବକୁ ଏବଂ ଦ୍ୱିତୀୟ ସେମିରେ ସ୍ପୋର୍ଟ୍ସ ଓଡ଼ିଶା ୧୦-୬ରେ ଜୁନିୟର ଗାଲାଣ୍ଟ କ୍ଲବକୁ ହରାଇ ଦେଇଥିଲା। ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ନିକଟ ଭବିଷ୍ୟତରେ ଅନୁଷ୍ଠିତ ହେବ।

# ପ୍ରୀତିଙ୍କ ବିଶ୍ୱ ରେକର୍ଡ

**ଲଣ୍ଡନ, ୧।୧ (ପି.ଟି.):** ପୋଲାର ପ୍ରୀତ ରୂପେ ପରିଚିତ ବ୍ରିଟିଶ ଶିଖ୍ ଆର୍ମି ଅଫିସର ଓ ଫିଜିଓଥେରାପିଷ୍ଟ କ୍ୟାପଟେନ ହରପ୍ରୀତ ଚାନ୍ଦି ତାଙ୍କ ଆଣ୍ଟାର୍କଟିକ୍ ଅଭିଯାନ ପାଇଁ ନୂଆ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେ ବିଶ୍ୱର ଦ୍ରୁତତମ ମହିଳା ହିସାବରେ ଏକ ସୋଲୋ ସାଉଥ ପୋଲ୍ ସ୍କି ଅଭିଯାନ ଶେଷ କରି ଏହି କୀର୍ତ୍ତିମାନ ଅର୍ଜନ କରିଛନ୍ତି। ଏହି ୩୩ ବର୍ଷୀୟା ତାଙ୍କର ୧,୧୩୦ କିଲୋମିଟର ବିଶିଷ୍ଟ ଅଭିଯାନକୁ ମାତ୍ର ୩୧ ଦିନ ,୧୩ ଘଣ୍ଟା ୧୯ ମିନିଟ୍‌ରେ ଶେଷ କରିଥିଲେ। ତାଙ୍କର ଦୈନିକ ସ୍କିଂ ପ୍ରାୟ ୧୨ରୁ ୧୩ ଘଣ୍ଟା ରହିଥିଲା।

# ମା' ହେବେ କ୍ୱିଟୋଭା

**ପ୍ରେଗ୍, ୧।୧ (ଏପି)**

ଦୁଇଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ପେଟ୍ରା କ୍ୱିଟୋଭା ପ୍ରଥମ ସନ୍ତାନର ମା' ହେବାକୁ ଯାଉଛନ୍ତି ବୋଲି ବର୍ଷ ଆରମ୍ଭରେ ଘୋଷଣା କରିଛନ୍ତି। ସୋସିଆଲ ମିଡିଆରେ ଚେକ୍ ରିପବ୍ଲିକର ଏହି ଖେଳାଳି ଓ ତାଙ୍କ ସ୍ୱାମୀ ନୂଆ ବର୍ଷ ଅଭିନନ୍ଦନ ଜଣାଇବା ସହ ଏହି ଖବରକୁ ଶେୟାର କରିଛନ୍ତି। ତାଙ୍କ ପରିବାର ଗ୍ରୀଷ୍ମଋତୁରେ ନୂଆ ସନ୍ତାନକୁ ସ୍ୱାଗତ କରିବେ ବୋଲି କହିଛନ୍ତି। କ୍ୱିଟୋଭା ୨୦୨୩ ଜୁଲାଇରେ ତାଙ୍କ ଦୀର୍ଘଦିନର କୋଚ୍ ଜିରି ଭାନେକଙ୍କୁ ବିବାହ କରିଥିଲେ। ୩୩ ବର୍ଷୀୟା ଟେନିସ ଷ୍ଟାର ୨୦୧୧ ଓ ୨୦୧୪ରେ ୱିମ୍ବେଲଡନ ଜିତିଛନ୍ତି। ବର୍ତ୍ତମାନ ର୍‍ୟାଙ୍କିଂ ତାଲିକାରେ ସେ ୧୭ତମ ସ୍ଥାନରେ ଅଛନ୍ତି। ଡିସେମ୍ବର ପ୍ରଥମ ଭାଗରେ ଅଷ୍ଟ୍ରେଲିଆନ ଓପନ ଏଣ୍ଟ୍ରି




ସ୍ୱାମୀ ଜିରି ଭାନେକଙ୍କ ସହ ପେଟ୍ରା କ୍ୱିଟୋଭା।

ଲିଷ୍ଟରେ କ୍ୱିଟୋଭାଙ୍କ ନାମ ସ୍ଥାନ ପାଇଥିଲା। ତେବେ ଜାନୁୟାରୀ ୧୪ରୁ ଆରମ୍ଭ ହେବାକୁଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ସେ ଭାଗ ନେବେ କି ନା ତାହା ସ୍ପଷ୍ଟ ହୋଇନାହିଁ।

# ତନ୍ମୟୀ, ଆଶୀର୍ବାଦ ଶ୍ରେଷ୍ଠ ଉଦୀୟମାନ ଖେଳାଳି

**ଓସିଏର ବାର୍ଷିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ**

**ଭୁବନେଶ୍ୱର, ୧।୧ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନର ବାର୍ଷିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କଟକର ବାରବାଟୀ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି, ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା, ବିଧାୟକ ରାଜେନ୍ଦ୍ର କୁମାର ସାହୁ, କଟକ ଡିସିପି ପିନାକ ମିଶ୍ର ଓ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତନ୍ମୟୀ ବେହେରା ଓ ଆଶୀର୍ବାଦ ସ୍ୱାଇଁଙ୍କୁ ଯଥାକ୍ରମେ ମହିଳା ଓ ପୁରୁଷ ବିଭାଗରେ ଶ୍ରେଷ୍ଠ ଉଦୀୟମାନ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ତନ୍ମୟୀ ଅନୁପସ୍ଥିତ ଥିବାରୁ ତାଙ୍କ ବାପା ପୁରସ୍କାର ଗ୍ରହଣ କରିଥିଲେ। ସ୍ୱର୍ଗତ ପି.ଭି.ଆର. ମୂର୍ତ୍ତିଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କ ନାତି ପି. ବିକ୍ରମ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି କ୍ରିକେଟ ଗୁରୁ ପୁରସ୍କାର ପାଇଥିଲେ ସ୍ୱର୍ଗତ କମଲ ଗାଙ୍ଗୁଲି। ଶହୀଦ ସ୍ପୋର୍ଟିଂ କ୍ଲବ କୋଷାଧ୍ୟକ୍ଷ ନିକୁଞ୍ଜ ମହାନ୍ତି ଏହି ପୁରସ୍କାର ନେଇଥିଲେ। ଏହି ଅବସରରେ ଓସିଏ କ୍ଲବ ଫେଷ୍ଟର ବିଭିନ୍ନ କାର୍ଯ୍ୟକ୍ରମ ଓ ଇଭେଣ୍ଟର ବିଜେତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।




ଆଶୀର୍ବାଦ ସ୍ୱାଇଁଙ୍କୁ ଅତିଥିମାନେ ଶ୍ରେଷ୍ଠ ଉଦୀୟମାନ ଖେଳାଳି ପୁରସ୍କାର ପ୍ରଦାନ କରୁଛନ୍ତି।

# ଗୁଜରାଟର ପ୍ରଥମ ପରାଜୟ

**ଅଲ୍‌ଟିମେଟ୍ ଖୋ ଖୋ ଲିଗ୍**

**ଭୁବନେଶ୍ୱର,୧।୧ (ସରୋଜ ଜେନା)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଅଲ୍‌ଟିମେଟ୍ ଖୋ ଖୋ ଲିଗ୍‌ର ଦ୍ୱିତୀୟ ସିଜନରେ ପ୍ରଥମ ପରାଜୟ ବରଣ କରିଛି ଗୁଜରାଟ ଜାଏଣ୍ଟ୍ସ। ଚେନ୍ନାଇ କୁଇକ୍ ଗନ୍ସ ପକ୍ଷରୁ ରାମଜୀ କଶ୍ୟପ ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ଦଳ ଗୁଜରାଟକୁ ୩୫-୨୯ରେ ପରାସ୍ତ କରିଛି। ରାମଜୀ ଆଟାକ୍ କରି ୧୦ ପଏଣ୍ଟ ଅର୍ଜନ କରିଥିବା ବେଳେ ଡିଫେଣ୍ଡ କରି ୪ ମିନିଟରୁ ଅଧିକ ସମୟ ମ୍ୟାଚ ଉପରେ ବିତାଇଥିଲେ। ଏହ ମଧ୍ୟରେ ସେ ଡ୍ରିମ୍ ରନ୍ ପୂରଣ କରି ଏକ ବୋନସ ପଏଣ୍ଟ ମଧ୍ୟ ହାତେଇଥିଲେ। ପ୍ରଥମ ଟର୍ନରେ ଗୁଜରାଟ ୧୪ ପଏଣ୍ଟ ଅର୍ଜନ କରିଥିଲା। ଚେନ୍ନାଇ ଦୁଇଟି ଡ୍ରିମ୍ ରନ୍ ସହ ୨ ପଏଣ୍ଟ ଅର୍ଜନ କରିଥିଲା। ତେବେ ଚେନ୍ନାଇ ନିଜ ଆଟାକ୍‌ରେ



ଗୁଜରାଟ ଜାଏଣ୍ଟ୍ସ ଓ ଚେନ୍ନାଇ କୁଇକ୍ ଗନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ରୋମାଞ୍ଚକ ମୁହୂର୍ତ୍ତ।

ମାତ୍ର ୮ ପଏଣ୍ଟ ଅର୍ଜନ କରିଥିବା ବେଳେ ଗୁଜରାଟ ୩ ଡ୍ରିମ୍ ରନ୍ ସମ୍ପୂର୍ଣ୍ଣ କରିଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ଗୁଜରାଟ ୯ ପଏଣ୍ଟରେ ଆଗୁଆ ରହିଥିଲା। ତୃତୀୟ ଟର୍ନରେ ରାମଜୀ କଶ୍ୟପ ଚମତ୍କାର ପ୍ରଦର୍ଶନ କରିଥିଲେ। ୫ ଡ୍ରିମ୍ ରନ୍ ଓ ବୋନସ ପଏଣ୍ଟ ହାସଲ କରିବା ସହିତ ସେ ଗୁଜରାଟକୁ ମାତ୍ର ୧୨ ପଏଣ୍ଟ ସ୍କୋର କରିବାକୁ ଦେଇଥିଲ। ଅନ୍ତିମ ଟର୍ନରେ ବିଜୟ ପାଇଁ ୧୬ ପଏଣ୍ଟ ଆବଶ୍ୟକ ଥିବା ବେଳେ ଚେନ୍ନାଇ ୨୦ ପଏଣ୍ଟ ଅର୍ଜନ କରି ବିଜୟୀ ହୋଇଛି। ଏହି ବିଜୟ ସହିତ ଚେନ୍ନାଇ କୁଇକ୍ ଗନ୍ସ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛି।

## ଯୋଦ୍ଧାସ୍‌ର ଚତୁର୍ଥ ବିଜୟ

ଅଲ୍‌ଟିମେଟ୍ ଖୋ ଖୋ ଲିଗ୍‌ରେ ସୋମବାର ନିଜର ଚତୁର୍ଥ ବିଜୟ ହାସଲ କରିଛି ତେଲୁଗୁ ଯୋଦ୍ଧାସ। ସୋମବାର ସନ୍ଧ୍ୟାର ଦ୍ୱିତୀୟ ମ୍ୟାଚ୍‌ରେ ଦଳ ରାଜସ୍ଥାନ ୱାରିୟର୍ସକୁ ୩୪-୨୭ ପଏଣ୍ଟରେ ପରାସ୍ତ କରିଛି। ଷଷ୍ଠ ମ୍ୟାଚ୍‌ରୁ ଚତୁର୍ଥ ବିଜୟ ସହିତ ତେଲୁଗୁ ଯୋଦ୍ଧାସ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟ ପକ୍ଷରେ ରାଜସ୍ଥାନ ଏହାର ପଏଣ୍ଟ ଖାତା ଖୋଲିବାରେ ସମର୍ଥ ହୋଇନାହିଁ। ତେଲୁଗୁ ଯୋଦ୍ଧାସ ପକ୍ଷରୁ ପ୍ରତୀକ ୱାଇକାର ଆଟାକ୍‌ରେ ୮ ପଏଣ୍ଟ ଅର୍ଜନ କରିଥିବା ବେଳେ ଆଦିତ୍ୟ ଗଣପୁଲେ ୨.୪୮ ସେକେଣ୍ଡର ଡିଫେଣ୍ଡ କରିଥିଲେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ